THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-290 ♦BHUBANESWAR ♦TUESDAY ♦16 APRIL 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୨୯୦ ♦ଭୁବନେଶ୍ୱର ♦ମଙ୍ଗଳବାର ♦୧୬ ଏପ୍ରିଲ୍ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦




'ହୀରାମଣ୍ଡି' ପାଇଁ ୩୦୦ ଅନାରକଲି

▶ପୃଷ୍ଠା ୧୪ ଦେଖନ୍ତୁ...



# ବଢ଼ିଲା ପାଇକାରୀ ମୁଦ୍ରାସ୍ଫୀତି

**ନୂଆଦିଲ୍ଲୀ,୧୫।୪(ଏଜେନ୍ସି):** ଖୁଚୁରା ମୁଦ୍ରାସ୍ଫୀତି ପରେ ପ୍ରକାଶ ପାଇଛି ପାଇକାରୀ ମୁଦ୍ରାସ୍ଫୀତି ରିପୋର୍ଟ। ଯଦିବା ନିକଟରେ ମାର୍ଚ୍ଚ ମାସର ଖୁଚୁରା ମୁଦ୍ରାସ୍ଫୀତିରେ ହ୍ରାସ ଘଟିଥିଲା ଏବେ ପାଇକାରୀ ମୁଦ୍ରାସ୍ଫୀତିରେ ବୃଦ୍ଧି ଘଟିଛି। ଆଉ ରିପୋର୍ଟ ଅନୁଯାୟୀ, ମାର୍ଚ୍ଚ ମାସରେ ଦେଶରେ ପାଇକାରୀ ମୁଦ୍ରାସ୍ଫୀତିରେ ମାମୁଲି ବୃଦ୍ଧି ହୋଇ ୦.୫୩ ପ୍ରତିଶତ ହୋଇଛି। ଯାହା ଫେବୃଆରୀରେ ୦.୨୦ ପ୍ରତିଶତ ରହିଥିଲା। ପନିପରିବା, ଆଳୁ, ପିଆଜ ଏବଂ ଅଶୋଧିତ ତୈଳର ମୂଲ୍ୟ ବୃଦ୍ଧି କାରଣରୁ ଏହି ମାମୁଲି ବୃଦ୍ଧି ହୋଇଛି। ଏହାପୂର୍ବରୁ ମାର୍ଚ୍ଚରେ ଖୁଚୁରା ମୁଦ୍ରାସ୍ଫୀତି ହାର ୧୦ ମାସରୁ ସବୁଠୁ କମ୍ ରହିଥିଲା। ଖାଦ୍ୟ ପାନୀୟ ସାମଗ୍ରୀ ଶସ୍ତା ହେବା କାରଣରୁ ଖୁଚୁରା ମୁଦ୍ରାସ୍ଫୀତି ହାରରେ ଏହି ହ୍ରାସ ଦେଖିବାକୁ ମିଳିଛି। ଏନଏସଓ ତରଫରୁ ଶୁକ୍ରବାର ଜାରି ତଥ୍ୟ ଅନୁଯାୟୀ, ଦେଶର ଖୁଚୁରା ମୁଦ୍ରାସ୍ଫୀତି ହାର ମାର୍ଚ୍ଚରେ ହ୍ରାସ ପାଇଁ ୪.୮୫ ପ୍ରତିଶତ ରହିଥିଲା। ତେବେ ମାସର ପାଇକାରୀ ମୁଦ୍ରାସ୍ଫୀତିରେ ବୃଦ୍ଧି ହେଲେ ଆଗାମୀ ଦିନରେ ଦେଶରେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ୍ ବୃଦ୍ଧି ଘଟିବ।

ଆଇପିଏଲ୍ ଇତିହାସରେ ସର୍ବାଧିକ ଦଳଗତ ସ୍କୋର

୨୮୭/୩



# ନିଜ ରେକର୍ଡ ଭାଙ୍ଗିଲା ହାଇଦ୍ରାବାଦ୍

**ବେଙ୍ଗାଲୁରୁ, ୧୫।୪ (ଏଜେନ୍ସି):** ଆଇପିଏଲ୍ ଇତିହାସରେ ସର୍ବାଧିକ ଦଳଗତ ସ୍କୋର କରିବାର ନୂଆ ରେକର୍ଡ କରିଛି ସନରାଇଜର୍ସ ହାଇଦ୍ରାବାଦ୍। ସୋମବାର ସ୍ଥାନୀୟ ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଘରୋଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ୍ ହରାଇ ୨୮୭ ରନର ବିଶାଳ ସ୍କୋର କରିଛି। ଓପନର୍ ଟ୍ରାଭିସ୍ ହେଡ୍‌ଙ୍କ ଶତକ ଓ ୱିକେଟ୍‌ରକ୍ଷକ ହେନରିଚ କ୍ଲାସେନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ହାଇଦ୍ରାବାଦ୍ ଏହି କୀର୍ତ୍ତିମାନଭରା ସ୍କୋର କରିଛି। ହେଡ୍ ୪୧ ବଲରୁ ୧୦୨ ଓ କ୍ଲାସେନ ୩୧ ବଲରୁ ୬୭ ରନ କରିଥିଲେ। ପୂର୍ବରୁ ଆଇପିଏଲ୍‌ରେ ସର୍ବାଧିକ ଦଳଗତ ସ୍କୋର ଏହି ହାଇଦ୍ରାବାଦ୍ ନାମରେ ହିଁ ରହିଥିଲା। ଚଳିତ ଆଇପିଏଲ୍‌ରେ ମାର୍ଚ୍ଚ ୨୭ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ହାଇଦ୍ରାବାଦ୍ ୩ ୱିକେଟ୍ ହରାଇ ୨୭୭ ରନ କରିଥିଲା। ଅର୍ଥାତ୍ ୩ ସପ୍ତାହ ତଳେ କରିଥିବା ନିଜ ରେକର୍ଡକୁ ହାଇଦ୍ରାବାଦ୍ ନିଜେ ହିଁ ଭାଙ୍ଗିଛି।

**୩୯ ବଲ୍‌ରେ ଟ୍ରାଭିସ୍ ହେଡ୍‌ଙ୍କ ବିସ୍ଫୋରକ ଶତକ**

ଇରାନ୍-ଇସ୍ରାଏଲ୍ ଉତ୍ତେଜନା

# ୧୦୦ ଡଲାର ଟପିବ ଅଶୋଧିତ ତୈଳ ଦର

■ **ନୂଆଦିଲ୍ଲୀ,୧୫।୪(ଏଜେନ୍ସି):** ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି। ଇରାନ ଇସ୍ରାଏଲ ଉପରେ ଡ୍ରୋନ୍ ଆକ୍ରମଣ କରିଛି। ଅନ୍ୟପକ୍ଷରେ ପ୍ରତିଶୋଧ ନେବାକୁ ଧମକ ଦେଇଛି ଇସ୍ରାଏଲ। ଇସ୍ରାଏଲ ଏବଂ ଇରାନ ମଧ୍ୟରେ ତିକ୍ତତା ବୃଦ୍ଧି ଯୋଗୁଁ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି ପାଇବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି ହୋଇଛି। ବିଶେଷଜ୍ଞମାନଙ୍କ କହିବାନୁଯାୟୀ, ଦୁଇ ଦେଶ ମଧ୍ୟରେ ବିବାଦ ବଢ଼ିଲେ ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାର ଅତିକ୍ରମ କରିବାର ସମ୍ଭାବନା ରହିଛି। ଯଦି ଏହା ହୁଏ ତେବେ ଏହା ଭାରତୀୟଙ୍କ ପକେଟ ଉପରେ ସିଧାସଳଖ ପ୍ରଭାବ ପକାଇବ। କାରଣ ଅଶୋଧିତ ତୈଳ ମହଙ୍ଗା ହେଲେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି ହେବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନପାରେ। ଅପରପକ୍ଷରେ ଭାରତ ସର୍ବାଧିକ ତୈଳ ଆମଦାନୀ ଇରାନ ଠାରୁ କରିଥାଏ।

ଇସ୍ରାଏଲ-ଇରାନ ବିବାଦ ଯୋଗୁଁ ମଧ୍ୟ ପ୍ରାଚ୍ୟରେ ଉତ୍ତେଜନା ଘନେଇବାରେ ଲାଗିଛି। ସମ୍ପ୍ରତି ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ବ୍ୟାରେଲ ପିଛା ୯୦.୧୭ ଡଲାରରେ ପହଞ୍ଚିଛି। ଏଥି ସହିତ, ଆମେରିକୀୟ ଡବ୍ଲ୍ୟୁଟିଏଇର ବ୍ୟାରେଲ ପିଛା ମୂଲ୍ୟ ୮୫.୨୮ ଡଲାର ସ୍ତରରେ ରହିଛି। ତେବେ ବିଶେଷଜ୍ଞଙ୍କ କହବିନୁଯାୟୀ, ବିବାଦ ହେତୁ ଅଶୋଧିତ ତୈଳ ମୂଲ୍ୟ ଆକାଶଛୁଆଁ ହୋଇପାରେ। ଅପରପକ୍ଷେ ବଜାରରେ ମୂଲ୍ୟ ସ୍ଥିରତା ବଜାୟ ରଖିବା ପାଇଁ ଅଶୋଧିତ ତୈଳ ଉତ୍ପାଦନରେ ଦୈନିକ ୨୨ ଲକ୍ଷ ବ୍ୟାରେଲ ହ୍ରାସ ଘଟାଇବାକୁ ଓପେକ୍ ରାଷ୍ଟ୍ର ସମୂହ ନିଷ୍ପତ୍ତି ନେଇଛନ୍ତି। ବିଶ୍ଳେଷକମାନେ ଆକଳନ କରିଛନ୍ତି ଯେ ଯଦି ଏହି ବିବାଦ ଏକ ବଡ଼ ରୂପ ନେଇ ଯୁଦ୍ଧର ଆଶଙ୍କା ସୃଷ୍ଟି କରେ ତେବେ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟ ▶ପୃଷ୍ଠା-୯




## ପୁଞ୍ଜିବଜାର ଅସ୍ଥିର

■ **ମୁମ୍ବଇ,୧୧।୩(ଏଜେନ୍ସି):** ମଧ୍ୟପ୍ରାଚ୍ୟ ପରିସ୍ଥିତି ଭାରତର ଘରୋଇ ପୁଞ୍ଜିବଜାରକୁ ଶକ୍ତ ଧକ୍କା ଦେଇଛି। ସପ୍ତାହର ପ୍ରଥମ କାରବାର ଦିବସରୁ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍ସେକ୍ସରେ ୮୪୫ ପଏଣ୍ଟରୁ ଅଧିକ ହ୍ରାସ ଘଟିଛି। ଇସ୍ରାଏଲ ଉପରେ ଇରାନର ଆକ୍ରମଣ ଯୋଗୁ ଘରୋଇ ପୁଞ୍ଜି ବଜାରରେ ଏଭଳି ପରିସ୍ଥିତି ଦେଖିବାକୁ ମିଳିଛି। ସୋମବାର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ସେନ୍ସେକ୍ସରେ ୮୪୫ ପଏଣ୍ଟ ବା ୧.୧୪ ପ୍ରତିଶତ ହ୍ରାସ ଘଟିଥିବାବେଳେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୨୪୭ ପଏଣ୍ଟ ବା ୧.୧ ପ୍ରତିଶତ ହ୍ରାସ ହୋଇ ୨୨,୨୭୩ ପଏଣ୍ଟରେ ପହଞ୍ଚିଛି। ଆଜିର ଅଧିବେଶନରେ ନିବେଶକମାନେ ୫ ଲକ୍ଷ କୋଟିରୁ ଅଧିକ ଟଙ୍କା ହରାଇଛନ୍ତି।

ତାତିର ତାଉ

# ପାରଦର ଲମ୍ବ ଡିଆଁ

■ **ଭୁବନେଶ୍ୱର, ୧୫।୪(ସମିସ):** ରାଜ୍ୟରେ ପୁଣି ଉପର ମୁହାଁ ହୋଇଛି ତାପମାତ୍ରା। ୧୮ ସହରରେ ପାରଦ ଲମ୍ବ ଡ଼ିଆଁ ମାରି ୪୦ ଡ଼ିଗ୍ରୀ ନିକଟରେ ପହଞ୍ଚିଛି। ବାରିପଦାରେ ସର୍ବାଧିକ ୪୧.୪ ଡ଼ିଗ୍ରୀ ସେଲସିଅସ ରେକର୍ଡ଼ କରାଯାଇଥିବା ବେଳେ ରାଜଧାନୀ ଭୁବନେଶ୍ୱର, ଚାନ୍ଦବାଲି ଓ ନୂଆପଡ଼ାରେ ତାପମାତ୍ରା ୪୧.୨ ଡ଼ିଗ୍ରୀ ରହିଛି। ଉଦ୍‌ବେଗର ବିଷୟ ହେଉଛି ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାର ରାଜ୍ୟର ୩୦ ସହରର ତାପମାତ୍ରା ୪୦ ଡ଼ିଗ୍ରୀ ଅତିକ୍ରମ କରିପାରେ ବୋଲି ପାଣିପାଗ ବିଜ୍ଞାନୀମାନେ ଆକଳନ କରିଛନ୍ତି। ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଏପରି ତାତି ଲାଗି ରହିବ ଏବଂ ଆଗାମୀ ୩ ଦିନ ମଧ୍ୟରେ ତାପମାତ୍ରା ୪୫ ଡ଼ିଗ୍ରୀ ଟପିବ ବୋଲି ଆକଳନ କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବର୍ତ୍ତମାନ ବାୟୁମଣ୍ଡଳର ନିମ୍ନ ଭାଗରେ ରାଜ୍ୟକୁ ପଶ୍ଚିମ ତଥା ଉତ୍ତର ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ପ୍ରବେଶ ସହ ସୂର୍ଯ୍ୟ କିରଣର ତୀବ୍ରତା ମଧ୍ୟ ବୃଦ୍ଧି ପାଉଛି। ଏଥିପାଇଁ ଆଗାମୀ ୪ରୁ ୫ ଦିନ ମଧ୍ୟରେ ରାଜ୍ୟରେ ଅନେକ ସ୍ଥାନରେ ଦିନ ତାପମାତ୍ରା ୪ ଡ଼ିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ତାପମାତ୍ରା ୪୦ ଡ଼ିଗ୍ରୀ ରେକର୍ଡ ହେବା ସହ ୧୭ ରୁ ୨୦ ତାରିଖ ମଧ୍ୟରେ କିଛି ଜିଲ୍ଲାରେ ୪୩ ରୁ ୪୫ଡିଗ୍ରୀ ଯାଏଁ ତାପମାତ୍ରା ରେକର୍ଡ ହେବାର ସମ୍ଭାବନା ରହିଛି। ଏଭଳି ପାଣିପାଗ ସ୍ଥିତିକୁ ଲକ୍ଷ୍ୟ କରି ବିଭାଗ ତରଫରୁ ଆଗାମୀ ୫ ଦିନ ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲା ପାଇଁ ଗ୍ରୀଷ୍ମ ପ୍ରବାହ (ହିଟ୍ ୱେଭ୍) ଚେତାବନୀ ଜାରି କରାଯାଇଛି। ମଙ୍ଗଳବାର ରାଜ୍ୟର ୩୦ଟି ସ୍ଥାନରେ ତାପମାତ୍ରା ୪୦ ଡ଼ିଗ୍ରୀ ବା ଏହାଠାରୁ ଅଧିକ ରହିବାର ସମ୍ଭାବନା ରହିଛି। ଭୁବନେଶ୍ୱର, କଟକ, ଭବାନୀପାଟଣା ଓ ଝାରସୁଗୁଡ଼ାରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୩ ଡିଗ୍ରୀ ଛୁଇଁପାରେ ବୋଲି କେନ୍ଦ୍ର ଆକଳନ କରିବା ସହ ମାଲକାନଗିରି, ପାରଳାଖେମୁଣ୍ଡି, ଟିଟିଲାଗଡ଼, ବଲାଙ୍ଗିର, ବୌଦ୍ଧ, ରାଉରକେଲା, ▶ପୃଷ୍ଠା-୯



- ଆଜି ୪୦ ଡିଗ୍ରୀ ଛୁଇଁବ ୩୦ ସହର
- ୧୮ ତାରିଖ ବେଳକୁ ୪୫ ଟପିବ
- ୨୦ ପର୍ଯ୍ୟନ୍ତ ତାତିରୁ ମିଳିବନି ମୁକ୍ତି
- ୧୮ ସହରରେ ୪୦ ଛୁଇଁଲା ତାତି
- ବିଭିନ୍ନ ଜିଲ୍ଲାକୁ 'ହିଟ୍ ୱେଭ୍' ଚେତାବନୀ

କଡ଼ା କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଲେ ଏସ୍‌ଆର୍‌ସି

## ଖରାରେ ଶ୍ରମିକ କାମ କଲେ ଦାୟୀ ରହିବେ ଅଧିକାରୀ

■ **ଭୁବନେଶ୍ୱର, ୧୫।୪ (ସମିସ):** ରାଜ୍ୟରେ ପ୍ରବଳ ଖରା ଆରମ୍ଭ ହୋଇଯାଇଥିବା ବେଳେ ଏହି ସ୍ଥିତି ଆଗକୁ ଆହୁରି ଉଦ୍‌ବେଗ ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ହେଲେ ଅନେକ ସ୍ଥାନରେ ପିକ୍ ଆୱାର୍ ଅର୍ଥାତ୍ ସକାଳ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ ଶ୍ରମିକମାନେ ବାହାରେ କାମ କରୁଥିବାର ଦେଖିବାକୁ ମିଳୁଛି। ଯାହାକୁ ନେଇ ସ୍ୱତନ୍ତ୍ର ରିଲିଫ କମିସନର(ଏସ୍‌ଆର୍‌ସି) ସତ୍ୟବ୍ରତ ସାହୁ ଉଦ୍‌ବେଗ ପ୍ରକାଶ କରିବା ସହ ପୂର୍ବାହ୍ନ ୧୧ଟାରୁ ୩ଟା ମଧ୍ୟରେ ଶ୍ରମିକମାନେ କିପରି ବାହାରେ କାମ ନ କରିବେ, ତାହା ସୁନିଶ୍ଚିତ କରିବାକୁ ସୋମବାର ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ଆର୍‌ସି ଏହି ଚିଠିରେ ଦର୍ଶାଇଛନ୍ତି ଯେ ଏହି ସମୟ ମଧ୍ୟରେ ଶ୍ରମିକମାନଙ୍କୁ କାର୍ଯ୍ୟ କରାଇବା ନେଇ ପୂର୍ବରୁ ବାରଣ କରାଯାଇଛି। ଏହା ସତ୍ତ୍ୱେ କିଛି ଜିଲ୍ଲାରେ ପ୍ରବଳ ଖରା ସମୟରେ ଶ୍ରମିକମାନେ କାମ କରୁଥିବା ସରକାରଙ୍କ ଦୃଷ୍ଟିକୁ ଆସିଛି। ଯଦି ଏହି ନିର୍ଦ୍ଦେଶର ଅବମାନନା ହୁଏ, ତା'ହେଲେ ସମ୍ପୃକ୍ତ ଅଧିକାରୀ ବ୍ୟକ୍ତିଗତ ଭାବେ ଦାୟୀ ରହିବେ ଓ ବିପର୍ଯ୍ୟୟ ପରିଚାଳନା ଆଇନ ୨୦୦୫ରେ ଥିବା ଧାରା ଅନୁଯାୟୀ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚିଠିରେ ଦର୍ଶାଯାଇଛି। ଏସ୍‌ଆରସି ଆହୁରି ଉଲ୍ଲେଖ କରିଛନ୍ତି ଯେ ଆସନ୍ତା ୫ ଦିନ ଧରି ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ଗୁଳୁଗୁଳି ସ୍ଥିତି ଲାଗି ରହିବ। ଏହି ସମୟରେ ବାହାରେ କୌଣସି କାର୍ଯ୍ୟ କରିବା ନେଇ ପାଣିପାଗ କେନ୍ଦ୍ର ବାରଣ କରିଛି। ତେଣୁ ଏହି ନିୟମ କଡ଼ାକଡ଼ି ପାଳନ ପାଇଁ ଏସ୍‌ଆରସି ଜିଲ୍ଲାପାଳମାନଙ୍କୁ କହିଛନ୍ତି।

ପୁରୀ-କୋଲକାତା ବସ୍ ଦୁର୍ଘଟଣାଗ୍ରସ୍ତ

# ପୋଲ ତଳକୁ ଖସି ୫ ମୃତ

■ **ଧର୍ମଶାଳା/କୁଆଖିଆ/ବାରବାଟୀ, ୧୫।୪(ସମିସ):** ପୋଲ ତଳକୁ ବସ୍ ଖସି ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଆଜି ରାତି ପ୍ରାୟ ୯ଟା ବେଳେ ୧୬ ନମ୍ବର ଜାତୀୟ ରାଜପଥର ଧର୍ମଶାଳା ଥାନା ଅନ୍ତର୍ଗତ ବାରବାଟୀ ବଜାର ନିକଟରେ ଏହି ଅଘଟଣ ଘଟିଛି। ମୃତକଙ୍କ ମଧ୍ୟରେ ୪ଜଣ ପୁରୁଷ ଓ ଜଣେ ମହିଳା ଥିବା ଜଣାପଡ଼ିଛି। ସେମାନଙ୍କ ପରିଚୟ ମିଳିପାରିନାହିଁ। ଆହତମାନଙ୍କୁ ପ୍ରଥମେ ଧର୍ମଶାଳା ଓ ଯାଜପୁର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ୧୬ଟି ସ୍ୱତନ୍ତ୍ର ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଛି। ସେଥିମଧ୍ୟରୁ ୮ଟି ଆମ୍ବୁଲାନ୍ସରେ ଗୁରୁତର ଆହତମାନଙ୍କୁ କଟକ ବଡ଼ ▶ପୃଷ୍ଠା-୯

- ୪୦ରୁ ଊର୍ଦ୍ଧ୍ୱ ଆହତ
- ଗୁରୁତରଙ୍କୁ ଏସ୍‌ସିବି ସ୍ଥାନାନ୍ତର
- ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ
- ମୃତକଙ୍କ ପରିବାରକୁ ୩ ଲକ୍ଷ ଲେଖାଏଁ ଅନୁକମ୍ପା ରାଶି ଘୋଷଣା



# କେନ୍ଦ୍ରମନ୍ତ୍ରୀଙ୍କ 'ଅପାରଗତା'କୁ ବିଜେଡିର ଶାଣିତ ଜବାବ

■ **ଭୁବନେଶ୍ୱର, ୧୫।୪(ସମିସ):** 'ଅପାରଗତା'କୁ ନେଇ ପୁଣି ଥରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଶାଣିତ ଆକ୍ରମଣ କରିଛି ବିଜୁ ଜନତା ଦଳ। ଧର୍ମେନ୍ଦ୍ରଙ୍କ ପାରିବାପଣିଆ ଉପରେ ପ୍ରଶ୍ନ ଉଠାଇବା ସହ ନିଜ ଅଞ୍ଚଳ ପାଇଁ ଅତି ସାଧାରଣ କାର୍ଯ୍ୟ ବି କରିବାରେ ଅକ୍ଷମ ହୋଇଛନ୍ତି ବୋଲି କଟାକ୍ଷ କରିଛି ବିଜେଡ଼ି। ୧୦ ବର୍ଷ ଧରି କେନ୍ଦ୍ର ସରକାରରେ ବିଭିନ୍ନ ବିଭାଗରେ ମନ୍ତ୍ରୀ ଥିବା ସମୟରେ ସେ ଓଡ଼ିଶା ପାଇଁ ତ ଦୂରର କଥା, ନିଜ ଅଞ୍ଚଳ ପାଇଁ ମଧ୍ୟ କିଛି କରିପାରି ନାହାନ୍ତି। ମାତ୍ର ବିଡ଼ମ୍ବନା ହେଉଛି ଏବେ ନିର୍ବାଚନ ବେଳକୁ ନିଜ ବିଫଳତାକୁ ଲୁଚାଇବାକୁ ଯାଇ ମିଛକୁ ଅସ୍ତ୍ର କରିଛନ୍ତି ଓ ନିର୍ବାଚନ ବୈତରଣୀ ପାର ହେବାକୁ ଲୋକଙ୍କୁ ଭୂଆଁ ବୁଲାଉଛନ୍ତି ବୋଲି କହିଛି ବିଜେଡି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସାମାଜିକ ଗଣମାଧ୍ୟମ ପୋଷ୍ଟ ଉପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ସାଂସଦ ଡ଼ ସସ୍ମିତ ପାତ୍ର କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଭାବେ ଧର୍ମେନ୍ଦ୍ର ପ୍ରଧାନ କେତେ ସଫଳ ତାହା ସାରା ରାଜ୍ୟବାସୀ ଜାଣିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଭାବେ ଢେଙ୍କାନାଳ, ସମ୍ବଲପୁର, ଅନୁଗୁଳ ଓ ଦେବଗଡ଼ ଜିଲ୍ଲାରେ ଗୋଟିଏ ବି କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିନାହାନ୍ତି। ଏପରିକି ନିଜ ଗାଁରେ ଗୋଟିଏ ବି ସ୍ମାର୍ଟ କ୍ଲାସ୍ ରୁମ୍ ନିର୍ମାଣ କରିପାରିନାହାନ୍ତି। ସେଥିପାଇଁ ତାଙ୍କ ନିଜ ଗାଁରେ ପଞ୍ଚାୟତ ନିର୍ବାଚନରେ ବିଜେପି ପରାଜିତ ହୋଇଥିଲା। ଡ଼ ପାତ୍ର କହିଛନ୍ତି, କେନ୍ଦ୍ରମନ୍ତ୍ରୀ ଭାବେ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ▶ପୃଷ୍ଠା-୯

- କେନ୍ଦ୍ର ଶିକ୍ଷାମନ୍ତ୍ରୀ ନିଜ ଅଞ୍ଚଳରେ କେନ୍ଦ୍ରୀୟ ବିଦ୍ୟାଳୟଟିଏ ବି ଖୋଲିବାକୁ ଅକ୍ଷମ
- ଜନ୍ମ ମାଟିରେ ସ୍ଥାପନ ହୋଇ ପାରିଲା ନାହିଁ ଗୋଟିଏ ବି ଦକ୍ଷତା ବିକାଶ କେନ୍ଦ୍ର
- ୫୫ ଏନ୍‌ଏଚ୍ ମରାମତି କଥା ଉଠିଲେ ମୁହଁ ଲୁଚାଉ ପଳାଉଛନ୍ତି କେନ୍ଦ୍ରମନ୍ତ୍ରୀ
- ଓଡ଼ିଶା ସରକାରଙ୍କ ସଫଳତା କଥା ଦେଖି ପାରୁନାହାନ୍ତି କି ସହିପାରୁ ନାହାନ୍ତି

## ଲୋକକଥା



ଅସନ୍ତୋଷ ଝଡ଼ ବଢ଼ି ବଢ଼ି ଚାଲେ
ବିଦ୍ରୋହକୁ ଡାକି ଆଣୁଚି,
ଦିନକୁ ଦିନ ତ ଘନୀଭୂତ ହୋଇ
ମହାବାତ୍ୟା ରୂପ ନେଉଚି।
'ଫୁଲ'ରେ ଭାଲେଣି ପଡ଼ିଚି,
ନିର୍ବାଚନ ବୈତରଣୀ ପାରିହେବା
କ୍ରମଶ ଜଟିଳ ହେଉଚି !!

# ୬ ବର୍ଷ ପାଇଁ ସୁର ଦଳରୁ ବହିଷ୍କୃତ

■ **ଭୁବନେଶ୍ୱର, ୧୫।୪(ସମିସ):** କଂଗ୍ରେସର ପୁରୁଖା ନେତା ତଥା ଜଟଣୀ ବିଧାୟକ ସୁରେଶ ରାଉତରାୟଙ୍କୁ ୬ ବର୍ଷ ପାଇଁ ଦଳରୁ ବହିଷ୍କାର କରାଯାଇଛି। ବିଶୃଙ୍ଖଳା ଓ ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କ ବିରୋଧରେ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଏଆଇସିସି ପକ୍ଷରୁ କୁହାଯାଇଛି। କଂଗ୍ରେସରେ ଥାଇ ଭୁବନେଶ୍ୱର ଲୋକସଭା ଆସନରୁ ବିଜେଡି ଟିକେଟରେ ପ୍ରାର୍ଥୀ ହୋଇଥିବା ତାଙ୍କ ପୁଅ ମନ୍ମଥ ରାଉତରାୟଙ୍କ ପାଇଁ ପ୍ରଚାର କରୁଥିବା ଅଭିଯୋଗ ପରେ ସୁରେଶ ରାଉତରାୟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦଳ ପକ୍ଷରୁ ତାଙ୍କୁ ଦିଆଯାଇଥିବା କାରଣ ଦର୍ଶାଅ ନୋଟିସର ଉତ୍ତର ସନ୍ତୋଷଜନକ ନ ହେବାରୁ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ଅନ୍ୟପଟେ ଦଳରୁ ୬ ବର୍ଷ ପାଇଁ ବହିଷ୍କୃତ ହେବା ପରେ ମୁହଁ ଖୋଲିଛନ୍ତି ସୁର ରାଉତରାୟ। ସେ ଆଦୌ ପୁଅ ପାଇଁ ପ୍ରଚାର କରିନାହାନ୍ତି ହେଲେ ଦଳ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇଛି ବୋଲି ସୁର କହିଛନ୍ତି। ଏଆଇସିସିର ସଭାପତି ତାଙ୍କୁ ୬ ବର୍ଷ ପାଇଁ ଯେଉଁ ବାସନ୍ଦ କରିଛନ୍ତି, ସେଥିପାଇଁ ତାଙ୍କୁ ଅଭିନନ୍ଦନ ବୋଲି ସୁର କହିଛନ୍ତି। ▶ପୃଷ୍ଠା-୯

**ଆପତ୍ତି ନାହିଁ କି ଖାତିର ନାହିଁ; କଂଗ୍ରେସ ଭବନ ମାଡ଼ିବି ନାହିଁ: ସୁର**



ଓଡ଼ିଶାରେ 'ମୌସୁମୀ'ର ବିପରୀତ ଗତି

# ଦେଶରେ ଅଧିକ ବର୍ଷା; ରାଜ୍ୟରେ କମ୍

■ **ଭୁବନେଶ୍ୱର, ୧୫।୪(ସମିସ):** ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦ୍ୱାରା ଦେଶରେ ସ୍ୱାଭାବିକଠାରୁ ଅଧିକ ଓ ରାଜ୍ୟରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ। ପୂର୍ବରୁ ଘରୋଇ ପାଣିପାଗ ଆକଳନକାରୀ ସଂସ୍ଥା ସ୍କାଏମେଟ୍ ଓ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ ଏଭଳି ଆଶଙ୍କା ପ୍ରକାଶ କରିଥିବା ବେଳେ ସୋମବାର ଭାରତୀୟ ପାଣିପାଗ ବିଭାଗ ଅନୁରୂପ ଆଶଙ୍କା ପୋଷଣ କରିଛି। ବିଭାଗ ପକ୍ଷରୁ ଜାରି ମୌସୁମୀ ବର୍ଷା ସଂକ୍ରାନ୍ତ ଦୀର୍ଘ ଅବଧି ଆକଳନ ଅନୁସାରେ ଚଳିତ ବର୍ଷ ମୌସୁମୀ ବାୟୁ ଯୋଗୁଁ ଦେଶରେ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ ବୋଲି କୁହାଯାଇଛି। ୯୬ ପ୍ରତିଶତରୁ ୧୦୪ ପ୍ରତିଶତ ମଧ୍ୟରେ ବର୍ଷାକୁ ସ୍ୱାଭାବିକ କୁହାଯାଉଥିବାବେଳେ ଦେଶରେ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ୧୦୬% ବର୍ଷା ହେବ ବୋଲି ଆକଳନ କରିଛି। ତେବେ ଓଡ଼ିଶା ପାଇଁ ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି।

ଆଇଏମଡିର ମହାନିର୍ଦ୍ଦେଶକ ଡଃ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ସୂଚନା ଅନୁସାରେ ପ୍ରାରମ୍ଭିକ ଆକଳନ ଅନୁଯାୟୀ ଓଡ଼ିଶାରେ ଯେତିକି ବର୍ଷା ହୋଇଥାଏ, ତାହାଠାରୁ କମ୍ ବର୍ଷା ହେବାର ଆଶଙ୍କା ରହିଛି। ଓଡ଼ିଶା ସମେତ ଝାଡଖଣ୍ଡ ଏବଂ ପଶ୍ଚିମବଙ୍ଗରେ ବି ନିଅଣ୍ଟିଆ ବର୍ଷା ହୋଇପାରେ ବୋଲି ଡଃ ମହାପାତ୍ର ପୂର୍ବାନୁମାନ କରିଛନ୍ତି। ଜୁନ୍-ସେପ୍ଟେମ୍ବର ମଧ୍ୟରେ ଓଡ଼ିଶାର କିଛି କିଛି ସ୍ଥାନରେ ସାଧାରଣ ଓ କିଛି ସ୍ଥାନରେ ସାଧାରଣଠାରୁ ଅଧିକ ବର୍ଷା ହେବାର ସମ୍ଭାବନା ଥିବା ବେଳେ କିଛି କିଛି ସ୍ଥାନରେ ସ୍ୱାଭାବିକଠାରୁ କମ୍ ବର୍ଷା ହୋଇପାରେ ବୋଲି ସେ କହିଛନ୍ତି।

ଆଇଏମ୍‌ଡି ପକ୍ଷରୁ କୁହାଯାଇଛି ଯେ ଏଥର ମୌସୁମୀ ଉପରେ ଲା ନିନାର ପ୍ରଭାବ ଅଧିକ ରହିବ। ବର୍ତ୍ତମାନ ଏଲ୍-ନିନୋ ସ୍ଥିତି ରହିଥିବା ବେଳେ ଜୁନ୍ ସୁଦ୍ଧା ଏହା ସ୍ୱାଭାବିକ ଓ ଅଗଷ୍ଟ ସେପ୍ଟେମ୍ବର ବେଳକୁ ଏହା ଲା-ନିନା ଅବସ୍ଥାକୁ ଆସିଯିବ। ▶ପୃଷ୍ଠା-୯



## ୧୭ ଭାରତୀୟଙ୍କ ମୁକ୍ତି ପାଇଁ ଇରାନ ସହ ଆଲୋଚନା ହୋଇଛି : ଜୟଶଙ୍କର



ନୂଆଦିଲ୍ଲୀ,୧୫।୪(ଏଜେନ୍ସି): ଇରାନ ଉପକୂଳରେ ଏକ ପର୍ତ୍ତୁଗୀଜ ଜାହାଜକୁ ଇରାନ ସେନା କବଜାକୁ ନେଇଥିଲା ବେଳେ ଏଥିରେ ଥିବା ୧୭ ଭାରତୀୟଙ୍କୁ ନେଇ ବିଭିନ୍ନ ମହଲରେ ଚିନ୍ତା ବଢିଥିଲା । ଏହି ଘଟଣାର ଠିକ୍ ପରଦିନ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ବିବାଦ ବଢିବା ସହିତ ଇରାନ ଇସ୍ରାଏଲ ଉପରେ ଆକ୍ରମଣ ଆରମ୍ଭ କରିବା ଘଟଣା ଏହାକୁ ଆହୁରି ଜଟିଳ କରିଦେଇଥିଲା । ତେବେ ଉକ୍ତ ଜାହାଜର ସମସ୍ତ ଭାରତୀୟ କର୍ମଚାରୀଙ୍କୁ ମୁକ୍ତ କରିବା ପ୍ରସଙ୍ଗରେ ଇରାନ ସରକାରଙ୍କ ସହ ଆଲୋଚନା କରାଯାଇଛି ବୋଲି ସୋମବାର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର କହିଛନ୍ତି । ଇରାନ କର୍ତ୍ତୃପକ୍ଷଙ୍କ ସହ ଭାରତୀୟ ରାଷ୍ଟ୍ରଦୂତ ଆଲୋଚନା କରିଛନ୍ତି ଏବଂ ଭାରତୀୟମାନଙ୍କ ମୁକ୍ତି ଲାଗି ତୁରନ୍ତ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ତିନି ଦିନ ତଳେ ୟୁଏଇରୁ ଭାରତ ଅଭିମୁଖେ ଆସୁଥିବା ଏହି ପଣ୍ୟବାହୀ ଜାହାଜକୁ ଇରାନ ସେନା କବଜାକୁ ନେଇ ଯାଇଥିଲେ ।

## ନିର୍ବାଚନ ପ୍ରଚାର ବେଳେ ରାହୁଲଙ୍କ ହେଲିକପ୍ଟରର ଯାଞ୍ଚ୍

ଚେନ୍ନଇ,୧୫।୪(ଏଜେନ୍ସି): କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିର୍ବାଚନ ପ୍ରଚାର ପାଇଁ ତାମିଲନାଡୁର ନୀଳଗିରି ଯାଇଥିଲା ବେଳେ ନିର୍ବାଚନ ଅଧିକାରୀମାନେ ରାହୁଲଙ୍କ ହେଲିକପ୍ଟରକୁ ଯାଞ୍ଚ କରିବା ଘଟଣା ବିଭିନ୍ନ ମହଲରେ ଭ୍ରୂକୂଞ୍ଚନ ସୃଷ୍ଟି କରିଛି । ରାହୁଲ ତାଙ୍କ ସଂସଦୀୟ ନିର୍ବାଚନ ମଣ୍ଡଳୀ କେରଳର ୱାୟାନାଡ ଅଭିମୁଖେ ଯାଉଥିଲେ । କିନ୍ତୁ ତାଙ୍କ ହେଲିକପ୍ଟର ଏଠାରେ ଅବତରଣ କରିବା ପରେ ଫ୍ଲାଇଙ୍ଗ ସ୍କ୍ୱାଡ୍ ଅଧିକାରୀମାନେ ତାଙ୍କ ହେଲିକପ୍ଟର ଭିତରେ ପଶି ଖୋଳତାଡ଼ କରିଥିବା କୁହାଯାଇଛି ।

## ମୋଦୀଙ୍କ ସୁରକ୍ଷା ବ୍ୟବସ୍ଥା ପାଇଁ ଦଉଡ଼ିରେ ଫସି ଯୁବକଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୧୫।୪(ଏଜେନ୍ସି):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର ନିର୍ବାଚନ ପ୍ରଚାର ପାଇଁ କେରଳ ଗସ୍ତ କରିଥିଲା ବେଳେ ତାଙ୍କ ସୁରକ୍ଷା ବ୍ୟବସ୍ଥା କଡ଼ାକଡି କରାଯାଇଥିଲା । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ପୂର୍ବରୁ ଏକ ଅଘଟଣ ଘଟିଥିବା ଖବର ସାମ୍ନାକୁ ଆସିଛି । ମୋଦୀଙ୍କ ସୁରକ୍ଷା ପାଇଁ ବାରିକେଟ ଭାବେ ବ୍ୟବହୃତ ହୋଇଥିବା ଦଉଡିରେ ଜଣେ ବାଇକ ଆରୋହୀ ଫସି ଯିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ପୁଲିସ ଘଟଣାର ଯାଞ୍ଚ କରିଥିଲା ବେଳେ ମୃତ ଯୁବକ ମନୋଜ ଉନି ଏବଂ ସେ ବଡୁଥାଲା ବାସିନ୍ଦା ବୋଲି ଜାଣିବାକୁ ପାଇଛି । ମନୋଜଙ୍କ ସମ୍ପର୍କୀୟମାନେ ଅଭିଯୋଗ କରି କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ବାରିକେଟ ଭାବେ ଦଉଡି ବନ୍ଧା ଯାଇଥିଲେ ହେଁ ଏନେଇ କୌଣସି ସତର୍କତାମୂଳକ ପଦକ୍ଷେପ ନିଆଯାଇ ନଥିଲା । ଯାହାକୁ ନେଇ ମନୋଜଙ୍କୁ ମୃତ୍ୟୁର ଦ୍ୱାର ଦେଖିବାକୁ ପଡ଼ିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଉଲ୍ଲେଖଯୋଗ୍ୟ ଯେ,ରବିବାର ରାତି ୧୦ଟା ପାଖାପାଖି ହେବ ମନୋଜ ଘରକୁ ଫେରୁଥିଲେ । ଅନ୍ଧାର ହୋଇଥିବାରୁ ରାସ୍ତାରେ ଦଉଡ଼ି ବନ୍ଧା ଯାଇଥିବା ମନୋଜ ଦେଖି ପାରି ନଥିଲେ । ଫଳରେ ସେ ବାଇକ ସହ ଦଉଡ଼ିରେ ପିଟି ହୋଇ ରାସ୍ତାକୁ ଛିଟିକି ପଡ଼ିଥିଲେ । ଘଟଣାସ୍ଥଳରୁ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଥିଲା ।

## 'ବୁଥ୍ କର୍ମୀ ହେଉଛନ୍ତି ବିଜେପିର ସେନାପତି ଓ ରାଜଦୂତ'

ଲକ୍ଷ୍ନୌ, ୧୫ ।୪(ଏଜେନ୍ସି): ବିଜେପିର ଜାତୀୟ ସାଧାରଣ ସମ୍ପାଦକ ସୁନୀଲ ବଂଶାଲ କହିଛନ୍ତି, ବୁଥ୍ କର୍ମୀମାନେ ହେଉଛନ୍ତି ବିଜେପିର ସେନାପତି ଓ ରାଜଦୂତ । ବୁଥ୍ ଇନଚାର୍ଜମାନଙ୍କ ସମ୍ମିଳନୀରେ ବଂଶାଲ କହିଛନ୍ତି, ନମୋ ଆପରେ ଓ ବିକଶିତ ଭାରତ ଆମ୍ବାସଡାର କ୍ୟାମ୍ପେନରେ ଉତ୍ତରପ୍ରଦେଶ ସର୍ବାଗ୍ରେ ରହିଛି । ବିଜେପି ଆଜି ବିଶ୍ୱର ବୃହତ୍ତମ ରାଜନୈତିକ ଦଳ । ପାର୍ଟିର ବିସ୍ତାରରେ ଏହାର କର୍ମୀମାନଙ୍କର ବିଶେଷ ଅବଦାନ ରହିଛି । ବିଜେପିର ଆଜି ଦେଶରେ ୧୮ କୋଟି ସଭ୍ୟ ଓ ବୁଥ୍ ସ୍ତରରେ ୩କୋଟି ସକ୍ରିୟ କର୍ମୀ ରହିଛନ୍ତି । ଏହି ୩କୋଟି ସକ୍ରିୟ କର୍ମୀ ହେଉଛନ୍ତି ବିଜେପିର କମାଣ୍ଡର ଓ ଆମ୍ବାସଡାର । ଲକ୍ଷ୍ନୌରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଅଛନ୍ତି ବିଜେପିର ଲୋକସଭା ପ୍ରାର୍ଥୀ । ତାଙ୍କୁ ୫ଲକ୍ଷ ଭୋଟ ବ୍ୟବଧାନରେ ଜିତାଇବାକୁ ପଡ଼ିବ ବୋଲି ବଂଶାଲ ବିଜେପି କର୍ମୀଙ୍କୁ କହିଛନ୍ତି । ଏହି କର୍ମୀ ସମ୍ମିଳନୀରେ ବିଜେପି ନେତା ନିରଜ ସିଂହ, ପଙ୍କଜ ସିଂହ, ଉତ୍ତରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ବ୍ରଜେଶ ପାଠକ, ଲକ୍ଷ୍ନୌ ମେୟର ସୁଷମା ଖରକୱାଲ ଓ ବିଜେପି ବିଧାୟକ ନିରଜ ବୋରା ଉପସ୍ଥିତ ଥିଲେ ।

### ସୁପ୍ରିମକୋର୍ଟରେ ପୁଣି ନିରାଶ ହେଲେ କେଜ୍ରିୱାଲ

# ୨୩ ଯାଏଁ ବଢ଼ିଲା ରିମାଣ୍ଡ ଅବଧି, ୨୯ରେ ପରବର୍ତ୍ତୀ ଶୁଣାଣି

ନୂଆଦିଲ୍ଲୀ, ୧୫ ।୪(ଏଜେନ୍ସି)



ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ପୁଣିଥରେ ସୁପ୍ରିମକୋର୍ଟରେ ନିରାଶ ହୋଇଛନ୍ତି । ଇଡି ଦ୍ୱାରା ତାଙ୍କ ଗିରଫଦାରୀକୁ ନେଇ ସେ ସର୍ବୋଚ୍ଚ ନ୍ୟାୟାଳୟରେ ଚ୍ୟାଲେଞ୍ଜ କରିଥିଲା ବେଳେ ସୁପ୍ରିମକୋର୍ଟ ଏହାକୁ ଗ୍ରହଣ କରିନାହାନ୍ତି । ବରଂ ତାଙ୍କ ନ୍ୟାୟିକ ହେପାଜତ ଅବଧିକୁ ଆସନ୍ତା ୨୩ ତାରିଖ ଯାଏଁ ବଢାଇ ଦେଇଛନ୍ତି । ଅପରପକ୍ଷରେ କେଜ୍ରିୱାଲ ତାଙ୍କ ଆବେଦନରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ବିରୋଧରେ ଯେଉଁ ଅଭିଯୋଗ ଆଣିଛନ୍ତି ତାହାର ଜବାବ ରଖିବାକୁ ସୁପ୍ରିମକୋର୍ଟ ଇଡିକୁ କହିଛନ୍ତି । ଏପ୍ରିଲ ମାସ ଶେଷ ସପ୍ତାହ ସୁଦ୍ଧା ଇଡି ଜବାବ ଦେବାକୁ କୁହାଯାଇଥିଲା ବେଳେ ଏହି ପ୍ରସଙ୍ଗରେ ଆସନ୍ତା ୨୯ ତାରିଖରେ ପରବର୍ତ୍ତୀ ଶୁଣାଣି କରିବାକୁ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି କେଜ୍ରିୱାଲଙ୍କୁ ଗିରଫ କରିବା ପରେ ସେ ପ୍ରଥମେ ଏହାକୁ ରାଉଜ୍ ଆଭେନ୍ୟୁ କୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ରାଜନୈତିକ ଉଦ୍ଦେଶ୍ୟ ରଖି ବିଜେପି ତାଙ୍କୁ ଗିରଫ କରିଛି ଏବଂ ତାଙ୍କ ଗିରଫଦାରୀ ଆଇନ ସମ୍ମତ ନୁହେଁ ବୋଲି ତାଙ୍କ ଓକିଲ ଯୁକ୍ତି ବାଢିଥିଲେ । କିନ୍ତୁ ଏଠାରୁ ନିରାଶ ହେବା କେଜ୍ରିୱାଲ ପୁଣି ଏହି ପ୍ରସଙ୍ଗକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ହାଇକୋର୍ଟ ମଧ୍ୟ ଏହାକୁ ଖାରଜ କରିବା ସହିତ କେଜ୍ରିୱାଲଙ୍କ ଜାମିନ ଆବେଦନ ଖାରଜ କରିଦେଇଥିଲେ । ଏହାପରେ କେଜ୍ରିୱାଲ ସୁପ୍ରିମକୋର୍ଟର ଦ୍ୱାରସ୍ଥ ହେବା ସହିତ ନିର୍ବାଚନ ପାଖେଇ ଆସୁଥିବାରୁ ତାଙ୍କୁ ତୁରନ୍ତ ଜାମିନ ଦେବା ଲାଗି ସର୍ବୋଚ୍ଚ ଅଦାଲତ ତାଙ୍କ ଆବେଦନର ତ୍ୱରିତ ଶୁଣାଣି କରିବାକୁ ଅନୁରୋଧ କରିଥିଲେ । ସେତେବେଳେ ସୁପ୍ରିମକୋର୍ଟ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ ହେଁ ଆବେଦନର ଶୁଣାଣି କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ସେହି ଅନୁସାରେ ସୋମବାର ଏହି ପ୍ରସଙ୍ଗରେ ଶୁଣାଣି ହୋଇଥିଲା । କେଜ୍ରିୱାଲ ଭିଡିଓ କନଫରେନ୍ସିଂ ଜରିଆରେ ଅଦାଲତରେ ହାଜର ହୋଇ ତାଙ୍କ ଯୁକ୍ତି ରଖିଥିଲେ । ବିଶେଷକରି ନିର୍ବାଚନ ପାଇଁ ଜାଣିଶୁଣି ତାଙ୍କୁ ପ୍ରଚାର ପାଇଁ ସୁଯୋଗ ଦିଆଯାଉ ନାହିଁ ଏବଂ ଜେଲରେ ରଖାଯାଉଛି ବୋଲି ସେ ଅଦାଲତଙ୍କୁ କହିଥିଲେ । ହେଲେ ସୁପ୍ରିମକୋର୍ଟ ତାଙ୍କ ଆବେଦନକୁ ଅଗ୍ରାହ୍ୟ କରିଦେବା ସହିତ ଏପ୍ରିଲ ୨୩ ପର୍ଯ୍ୟନ୍ତ ରିମାଣ୍ଡ ଅବଧି ବଢାଇ ଦେଇଛନ୍ତି ।

## ୨୩ ଯାଏଁ ଜେଲ୍‌ରେ ରହିବେ କବିତା



ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ଇଡି ଓ ସିବିଆଇ ଦ୍ୱାରା ଗିରଫ ହୋଇଥିବା କେ କବିତାଙ୍କ ଜେଲ ହାଜତ ମିଆଦ ମଧ୍ୟ ଆସନ୍ତା ୨୩ ତାରିଖ ଯାଏଁ ବଢ଼ାଇ ଦିଆଯାଇଛି । ଏହି ମାମଲାରେ ପ୍ରଥମେ ଇଡି ଦ୍ୱାରା ଗିରଫ ହୋଇ କବିତା ଜେଲରେ ରହିଥିଲା ବେଳେ ପରବର୍ତ୍ତୀ ସମୟରେ ତାଙ୍କୁ ସିବିଆଇ ମଧ୍ୟ ଗିରଫ କରି ରିମାଣ୍ଡରେ ନେଇଥିଲା । ତେବେ ସୋମବାର ତାଙ୍କ ରିମାଣ୍ଡ ଅବଧି ଶେଷ ହେବା ପରେ କବିତାଙ୍କୁ ରାଉଜ୍ ଆଭେନ୍ୟୁ କୋର୍ଟରେ ହାଜର କରାଯାଇଥିଲା । ତାଙ୍କ ଓକିଲ କବିତାଙ୍କ ଜାମିନ ପାଇଁ ଆବେଦନ କରିଥିଲେ ହେଁ କୋର୍ଟ ଏହାକୁ ଅଗ୍ରାହ୍ୟ କରିଦେଇଥିଲେ । ତାଙ୍କ ନ୍ୟାୟିକ ହେପାଜତକୁ ଏପ୍ରିଲ ୨୩ ତାରିଖ ପର୍ଯ୍ୟନ୍ତ ବଢାଇ ଦିଆଯାଇଥିଲା ବେଳେ କବିତାଙ୍କୁ ପୁଣି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀ ଅବକାରୀ ଦୁର୍ନୀତି ଓ ମନିଲଣ୍ଡରିଂ ମାମଲାରେ ମୁଖ୍ୟମନ୍ତ୍ରୀ ଅରବିନ୍ଦ-କେଜ୍ରିୱାଲଙ୍କ ସମେତ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ରାଜ୍ୟସଭା ସାଂସଦ ସଞ୍ଜୟ ସିଂହ, ତେଲେଙ୍ଗାନା ଏମଏଲସି କେ କବିତାଙ୍କ ସମେତ ମୋଟ ୧୬ଜଣଙ୍କୁ ଗିରଫ କରାଯାଇଥିଲା । ତେବେ ସଞ୍ଜୟଙ୍କୁ ସୁପ୍ରିମକୋର୍ଟ ନିକଟରେ ଜାମିନ ମଞ୍ଜୁର କରିବା ପରେ ସେ ଜେଲରୁ ମୁକ୍ତ ହୋଇଛନ୍ତି ।

## ଜେଲ୍‌ରେ କେଜ୍ରିୱାଲଙ୍କୁ ଭେଟିଲେ ପଞ୍ଜାବ ମୁଖ୍ୟମନ୍ତ୍ରୀ

ତିହାର ଜେଲରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ସିଂହ ମାନ୍ ସୋମବାର ଭେଟିଛନ୍ତି । ଉଭୟ ନେତା କିଛି ସମୟ ପାଇଁ ଆଲୋଚନା କରିଥିଲା ବେଳେ ଜେଲ ବାହାରକୁ ଆସିବା ପରେ ଭଗୱନ୍ତ ମାନ ସାଂଘାତିକ ଅଭିଯୋଗ ଆଣିଛନ୍ତି । କେଜ୍ରିୱାଲଙ୍କୁ ଜେଲରେ ଭିତରେ ଜଣେ ଆତଙ୍କବାଦୀ ଭଳି ବ୍ୟବହାର କରାଯାଉଛି । କଠୋରପନ୍ଥୀ ଅପରାଧୀଙ୍କ ଭଳି ତାଙ୍କୁ କୌଣସି ସୁବିଧା ମିଳୁ ନାହିଁ ବୋଲି ମାନ ଅଭିଯୋଗ କରିଛନ୍ତି । ଏହିକ୍ରମରେ ଚଳିତ ଲୋକସଭା ନିର୍ବାଚନକୁ ନେଇ ବିଜେପିକୁ ଚେତାବନୀ ଦେଇ ମାନ୍ କହିଛନ୍ତି,ପ୍ରଥମ ଭୋଟ ପଡ଼ିବା ପୂର୍ବରୁ ବିଜେପି ସବୁ କିଛି ଧ୍ୱଂସ କରିଦେବାକୁ ଚାହୁଁଛି । କିନ୍ତୁ ଫଳାଫଳ ଓଲଟା ହେବ । ଜୁନ୍ ୪ ରେ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଆମ ଆଦମୀ ପାର୍ଟି ଏକ ବଡ଼ ରାଜନୀତିକ ପ୍ରତିଦ୍ୱନ୍ଦ୍ୱୀ ଭାବେ ଉଭା ହେବ ବୋଲି ସେ କହିଛନ୍ତି ।

■ ନ୍ୟାୟିକ ବ୍ୟବସ୍ଥାକୁ ଦୁର୍ବଳ କରିବା ଉଦ୍ୟମ

## ସିଜେଆଇଙ୍କୁ ୨୧ ଅବସରପ୍ରାପ୍ତ ବିଚାରପତିଙ୍କ ଚିଠି



ନୂଆଦିଲ୍ଲୀ,୧୫।୪(ଏଜେନ୍ସି): ଦେଶର ନ୍ୟାୟିକ ବ୍ୟବସ୍ଥାକୁ ଦୁର୍ବଳ କରିଦେବାକୁ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ଉଦ୍ୟମ କରୁଥିବା ବିଷୟକୁ ନେଇ ବିଭିନ୍ନ ମହଲରେ ଚିନ୍ତାବ୍ୟକ୍ତ କରାଯାଇଛି । ଏହିକ୍ରମରେ କିଛି ଅବସରପ୍ରାପ୍ତ ବିଚାରପତି ପ୍ରଧାନବିଚାରପତି(ସିଜେଆଇ) ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡ଼ଙ୍କୁ ଚିଠି ଲେଖି ତାଙ୍କର ଧ୍ୟାନ ଆକର୍ଷଣ କରିଛନ୍ତି । ବିଭିନ୍ନ ହାଇକୋର୍ଟ ଓ ସୁପ୍ରିମକୋର୍ଟର ୨୧ ଜଣ ଅବସରପ୍ରାପ୍ତ ବିଚାରପତି ସିଜେଆଇଙ୍କୁ ଦେଇଥିବା ଚିଠିରେ ଅଭିଯୋଗ କରିଛନ୍ତି ଯେ , ନ୍ୟାୟପାଳିକାକୁ ଦୁର୍ବଳ କରିବା ପାଇଁ କିଛି ଲୋକ ଉଦ୍ୟମ କରୁଛନ୍ତି । କେତେକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ସୁଚିନ୍ତିତ ଉପାୟରେ ନ୍ୟାୟପାଳିକା ଉପରେ ଚାପ ସୃଷ୍ଟି କରିବା ସହିତ ମିଥ୍ୟା ଏବଂ ଭ୍ରମାତ୍ମକ ତଥ୍ୟ ପ୍ରଚାର କରି ଜନସାଧାରଣଙ୍କ ଭିତରେ ଭ୍ରାନ୍ତ ଧାରଣା ସୃଷ୍ଟି କରୁଛନ୍ତି । ଏହାଦ୍ୱାରା ନ୍ୟାୟପାଳିକାକୁ ଦୁର୍ବଳ କରିବାକୁ ସେମାନେ ଉଦ୍ୟମ କରୁଛନ୍ତି ବୋଲି ସଂପୃକ୍ତ ବିଚାରପତିମାନେ କହିଛନ୍ତି । ରାଜନୈତିକ ସ୍ୱାର୍ଥ ଏବଂ ବ୍ୟକ୍ତିଗତ ଫାଇଦା ପାଇଁ ବିଭିନ୍ନ ସ୍ତରରେ ଭୁଲ ତଥ୍ୟ ଦିଆଯାଇ ଏଭଳି କରାଯାଉଛି ବୋଲି ସେମାନେ ଅଭିଯୋଗ କରିବା ସହିତ ଏହା ଏକ ଗମ୍ଭୀର ବିଷୟ ବୋଲି କହିଛନ୍ତି । ଦେଶର ନ୍ୟାୟିକ ବ୍ୟବସ୍ଥାକୁ ନେଇ ସାଧାରଣ ଜନତାଙ୍କ ଯେଭଳି ଭରସା ଏବଂ ବିଶ୍ୱାସ ରହିଛି ତାହା ଏଭଳି କାର୍ଯ୍ୟ ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ବଢାଇଛି ।ଲୋକଙ୍କ ଆତ୍ମବିଶ୍ୱାସକୁ ଦୁର୍ବଳ କରିବାକୁ ଏହି ଗୋଷ୍ଠୀ ଚେଷ୍ଟା କରୁଥିବା ସେମାନେ ଅଭିଯୋଗ କରିଛନ୍ତି । ଏଭଳି ଚାପ ସୃଷ୍ଟି କରୁଥିବା ଲୋକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେମାନେ ସିଜେଆଇଙ୍କ ନିକଟରେ ଦାବି କରିବା ସହିତ ନ୍ୟାୟିକ ବ୍ରବସ୍ଥାର ଧାରା ଏବଂ ପ୍ରଣାଳୀ ଯେଭଳି ସୁରକ୍ଷିତ ରୁହେ ତାହାକୁ ନିଶ୍ଚିତ କରିବାକୁ ସେମାନେ କହିଛନ୍ତି ।

## 'ଶ୍ରୀରାମଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରୁଥିବା ଲୋକଙ୍କୁ ଜନତା ଅସ୍ୱୀକାର କରିବେ'

ଲକ୍ଷ୍ନୌ, ୧୫ ।୪(ଏଜେନ୍ସି): ଭଗବାନ ଶ୍ରୀରାମଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରୁଥିବା ଲୋକଙ୍କୁ ଓ ଧର୍ମନିରପେକ୍ଷତା ବାହାନାରେ ଗତ ଜାନୁଆରୀ ୨୨ରେ ରାମଲାଲାଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବକୁ ବର୍ଜନ କରିଥିବା ଲୋକଙ୍କୁ ସାଧାରଣ ଜନତା ଅସ୍ୱୀକାର କରିବେ ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗତକାଲି କହିଛନ୍ତି । ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ ଗତକାଲି ଶ୍ରୀନଗର, ରୁରକି ଓ ଡେରାଡୁନରେ ବିଜେପିର ବିଜୟ ସଙ୍କଳ୍ପ ର୍ୟାଲି କରିଥିଲେ । ସେ ପୌରି ଘରୱାଲର ବିଜେପି ପ୍ରାର୍ଥୀ ଅନୀଲ ବାଲୁନି, ହରିଦ୍ୱାରର ବିଜେପି ପ୍ରାର୍ଥୀ ତ୍ରିବେନ୍ଦ୍ର ସିଂହ ରାୱତ ଓ ଟେହରି ଘରୱାଲ ଲୋକସଭା ଆସନର ବିଜେପି ପ୍ରାର୍ଥୀ ମାଲା ରାଜଲକ୍ଷ୍ମୀ ଶାହଙ୍କ ପାଇଁ ପ୍ରଚାର କରିଥିଲେ । ପୌରି ଘରୱାଲ ହେଉଛି ଯୋଗୀ ଆଦିତ୍ୟନାଥଙ୍କ ଜନ୍ମସ୍ଥାନ । ଆଦିତ୍ୟନାଥଙ୍କ ପ୍ରତ୍ୟେକ ର୍ୟାଲିରେ ଲୋକେ 'ବୁଲଡୋଜର ବାବା କି ଜୟ' ସ୍ଲୋଗାନ ଦେଇଥିଲେ । ଗତ ୧୦ବର୍ଷର ମୋଦୀ ଶାସନରେ ଦେଶ ଅନ୍ତର୍ମୁଖୀ ବିକାଶ ଦିଗରେ ଦ୍ରୁତ ଅଗ୍ରସର ହୋଇଥିବା, ନକ୍ସଲବାଦ ଓ ଆତଙ୍କବାଦର ଅନ୍ତ ଘଟିଥିବା ବିଷୟରେ ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ କହିଥିଲେ । ଦେଶର ସମ୍ବଳ ଉପରେ ମୁସଲିମମାନଙ୍କର ପ୍ରଥମ ଅଧିକାର ରହିଛି ବୋଲି କଂଗ୍ରେସ କହୁଥିବାରୁ ଯୋଗୀ ପ୍ରଶ୍ନ କରିଥିଲେ ଯେ ତାହାହେଲେ ୧୯୪୭ରେ ଦେଶ ବିଭାଜନ ହେଲା କାହିଁକି? ଉତ୍ତରପ୍ରଦେଶରୁ ମାଫିଆ ଓ ଅପରାଧୀଙ୍କୁ ଅନ୍ୟତ୍ର ଖସିଯିବାକୁ ଦେବେନାହିଁ, ଗୋଟି ଗୋଟି କରି ସମସ୍ତଙ୍କୁ ଖତମ୍ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଦିତ୍ୟନାଥ କହିଛନ୍ତି ।

## ମଲ୍ ପରେ ସିଡ୍‌ନୀ ଚର୍ଚ୍ଚରେ ପୁଣି ଛୁରାମାଡ଼; ୮ ଆହତ



ସିଡ୍‌ନୀ,୧୫।୪(ଏଜେନ୍ସି): ଠିକ୍ ତିନି ଦିନ ପରେ ଅଷ୍ଟ୍ରେଲିଆର ସିଡ୍‌ନୀ ସହରରେ ପୁଣି ଛୁରାମାଡ଼ ଘଟଣାର ପୁନରାବୃତ୍ତି ଘଟିଛି । ତିନି ଦିନ ତଳେ ଏଠାକାର ଏକ ମଲ୍‌ରେ ଜଣେ ଅଜଣା ଆତତାୟୀ ଅତର୍କିତ ଭାବେ ଲୋକଙ୍କୁ ଛୁରିରେ ଆକ୍ରମଣ କରିବା ଘଟଣାରେ ୬ ଜଣଙ୍କ ମୃତ୍ୟୁ ହେବା ସହିତ ଏକାଧିକ ଲୋକ ଗୁରୁତର ଆହତ ହୋଇଥିଲେ । ଏହାବ୍ୟତୀତ ଆକ୍ରମଣକାରୀ ମଧ୍ୟ ପୁଲିସ ଗୁଳିରେ ନିହତ ହୋଇଥିଲା । ଏହି ଘଟଣାକୁ କିଛି ଘଣ୍ଟା ନ ପୂରୁଣୁ ପୁଣି ସିଡ୍‌ନୀରେ ଏକ ଚର୍ଚ୍ଚରେ ସୋମବାର ସମାନ ଘଟଣା ଦେଖିବାକୁ ମିଳିଛି । ଏହି ଘଟଣାରେ ସଂପୃକ୍ତ ଚର୍ଚ୍ଚର ବିଶପଙ୍କ ସମେତ ୮ ଜଣ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁସାରେ ସିଡ୍‌ନୀ ସହରର ପଶ୍ଚିମ ଭାଗରେ ଥିବା ଆସିରିୟାନ ଚର୍ଚ୍ଚରେ ବିଶପ ବାଇବେଲ ପାଠ କରୁଥିଲା ବେଳେ ଅଚାନକ ଭାବେ ଜଣେ ଦୁର୍ବୃତ୍ତ ବିଶପ ବସିଥିବା ସ୍ଥାନକୁ ଚଢିଯିବା ସହିତ ତାଙ୍କ ଉପରକୁ ଛୁରିରେ ଆକ୍ରମଣ କରିଥିଲା । ଏହାପରେ ସେଠାରେ ଉପସ୍ଥିତ ଥିବା ଲୋକଙ୍କ ମଧ୍ୟରେ ଧାଁ ଦୌଡ଼ ଆରମ୍ଭ ହୋଇଯାଇଥିଲା । କିନ୍ତୁ ଦୁର୍ବୃତ୍ତ ଜଣକ ଅନ୍ୟ ଲୋକମାନଙ୍କୁ ମଧ୍ୟ ବାଦ୍ ଦେଇ ନଥିଲା । ସେ ତୁରନ୍ତ ତଳକୁ ଓହ୍ଲାଇ ଉପଦେଶ ଶୁଣୁଥିବା ଲୋକଙ୍କୁ ମଧ୍ୟ ଛୁରିରେ ଆକ୍ରମଣ କରିଥିଲା । ଏହି ଘଟଣାରେ ବିଶପଙ୍କ ସମେତ ୮ ଜଣ ଗୁରୁତର ଆହତ ହୋଇଥିବା କୁହାଯାଇଛି । ଆହତମାନଙ୍କ ମଧ୍ୟରୁ କେତେକ ଲୋକଙ୍କ ଅବସ୍ଥା ଗମ୍ଭୀର ଥିବାରୁ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ଦୁର୍ବୃତ୍ତକୁ ଗିରଫ କରିଛି ।

# ନିର୍ବାଚନ ବଣ୍ଡକୁ ନେଇ ମୋଦୀ-ରାହୁଲ ବାକ୍‌ଯୁଦ୍ଧ

## ନିର୍ବାଚନ ବଣ୍ଡ 'ସ୍କାମ୍'ର ମାଷ୍ଟରମାଇଣ୍ଡ ମୋଦୀ: ରାହୁଲ



ନୂଆଦିଲ୍ଲୀ,୧୫।୪(ଏଜେନ୍ସି)

୨୦୨୪ ନିର୍ବାଚନ ପାଇଁ ପ୍ରଥମ ପର୍ଯ୍ୟାୟ ମତଦାନ ସମୟ ପାଖେଇ ଆସୁଥିଲା ବେଳେ ସବୁ ରାଜନୈତିକ ଦଳଙ୍କ ପକ୍ଷରୁ ପ୍ରଚାର ଅଭିଯାନ ଜୋର ଧରିଛି । ସବୁ ଦଳର ବଡ଼ ବଡ଼ ନେତା ପ୍ରମୁଖ ନିର୍ବାଚନ ମଣ୍ଡଳୀରେ ପ୍ରଚାର ଅଭିଯାନ ପାଇଁ ରାତି ଦିନ ଏକାକାର କରିଦେଇଛନ୍ତି । ତେବେ ନିର୍ବାଚନ ବଣ୍ଡ ପ୍ରସଙ୍ଗକୁ ନେଇ କଂଗ୍ରେସ ଏବଂ ବିଜେପି ମଧ୍ୟରେ ଚାଲିଥିବା ଯୁଦ୍ଧ ଶେଷ ହେବାର ନାଁ ଧରୁ ନାହିଁ । କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଶାଣ କରି ବାରମ୍ବାର ବର୍ଷି ଚାଲିଥିଲା ବେଳେ ମୋଦୀଙ୍କ ଏକ ସାକ୍ଷାତକାରକୁ ନେଇ ପୁଣି ବର୍ଷିଛନ୍ତି । ଏଏନ୍‌ଆଇକୁ ସାକ୍ଷାତକାର ଦେବା ସମୟରେ ନିର୍ବାଚନୀ ବଣ୍ଡ ଉପରେ ମତ ରଖି କଳା ଟଙ୍କାର ବ୍ୟବହାର ରୋକିବା ପାଇଁ ନିର୍ବାଚନୀ ବଣ୍ଡ ଲାଗୁ କରାଯାଇଥିବା ମୋଦୀ କହିଥିଲେ । କିନ୍ତୁ ଏହା ଉପରେ ପ୍ରତିକ୍ରିୟା ଦେଇ ନିର୍ବାଚନୀ ବଣ୍ଡ ଅର୍ଥ ଲୁଟ କରିବା ପାଇଁ ବିଶ୍ୱର ସବୁଠାରୁ ବଡ଼ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଏହାର ମାଷ୍ଟରମାଇଣ୍ଡ ବୋଲି ରାହୁଲ କହିଛନ୍ତି । କୌଣସି ଘଟଣାରେ ଯେଉଁ ଦିନ ସିବିଆଇ ତଦନ୍ତ ଆରମ୍ଭ ହେଉଛି ତାହାର କିଛି ଦିନ ପରେ ବିଜେପିକୁ ଅର୍ଥ ମିଳିଯାଉଛି । ଟଙ୍କା ମିଳିବା ପରେ ସିବିଆଇ ତଦନ୍ତ ବନ୍ଦ ହୋଇଯାଉଛି । ଏକଥା ପ୍ରଧାନମନ୍ତ୍ରୀଙ୍କୁ ପଚରାଯିବା ଦରକାର ବୋଲି ରାହୁଲ କହିଛନ୍ତି । ଯେଉଁମାନେ ବଡ଼ ଠିକା କାମ ଏବଂ ଭିତ୍ତିଭୂମି ପ୍ରକଳ୍ପ ଆଦି ପାଇଁ ଟଙ୍କା ଦେଉଛନ୍ତି ସେମାନଙ୍କୁ ତୁରନ୍ତ ଠିକା ମିଳି ଯାଉଛି ବୋଲି ରାହୁଲ ଅଭିଯୋଗ କରିଛନ୍ତି ।

## ବିରୋଧୀ ମିଛ କହୁଛନ୍ତି; ସମସ୍ତେ ଅନୁତାପ କରିବେ : ମୋଦୀ



ରାଜନୀତିକ ଦଳଗୁଡ଼ିକ ନିର୍ବାଚନୀ ବଣ୍ଡ ଜରିଆରେ ପାଉଥିବା ଚାନ୍ଦାକୁ ସୁପ୍ରିମକୋର୍ଟ ଅସାମ୍ବିଧାନିକ ବୋଲି କହିବା ଏବଂ ଏ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ ଏସବିଆଇକୁ ନିର୍ଦ୍ଦେଶ ଦେବା ପରେ ବିରୋଧୀ କେନ୍ଦ୍ର ସରକାରଙ୍କୁ ନିଶାଣ କରିବା ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରତିକ୍ରିୟା ରଖିଛନ୍ତି । ଏଏନଆଇକୁ ଏକ ସାକ୍ଷାତକାର ଦେବା ଅବସରରେ ମୋଦୀ କହିଛନ୍ତି ଯେ, ବିରୋଧୀ ଦଳ ନିର୍ବାଚନୀ ବଣ୍ଡକୁ ନେଇ ଯେଉଁ ଆଧାର ରଖିଛନ୍ତି ତାହା ମିଥ୍ୟା । ପ୍ରକୃତରେ ନିର୍ବାଚନରେ କଳାଟଙ୍କା ରୋକିବା ଲାଗି ଏହି ବ୍ୟବସ୍ଥା କରାଯାଇଥିଲା ।ଯେଉଁମାନେ ରାଜନୈତିକ ଦଳଙ୍କୁ ଚାନ୍ଦା ଦେଉଥିଲେ ସେମାନଙ୍କ ସମ୍ପର୍କରେ ଜାଣିବା ଲାଗି ଏହି ଯୋଜନାରେ ବ୍ୟବସ୍ଥା କରାଯାଇଥିଲା । ଦେଶରେ ଦୀର୍ଘ ବର୍ଷ ହେଲା ଗୋଟିଏ ଆଲୋଚନା ଚାଲିଛି ଯେ, ନିର୍ବାଚନରେ କଳା ଟଙ୍କାର ବ୍ୟବହାର ଅତ୍ୟନ୍ତ ବିପଦଜନକ । ନିର୍ବାଚନରେ ଯେ ଟଙ୍କା ବ୍ୟବହାର ହେଉଛି କେହି ଏହାକୁ ଅସ୍ୱୀକାର କରିପାରିବେ ନାହିଁ ।ମୋ ଦଳ ମଧ୍ୟ ଟଙ୍କା ଖର୍ଚ୍ଚ କରୁଛି । ସବୁ ଦଳ ଓ ସବୁ ପ୍ରାର୍ଥୀ ଖର୍ଚ୍ଚ କରୁଛନ୍ତି । ଏହି ଟଙ୍କା ଲୋକଙ୍କ ଠାରୁ ନିଆଯାଉଛି । କିନ୍ତୁ ଏହି ପ୍ରକ୍ରିୟାରେ ମୁଁ କିଛି କରିବାକୁ ଉଦ୍ୟମ କରିଥିଲି । ନିର୍ବାଚନ କେମିତି କଳା ଟଙ୍କାରୁ ମୁକ୍ତ ହେବ ଏବଂ ଚାନ୍ଦା ଦେଉଥିବା ଲୋକଙ୍କ କ୍ଷେତ୍ରରେ କେମିତି ସ୍ୱଚ୍ଛତା ରହିବ ତାହାକୁ ନେଇ ଚିନ୍ତା କରାଯାଇଥିଲା । ତେବେ ଏବେ ଯାହା ନିଷ୍ପତ୍ତି ନିଆଯାଇଛି ତାହା ଭଲ କି ଖରାପ ତାହା ବିଚାର କରାଯାଇପାରିବ । ଯଦି ଏହି ପ୍ରସଙ୍ଗରେ ଯେଉଁମାନେ ବିରୋଧ କରି ମତ ମନ୍ତବ୍ୟ ଦେଉଛନ୍ତି ସେମାନେ ଯଦି ସ୍ୱଚ୍ଛତାର ସହ ଚିନ୍ତା କରିବେ ତେବେ ତାହା ଠିକ୍ ଭାବେ ଜଣାପଡ଼ିବ । ନଚେତ୍ ସମସ୍ତେ ଏଥିପାଇଁ ଅନୁତାପ କରିବେ ବୋଲି ମୋଦୀ କହିଛନ୍ତି ।

# ବିଜେଡିରୁ 'ତଡ଼ାଖିଆ' ଏବେ ରାଜ୍ୟ ବିଜେପିର ପୋଷ୍ଟର ବୟ

**ଭୁବନେଶ୍ୱର, ୧୫।୪(ସମିସ):** ବିଜେଡିରୁ ତଡ଼ା ଖାଇଥିବା ନେତା ଏବେ ବିଜେପିର ପୋଷ୍ଟର ବୟ ପାଲଟିଛନ୍ତି। ଅପରାଧିକ କାର୍ଯ୍ୟକଳାପ ଓ ଜନବିରୋଧୀ ଆଚରଣ ପାଇଁ ବିଜେଡିରୁ ବହିଷ୍କୃତ ନେତାଙ୍କୁ ବିଜେପି କୋଳେଇ ନେଇ ଆଶାବାଡ଼ିରେ ପରିଣତ କରିଛି ବୋଲି କହିଛି ବିଜେଡି।



ବିଜେଡି ମୁଖପାତ୍ର ସ୍ୱୟଂ ପ୍ରକାଶ ମହାପାତ୍ର ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଜେପି ନେତାଙ୍କ କାର୍ଯ୍ୟ ଓ ଆଚରଣକୁ କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଅପରାଧିକ କାର୍ଯ୍ୟକଳାପ ପାଇଁ ବିଜେଡିରୁ ବିତାଡ଼ିତ ହୋଇଥିବା ପ୍ରଶାନ୍ତ ଜଗଦ୍ଦେବ ଓ ନିଜ ନିର୍ବାଚନମଣ୍ଡଳୀ ଲୋକଙ୍କୁ ଠକି ବିଜେଡିରୁ ବହିଷ୍କୃତ ପ୍ରଦୀପ ପାଣିଗ୍ରାହୀଙ୍କୁ ଏବେ ଓଡ଼ିଶା ବିଜେପି ନେତାମାନେ ପୋଷ୍ଟର ବୟ କରିଛନ୍ତି। ପ୍ରଶାନ୍ତ ଜଗଦେବ ଅତୀତରେ ବିଜେପି କର୍ମୀଙ୍କ ଉପରେ ଗାଡି ଚଢ଼ାଇ ଜେଲ୍ ଯାଇଥିଲେ; ଆଉ ଏବେ ସେ ବିଜେପିର ତଥାକଥିତ ତୁଙ୍ଗ ନେତାଙ୍କ ମାର୍ଗଦର୍ଶକ ପାଲଟିଛନ୍ତି। ବିଜେପିରେ ପ୍ରଶାନ୍ତଙ୍କ ଏଭଳି ଭୂମିକା ସମ୍ପର୍କରେ ପ୍ରଶ୍ନ ଉଠାଇବା ସହ ନିଜ କର୍ମୀଙ୍କୁ ଓଡ଼ିଶା ବିଜେପି ନେତାମାନେ କିଭଳି ମୁହଁ ଦେଖାଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ସ୍ୱୟଂ ପ୍ରକାଶ। ଖୋର୍ଦ୍ଧାରେ ସାମ୍ବାଦିକଙ୍କୁ ଆକ୍ରମଣ କରିବା, ମଦ୍ୟପାନ କରି ପୋଲିସ ଅଧିକାରୀଙ୍କୁ ଧମକାଇବା ଭଳି କାର୍ଯ୍ୟରେ ଏବେ ପ୍ରଶାନ୍ତ ଲିପ୍ତ ଅଛନ୍ତି।ଏଭଳି କାମ ପାଇଁ ତାଙ୍କୁ କଣ ଓଡ଼ିଶା ବିଜେପି ଲାଇସେନ୍ସ ଦେଇଦେଇଛି କି ବୋଲି ବିଜେଡି ମୁଖପାତ୍ର ଶ୍ରୀ ମହାପାତ୍ର ପ୍ରଶ୍ନ କରିଛନ୍ତି।

ସେହିଭଳି ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀ ନିଜ ଅଞ୍ଚଳର ଗରିବ ଯୁବକଙ୍କ ଠାରୁ ଚାକିରୀ ଦେବା ନାଁରେ ଲକ୍ଷାଧିକ ଟଙ୍କା ଠକି ଜେଲ୍ ଯାଇଥିଲେ। ଜନବିରୋଧୀ ଆଚରଣ ପାଇଁ ବିଜେଡି ତାଙ୍କୁ ଦଳରୁ ବହିଷ୍କାର କରିଛି। ମାତ୍ର ବିଜେପିରେ ଯୋଗ ଦେଇ ସେ ବର୍ତ୍ତମାନ ନିର୍ବାଚନ ସହ ଜଡ଼ିତ ଅଫିସରଙ୍କୁ ଡରାଇବା, ଧମକାଉଛନ୍ତି ଏବଂ ମହିଳାମାନଙ୍କୁ ଅପମାନିତ କରୁଛନ୍ତି। ରାଜ୍ୟ ବିଜେପି ନେତାମାନେ ଏପରି ନିନ୍ଦନୀୟ କାର୍ଯ୍ୟକୁ ସମର୍ଥନ କରୁଛନ୍ତି ଓ ଏପରି ନେତାଙ୍କ ପ୍ରଶ୍ରୟ ଦେଉଛନ୍ତି। ଉଭୟ ପ୍ରଦୀପ ପାଣିଗ୍ରାହୀ ଏବଂ ପ୍ରଶାନ୍ତ ଜଗଦ୍ଦେବ ସରକାରୀ ଅଧିକାରୀଙ୍କୁ ଡରାଇ ଧମକାଇବା ସହିତ ଆଶାକର୍ମୀ, ମିଶନ ଶକ୍ତି ମା'ଙ୍କୁ ନାଲିଆଖି ଦେଖାଇ ନିର୍ବାଚନକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛନ୍ତି। ଯାହା ଆଦୌ ଗ୍ରହଣଯୋଗ୍ୟ ନୁହେଁ ବୋଲି ଉଲ୍ଲେଖ କରି ସବୁ ଅପରାଧିକ କାର୍ଯ୍ୟକଳାପରେ ଲିପ୍ତ ଓ ଜେଲ ଫେରନ୍ତା ଏଭଳି ନେତା ଏବେ ଓଡ଼ିଶା ବିଜେପି ପାଇଁ ଆଶାବାଡ଼ି ସାଜିଛନ୍ତି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

- ଅପରାଧିକ କାର୍ଯ୍ୟକଳାପ ଓ ଠକେଇ ଲିପ୍ତଙ୍କୁ କୋଳେଇଛି ବିଜେପି
- ପ୍ରଶାନ୍ତ ଜଗଦ୍ଦେବ ଓ ପ୍ରଦୀପ ପାଣିଗ୍ରାହୀ ବିଜେପିର ଆଶାବାଡ଼ି
- ଭୋଟ ପାଇଁ ମହିଳାଙ୍କୁ ଧମକ ସହ ଅପମାନିତ କରୁଛନ୍ତି ଉଭୟ

# ନିର୍ବାଚନ ପ୍ରଚାରରେ ଛୋଟ ପିଲାଙ୍କୁ ବ୍ୟବହାର କରୁଛି କେନ୍ଦ୍ରାପଡ଼ା ବିଜେପି

**ଭୁବନେଶ୍ୱର,୧୫।୪(ସମିସ):** ନିର୍ବାଚନ ପ୍ରଚାର ସମୟରେ ବିଜେପି ଛୋଟ ପିଲାମାନଙ୍କୁ ବ୍ୟବହାର କରୁଛି। ପୂର୍ବରୁ ଖୋର୍ଦ୍ଧା ଜିଲ୍ଲାରେ ଏପରି ଘଟଣା ଦେଖିବାକୁ ମିଳିଥିଲା ଓ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ବିରୋଧରେ ଅଭିଯୋଗ ଆସିଥିଲା। ଏବେ କେନ୍ଦ୍ରାପଡ଼ାରେ ଅନୁରୂପ ଘଟଣା ଦେଖିବାକୁ ମିଳିଛି। ବିଜେପିର ଜାତୀୟ ଉପସଭାପତି ତଥା କେନ୍ଦ୍ରାପଡ଼ାରୁ ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ପ୍ରଚାର ରାଲିରେ ସାନସାନ ପିଲାଙ୍କୁ ବ୍ୟବହାର କରୁଛନ୍ତି। ରାଜ୍ୟରେ ୪୦ ଡିଗ୍ରୀରୁ ଅଧିକ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ ଅମାନବୀୟ ଭାବେ ସାନ ପିଲାଙ୍କୁ ନିର୍ବାଚନ ପ୍ରଚାରରେ ବ୍ୟବହାରକୁ ନିନ୍ଦା କରିଛି ବିଜେଡି। ଏହା ଶିଶୁ ଅଧିକାର ଆଇନ ଓ ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକାର ଉଲ୍ଲଙ୍ଘନ ବୋଲି ଅଭିଯୋଗ ସହ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ନିକଟରେ ବିଜେଡି ଫେରାଦ ହୋଇଛି।



କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ ଟିକନପୁର୍ ପଞ୍ଚାୟତରେ ରବିବାର ବିଜେପି ପ୍ରାର୍ଥୀ ଶ୍ରୀଯୁକ୍ତ ପଣ୍ଡା ନିର୍ବାଚନ ପ୍ରଚାର କରୁଥିଲେ। ତାଙ୍କ ସହ ବିଜେପିର କାର୍ଯ୍ୟକର୍ତ୍ତାମାନେ ମଧ ସାମିଲ ଥିଲେ। ଦିନ ୪.୩୦ ସମୟରେ ପ୍ରାୟ ୧୫ ରୁ ୨୦ ଜଣ ଛୋଟଛୋଟ ପିଲା ଓ ନାବାଳକଙ୍କୁ ପ୍ରଚାରରେ ସାମିଲ କରାଯାଇଥିଲା ଯାହା ଶିଶୁ ଅଧିକାର ଆଇନ୍ ଓ ନିର୍ବାଚନ କମିଶନଙ୍କ ମାର୍ଗଦର୍ଶିକାକୁ ଉଲଙ୍ଘନ କରୁଛି। ରାଜ୍ୟରେ ସମ୍ପ୍ରତି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ପାରଦ ୪୦ ଡିଗ୍ରୀ ଉପରେ ରହୁଛି। ଏହି ସମୟରେ ସୁସ୍ଥ ଲୋକମାନେ ବି ଘରୁ ବାହାରିବାକୁ ଭୟ କରୁଛନ୍ତି। ମାତ୍ର ରାଜ୍ୟ ବିଜେପିର ବଡ଼ ନେତା କୁହାଯାଉଥିବା ବୈଜୟନ୍ତ ସାନସାନ ପିଲାଙ୍କୁ ନିର୍ବାଚନ ପ୍ରଚାରରେ ବ୍ୟବହାର କରୁଛନ୍ତି। ଏହା ପିଲାଙ୍କ ପାଇଁ ଅତ୍ୟନ୍ତ ବିପଦପୂର୍ଣ୍ଣ। ଏହାକୁ ଅନୈତିକ କାର୍ଯ୍ୟ ଦର୍ଶାଇବା ସହ ସେହି ସମୟର ଫଟୋ ଓ ଭିଡିଓ ମଧ ବିଜୁ ଜନତା ଦଳ ପକ୍ଷରୁ ସିଇଓଙ୍କୁ ପ୍ରଦାନ କରାଯାଇଛି। ଛୋଟ ପିଲାଙ୍କୁ ନିର୍ବାଚନୀ ପ୍ରଚାରରେ ବ୍ୟବହାର କରିଥିବା ସମ୍ପୃକ୍ତ ବିଜେପି ନେତାଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତା ବଜାୟ ରଖିବାକୁ ଆଗକୁ ଏପରି କାର୍ଯ୍ୟର ଯେପରି ପୁନରାବୃତ୍ତି ନହୁଏ, ସେଥିପ୍ରତି ଧ୍ୟାନ ଦେବାକୁ ବିଜେଡି ପକ୍ଷରୁ ଅନୁରୋଧ କରାଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଯାଇଥିବା ପ୍ରତିନିଧି ମଣ୍ଡଳୀରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ସସ୍ମିତ ପାତ୍ର, ତୁମ୍ବନାଥ ପଣ୍ଡା, ମିହିର ରାୟ, ଓମ୍ ପ୍ରକାଶ ସାହୁ, ଅମିତ ମଲ୍ଲିକ, ସ୍ୱୟଂ ପ୍ରକାଶ ମହାପାତ୍ର, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ଡ. ପ୍ରିୟବ୍ରତ ମାଝୀ ପ୍ରମୁଖ ସାମିଲ ଥିଲେ।

**ବୈଜୟନ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସିଇଓଙ୍କୁ ଫେରାଦ ହେଲା ବିଜେଡି**

ସମ୍ବଲପୁର ମହାସମର

## ଧର୍ମେନ୍ଦ୍ରଙ୍କ ବିରୋଧରେ ୫ ଅପରାଧିକ ମାମଲା ବିଚାରାଧୀନ

**ସମ୍ବଲପୁର, ୧୫।୪ (ସମିସ):** ଆସନ୍ତା ସାଧାରଣ ନିର୍ବାଚନରେ ସମ୍ବଲପୁର ଲୋକସଭା ପ୍ରାର୍ଥୀ ଭାବରେ ବିଜୁ ଜନତା ଦଳ ତରଫରୁ ପ୍ରଣବ ପ୍ରକାଶ ଦାସ ନିର୍ବାଚନ ଲଢୁଛନ୍ତି। ବିଜେପି ତରଫରୁ ମଇଦାନରେ ଛିଡ଼ା ହୋଇଛନ୍ତି ଧର୍ମେନ୍ଦ୍ର ପ୍ରଧାନ। ଜନତାଙ୍କୁ ଦରକାର ସଚ୍ଚୋଟ ଓ କର୍ମତତ୍ପର ନେତା ଯିଏ ଲୋକଙ୍କ ପାଖରେ ରହି ସୁବିଧା ଅସୁବିଧା ବୁଝିବ। ଭୋଟର ନିହାତି ଜାଣିବା ଦରକାର ଯେ ସେମାନେ ଯେଉଁ ପ୍ରାର୍ଥୀଙ୍କୁ ବାଛିବେ, କେଉଁ ଅପରାଧିକ ମାମଲାରେ ସମ୍ପୃକ୍ତ। ଏହି କ୍ରମରେ ଦେଖିବାକୁ ଗଲେ ସଚ୍ଚୋଟତାର ବାହସ୍ଫୋଟ ମାରୁଥିବା ଧର୍ମେନ୍ଦ୍ର ପ୍ରଧାନଙ୍କ ନାଁରେ ଅପରାଧର ଲମ୍ବା ତାଲିକା ରହିଛି। ବିଜେପି ତରଫରୁ ନିର୍ବାଚନ କମିସନକୁ ଦିଆଯାଇଥିବା ଫର୍ମ-ସି ଅନୁଯାୟୀ, ବିଜେପିର ୨୧ଜଣ ସାଂସଦ ପ୍ରାର୍ଥୀଙ୍କ ମଧ୍ୟରୁ ୧୩ ଜଣଙ୍କ ନାଁରେ ଅପରାଧିକ ମାମଲା ରହିଛି। ସେହି ୧୩ ଜଣଙ୍କ ମଧ୍ୟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଜଣେ। ତାଙ୍କ ନାଁରେ ୫ଟି ଅପରାଧିକ ମାମଲା ବିଚାରଧୀନ ରହିଛି। ତେବେ ଆସନ୍ତା ନିର୍ବାଚନରେ ଏହା ଧର୍ମେନ୍ଦ୍ରଙ୍କ ପାଇଁ ଚିନ୍ତାର କାରଣ ହୋଇପାରେ ବୋଲି ଭୋଟର୍‌ମହଲରେ ଆଲୋଚନା ହେଉଛି।

# ନିୟମ ଭାଙ୍ଗି ନାଲି ଆଖି ଦେଖାଉଛନ୍ତି ଜୁଏଲ୍ ଓରାମ

## ନିର୍ବାଚନ ଅଧିକାରୀଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ଦାବି କଲା ବିଜେଡି

**ଭୁବନେଶ୍ୱର, ୧୫।୪(ସମିସ):** ବିଜେପିର ଜଣକ ପରେ ଜଣେ ନେତା ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ କରି ଚାଲିଛନ୍ତି। ଆଇନକୁ ନାଲି ଆଖି ଦେଖାଇ ଭୋଟରଙ୍କୁ ପ୍ରଭାବିତ କରୁଛନ୍ତି। ସରକାରୀ ଅଧିକାରୀଙ୍କୁ ଧମକ ଦେବା, ସେମାନଙ୍କ ଉପରେ ଚାପ ପକାଇ ବେଆଇନ୍ କାର୍ଯ୍ୟ କରିବା ଲାଗି ବାଧ କରୁଛନ୍ତି। ବିଜେପି ନେତା ଓ ପ୍ରାର୍ଥୀଙ୍କ ଏପରି ଆଚରଣକୁ ନେଇ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ସୁନ୍ଦରଗଡ଼ରେ ବିଜେପି ଲୋକସଭା ପ୍ରାର୍ଥୀ ଜୁଏଲ୍ ଓରାମଙ୍କ ବିରୋଧରେ ବିଜେଡ଼ି ଅଭିଯୋଗ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

ବିଜେଡି ପକ୍ଷରୁ କୁହାଯାଇଛି ଯେ ସୁନ୍ଦରଗଡ଼ର ବିଲେଇଗଡ଼ ସରକାରୀ କଲ୍ୟାଣ ମଣ୍ଡପରେ ଜୁଏଲ୍ ଓରାମ ଓ ରାଜଗାଙ୍ଗପୁର ବିଜେପି ବିଧାୟକ ପ୍ରାର୍ଥୀ ନରସିଂହ ମିଞ୍ଜ ନିୟମ ଭଙ୍ଗ କରି ନିର୍ବାଚନୀ ସଭା ଆୟୋଜନ କରିଥିଲେ। ସ୍ଥାନୀୟ ଲୋକଙ୍କ ବାରଣ ସତ୍ତ୍ୱେ ବିଜେପି ନେତାମାନେ ବିରାଟ ପଟୁଆରରେ ଆସି ସେଠାରେ ପହଞ୍ଚିଥିଲେ।



ପୁନର୍ବାର ସ୍ଥାନୀୟ ଲୋକେ ବିଜେପି ନେତାମାନଙ୍କୁ ତୀବ୍ର ବିରୋଧ କରିବାରୁ ବିଜେପି ନେତାମାନେ କଲ୍ୟାଣ ମଣ୍ଡପରେ ବୈଠକ ବାତିଲ କରିବାକୁ ବାଧ ହୋଇଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ସ୍ଥାନୀୟ ପୁଲିସ ହସ୍ତକ୍ଷେପ କରିଥିଲା। ସରକାରୀ କଲ୍ୟାଣ ମଣ୍ଡପରେ ନିର୍ବାଚନୀ ସଭା ଆୟୋଜନ କରି ଶ୍ରୀ ଓରାମ ନିର୍ବାଚନ ଆଚରଣ ବିଧି ଭଙ୍ଗ କରିଛନ୍ତି। ତେଣୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଆବଶ୍ୟକ। ଯଦ୍ଵାରା ଭବିଷ୍ୟତରେ କେହି ଏପରି ବେଆଇନ୍ କାର୍ଯ୍ୟ କରିବାକୁ ସାହସ କରିବେ ନାହିଁ ଏବଂ ମୁକ୍ତ ତଥା ଅବାଧ ନିର୍ବାଚନ ସୁନିଶ୍ଚିତ ହୋଇପାରିବ। ବିଜେଡିର ଏହି ପ୍ରତିନିଧି ଦଳରେ ସାଂସଦ ସସ୍ମିତ ପାତ୍ର, ସୁଲତା ଦେଓ, ଲେନିନ୍ ମହାନ୍ତି, ପ୍ରିୟବ୍ରତ ମାଝୀ, ମିହିର ରାୟ, ହରିଶ ଚୌଧୂରୀ, ତୁମ୍ବନାଥ ପଣ୍ଡା, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ଓମ୍ ପ୍ରକାଶ ସାହୁ ପ୍ରମୁଖ ସାମିଲ ଥିଲେ।

# ବାର୍‌ହା ମାଂସ ଜବତ; ୭ ଶିକାରୀ ଗିରଫ

**କାମାକ୍ଷାନଗର,୧୫।୪(ସମିସ):** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ବିରାଶାଳ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଦରତୋଟା ନିକଟରୁ ବନ ବିଭାଗ ବାର୍‌ହା ମାଂସ ଜବତ କରିବା ସହ ୭ଜଣ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ, ବାଲିକୁମା ପଞ୍ଚାୟତ ଅନ୍ତର୍ଗତ ଦରତୋଟା ଗ୍ରାମର ସାଗର ମୁଣ୍ଡା ଏବଂ ସମୁ ମୁଣ୍ଡା, ବରଗଜି ଗ୍ରାମର ସନ୍ଦୀପ ସର୍ଦ୍ଦାର, ଜାଗର ସର୍ଦ୍ଦାର, ସୁନା ପୂର୍ତ୍ତି, ଲାଠୁର ମୁଣ୍ଡା ଏବଂ ଶାମ ସର୍ଦ୍ଦାର। ଅଭିଯୁକ୍ତମାନେ ବିରାଶାଳ ସଂରକ୍ଷିତ ଜଙ୍ଗଲରୁ ବାର୍‌ହା ଶିକାର କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ଗିରଫ କରିଛନ୍ତି। ଅଭିଯୁକ୍ତମାନଙ୍କଠାରୁ ବାର୍‌ହା ମାଂସ, ୨ଟି ବାଇକ, ୪ଟି ସାଇକଲ ଜବତ କରାଯାଇଛି। ଦୀର୍ଘ ଦିନ ହେବ ଅଭିଯୁକ୍ତମାନେ ବନ୍ୟଜନ୍ତୁ ଶିକାରରେ ଲିପ୍ତ ରହିଥିଲେ। କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ଅଧିକାରିଣୀଙ୍କ ନିର୍ଦ୍ଦେଶକ୍ରମେ ବନବିଭାଗ ଶିକାରୀମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଆଜି କୋର୍ଟ ଚାଲାଣ କରାଯିବ ବୋଲି ରେଞ୍ଜ ଅଫିସରେ ପ୍ରକାଶ କରିଛନ୍ତି।



## ସମୁଦ୍ରରେ ଛଡ଼ା ହେଲେ ୯୪ଟି ଅଲିଭରିଡଲେ ଶାବକ

**ବାଲିଆପାଳ, ୧୫।୪ (ସମିସ):** ବାଲିଆପାଳ ଥାନା ଅନ୍ତର୍ଗତ ଡଗରା ବେଳାଭୂମିରେ ବନ ବିଭାଗ ଏବଂ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ୯୮ଟି ଅଲିଭରିଡଲେ କଇଁଛ ଅଣ୍ଡାକୁ ବନ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଅସ୍ଥାୟୀ ହେଚରୀରେ ରଖାଯାଇଥିଲା। ସେଥିରୁ ୯୪ଟି ଶାବକକୁ ଆଜି ସମୁଦ୍ରରେ ଛଡ଼ାଯାଇଛି। ବନ ବିଭାଗ କର୍ମଚାରୀ ହୃଷୀକେଶ ପ୍ରଧାନ, କଇଁଛ ଜଗୁଆଳି ଉତ୍ତମ କୁମାର ଖଟୁଆ, ଦୁର୍ଜୟ କରଣ ପ୍ରମୁଖଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ କଇଁଛ ଅଣ୍ଡାଗୁଡ଼ିକ ରଖାଯାଇଥିଲା। ଆଜି ଶାବକଗୁଡ଼ିକୁ ସମୁଦ୍ରରେ ଛଡ଼ାଯିବା ସମୟରେ ଚଉମୁଖ ପଞ୍ଚାୟତର ସମିତି ସଦସ୍ୟ ତଥା ବାଲିଆପାଳ ପଞ୍ଚାୟତ ସମିତି ଉପାଧକ୍ଷ ରାଜେଶ ଚୌଧୁରୀ, ମୁରଲୀ ମହାନ୍ତି, ଗୋପାଳ ଦାସ ପ୍ରମୁଖ ଉପସ୍ଥିତ ରହି ଏହି ଶାବକକୁ ସମୁଦ୍ରରେ ଛାଡ଼ିଥିଲେ। ସୂଚନାଯୋଗ୍ୟ, ବନ ବିଭାଗ ପକ୍ଷରୁ ଚଳିତ ବର୍ଷ ଚୌମୁଖଠାରେ ପ୍ରଥମ କରି କଇଁଛ ଶାବକମାନଙ୍କୁ ସମୁଦ୍ରରେ ଛଡ଼ାଯାଇଛି।

# ବିଜେଡିରେ ମିଶିଲେ ବନ୍ଧୁଗାଁ ବ୍ଲକ ଉପାଧକ୍ଷା ଗୀତାଞ୍ଜଳି

**ଭୁବନେଶ୍ୱର, ୧୫।୪(ସମିସ):** କୋରାପୁଟ ଜିଲ୍ଲା ଅନ୍ତର୍ଗତ ଲକ୍ଷ୍ମୀପୁର ନିର୍ବାଚନମଣ୍ଡଳୀର ବନ୍ଧୁଗାଁ ବ୍ଲକ ଉପାଧକ୍ଷା ଗୀତାଞ୍ଜଳି ପିଡିକାଙ୍କ ସହ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନଠାରେ ବିଜେଡିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବ ସମୟରେ ଲକ୍ଷ୍ମୀପୁର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଭୁ ଜାନି, ବିଜେଡି ସାଧାରଣ ସମ୍ପାଦକ ତଥା ନବରଙ୍ଗପୁର ଜିଲ୍ଲା ପର୍ଯ୍ୟବେକ୍ଷକ ଇଶ୍ୱର ପାଣିଗ୍ରାହୀ, ପୂର୍ବତନ ସାଂସଦ ଝିନ ହିକ୍କା, ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତ ଥିଲେ। ଆଜି କଂଗ୍ରେସ କର୍ମୀମାନଙ୍କ ଯୋଗଦାନ ଫଳରେ ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ବିଜେଡି ନେତାମାନେ କହିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଇଥିବା ଗୀତାଞ୍ଜଳି ପ୍ରକାଶ କରିଛନ୍ତି। ବିଜେଡିରେ ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଏ। ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି ବୋଲି ଉଲ୍ଲେଖ କରି ଦଳର ସଭାପତି ନବୀନ ପଟ୍ଟନାୟକ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଗୀତାଞ୍ଜଳିଙ୍କ ସହ ସମିତିସଭ୍ୟ



ନିଦ୍ରାବତୀ ପିଡିକା, ପ୍ରଦୀପ ବେନ୍ତ, ବଳରାମ ମାଣ୍ଡିଗି, ବାଙ୍ଗୁ ଜାମ୍ବେକା, ସୁଶୀଲ ଗରଡା, ପଣ୍ଡୁ ମେଲେକା, ମକରା ଗଦାରୀ, ଜଗା କୁଲେଶିକା, ନଗେଶ କଦ୍ରକା, ଲକ୍ଷ୍ମୀ ସୌନ୍ତା, ଜାମା ପିଡିକା, କୁମା କନ୍ଦ୍ରକା, ସାମୁଳା କଦ୍ରାକା, କୁମାରା ଜାକକା, ସୁନୀଲ କୁନ୍ତିଶ, ମନୋଜ ମୁଦୁଲି, ସୁଶାନ୍ତ ମୁଦୁଲି, ଲୋକନାଥ ମୁଦୁଲିଙ୍କ ସହ ଶତାଧିକ କର୍ମୀ ବିଜେଡ଼ିରେ ସାମିଲ ହୋଇଛନ୍ତି। ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

■ ହାଇକୋର୍ଟରେ ସ୍କୁଲ ମିଶ୍ରଣ ପ୍ରସଙ୍ଗ

## ପୂର୍ଣ୍ଣାଙ୍ଗ ଶୁଣାଣି ଆରମ୍ଭ

**କଟକ,୧୫।୪(ସମିସ):** ସ୍କୁଲ ମିଶ୍ରଣ ସମ୍ପର୍କିତ ମାମଲାରେ ଜଣିକିଆ ବିଚାରପତିଙ୍କ ରାୟକୁ ଚାଲେଞ୍ଜ କରି ରାଜ୍ୟ ସରକାର ଦାୟର କରିଥିବା ମାମଲାର ପୂର୍ଣ୍ଣାଙ୍ଗ ଶୁଣାଣି ଆଜି ହାଇକୋର୍ଟରେ ଆରମ୍ଭ ହୋଇଛି। ଏହି ମାମଲାର ଶୁଣାଣି ଅସମ୍ପୂର୍ଣ୍ଣ ରହିଥିବା ବେଳେ ଆସନ୍ତାକାଲି ପୁଣି ଶୁଣାଣି ହେବ। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଥାଉକି ଆଜି ରାଜ୍ୟ ସରକାରଙ୍କ ତରଫରୁ ଆଡଭୋକେଟ ଜେନେରାଲ ଅଶୋକ କୁମାର ପରିଜା ଦୀର୍ଘ ଦୁଇ ଘଣ୍ଟାରୁ ଅଧିକ ସମୟ ଧରି ଯୁକ୍ତି ଉପସ୍ଥାପନ କରିଥିଲେ। ସ୍କୁଲ ମିଶ୍ରଣ ନିଷ୍ପତ୍ତି ସାମ୍ବିଧାନିକ ବିଧି ବ୍ୟବସ୍ଥା, ଜାତୀୟ ଶିକ୍ଷାନୀତି ଓ ଶିକ୍ଷା ଅଧିକାର ଆଇନକୁ ଦୃଷ୍ଟିରେ ରଖି ସରକାର ନିଷ୍ପତ୍ତି ନେଇଥିଲେ ବୋଲି ସରକାରଙ୍କ ତରଫରୁ ଦର୍ଶାଯାଇଥିଲା। ସୂଚନାଥାଉକି ସ୍କୁଲ ମିଶ୍ରଣ ସମ୍ପର୍କିତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିଷ୍ପତ୍ତିକୁ ଜଣିକିଆ ବିଚାରପତି ଗତ ୨୦୨୧, ମେ' ୪ରେ ରଦ୍ଦ କରି ଦେଇଥିଲେ।୨୦୨୧, ଜୁଲାଇ ୨୦ରେ ହାଇକୋର୍ଟର ଦୁଇ ଜଣିଆ ବିଚାରପତିଙ୍କ ଖଣ୍ଡପୀଠ ସରକାରଙ୍କ ରିଟ୍ ଅପିଲର ଶୁଣାଣି କରି ଜଣିକିଆ ବିଚାରପତିଙ୍କ ରାୟ ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ। ପ୍ରତିପକ୍ଷଙ୍କ ତରଫରୁ ଆସନ୍ତାକାଲି ଯୁକ୍ତି ଉପସ୍ଥାପନ କରାଯିବ। ପ୍ରତିପକ୍ଷଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ଗୌତମ ମିଶ୍ର ଓ ଆଇନଜୀବୀ ଅମୀୟ କୁମାର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

# ଚିକିଟିରେ ଭୃଗୁ ଓ ଶ୍ରୀରୂପଙ୍କ ପ୍ରଚାର

**ବ୍ରହ୍ମପୁର, ୧୫।୪ (ସମିସ):** ବିଜେଡି ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ସୋମବାର ଚିକିଟି ଗସ୍ତ କରି ନିର୍ବାଚନୀ ପ୍ରଚାର କରିଛନ୍ତି। ତାଙ୍କ ସହ ବିଧାୟକ ପ୍ରାର୍ଥୀ ତଥା ଚିକିଟି ଯୁବରାଜ ଚିନ୍ମୟାନନ୍ଦ ଶ୍ରୀରୂପ ଦେବ ମଧ ଉପସ୍ଥିତ ରହି ପ୍ରଚାର କରିଥିଲେ। ହଜାର ହଜାର ସଂଖ୍ୟାରେ କର୍ମୀ ଓ ଜନସାଧାରଣଙ୍କ ଗହଣରେ ଉଭୟ ପିତାତଳି ଛକଠାରୁ ଏକ ବିରାଟ ପଟୁଆରରେ ବାହାରି ଧାନଘର ଓ ସେଠାରୁ ଚିକିଟିରେ ପହଞ୍ଚିଥିଲେ। ଶୋଭାଯାତ୍ରା ଯିବା ବାଟରେ ଆତସବାଜୀ ସହିତ ଉଭୟ ପ୍ରାର୍ଥୀଙ୍କୁ ମହିଳା ଓ ସ୍ଥାନୀୟ ଜନସାଧାରଣ ଫୁଲ ପକାଇ ସ୍ୱାଗତ କରିଥିଲେ। ଶୋଭାଯାତ୍ରା ଚିକିଟି ରାଜବାଟୀରେ ପହଞ୍ଚିବା ପରେ ସେଠାରେ ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଓ ବିଧାୟକ ପ୍ରାର୍ଥୀ ତଥା ଚିକିଟି ଯୁବରାଜ ଶ୍ରୀରୂପ ଦେବ ଚିକିଟି ରାଜା ତଥା ପାଟଦେଓ ତ୍ରିଗୁଣାତିତ ଦେବ ଓ ରାଣୀ ତଥା ମନ୍ତ୍ରୀ ଉଷା ଦେବୀଙ୍କଠାରୁ ଆଶୀର୍ବାଦ ଗ୍ରହଣ କରିଥିଲେ। ପରେ ପାତ୍ରପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ବାପୁଜୀ ବିଶୋୟୀଙ୍କ ସଭାପତିତ୍ୱରେ ଏକ ନିର୍ବାଚନୀ ସଭା ଆୟୋଜିତ ହୋଇଥିଲା। ସଭାରେ ଚିକିଟିରୁ କ୍ରମାଗତ ଭାବେ ବିଜୟୀ ହୋଇଥିବା ରାଣୀ ତଥା ମନ୍ତ୍ରୀ ଉଷା ଦେବୀଙ୍କ ସମେତ ପୂର୍ବତନ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା ତଥା ବରିଷ୍ଠ ବିଜେଡି



ନେତ୍ରୀ ଲୋପାମୁଦ୍ରା ବକ୍ସିପାତ୍ର, ପାତ୍ରପୁର ବ୍ଲକ ବିଜେଡି ସଭାପତି ରାମନାଥ ପାଣିଗ୍ରାହୀ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ରାଜଗୁରୁ, ଚିକିଟି ପୂର୍ବତନ ବ୍ଲକ ଅଧ୍ୟକ୍ଷ ଏମ. ନାଗରାଜୁ, ସୁରେନ୍ଦ୍ରନାଥ ମଣ୍ଡଳ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଉଦୟନାଥ ପ୍ରଧାନ, ବିସିସି ବ୍ୟାଙ୍କ ନିର୍ଦ୍ଦେଶକ ଡି. ସଞ୍ଜୀବ ରାଓ ପ୍ରମୁଖ ମଞ୍ଚାସୀନ ଥିଲେ।

ତେବେ ରାଜ ପରିବାର ସହିତ ଲୋକଙ୍କର ଥିବା ଅତୁଟ ଆସ୍ଥା ଓ ସ୍ନେହ ଆଗକୁ ଯେଭଳି ବଜାୟ ରହିବ ସେଥିପାଇଁ ନିଜ ସ୍ଥାନରେ ପ୍ରାର୍ଥୀ ହୋଇଥିବା ଯୁବରାଜ ଶ୍ରୀରୂପ ଦେଓଙ୍କୁ ଓ ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ରଙ୍କୁ ଚଳିତ ନିର୍ବାଚନରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ରାଣୀ ଉଷା ଦେବୀ ନିବେଦନ କରିଥିଲେ। ବିଜେଡିର ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଦୁଇଟି ଶଙ୍ଖ ଚିହ୍ନରେ ଅର୍ଥାତ୍ ଡବଲ୍ ଶଙ୍ଖରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ ଭୃଗୁ। ଶେଷରେ ପିତାତଳି ସରପଞ୍ଚ ଏ.ରାଙ୍ଗାରାଓ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆୟୋଜିତ ମିଶ୍ରଣ ପର୍ବରୁ ବିଜେପିର ବହୁ ନେତା, କର୍ମୀ ଓ ମନୁ ସେନାର କର୍ମକର୍ତ୍ତା ଦଳ ଓ ସଙ୍ଗଠନ ଛାଡି ବିଜେଡିରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ଦଳ ପକ୍ଷରୁ ଉପଢ଼ୌକନ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ପୂର୍ବତନ ଜିଲ୍ଲା ମହିଳା ମୋର୍ଚ୍ଚା ସମ୍ପାଦିକା ମନୋରମା ପ୍ରଧାନ, ଜିଲ୍ଲା ଏସ୍‌ସି/ଏସ୍‌ଟି ମୋର୍ଚ୍ଚା ସମ୍ପାଦିକା ନଗମା ରାଓ, ଜୟନ୍ତୀପୁର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ରନାଥ ପଣ୍ଡା, ବିଜେପି ଯୁବ ମୋର୍ଚ୍ଚା ପାତ୍ରପୁର ମଣ୍ଡଳ ସଭାପତି ସରୋଜ କୁମାର ପଣ୍ଡା, ଦିଲ୍ଲୀପ ପ୍ରଧାନ, ଚିନ୍ମୟ ପଣ୍ଡା, ହରିଓଁ ପାଢ଼ୀ, ତୁମ୍ବା ପଞ୍ଚାୟତର ସୁରଡାର ସୁବାସ ଶବର ଓ ରାମଚନ୍ଦ୍ର ଶବର ପ୍ରମୁଖ ବିଜେପି ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଥିଲେ।

**ମିଶ୍ରଣ ପର୍ବରେ ସାମିଲ ହେଲେ ବିଜେପିର ବହୁ ନେତା, କର୍ମୀ**

## ପାରାଦୀପ ନିର୍ବାଚନମଣ୍ଡଳୀ

# ଗୀତାଞ୍ଜଳିଙ୍କୁ ଟକ୍କର୍ ଦେବ କିଏ?

**ପାରାଦୀପ, ୧୫ ।୪ (ସମିସ):** ଜଗତସିଂହପୁର ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ବିଧାନସଭା ଆସନ ପାରାଦୀପ ଗତ କିଛି ବର୍ଷ ଧରି ବିଜୁ ଜନତା ଦଳ କବ୍‌ଜାରେ ରହି ଆସିଛି । ବରିଷ୍ଠ ନେତା ଡଃ ଦାମୋଦର ରାଉତ ୨୦୦୯ ଓ ୨୦୧୪ରେ ନବଗଠିତ ପାରାଦୀପ ନିର୍ବାଚନମଣ୍ଡଳୀରୁ ଲଗାତାର ଦୁଇଥର ନିର୍ବାଚନ ଲଢ଼ି ଜିତିଥିଲେ । ୨୦୧୯ରେ ତାଙ୍କ ପୁଅ ସମ୍ବିତ ରାଉତରାୟ ନିର୍ବାଚନ ଲଢ଼ି ବିଜୟୀ ହୋଇଥିଲେ । ଏବେ ଡଃ ରାଉତଙ୍କ ବୋହୂ ଗୀତାଞ୍ଜଳିଙ୍କୁ ଦଳ ମଇଦାନକୁ ଓହ୍ଲାଇ ମହିଳା କାର୍ଡ ଖେଳିଛି । ତେବେ ଗୀତାଞ୍ଜଳିଙ୍କୁ ଆସନ୍ତା ନିର୍ବାଚନରେ କିଏ ଟକ୍କର ଦେବ, ତାକୁ ନେଇ ସବୁଠି ଚର୍ଚ୍ଚା ।



ବିଧାୟକ ପ୍ରାର୍ଥୀ ଭାବେ ଗୀତାଞ୍ଜଳି ନୂଆ ମୁହଁ ହୋଇଥିଲେ ହେଁ ନିର୍ବାଚନ ଗୋଟି ଚାଳନାରେ ତାଙ୍କର ଅନେକ ଅଭିଜ୍ଞତା ରହିଛି । ଗତ ନିର୍ବାଚନରେ ସେ ନିଜ ସ୍ୱାମୀ ସମ୍ବିତ ରାଉତରାୟଙ୍କ ସହ ପ୍ରଚାର ମଇଦାନକୁ ଓହ୍ଲାଇଥିଲେ । ପାରାଦୀପ ମ୍ୟୁନିସିପାଲିଟି ସମେତ ୩୬ଟି ପଞ୍ଚାୟତ ବୁଲି ଭୋଟ୍ ଭିକ୍ଷା କରିଥିଲେ । ତେଣୁ ସେତେବେଳଠୁ ସେ ସମ୍ବିତଙ୍କ ସହଧର୍ମିଣୀ ତଥା ଦାମବାବୁଙ୍କ ବୋହୂ ଭାବେ ପାରାଦୀପରେ ଜଣେ ପରିଚିତ ଚେହେରା । ଅପରପକ୍ଷେ ୨୦୧୪ ଓ ୨୦୧୯ରେ ବିଜେଡିକୁ ଟକ୍କର୍ ଦେଇ ଆସୁଥିବା ଅରିନ୍ଦମ ସର୍ଖେଲ ଓରଫ୍ ବାପି କଂଗ୍ରେସ ଶିବିର ଛାଡ଼ି ସାରିଛନ୍ତି । ତାଙ୍କ ପତ୍ନୀ ମୋନିଦୀପା ସର୍ଖେଲ ଏବେ ବିଜେଡି ଶିବିରରେ । କଂଗ୍ରେସ ସେଠାରେ ପ୍ରାର୍ଥୀ ସଂକଟ ଦେଇ ଗତି କରୁଥିବା ବେଳେ ରବିବାର ଜଣେ ନୂଆ ମୁହଁ ନିରଞ୍ଜନ ନାୟକଙ୍କୁ ମଇଦାନକୁ ଛାଡ଼ିଛି । କିନ୍ତୁ ଏତେ କମ୍ ସମୟ ମଧ୍ୟରେ ସଂଗଠନକୁ ସଜାଡ଼ି ଗୀତାଞ୍ଜଳିଙ୍କୁ ଟକ୍କର୍ ଦେବା ତାଙ୍କ ପାଇଁ କଷ୍ଟକର ବ୍ୟାପାର ହେବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି । ଅପରପକ୍ଷେ ବିଜେପିର ଏଠାରେ ସଂଗଠନ ମଧ୍ୟ ଦୁର୍ବଳ ରହିଛି । ଗତଥର ବିଜେପି ପ୍ରାର୍ଥୀ ସମ୍ପଦ ସ୍ୱାଇଁ ଏଠାରେ ତୃତୀୟ ସ୍ଥାନରେ ସନ୍ତୁଷ୍ଟ ହୋଇଥିବା ବେଳେ ଦଳ ତାଙ୍କ ଉପରେ ପୁଣି ଭରସା କରିଛି । ତେଣୁ ବିରୋଧୀଙ୍କ ଏହି ସବୁ ଦୁର୍ବଳତାରୁ ଫାଇଦା ନେଇ ଅଧିକରୁ ଅଧିକ ଭୋଟ୍ ବ୍ୟବଧାନରେ ଜିତିବା ପାଇଁ ଗୀତାଞ୍ଜଳି ରଣନୀତି ଆରମ୍ଭ କରିଦେଇଛନ୍ତି । ଅପରପକ୍ଷେ ନିକଟରେ ବରିଷ୍ଠ ନେତା ତଥା ଶ୍ୱଶୁର ଡଃ ଦାମୋଦର ରାଉତଙ୍କ ବିୟୋଗ ହୋଇଥିବାରୁ ଗୀତାଞ୍ଜଳିଙ୍କ ସପକ୍ଷରେ ଅନୁକମ୍ପା ଭୋଟ୍ ଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇନପାରେ ।

# ଧର୍ମଗଡ଼ ନିର୍ବାଚନମଣ୍ଡଳୀ ବିଜେଡିର ହସ୍ତମୁଦି ମାହାଲ

## ମୈଦାନରେ ପୁଷ୍ପେନ୍ଦ୍ର, ରଶ୍ମିରେଖା ଓ ସୁଧୀର

**କୋକସରା,୧୫ ।୪(ସମିସ):** ନିର୍ବାଚନ ପରିପ୍ରେକ୍ଷୀରେ ଧର୍ମଗଡ଼ ବିଧାନସଭା ଆସନ ଚଳଚଞ୍ଚଳ ହୋଇଉଠିଛି । ଗତ ଦୁଇ ଦଶନ୍ଧି ଧରି ଏହି ନିର୍ବାଚନମଣ୍ଡଳୀ ବିଜେଡିର ହସ୍ତମୁଦି ମାହାଲ ହୋଇଛି । ୨୦୦୦ ମସିହାରୁ ବର୍ତ୍ତମାନ ସୁଦ୍ଧା ବିଜେଡି ହାତରେ ରହିଛି ଏହି ନିର୍ବାଚନମଣ୍ଡଳୀ । ତେଣୁ ଏଥର ବି ଯେମିତି ଗଡ଼ ଅକ୍ଷୁଣ୍ଣ ରହିବ, ସେନେଇ ଦଳ ସମସ୍ତ ପ୍ରୟାସ କରିବ । ଏଥରକ ଧର୍ମଗଡ଼ ବିଧାନସଭା ଆସନରେ ବିଜେଡି ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ପ୍ରାର୍ଥୀ କରିଛି । ତାଙ୍କ ବିପକ୍ଷରେ କଂଗ୍ରେସର ରଶ୍ମିରେଖା ରାଉତ ଓ ବିଜେପିର ସୁଧୀର ରଞ୍ଜନ ପାଟଯୋଶୀଙ୍କୁ ମଇଦାନରେ ଅବତୀର୍ଣ୍ଣ କରାଇଛି । ସେମାନେ ବିଜେଡିର ଏହି ଅଭେଦ୍ୟ ଗଡ଼କୁ ଭେଦିବା ପାଇଁ ଗୋଟିଚାଳନା ଆରମ୍ଭ କରିଦେଇଛନ୍ତି । ପ୍ରାର୍ଥୀ ଘୋଷଣା ହେବା ପରେ ତିନି ପ୍ରମୁଖ ଦଳର ପ୍ରାର୍ଥୀମାନେ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳକୁ ଯାଇ କର୍ମୀ ଓ ସାଧାରଣ ଜନତାଙ୍କୁ ଭେଟି ନିଜ ଦଳର ଆଭିମୁଖ୍ୟ ବିଷୟରେ ବିଶଦ୍ ସୂଚନା ଦେଉଥିବା ଦେଖାଯାଉଛି । ଓଡ଼ିଶାର ପ୍ରଥମ ପର୍ଯ୍ୟାୟ ଅର୍ଥାତ୍ ମେ' ୧୩ରେ କଳାହାଣ୍ଡି ଲୋକସଭା ସମେତ ୭ ଗୋଟି ବିଧାନସଭା ଆସନରେ ଭୋଟ ଗ୍ରହଣ କରାଯିବ । ତେଣୁ ଖରା ତାତି ସହ ତାଳ ଦେଇ ଜିଲ୍ଲାରେ ନିର୍ବାଚନୀ ପାରଦ ଉପରମୁହାଁ ହୋଇଚାଲିଛି । ଅପରପକ୍ଷେ,







ପ୍ରାର୍ଥୀ ଓ ସମ୍ପୃକ୍ତ ଦଳମାନଙ୍କ ମାନଦଣ୍ଡକୁ ନେଇ ଜନତାଙ୍କ ମଧ୍ୟରେ ହିସାବ ନିକାଶ ଆରମ୍ଭ ହୋଇଯାଇଛି । ତେଣୁ ଏଥର ନିର୍ବାଚନ ବେଶ୍ ରୋଚକ ହେବ ବୋଲି କୁହାଯାଉଛି ।

ମୁଖ୍ୟମନ୍ତ୍ରୀଙ୍କ ଜନହିତକର ଯୋଜନା ଓ ଧର୍ମଗଡ଼ ନିର୍ବାଚନମଣ୍ଡଳୀ କ୍ଷେତ୍ରର ବିକାଶମୂଳକ କାର୍ଯ୍ୟସୂଚୀକୁ ନେଇ ତୃଣମୂଳ ସ୍ତରରେ ପହଞ୍ଚାଇବାକୁ ବିଜେଡି ପ୍ରୟାସ ଆରମ୍ଭ କରିଦେଇଛି । ଧର୍ମଗଡ଼ଠାରେ ୪୯ଲକ୍ଷ ଗ୍ୟାଲନ କ୍ଷମତା ବିଶିଷ୍ଟ ପାନୀୟ ଜଳ ପ୍ରକଳ୍ପ, ଆଇଟିଆଇ, ଇଣ୍ଡୋର୍ ଷ୍ଟାଡିୟମ୍, ବିଭିନ୍ନ ସ୍କୁଲ ଓ କଲେଜର ରୂପାନ୍ତରଣ, ଲକ୍ଷ୍ମୀ ବସ୍ ଚଳାଚଳ, ବିଜୁ ଏକ୍ସପ୍ରେସ, ପ୍ରାକ୍ ଐତିହାସିକ ଯୁଗର ସ୍ୱାକ୍ଷର ବହନ କରୁଥିବା ଗୁଡ଼ହାଣ୍ଡି ଡୋକରି ଚଞ୍ଚରା, କରକ୍ ଭଳି ଐତିହାସିକ ପର୍ଯ୍ୟଟନସ୍ଥଳୀର ବିକାଶ, ବସ୍ ଷ୍ଟାଣ୍ଡ ସମେତ ଅନେକ ପ୍ରକଳ୍ପ ନିର୍ମାଣ ହୋଇଛି । ଏହାସହ ପ୍ରତ୍ୟେକ ଗାଁକୁ ରାସ୍ତା ବିଜୁଳୀ ପାନୀୟଜଳ ବ୍ୟବସ୍ଥା ହୋଇଛି । ସେହିପରି ଚାଷ ଓ ଚାଷୀଙ୍କ କୃଷି ଜଳସେଚନ ପାଇଁ ୭୨କିମି କେନାଲ ଓ ୧ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କା ବ୍ୟୟରେ ଉଠାଜଳସେଚନ ପ୍ରକଳ୍ପ, ଗମନାଗମନ ପାଇଁ ଚାରି ଲେନ୍ ବିଶିଷ୍ଟ ବିଜୁ ଏକ୍ସପ୍ରେସ୍ ୱେ ଯାହା ଧର୍ମଗଡ଼ ନିର୍ବାଚନମଣ୍ଡଳୀକୁ ଏକ ବିକାଶ ପଥରେ ଆଗେଇ ନେଇଛି । ବିକାଶର ଏହି ବାର୍ତ୍ତାକୁ ନେଇ ବିଜେଡି କର୍ମୀ ଓ ନେତାମାନେ ଲୋକଙ୍କ ପାଖରେ ପହଞ୍ଚି ଭୋଟ୍ ମାଗୁଥିବା ନଜରକୁ ଆସୁଛି । ସେପଟେ ବିଜେପି ମୋଦି ହାୱା ଓ କଂଗ୍ରେସ ପରିବର୍ତ୍ତନର ନାରା ଦେଇ ନିର୍ବାଚନୀ ବୈତରଣୀ ପାର୍ ହେବା ଲକ୍ଷ୍ୟରେ ରହିଛନ୍ତି । ବର୍ତ୍ତମାନ ନିବାଚନ ମୈଦାନକୁ ଓହ୍ଲାଇ ଲୋକଙ୍କ ନିକଟତର ହେଉଛନ୍ତି ତିନି ଦଳର ପ୍ରାର୍ଥୀ ।

ବିଭିନ୍ନ ସ୍ଥାନରେ ରୋଡ୍ ଶୋ', କର୍ମୀ ସମ୍ମିଳନୀ, ସାଧାରଣ ସଭା ଆଦି ଅନୁଷ୍ଠିତ ହେବା ଦେଖାଦେଇଛି । ତେବେ ନାମାଙ୍କନପତ୍ର ଦାଖଲ ପରେ ଧର୍ମଗଡ଼ ନିର୍ବାଚନର ରାଜନୈତିକ ପାଣିପାଗ ଆହୁରି ସରଗରମ ହେବ ବୋଲି ଆକଳନ କରାଯାଉଛି ।

ସୂଚନାଯୋଗ୍ୟ, ୧୯୫୭ରେ ସ୍ଥାପିତ ହୋଇଥିବା ଧର୍ମଗଡ଼ ନିର୍ବାଚନମଣ୍ଡଳୀ କଳମପୁର, ଧର୍ମଗଡ଼, କୋକସରା ଓ ଜୟପାଟଣା ବ୍ଲକର ୪ଗୋଟି ପଞ୍ଚାୟତକୁ ନେଇ ଗଠିତ । ଏହି ନିର୍ବାଚନମଣ୍ଡଳୀରେ ଭୋଟର ସଂଖ୍ୟା ୨ ଲକ୍ଷ ୫୯ ହଜାର ୮୯୮ ରହିଥିବା ବେଳେ ୧ଲକ୍ଷ ୩୧ହଜାର ୪୩ଜଣ ପୁରୁଷ ଭୋଟର ଓ ୧ଲକ୍ଷ ୨୮ ହଜାର ୮୪୯ଜଣ ମହିଳା ଭୋଟର ରହିଛନ୍ତି । ସେହିପରି ତୃତୀୟ ଲିଙ୍ଗ ଭୋଟର ୬ଜଣ ଅଛନ୍ତି । ଧର୍ମଗଡ଼ରେ ମୋଟ ୧୫ଟି ସାଧାରଣ ନିର୍ବାଚନ ହୋଇସାରିଥିବା ବେଳେ ଚଳିତଥର ୧୬ତମ ନିର୍ବାଚନର ସାମ୍ନା କରିବ ଏହି ବିଧାନସଭା କ୍ଷେତ୍ର ।

## କେନ୍ଦୁଝରର କଂଗ୍ରେସରେ ବିଦ୍ରୋହ

# ମୋହନ ହେମ୍ବ୍ରମଙ୍କ ପ୍ରାର୍ଥିତ୍ୱକୁ ବିରୋଧ କରି ସାମୂହିକ ଇସ୍ତଫା

**କେନ୍ଦୁଝର, ୧୫ ।୪ (ସମିସ):** ଘରେ ନ ପଶୁଣୁ ଚାଳ ବାଜିଲାଣି । ପ୍ରାର୍ଥୀ ଘୋଷଣା ହେଉହେଉ କଂଗ୍ରେସରେ ବିଦ୍ରୋହ । ଲୋକସଭା ପ୍ରାର୍ଥୀଙ୍କୁ ବିରୋଧ କରି ସମୂହ ଇସ୍ତଫା । ଆଜି ଏମିତି ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା କଂଗ୍ରେସରେ । ଆସନ୍ତା ସାଧାରଣ ନିର୍ବାଚନ ପାଇଁ କେନ୍ଦୁଝର ଲୋକସଭା ପାଇଁ କଂଗ୍ରେସ ମୋହନ ହେମ୍ବ୍ରମଙ୍କ ନାମ ଘୋଷଣା କରିବା ପରେ ତାଙ୍କ ପ୍ରାର୍ଥିତ୍ୱକୁ ଜିଲ୍ଲା କଂଗ୍ରେସ ତରଫରୁ ପ୍ରବଳ ବିରୋଧ କରାଯାଇଛି । ସୋମବାର ସ୍ଥାନୀୟ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟିର ସଭାପତି, ପିସିସି କର୍ମକର୍ତ୍ତା, ଜିଲ୍ଲା କର୍ମକର୍ତ୍ତା, ଜିଲ୍ଲା ଛାମୁଆ ସଂଗଠନର ସଭାପତି ବୃନ୍ଦ, ବ୍ଲକ କଂଗ୍ରେସ ସଭାପତି ବୃନ୍ଦ ଏବଂ ବରିଷ୍ଠ କଂଗ୍ରେସ ନେତୃମଣ୍ଡଳୀ ଉପସ୍ଥିତ ହୋଇ ସେମାନଙ୍କର ଅସନ୍ତୋଷ ବ୍ୟକ୍ତ କରିବା ସହ ପଦବୀରୁ ଇସ୍ତଫା ଦେଇଛନ୍ତି । ବର୍ତ୍ତମାନ ପରିସ୍ଥିତିରେ କେନ୍ଦୁଝର ଜିଲ୍ଲା କଂଗ୍ରେସ କମିଟିକୁ ସମ୍ପୂର୍ଣ୍ଣ ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଅଣଦେଖା ଓ ଅବହେଳା କରୁଥିବା ଅଭିଯୋଗ କରି ଏହି ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା । ଏଥିରେ ଅଭିଯୋଗ କରାଯାଇଥିଲା ଯେ ଜିଲ୍ଲାର ଦୁଇ ପୁରୁଖା ନେତା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଏବଂ ଜୟଦେବ ଜେନାଙ୍କୁ ନ ପଚାରି କିମ୍ବା ଜିଲ୍ଲା କଂଗ୍ରେସ କମିଟି ସୁପାରିସକୁ ଗ୍ରହଣ ନ କରି ଆଗାମୀ ସାଧାରଣ ନିର୍ବାଚନରେ ପିସିସି ମୋହନଙ୍କୁ ପିସିସି ପ୍ରାର୍ଥୀ କରିଛି । ମୋହନ ଗତ ୫ବର୍ଷ ହେଲା ଜିଲ୍ଲା କଂଗ୍ରେସର କିଛି ବି କାର୍ଯ୍ୟ କରିନାହାନ୍ତି କିମ୍ବା ଦିନଟିଏ ବି କେନ୍ଦୁଝର ଜିଲ୍ଲା ସଂଗଠନ ବାବଦରେ ଆଲୋଚନା କରିନାହାନ୍ତି । ହଠାତ୍ ଏଭଳି ଜଣେ ବ୍ୟକ୍ତିଙ୍କୁ ଲୋକସଭା ପ୍ରାର୍ଥୀ କରାଯିବା ଜିଲ୍ଲା କଂଗ୍ରେ କର୍ମୀଙ୍କୁ ଆଘାତ ଦେଇଛି । ଆଲୋଚନା ନ କରି ଓ ମନମୁଖୀ ଭାବେ ପ୍ରାର୍ଥୀ ଘୋଷଣା କରିବା ଓ ଜିଲ୍ଲା କଂଗ୍ରେସକୁ ଗୁରୁତ୍ୱ ନ ଦେବା ଏକ ସନ୍ଦେହଜନକ ବିଷୟ । ଏହାଦ୍ୱାରା କଂଗ୍ରେସର ବିରାଟ କ୍ଷତି ହେବା ସହ ଭବିଷ୍ୟତ ଅନ୍ଧାରମୟ ହେବାକୁ ଯାଉଛି ବୋଲି ସେମାନେ ଅଭିଯୋଗରେ କହିଛନ୍ତି । ଏହାସହ ମୋହନଙ୍କ




ସେମାନଙ୍କ କହିବାନୁସାରେ, ଗତ ଏପ୍ରିଲ ୪ ତାରିଖରେ ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ପିସିସି ସଭାପତି ଶରତ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରିଥିଲେ । ଶ୍ରୀ ପଟ୍ଟନାୟକ ପ୍ରତିଶ୍ରୁତି ଦେଇଥିଲେ ଯେ ଜିଲ୍ଲା ସଭାପତି ଓ ଦୁଇ ବରିଷ୍ଠ ନେତାଙ୍କ ସହିତ ଆଲୋଚନା ହୋଇ ସବୁକଥା ନିଷ୍ପତ୍ତି ନିଆଯିବ । କିନ୍ତୁ ପିସିସି ସଭାପତି ଓ ଓଡ଼ିଶା ପ୍ରଭାରୀ ଡ. ଅଜୟ କୁମାର ମନମୁଖୀ କାର୍ଯ୍ୟ କରି କେନ୍ଦୁଝର କଂଗ୍ରେସ ପ୍ରତି ଘୋର ଅନ୍ୟାୟ କରିଥିବା ସେମାନେ ଅଭିଯୋଗ କରିଛନ୍ତି । ଦୁଇ ବରିଷ୍ଠ ନେତୃତ୍ୱଙ୍କ ସହିତ ବଦଳରେ ଜିଲ୍ଲା କମିଟି ସୁପାରିସ୍ କରିଥିବା ପ୍ରାର୍ଥୀଙ୍କୁ ଟିକଟ ଦେବାକୁ ସେମାନେ ଦାବି କରିଛନ୍ତି ।

ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ନେତୃବୃନ୍ଦ କହିଛନ୍ତି ଯେ ଦଳରେ ଶୃଙ୍ଖଳିତ କର୍ମୀ ହିସାବରେ ରହିବୁ । କିନ୍ତୁ ନୈତିକତା ଦୃଷ୍ଟିରୁ ସାମୂହିକ ଭାବେ ନିଜ ନିଜ ପଦବୀରୁ ଇସ୍ତଫାପତ୍ର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଓ ଅଖିଳ ଭାରତ କଂଗ୍ରେସ କମିଟିକୁ ପ୍ରଦାନ କରିଛୁ । ଇସ୍ତଫା ପ୍ରଦାନ କରିଥିବା କର୍ମକର୍ତ୍ତାଙ୍କ ମଧ୍ୟରେ ଅଛନ୍ତି ଜିଲ୍ଲା କଂଗ୍ରେସ ସଭାପତି ମୋହନ ପରିଡ଼ା, ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ନିକୁଞ୍ଜ ବିହାରୀ ମିଶ୍ର, ପିସିସି ସମ୍ପାଦକ ସଂଗ୍ରାମ ଦାସ, ରାଜ୍ୟ ମହିଳା କଂଗ୍ରେସ ଉପ ସଭାନେତ୍ରୀ ସଙ୍ଗୀତା ସିଂହ, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜିଲ୍ଲା ପଛୁଆବର୍ଗ କଂଗ୍ରେସ ସଭାପତି ଯଦୁମଣି ବାରିକ, ଜିଲ୍ଲା ଆଦିବାସୀ କଂଗ୍ରେସ ସଭାପତି ଇଂ.ବିନୋଦ ବିହାରୀ ନାଏକ, ଜିଲ୍ଲା କୃଷକ କଂଗ୍ରେସ ସଭାପତି ଦିଲ୍ଲୀପ କୁମାର ସାହୁ, ଜିଲ୍ଲା ସେବାଦଳ କଂଗ୍ରେସ ସଭାପତି ବୀରଭଦ୍ର ମହାନ୍ତ, ଜିଲ୍ଲା ସୋସିଆଲ କଂଗ୍ରେସ ମିଡ଼ିଆ ଅଧକ୍ଷ ସୁଢ଼ଳ କୁମାର ସେଠୀ, ଜିଲ୍ଲା ଦଳିତ କଂଗ୍ରେସ ସଭାପତି ରମାକାନ୍ତ ପାତ୍ର, ରାଜୀବ ଗାନ୍ଧୀ ପଞ୍ଚାୟତରାଜ ସଂଗଠନ ଜିଲ୍ଲା ସଭାପତି ସୁଦର୍ଶନ ପାଇକରାୟ, ଜିଲ୍ଲା ମିଡ଼ିଆ ଅଧକ୍ଷ ଦିଲୀପ କୁମାର ସାହୁ, ଜିଲ୍ଲା ଉପସଭାପତି ସୁରଥ ସାହୁ, ଦେବେନ୍ଦ୍ର ନାଥ ନାଏକ, ରାଜ୍ୟ ଦଳିତ କଂଗ୍ରେସ ଉପସଭାପତି ସୁରେଶ କୁମାର ଜେନା, ପିସିସି ସଦସ୍ୟ ଶ୍ରୀଧର ଦଳେଇ, ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମଣ ମହାନ୍ତ, ଶଶୀକାନ୍ତ ଧୀର, ମୁକୁନ୍ଦ ମହାନ୍ତ, ଶତ୍ରୁଘ୍ନ ସିଂହ ଓ କଂଗ୍ରେସ ନେତା ପ୍ରମୋଦ ବେହେରା, ସଦାଶିବ ମହାନ୍ତ, ବିଜୟ କୁମାର ରଣା, ଆର୍ତ୍ତତ୍ରାଣ ଦାସ ଓ ମୁରଲୀଧର ବେହେରା ପ୍ରମୁଖ ।

## ଜୁନାଗଡ଼ରେ ଏଥର ତ୍ରିମୁଖୀ ଲଢ଼େଇ

# କଡ଼ା ଟକ୍କର୍ ଦେବାକୁ ବିଜେଡିର କ୍ୟାପ୍‌ଟେନ୍‌ଙ୍କ ସଜବାଜ

**ଗୋଲାମୁଣ୍ଡା,୧୫ ।୪ (ସମିସ):** ଜୁନାଗଡ଼ ବିଧାନସଭା କ୍ଷେତ୍ରକୁ ନେଇ ରାଜନୈତିକ ପାଣିପାଗ ଦିନକୁ ଦିନ ଉଷ୍ମ ହେବାରେ ଲାଗିଛି । ଏହି ବିଧାନସଭା କ୍ଷେତ୍ର ପାଇଁ ତିନି ପ୍ରମୁଖ ଦଳ ବିଜେଡି, ବିଜେପି ଓ କଂଗ୍ରେସ ନିଜ ନିଜର ପ୍ରାର୍ଥୀ ଘୋଷଣା କରି ସାରିଛି । ବିଜେଡିରୁ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ବିଜେପିରୁ ମନୋଜ ମେହେର ଓ କଂଗ୍ରେସରୁ ତୁଳେଶ୍ୱର ନାଏକ ନିର୍ବାଚନ ମୈଦାନରେ ଅବତୀର୍ଣ୍ଣ ହୋଇଛନ୍ତି । ୨୦୧୯ ସାଧାରଣ ନିର୍ବାଚନରେ ବିଜେଡିରୁ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଓ ବିଜେପିରୁ ମନୋଜ ମେହେରଙ୍କ ମଧ୍ୟରେ କଡ଼ା ମୁକାବିଲା ହୋଇଥିଲା । ବିଜେଡି ପ୍ରାର୍ଥୀ ଦିବ୍ୟଶଙ୍କର ୮୩, ୭୮୯ ଭୋଟ ପାଇ ବିଜୟୀ ହୋଇଥିଲେ । ତାଙ୍କ ଭୋଟ ହାର ୪୫.୮୩ ପ୍ରତିଶତ ଥିଲା । ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପିର ମନୋଜ ମେହେର ମାତ୍ର ୫୫, ୯୩୦ ଖଣ୍ଡ ଭୋଟ ପାଇ ସନ୍ତୁଷ୍ଟ ହୋଇଥିଲେ । ତାଙ୍କର ଭୋଟ ହାର ମାତ୍ର ୩୦.୫୯ ପ୍ରତିଶତ ଥିଲା । ବିଜେଡି ପୁଣିଥରେ ଦିବ୍ୟଶଙ୍କରଙ୍କୁ ଭରସା କରି ଏଥର ପ୍ରାର୍ଥୀ କରିଛି । ସେ ରାଜ୍ୟ ମନ୍ତ୍ରିମଣ୍ଡଳର ସଦସ୍ୟ ରହି ନିର୍ବାଚନମଣ୍ଡଳୀରେ ଅନେକ ଲୋକହିତକର କାର୍ଯ୍ୟ କରିଛନ୍ତି । ଗତ ୫ ବର୍ଷ ଭିତରେ ଦିବ୍ୟଶଙ୍କର ନିର୍ବାଚନମଣ୍ଡଳୀ ଲୋକଙ୍କ ସୁଖଦୁଃଖର ସାଥୀ ହୋଇ ରହିଛନ୍ତି । ନବୀନଙ୍କ ସ୍ୱଚ୍ଛ ଶାସନ ଓ ବିଭିନ୍ନ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ହିଁ ଦିବ୍ୟଶଙ୍କରଙ୍କୁ ଚଳିତଥର ବିଜୟ ମୁକୁଟ ପିନ୍ଧାଇବ ବୋଲି ରାଜନୈତିକ ବିଶେଷଜ୍ଞଙ୍କ ମତ ।







ବିଜେପି ପ୍ରାର୍ଥୀ ଶ୍ରୀ ମେହେର ନିଜର ସଙ୍ଗଠନକୁ ଭରସା କରି ନିର୍ବାଚନ ବୈତରଣୀ ପାର ହେବାକୁ ଆଶା ରଖିଛନ୍ତି । ଅନ୍ୟପକ୍ଷରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ପ୍ରଚାର କମିଟି ଅଧକ୍ଷ ତଥା କଂଗ୍ରେସର ଜାତୀୟ ସ୍ତରରେ ପ୍ରଭାବଶାଳୀ ନେତା ଭକ୍ତଦାସଙ୍କ ଘନିଷ୍ଠ ଅନୁଗତ କଂଗ୍ରେସ ପ୍ରାର୍ଥୀ ତୁଳେଶ୍ୱର ନାଏକ ପାରମ୍ପରିକ ଆଦିବାସୀ ଭୋଟକୁ ନିଜ ସପକ୍ଷରେ ନେବାକୁ ଉଦ୍ୟମ ଜାରି ରଖିଛନ୍ତି । ଏଥର ନିର୍ବାଚନରେ ଏହି ବିଧାନସଭା କ୍ଷେତ୍ରରେ ପ୍ରମୁଖ ଦଳର ଦୁଇ ପ୍ରାର୍ଥୀ ପୁରୁଣା ହୋଇଥିବା ବେଳେ କଂଗ୍ରେସ ନୂଆ ମୁହଁକୁ ଟିକେଟ ଦେଇଛି । ପ୍ରାର୍ଥୀମାନେ ସମସ୍ତେ ନିଜନିଜର ରଣନୀତି ଆରମ୍ଭ କଲେଣି ।

# ପାଖେଇଲା ନିର୍ବାଚନ; ଅଙ୍କ କଷିଲେଣି ଜ୍ୟୋତିର୍ବିଦ୍

- ଶୁଆ ଦେଉଛି ଟିକଟ ଆଶା, ବିଜୟ ଆଶ୍ୱାସନା
- ଜ୍ୟୋତିଷ ଆକଳନ କରୁଛନ୍ତି ରାଜନୈତିକ ଭବିଷ୍ୟତ
- ସାମାଜିକ ଗଣମାଧ୍ୟମରେ ଜ୍ୟୋତିର୍ବିଦ୍‌ଙ୍କ ପ୍ରଚାର

**ଭୁବନେଶ୍ୱର,୧୫ ।୪(ସମିସ):** ପାଖେଇ ଆସିଲାଣି ନିର୍ବାଚନ । ନିର୍ବାଚନ ପଶାପାଲିରେ କିଏ ଜିତିବ, କିଏ ହାରିବ ତାକୁ ନେଇ ଚାଲିଛି ଅଙ୍କକଷା । ବିଜୟ ମୁକୁଟ ପିନ୍ଧିବା ଲାଗି ରାଜନୈତିକ ଦଳ ମଧ୍ୟରେ ଆରମ୍ଭ ହୋଇଛି ଛକାପଞ୍ଝା । କେଉଁ ଦଳ କେତେ ଲୋକସଭା ଓ ବିଧାନସଭା ଆସନ ଦଖଲ କରିବ ବିଭିନ୍ନ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଏକ ସର୍ଭେ ରିପୋର୍ଟ ପ୍ରକାଶ କରିଛନ୍ତି । କେଉଁ ଦଳର ପ୍ରାର୍ଥୀ ଜିତିବ ଏବେ ତାକୁ ନେଇ ଅନିଶ୍ଚିତତା ତୁଟୁନାହିଁ । ଏହା ସତ୍ତ୍ୱେ ନିର୍ବାଚନ ମଇଦାନରେ ଓହ୍ଲାଇଥିବା ପ୍ରାର୍ଥୀମାନେ ଜିତିବା ଲାଗି କସରତ କରିଦେଲେଣି । ନିଜର ପ୍ରିୟ ପ୍ରାର୍ଥୀଙ୍କୁ ଜିତାଇବା ଲାଗି ଦଳୀୟ ସମର୍ଥକମାନେ ବି ଉତ୍ସାହର ସହ ଅଣ୍ଟା ଭିଡ଼ିଲେଣି । କିଏ ଲୋକଙ୍କ ପାଖରେ ପହଞ୍ଚି ସମର୍ଥନ ପାଇଁ ଗୁହାରି ଜଣାଉଛନ୍ତି ତ ଆଉ କିଏ ଭଗବାନଙ୍କ ଦଣ୍ଡବତ ହେଉଛନ୍ତି । ନିର୍ବାଚନ କ୍ଷେତ୍ରକୁ ଓହ୍ଲାଇବା ପୂର୍ବରୁ ବା ସକାଳ ପ୍ରାର୍ଥୀମାନେ ନିଜ ଅଞ୍ଚଳର ଗ୍ରାମ ଦେବାଦେବୀଙ୍କ ଶରଣରେ ପଶି ଆଶିଷ ଲାଭ କରୁଛନ୍ତି । ଏସବୁ ଭିତରେ ପ୍ରାର୍ଥୀମାନେ ନିଜ ରାଜନୈତିକ ଭାଗ୍ୟ ପରଖିବାକୁ ପହଞ୍ଚିଛନ୍ତି ଜ୍ୟୋତିଷଙ୍କ ପାଖରେ ।

ନିର୍ବାଚନର ଲଢ଼େଇରେ କାହା ମୁଣ୍ଡରେ ହାତୀ ସୁନା କଳସ ଢାଳିବ, ଗ୍ରହ ଦୋଷ କିପରି କଟିବ ଏବଂ ସଫଳତାର ଭବିଷ୍ୟତ ଆକଳନ ପାଇଁ ଚାଲିଛି ଜ୍ୟୋତିର୍ବିଦ୍‌ଙ୍କ ଗଣିତ କଷା । କେଉଁଠି ଦଳର ତ ଆଉ କେଉଁଠି ପ୍ରାର୍ଥୀଙ୍କ ଭାଗ୍ୟ ନିରୂପଣ ଚାଲିଛି । ପ୍ରାର୍ଥୀଙ୍କ ବିଜୟକୁ ସୁନିଶ୍ଚିତ କରିବା ଲାଗି ଏବେ ଜ୍ୟୋତିଷ ଭବିଷ୍ୟବାଣୀ ଉପରେ ଆସ୍ଥା ରଖିଛନ୍ତି ନିଜେ ପ୍ରାର୍ଥୀ ଆଉ ସେମାନଙ୍କର ସମର୍ଥକ । ରାଜନୀତିର ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରିତ କରୁଛନ୍ତି ଜ୍ୟୋତିର୍ବିଦ୍ । ରାଶି ନକ୍ଷତ୍ର, ହସ୍ତରେଖା ଗଣନା କରି ପ୍ରାର୍ଥୀଙ୍କ ଜୟ ପରାଜୟ ଗଣନା କରି ଗୋଟାଉଛନ୍ତି ପୁଳାପୁଳା ଟଙ୍କା ।



ରାହୁ, କେତୁ, ଶନି ସହ ସଂଯୋଗ କରି କହୁଛନ୍ତି ନିର୍ବାଚନ ଫଳ । ଜ୍ୟୋତିଷ ପାଞ୍ଜି ଓ ପୋଥି ସହ ଛକିଶୂନ ଖେଳ କରି କାଟୁଛନ୍ତି ବିଜୟ ରେଖା । ସେହିପରି ପଞ୍ଜୁରୀ ଭିତରେ ଥିବା ଶୁଆ କହୁଛି ପ୍ରାର୍ଥୀଙ୍କ ଭବିଷ୍ୟ । ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ନିର୍ବାଚନର ରଣାଙ୍ଗନାକୁ ଓହ୍ଲାଇଥିବା ପ୍ରାର୍ଥୀଙ୍କ ବ୍ୟକ୍ତି ନାମ ସହ ଏକ ତାଲିକା କରାଯାଉଛି । ସେଇ ଚିରକୁଟିକୁ ପିଞ୍ଜରା ବାହାରେ ରଖି ଶୁଆ ପୋଷିଥିବା ଜ୍ୟୋତିଷ ଏଥର କିଏ ଜିତିବ ନାମ ପ୍ରଚାର କରୁଛି । ଏଥର ନିର୍ବାଚନରେ କିଏ ବାଜିମାତ୍ କରିବ ପ୍ରାର୍ଥୀଙ୍କ ନାମ କହିବା ପରେ ଶୁଆ ପଞ୍ଜୁରା ବାହାରକୁ ଆସି ଚିରୁକୁଟି ଉଠାଇ ବିଜୟୀ ପ୍ରାର୍ଥୀଙ୍କ ନାମ ଜ୍ୟୋତିଷ ହାତରେ ଧରାଇ ଦେଉଛି । ସେଠାରେ ଉପସ୍ଥିତ ଥିବା ବିଜୟୀ ପ୍ରାର୍ଥୀଙ୍କ ସମର୍ଥକ ଖୁସିରେ ଆତ୍ମବିଭୋର ହୋଇଯାଉଛି । ପୋଷା ଶୁଆର ମାଲିକ ବା ଜ୍ୟୋତିର୍ବିଦ୍‌କୁ ପ୍ରାର୍ଥୀଙ୍କ ସମର୍ଥକ ଖୁସିରେ ପୁଳାଏ ଟଙ୍କା ଦେଇ ଆତ୍ମବିଭୋର ହେଉଛନ୍ତି । ଜ୍ୟୋତିର୍ବିଦ୍ ବିଶ୍ୱାସ ଛଳନା କରି ଛାଣି ନେଉଛି ଲକ୍ଷ ଲକ୍ଷ ଟଙ୍କା । ସେଭଳି ନିର୍ବାଚନ ସମୟରେ 'ଅକ୍ଟୋପସ' ଓ 'ରୋବର୍ଟ' ବି ଭବିଷ୍ୟବାଣୀ କରୁଛନ୍ତି ।

ନିର୍ବାଚନ ସମୟରେ ଜ୍ୟୋତିଷଙ୍କ ଉପରେ ଅସ୍ଥାଭାଜନ କରି ପ୍ରାର୍ଥୀଙ୍କ ସମ୍ପର୍କୀୟ ହାତ ଦେଖାନ୍ତି ତ ଆଉ କେତେବେଳେ ବିଜୟୀ ଲାଗି ପ୍ରତିକାରର ବାଟ କହିବାକୁ ପ୍ରୋତ୍ସାହିତ କରନ୍ତି । ଏହାକୁ ସୁଯୋଗ ମନେକରି ଜ୍ୟୋତିଷମାନେ ସାମାଜିକ ଗଣମାଧ୍ୟମରେ ଖୋଲିଛନ୍ତି ପ୍ରଚାର ପେଡ଼ି । ହସ୍ତରେଖା ଓ ଜାତକ ବିଚାର କରାଯାଏ ବୋଲି ସାମାଜିକ ଗଣମାଧ୍ୟମରେ ଛାଡୁଛନ୍ତି । ଫେସ୍‌ବୁକ୍, ହ୍ୱାଟ୍ସଆପ୍, ଟୁଇଟର(ଏକ୍ସ), ଇନ୍‌ଷ୍ଟାଗ୍ରାମରେ ନିଜର ପ୍ରଚାର କରୁଛନ୍ତି ଜ୍ୟୋତିର୍ବିଦ୍ । କେବଳ ସାମାଜିକ ଗଣମାଧ୍ୟମ ନୁହେଁ ପେପରରେ ବି ବିଜ୍ଞାପନ ଦେଇ ପ୍ରାର୍ଥୀ କିମ୍ବା ସେମାନଙ୍କର ସମର୍ଥକଙ୍କ ଆକୃଷ୍ଟ କରୁଛନ୍ତି । ଏହିକ୍ରମରେ ସପ୍ତାହ ତଳେ ଜୟପୁର ବିମାନବନ୍ଦରରୁ ଜ୍ୟୋତିଷ ଡା.ମନୋଜ ଲେଙ୍କାଙ୍କ ଠାରୁ ୯ଲକ୍ଷ ଟଙ୍କା ମିଳିଥିଲା । ବିମାନବନ୍ଦରରୁ ନିର୍ବାଚିତ ଲାଗି ନିୟୋଜିତ ଫ୍ଲାଇଂସ୍କାଡ୍ ଏହି ଟଙ୍କା ଜବତ କରିଥିଲା । ଜ୍ୟୋତିଷ ଡା. ମନୋଜ ଟଙ୍କା ନେଇ ଯାଉଥିବା ସମୟରେ ଜୟପୁର ବିମାନବନ୍ଦରରେ ସ୍କାନରରେ ଧରାପଡ଼ିଥିଲା । ବ୍ୟାଗ୍‌ରେ ଟଙ୍କା ଥିବା ଫ୍ଲାଇଂସ୍କ୍ୱାଡ ଠାବ କରିବା ସହ ମନୋଜଙ୍କୁ କାବୁ କରିଥିଲା । ମାତ୍ର ସେ ନେଉଥିବା ଟଙ୍କା ସମ୍ପର୍କରେ ସନ୍ତୋଷଜନକ ଉତ୍ତର ନ ଦେବାରୁ ଟଙ୍କା ଜବତ କରାଯାଇଥିଲା । ଜଣେ ରାଜନୈତିକ ଦଳର ପ୍ରାର୍ଥୀଙ୍କ ଭବିଷ୍ୟବାଣୀ ଦର୍ଶାଇ ତାଙ୍କ ଠାରୁ ଜ୍ୟୋତିଷ ମନୋଜ ଟଙ୍କା ନେଇ ଯାଉଥିବା ତଦନ୍ତ ସମୟରେ ସତ ପଦାକୁ ଆସିଥିଲା । ନିକଟରେ ବି ଭୁବନେଶ୍ୱର ମେୟର ସୁଲୋଚନା ଦାଶ ଜଣେ ଜ୍ୟୋତିଷଙ୍କୁ ନିଜର ଭାଗ୍ୟ ବିଷୟରେ ପଚାରୁଥିବାର ଏକ ଭିଡିଓ ଭାଇରାଲ ହୋଇଥିଲା ।

ଜ୍ୟୋତିର୍ବିଦ୍‌ଙ୍କ ଭବିଷ୍ୟବାଣୀରେ ବିଶ୍ୱାସ କରି ବିଜୟୀ ପ୍ରାର୍ଥୀଙ୍କ ସମର୍ଥକ ଆଗୁଆ ବିଜୟ ଉତ୍ସବ ପାଳନ କରୁଛନ୍ତି । ଏହା ବି ନିର୍ବାଚନ ଉପରେ ବେଶ୍ ପ୍ରଭାବ ପଡ଼ିବ ବୋଲି କୁହାଯାଉଛି । ନିର୍ବାଚନକୁ ସମୟରେ ଜ୍ୟୋତିଷ ରାଜନୀତିର ପଶାପାଲି ଖେଳ ଖେଳରେ ବାଜି ମାରି ନେଉଛି । କିଏ ବିଜୟୀ ହେଉ କିମ୍ବା ପରାଜୟ ବରଣ କରୁ ନିଜ ମୁଣା ପୂରିଲେ ଚାଲିବ ପେଟପାଟଣା । ପ୍ରାୟତଃ ଆଗାମୀ ଦିନରେ କ'ଣ କ'ଣ ହେବାକୁ ଯିବ ତାହାକୁ ନେଇ କଳ୍ପନା କରାଯିବା ସହ ଭବିଷ୍ୟବାଣୀ କରାଯାଇଥାଏ । ଏହି ଭବିଷ୍ୟବାଣୀ ମଧ୍ୟରୁ କିଛି ସତ ତ କିଛି ମିଛ ହୋଇଥାଏ । କିନ୍ତୁ ଜ୍ୟୋତିଷ ଟଙ୍କା ଲାଗି ପ୍ରାର୍ଥୀଙ୍କ ଜ୍ୟୋତିଷ ଶାସ୍ତ୍ରରେ କଣ୍ଡଳୀ ବା ଜାତକ ବିଚାର କରି ବିଜୟ ମୁକୁଟ ପିନ୍ଧାଇ ଦେଉଛି ।

## ଛେଣ୍ଡିପଦା ନିର୍ବାଚନମଣ୍ଡଳୀ

# ମଇଦାନରେ ପୁଣି ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ

- ହାଟ୍ରିକ୍ ବିଜୟ ଲକ୍ଷ୍ୟରେ ସୁଶାନ୍ତ
- ବଳ ଗୋଟାଉଛି କଂଗ୍ରେସ

**ଛେଣ୍ଡିପଦା,୧୫।୪(ସମିସ):** ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ନିର୍ବାଚନମଣ୍ଡଳୀରେ ପୁଣି ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ମୁକାବିଲା ଦେଖିବାକୁ ମିଳିବ। ଏହି ଆସନରେ ଏଥର ବିଜେଡି ସୁଶାନ୍ତ କୁମାର ବେହେରାଙ୍କୁ ଦୋହରାଇଥିବା ବେଳେ ବିଜେପି ଅଗସ୍ତି ବେହେରାଙ୍କ ଉପରେ ଭରସା କରିଛି। କଂଗ୍ରେସ ନୂଆ ମୁହଁ ନରୋତ୍ତମ ନାୟକଙ୍କୁ ମଇଦାନକୁ ଓହ୍ଲାଇଛି। ଉଭୟ ୨୦୧୪ ଓ ୨୦୧୯ରେ ସୁଶାନ୍ତ ଓ ଅଗସ୍ତି ସାମ୍ନାସାମ୍ନି ହୋଇଥିଲେ। ୨୦୦୯ ମସିହାରେ କଂଗ୍ରେସରୁ ଟିକେଟ୍ ପାଇ ନିର୍ବାଚନ ଲଢ଼ିଥିଲେ ଅଗସ୍ତି। ଏଥିରେ ବିଫଳ ହେବା ପରେ ୨୦୧୪ ମସିହାରେ ବିଜେପିରେ ଯୋଗଦେଇ ନିର୍ବାଚନ ଲଢ଼ିଥିଲେ। ୨୦୧୯ରେ ବି ସେ ସୁଶାନ୍ତଙ୍କ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ଥିଲେ। କିନ୍ତୁ ୩ ଥର ଯାକ ପରାଜୟର ମୁହଁ ଦେଖିଛନ୍ତି ଅଗସ୍ତି। ଏଥର ବିଜେପିର ହାଇକମାଣ୍ଡ ପୁଣି ତାଙ୍କ ଉପରେ ଭରସା କରି ଟିକଟ ଦେଇଥିବାରୁ ବିଜେପିର ଗୋଟିଏ ଗୋଷ୍ଠୀ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ତେଣୁ ଦଳ ଭିତରେ ବିଦ୍ରୋହର ସ୍ୱର ଧୀରେଧୀରେ ମୁଣ୍ଡ ଟେକୁଛି। ଅପରପକ୍ଷେ, କଂଗ୍ରେସ ପ୍ରାର୍ଥୀ ନରୋତ୍ତମ ନାୟକ ପ୍ରଥମଥର ପାଇଁ ନିଜ ଭାଗ୍ୟ ପରୀକ୍ଷା କରିବାକୁ ଯାଉଛନ୍ତି। ତେଣୁ ବିଜେପି ଓ କଂଗ୍ରେସର ଏହି ଅଡୁଆ ସ୍ଥିତିର ଫାଇଦା ନେବା ପାଇଁ ବିଜେଡି ତା'ର ଗୋଟିଚାଳନା ଆରମ୍ଭ କରିଦେଇଛି। ଏହି ନିର୍ବାଚନ ମଣ୍ଡଳୀରେ ବିଜେପି ଓ ବିଜେଡି ମଧ୍ୟରେ ଦ୍ୱିମୁଖୀ ଲଢ଼େଇ ହେବାକୁ ଥିବା ବେଳେ ଗତଥର ଅପେକ୍ଷା ଅଧିକ ଭୋଟ୍ ବ୍ୟବଧାନରେ ଜିତିବା ପାଇଁ ସୁଶାନ୍ତ ରଣନୀତି ଚଳାଇଥିବା ବିଜେଡିର ଅନ୍ଦରତମ ମହଲରୁ ସୂଚନା ମିଳିଛି।

ସୁଶାନ୍ତ ବିଜେଡି ସରକାର ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟକୁ ଆୟୁଧ କରି ଭୋଟର୍‌ଙ୍କ ପାଖକୁ ଯାଉଛନ୍ତି। ଏହାବ୍ୟତୀତ, ଗତ ପଞ୍ଚାୟତ ନିର୍ବାଚନରେ ଏହି ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୬ଟି ଜିଲ୍ଲା ପରିଷଦ ଜୋନ୍ ମଧ୍ୟରୁ ବିଜେଡି ହାତକୁ ୫ଟି ଯାଇଥିବାରୁ ପ୍ରତିଦ୍ୱନ୍ଦ୍ୱୀଙ୍କଠାରୁ ବିଜେଡି ଦୁଇପାଦ ଆଗରେ ରହିଛି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି। ସେହିପରି ଗତ ନିର୍ବାଚନରେ ପରାଜିତ ହୋଇଥିବା ବିଜେପି ନେତା ଅଗସ୍ତି ବେହେରା ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କ ହାୱାକୁ ଆୟୁଧ କରି ନିର୍ବାଚନୀ ବୈତରଣୀ ପାର୍ ହେବାକୁ ଲକ୍ଷ୍ୟ ରଖିଛନ୍ତି। ଅପରପକ୍ଷେ କଂଗ୍ରେସ ପ୍ରାର୍ଥୀ ନରୋତ୍ତମ ନୂଆ ମୁହଁ ହୋଇଥିବାରୁ ସେ ବଳ ଗୋଟାଇବାକୁ ପ୍ରୟାସ ଆରମ୍ଭ କରିଛନ୍ତି।







## ନିର୍ବାଚନ ପ୍ରଚାରରେ ବାଧକ ସାଜିଛି ତାତି

# ସକାଳେ ଚା' ଖଟି, ସନ୍ଧ୍ୟାରେ ସଭା

**କଟକ, ୧୫।୪ (ସମିସ):** ଏବେ ନିର୍ବାଚନ ଋତୁ। ସକାଳୁ ରାତି ପର୍ଯ୍ୟନ୍ତ ଏବେ କଟକ ସହରର ସବୁଠି ଚାଲିଛି ନିର୍ବାଚନ ଚର୍ଚ୍ଚା। ପ୍ରାର୍ଥୀ ଘୋଷଣା ପରେ ବିଭିନ୍ନ ଦଳ ମଧ୍ୟ ପ୍ରସ୍ତୁତି ଜୋରଦାର କରିଲେଣି। ଯେଉଁମାନେ ଆସନ୍ତା ନିର୍ବାଚନରେ ପ୍ରାର୍ଥୀ ହେବେ, ସେମାନେ ସାହିବସ୍ତି ବୁଲି ବୁଲି ପ୍ରଚାର ଆରମ୍ଭ କରିଲେଣି। ହେଲେ ଗତ ଦୁଇ ତିନି ଦିନ ହେବ ନିର୍ବାଚନ ପ୍ରସ୍ତୁତି ଓ ପ୍ରଚାରରେ ବାଧକ ସାଜିଛି ତାତି। ଗ୍ରୀଷ୍ମର ପ୍ରକୋପ ଏତେ ଅଧିକ ହୋଇଛି ଯେ ଦିନ ୧୦ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। କଟକ ସହରରେ ଦିନର ସର୍ବୋଚ୍ଚ ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ହୋଇଛି। ଏଥିପାଇଁ ବିଭିନ୍ନ ଦଳର ଘୋଷିତ ପ୍ରାର୍ଥୀମାନେ ସକାଳୁ ସକାଳୁ ମଧ୍ୟ ନିଆରା ଢଙ୍ଗରେ ପ୍ରଚାର କରୁଛନ୍ତି। ପୁଣି ଖରା କମିଲେ ଅପରାହ୍ଣ ବା ସଂଧ୍ୟାଠାରୁ ରାତି ୧୧ପର୍ଯ୍ୟନ୍ତ ନାନା କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ତାତି ପାଇଁ ସକାଳେ ଚା' ଖଟିର ଆସର ମଧ୍ୟ ଜମୁଛି। ଯେଉଁଠି ରାଜନୀତିର ଚର୍ଚ୍ଚାରେ ସାମିଲ ହେଉଛନ୍ତି ପ୍ରାର୍ଥୀ। ଆଜି କଟକ ମହାନଗର ନିଗମର ୧୯ ନମ୍ବର ଓଡ଼ିଆ ବଜାର ଛକର ଚା' ଖଟିରେ ଚାଏ ପେ' ଚର୍ଚ୍ଚା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ବାରବାଟୀ-କଟକ ବିଜେଡି ପ୍ରାର୍ଥୀ ପ୍ରକାଶ ଚନ୍ଦ୍ର ବେହେରା। ତାଙ୍କ ସହ ରାଜ୍ୟ ସଭା ସାଂସଦ ଦେବାଶିଷ ସାମନ୍ତରାୟ ଓ ଅନ୍ୟ କାର୍ଯକର୍ତ୍ତାମାନେ ଯୋଗ ଦେଇଥିଲେ। ସେହିପରି କଂଗ୍ରେସ କାର୍ଯ୍ୟକର୍ତ୍ତାମାନେ ଗିରିବାଳା ବେହେରାଙ୍କ ନେତୃତ୍ୱରେ ୨୬ନମ୍ବର ୱାର୍ଡରେ ପଦଯାତ୍ରା କରିଥିଲେ। ବିଜେପି ପକ୍ଷରୁ ମଧ୍ୟ ସଂଧ୍ୟା ସମୟରେ ବିଭିନ୍ନ ୱାର୍ଡ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଦିନ ବେଳେ ଦଳୀୟ କାର୍ଯ୍ୟକ୍ରମ ଗୁଡିକୁ ନକରି ପ୍ରାର୍ଥୀ ମାନେ ସକାଳ ଓ ସଂଧ୍ୟା ସମୟରେ କରୁଥିବା କହୁଛନ୍ତି।



## ଚାନ୍ଦବାଲି ବିଧାନସଭା ଆସନ

# ମନମୋହନଙ୍କୁ ଅଡୁଆ ବିକାଶ




- ଅମିୟଙ୍କ ପ୍ରାର୍ଥିତ୍ୱ, ବିକାଶଙ୍କ ଆବିର୍ଭାବ ବିଗାଡ଼ିଦେଲା ସମୀକରଣ
- ଭାଗ ହେବ କି ବିଜେପି ଭୋଟ୍

**ଭଦ୍ରକ,୧୫।୪(ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବିଧାନସଭା ଆସନରେ ଏଥର ଭୋଟର୍ ରୋଚକ ଲଢ଼େଇ ଦେଖିବାକୁ ପାଇବେ। ଏଠାରେ ତୃତୀୟଥର ପାଇଁ ବ୍ୟୋମକେଶ, ମନମୋହନ ଓ ଅମିୟ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ ସେମାନଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହେବ ବୋଲି କୁହାଯାଉଛି। ବ୍ୟୋମକୋଶ ବିଜେଡିର ରାଜ୍ୟ ଯୁବ ସଭାପତି ପଦରେ ଥିବା ବେଳେ ମନମୋହନ ରାଜ୍ୟ ବିଜେପିର ମଙ୍ଗୁଆଳ। ଅପରପକ୍ଷେ, ଅମିୟ କଂଗ୍ରେସର ଜଣେ ଭେଟେରାନ୍ ନେତା। ଗତ ୨ଟି ନିର୍ବାଚନରେ ଅମିୟ ଏଠାରେ କଡ଼ା ଟକ୍କର୍ ଦେଇ ଆସୁଥିଲେ ହେଁ ବିଜୟର ମୁହଁ ଦେଖିପାରିନାହାନ୍ତି। ୨୦୦୯ରେ ସେ ୫୦, ୮୫୪ ଖଣ୍ଡ ଭୋଟ ପାଇଥିବା ବେଳେ ୨୦୧୪ରେ ୪୩, ୬୭୪ ଖଣ୍ଡ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ଥିଲେ। ଏପରିକି ୨୦୧୪ରେ ସେ ମନମୋହନଙ୍କୁ ତୃତୀୟ ସ୍ଥାନକୁ ଖସାଇ ଦେଇଥିଲେ। ଗତ ୨୦୧୯ରେ ଅମିୟ ଲଢ଼େଇ ନ କରିବାରୁ କଂଗ୍ରେସର ଭୋଟ ପ୍ରତିଶତ କମିଯାଇଥିଲା ଓ ଦଳ ତୃତୀୟ ସ୍ଥାନକୁ ଖସି ଆସିଥିଲା ଏବଂ ମନମୋହନ ଦ୍ୱିତୀୟ ସ୍ଥାନକୁ ଯାଇଥିଲେ। ଏଥର ପୁଣି ଅମିୟ ପ୍ରାର୍ଥୀ ହେବାରୁ ତାହା ମନମୋହନଙ୍କ ପାଇଁ ନୂଆ ଆହ୍ୱାନ ସୃଷ୍ଟି କରିଛି। ତେବେ ଏହା ବାଦ୍ ଚାନ୍ଦବାଲି ରାଜନୀତିରେ ଆଉ ଏକ ମୋଡ଼ ମନମୋହନଙ୍କ ପାଇଁ ନୂଆ ଅଡୁଆ ଡାକି ଆଣିଛି। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କାର୍ଯ୍ୟକର୍ତ୍ତା ବିକାଶ ଚନ୍ଦ୍ର ସାହୁ ଚାନ୍ଦବାଲିରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବେ ବୋଲି ଘୋଷଣା କରିବା ପରେ ଏବେ ମନମୋହନଙ୍କ ନିଦ ହଜିଯାଇଥିବା କୁହାଯାଉଛି। ବିକାଶ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଜଣେ ସକ୍ରିୟ ସଦସ୍ୟ, ଯୁବ ସମାଜସେବୀ, ପୂର୍ବରୁ ଆରଏସ୍ଏସ୍‌ର କାର୍ଯ୍ୟକର୍ତ୍ତା ଭାବେ ଭଦ୍ରକ, ଯାଜପୁର ଓ ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟ ତୁଲାଇଛନ୍ତି। ସାମାଜିକ ସଂଗଠକ ଭାବରେ ଗୋ-ଗ୍ରାମ ସେବା ଓ ଗୋ ସୁରକ୍ଷା ଦିଗରେ ପ୍ରଚେଷ୍ଟା ଜାରି ରଖିଛନ୍ତି ସେ। ସ୍ଥାନୀୟ ଅଞ୍ଚଳରେ ବିକାଶଙ୍କର ମଧ୍ୟ ଲୋକପ୍ରିୟତା ରହିଛି। ଏହା ମନମୋହନଙ୍କ ପାଇଁ ମହଙ୍ଗା ପଡ଼ିବ। ବିଜେପିର ଭୋଟ୍ ଭାଗଭାଗ ହେବାର ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

ଅପରପକ୍ଷେ, ଚାନ୍ଦବାଲି ଆସନରେ ବିଜେଡି-ବିଜେପି ମଧ୍ୟରେ କଡ଼ା ଟକ୍କର୍ ହେବ ବୋଲି ଆଗରୁ ରାଜନୈତିକ ସମୀକ୍ଷକମାନେ କହୁଥିବା ବେଳେ ଅମିୟଙ୍କ ପ୍ରାର୍ଥିତ୍ୱ ଓ ବିକାଶଙ୍କ ଅଚାନକ ଆବିର୍ଭାବ ବିଜେପି ପାଇଁ ସମୀକରଣ ବିଗାଡ଼ି ଦେଇଛି। ତେଣୁ ଏହାର ଫାଇଦା ନେବା ପାଇଁ ବିଜେଡି ଜୋରଦାର ଉଦ୍ୟମ କରିବ ବୋଲି କୁହାଯାଉଛି। ରାଜନୈତିକ ବିଶାରଦମାନଙ୍କ ଆକଳନ ଅନୁଯାୟୀ, ଏଠାରେ ବିଜେଡି ଏକପାଖିଆ ବିଜୟୀ ଲକ୍ଷ୍ୟରେ ସଜବାଜ ହେଉଥିବା ବେଳେ ଦ୍ୱିତୀୟ ସ୍ଥାନ ପାଇଁ ମନମୋହନ ଓ ଅମିୟଙ୍କ ମଧ୍ୟରେ ଲଢ଼େଇ ହେବ। ଚାନ୍ଦବାଲିରେ ଏବେ ସବୁଠି ଏଇ ଚର୍ଚ୍ଚା ଶୁଣିବାକୁ ମିଳୁଛି। ମନମୋହନଙ୍କ ଭୋଟ ହାର କଟିଲେ କଂଗ୍ରେସର ଅମିୟଙ୍କୁ ଗତ ୨ଟି ନିର୍ବାଚନ ଭଳି ଦ୍ୱିତୀୟ ସ୍ଥାନକୁ ନେଇଯିବ।

# ଅପରାଜିତାଙ୍କୁ ନେଇ ବେଗୁନିଆ ବିଜେପିରେ ପୁଣି ଅସନ୍ତୋଷ

**ବେଗୁନିଆ,୧୫।୪(ସମିସ):** ବେଗୁନିଆ ବିଜେପିରେ ପୁଣି ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ଅପରାଜିତାଙ୍କୁ ନେଇ ଅସନ୍ତୋଷ ଦେଖାଦେଇଛି। ସୋମବାର ଅପରାହ୍ଣରେ ଟୀକାତଳ ଆମ୍ରକାନନରେ ବିଜେପି କର୍ମୀଙ୍କୁ ନେଇ 'ଅପରାଜିତା ହଟାଅ-ବିଜେପି ବଞ୍ଚାଅ' ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମୀମାନେ ଅପରାଜିତାଙ୍କ ବିରୋଧରେ ବିଷୋଦ୍‌ଗାର କରିବା ସହ ତାଙ୍କୁ ଭୋଟ ନଦେଇ ନୋଟାରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯିବ ବୋଲି ନିଷ୍ପତ୍ତି ନେଇଥିଲେ। ପିଚୁକୁଳି ମଣ୍ଡଳ ସଭାପତି ଶେଖ ଦୌଲତ ଅଲ୍ଲୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଅଭିଯୋଗ ଉଠିଥିଲା ଯେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଦୀର୍ଘ ୫ବର୍ଷ ଧରି ପୁରୁଣା କର୍ମୀମାନଙ୍କୁ ଉପେକ୍ଷା କରି ସମାନ୍ତରାଳ ସଙ୍ଗଠନ କରିଆସୁଛନ୍ତି। ଏହାଦ୍ୱାରା ଦଳର ସଂଗଠନ ଦୁର୍ବଳ ହେଉଛି। ଅପରାଜିତାଙ୍କ ଏହି ଦଳଦ୍ରୋହ କାମ ଯୋଗୁଁ ଦଳର ଅବସ୍ଥା ବିଗିଡ଼ି ଚାଲିଛି। ତେଣୁ ଏଥର ତାଙ୍କୁ ଲଢ଼ିବା ପାଇଁ ସୁଯୋଗ ଦିଆନଯାଉ ବୋଲି ଉପସ୍ଥିତ କର୍ମୀମାନେ କହିଥିଲେ। ଏଥିରେ ବିଜେପି ନେତା ମନୋରଞ୍ଜନ ସାହୁ, ପ୍ରଫୁଲ୍ଲ ଖାଡଙ୍ଗା, ରଶ୍ମି ରଞ୍ଜନ ଜେନା, ସମୀର ମହାରଥୀ, ସୌମ୍ୟ ରଞ୍ଜନ ବଳିଆରସିଂହ, ଜଜ୍ଞେଶ୍ୱର ସୁନ୍ଦରାୟ, ଭଗବାନ ପଣ୍ଡା, ଏସ.କେ. ହାଇଦର ଅଲ୍ଲୀ ଏବଂ ଅଜୟ କୁମାର ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ।

## ୨୦୨୪ ସାଧାରଣ ନିର୍ବାଚନ

# ଖୋଜା ପଡ଼ିଲେଣି ଦାଦନ ଭୋଟର୍

- ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ନିଅନ୍ତି
- ପାଟଣାଗଡ଼ ଓ କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରରେ ରହିଛନ୍ତି ସର୍ବାଧିକ ଦାଦନ ଭୋଟର

**ବଲାଙ୍ଗିର,୧୫।୪(ସମିସ):** ରାଜ୍ୟ ତଥା ଦେଶରେ ଶତ ପ୍ରତିଶତ ମତଦାନକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ଗଣତନ୍ତ୍ରର ଏହି ମହାନ ପର୍ବରେ ସମସ୍ତ ମତଦାତା ସାମିଲ ହେବା ପାଇଁ ନିର୍ବାଚନ କମିସନ୍ ବାରମ୍ବାର ଅନୁରୋଧ ମଧ୍ୟ କରୁଛନ୍ତି। କିନ୍ତୁ କିଛି ବର୍ଗର ମତଦାତା ରହିଛନ୍ତି, ଯେଉଁମାନେ ନିର୍ବାଚନ ସମୟରେ ବେଶି ଖୋଜା ପଡ଼ନ୍ତି। ଏ ବର୍ଗରେ ଦାଦନ ଶ୍ରମିକଙ୍କ କଥା ସ୍ୱତଃ ମନକୁ ଆସେ। ପେଟପାଟଣା ପାଇଁ ଭିଟାମାଟି ଛାଡ଼ି ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଇଥିବା ଏହି ଭୋଟରଙ୍କ ଉପରେ ସ୍ଥାନୀୟ ନେତାଙ୍କ ନଜର ରହିଥାଏ। ସେମାନଙ୍କୁ ଭୋଟ ବେଳେ ସାମିଲ କରିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା ନଥିବା ବେଳେ ସ୍ଥାନୀୟ ନେତା ହିଁ ନିଜ ସପକ୍ଷରେ ଭୋଟ ଖଣ୍ଡିଏ ପାଇଁ ସେମାନଙ୍କୁ ନିଜ ଭିଟାମାଟିକୁ ଫେରାଇ ଆଣିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। ଭୋଟ ସରିବା ପରେ ପୁଣି ସେମାନଙ୍କୁ ସେହି ନେତାମାନେ ହିଁ ତାଙ୍କ କର୍ମସ୍ଥଳୀରେ ଛାଡିଥାନ୍ତି। ବଲାଙ୍ଗିର ଜିଲ୍ଲାରେ ମଧ୍ୟ ଏହିଭଳି କିଛି ଦୃଶ୍ୟ ନିର୍ବାଚନ ସମୟରେ ଦେଖିବାକୁ ମିଳିଥାଏ। ଦାଦନଗଡ଼ର ଏହି ଭୋଟରମାନେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାନ୍ତି। ଜିଲ୍ଲାର ବିଶେଷ କରି ଦୁଇଟି ନିର୍ବାଚନମଣ୍ଡଳୀ ପାଟଣାଗଡ଼ ଓ କଣ୍ଟାବାଞ୍ଜିରେ ଏହାର ପ୍ରଭାବ ରହିଛି।

ଏହି ନିର୍ବାଚନମଣ୍ଡଳୀମାନଙ୍କରେ ଏବେ ଦାଦନ ଭୋଟରଙ୍କୁ ନେଇ ନେତାମାନେ କସରତ ଆରମ୍ଭ କରିଛନ୍ତି। ଏହି ଦୁଇ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ଜିଲ୍ଲାର ବଙ୍ଗୋମୁଣ୍ଡା, ତୁରେକେଲା, ବେଲପଡ଼ା, ଖପ୍ରାଖୋଲ, ପାଟଣାଗଡ଼ ଅଞ୍ଚଳରୁ ପ୍ରତି ବର୍ଷ ହଜାର ହଜାର ଶ୍ରମିକ ରାଜ୍ୟ ବାହାରକୁ କାମ କରିବା ପାଇଁ ଯାଇଥାନ୍ତି। ପେଟପାଟଣା ପାଇଁ ପରିବାର ସହ ଭିଟାମାଟି ଛାଡ଼ିଥା'ନ୍ତି। କେବଳ ସେମାନେ ଚାଷ ସମୟରେ ଘରକୁ ଫେରି ପୁଣି ନୂଆଁଖାଇରେ ଦାଦନ ଯାଇଥାନ୍ତି। ଉକ୍ତ ବ୍ଲକମାନଙ୍କରେ ଏହା ଏକ ଚିରାଚରିତ ସ୍ୱାଭାବିକ ପ୍ରସଙ୍ଗ। ପାଟଣାଗଡ଼ ଅଧୀନରେ ଖପ୍ରାଖୋଲ ଓ ବେଲପଡ଼ା ରହିଥିବା ବେଳେ କଣ୍ଟାବାଞ୍ଜି ଅଧୀନରେ ବଙ୍ଗୋମୁଣ୍ଡା ଓ ତୁରେକେଲା ରହିଛି। ବର୍ତ୍ତମାନ ତିନି ପ୍ରମୁଖ ରାଜନୈତିକ ଦଳ ନିଜ ଗୋଟିଚାଳନା ଆରମ୍ଭ କରିଥିବା ବେଳେ ନିର୍ବାଚନ ପାଇଁ ପ୍ରାର୍ଥୀ ହୋଇଥିବା ନେତାମାନେ ଏହି ଦାଦନ ଭୋଟର ଉପରେ ନଜର ରଖିଛନ୍ତି।

ବିଭାଗୀୟ ସୂଚନା ଅନୁସାରେ, ଏହି ବ୍ଲକମାନଙ୍କରେ ପ୍ରାୟ ୫୦ ରୁ ୬୦ ପ୍ରତିଶତ ମତଦାତା ଦାଦନ ଶ୍ରମିକ ଭାବେ ବାହାର ରାଜ୍ୟକୁ ଯାଇଥାନ୍ତି। ଏହାରି ଭିତରେ ଏହି ସବୁ ଦାଦନ ଶ୍ରମିକଙ୍କ ଭୋଟ କିଭଳି ନିଜ ସପକ୍ଷରେ ଯିବ, ସେନେଇ ନେତାମାନେ କସରତ ଆରମ୍ଭ କରିଛନ୍ତି। କ୍ଷେତ୍ର ପରିସ୍ଥିତି ଉପରେ ଯଦି ନଜର ପକାଇବା ଏବେ ଗାଁଗୁଡ଼ିକ ଖାଲିପଡ଼ିଛି। ବାହାର ରାଜ୍ୟକୁ ଯାଉଥିବା ଶ୍ରମିକଙ୍କ ଘରେ ତାଲା ପଡ଼ିଛି। ସେହିସବୁ ଶ୍ରମିକମାନେ ପ୍ରାୟତଃ ସ୍ଥାନୀୟ ଦାଦନ ଦଲାଲଙ୍କ ସମ୍ପର୍କରେ ରହିଥାନ୍ତି। ତେବେ ପାଟଣାଗଡ଼ ଓ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ହୋଇଥିବା ନେତାମାନେ ଦଲାଲଙ୍କୁ ନିଜ ସମର୍ଥନରେ ରଖିଥିବା ଜଣାପଡ଼ିଛି। ଏହି ଦଲାଲଙ୍କ ଜରିଆରେ ଶ୍ରମିକମାନଙ୍କୁ ଆଣି ମତଦାନ କରାଇବେ। ଯାହା ସପକ୍ଷରେ ଅଧିକ ସର୍ଦ୍ଦାର, ତାହା ସପକ୍ଷରେ ଅଧିକ ଭୋଟ ଯିବାର ସମ୍ଭାବନା ରହିଛି। ଏଥିପାଇଁ ନେତାମାନେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ମଧ୍ୟ ଆଲୋଚନା ହେଉଛି।

ଏହି ଅଲୋଡ଼ା ପ୍ରଥା ନୂଆ ନୁହେଁ, ପ୍ରତିଥର ନିର୍ବାଚନରେ ଏମିତି ଦୃଶ୍ୟ ଦେଖିବାକୁ ମିଳିଥାଏ। ନିର୍ବାଚନ କମିସନ କେବଳ ଶତପ୍ରତିଶତ ମତଦାନ ଉପରେ ଗୁରୁତ୍ୱ ଦେଉଛନ୍ତି ସତ କିନ୍ତୁ ଏହି ମତଦାତାମାନଙ୍କୁ ନିର୍ବାଚନରେ ସାମିଲ କରାଇବା ପାଇଁ କୌଣସି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରି ନ ଥିବା ଜଣାପଡ଼ିଛି। ଅଥଚ ପ୍ରାର୍ଥୀମାନେ ଏମାନଙ୍କୁ ଆଣି ମତଦାନରେ ସାମିଲ କରାଉଥିବାରୁ ଅବାଧ ଓ ସ୍ୱଚ୍ଛ ନିର୍ବାଚନକୁ ନେଇ ପ୍ରଶ୍ନ ଉଠିଛି। ଏହି ଦାଦନ ମତଦାତାଙ୍କ ଦୋଷ ମଧ୍ୟ ନାହିଁ। ଭୋଟ ଖଣ୍ଡିଏ ପାଇଁ କିଛି ଟଙ୍କା ପାଇବା ସହ ଘରକୁ ବୁଲି ଆସିବାର ସୁଯୋଗ ମିଳିଥାଏ। ଭୋଟ ସରିଲେ ପୁଣି କାମକୁ ଯିବାର ସୁଯୋଗ ରହିଥିବାରୁ ସେମାନେ ମଧ୍ୟ ଖୁସି। ଏପଟେ ସେମାନଙ୍କ ଭୋଟ ପାଇ ନେତା ମଧ୍ୟ ଖୁସି। ବର୍ତ୍ତମାନ ଜିଲ୍ଲାର ଏହି ଦୁଇ ନିର୍ବାଚନମଣ୍ଡଳୀରେ ଏହିଭଳି ଆଲୋଚନା ଓ ଚର୍ଚ୍ଚାକୁ ନେଇ ରାଜନୀତି ସରଗରମ ହୋଇଛି।



ADVERTORIAL

# 80th Birthday of P.L. KANDOI

*A Silent Reformer:*

## The Story of CA Purushottam Kandoi FCA & LLB and ODISHA'S ECONOMIC TRANSFORMATION

**An Unlikely Champion Emerges**

CA Purushottam Kandoi, a brilliant and Seniormost chartered accountant and industrialist, carved an unexpected niche in history – that of a silent reformer who reshaped the economic landscape of Odisha. Born in Rajasthan in 1945, his academic prowess shone through early, with him completing a B.Com (Hons.), CA Final , and LLB by 1967 in Kolkata. Despite a promising partnership offer at his CA firm, a spirit of adventure led him on a nationwide exploration. This journey culminated in Cuttack, Odisha, in 1967 ( since 57 years ), where he would set the stage for his transformative role.

**Witnessing a State in Limbo**

Odisha, despite its rich mineral resources, remained shackled by debt for decades. Limited industrial growth and a single major consumer, the Rourkela Steel Plant, restricted the state's economic potential. Mineral exports via Paradeep Port offered a glimmer of activity, but vast reserves remained largely untapped. Kandoi, upon arrival, became a keen observer. He recognized the stranglehold of a dominant mining scam and the outdated MMDR Act, heavily skewed in favor of miners, which stifled progress.

**A Beacon of Hope and the Glimmer of Change**

The establishment of a steel cluster in Kalinganagar in 2004 offered a promising sign. However, attempts to boost iron ore exports through transshipment jetties were thwarted by Odisha's cyclonic weather. A new method for steel production using sponge iron initially sparked a surge in iron ore demand. But miners exploited the situation, drastically raising prices and jeopardizing the viability of newly established industries.

**Justice Shah and the Outdated MMDR Act**

The outdated MMDR Act, heavily favoring miners, fueled the mining scam and hindered industrial growth. Recognizing the need for change, the Odisha government appointed Justice M.B. Shah to address these issues. Kandoi's expertise as a qualified CA, LLB holder, and an industrialist directly impacted by the situation made him a valuable asset in the discussions.

**A Well-Timed Intervention**

With the situation worsening, Kandoi, in his capacity as President of the All Odisha Steel Federation (AOSF), decided to take decisive action. The arrival of Prime Minister Narendra Modi in 2014 presented a unique opportunity. Wasting no time, Kandoi drafted and sent a letter to the Prime Minister on the very first day, highlighting the rampant corruption plaguing Odisha's mining sector under the previous government.

**The Power of a Well-Crafted Message**

Kandoi's well-crafted letter resonated with the Prime Minister, leading to the swift modification of the MMDR Act in January 2015. This amendment significantly altered the mining landscape, bringing much-needed balance and paving the way for a more equitable system.

**Odisha's Economic Rise: A Testament to Kandoi's Initiative**

Following the MMDR Act's modification, Odisha's economic fortunes underwent a dramatic transformation. Within a short span of 5-7 years, the state shed its debt and emerged as a financially self-sufficient entity, even becoming a top earner in India. This remarkable economic growth is to be directly attributed to Kandoi's initiative and the successful implementation of the amended MMDR Act, overseen by Justice Shah. Odisha's budget, which was negative until recently, has now ballooned to a surplus of Rs. 2.30 lakh crore and is projected to grow further to 5 lakh crores surplus within next 3 years. CA Kandoi alone is the person who has done these wonders for the State, which was poorest in the past and will become the richest State in India in coming years.

**A Legacy of Quiet Reform**

CA Purushottam Kandoi's foresight, combined with his strategic intervention and the support of Prime Minister Modi, played a pivotal role in Odisha's economic resurgence. His dedication and hard work, undertaken away from the spotlight, deserve recognition for transforming the state's financial landscape. Kandoi's story serves as a testament to the power of individual initiative and the far-reaching impact it can have.

Government should introduce such GREAT PERSONALTY to the whole Nation and particularly the people of Odisha as GODFATHER of Odisha



## ଗଞ୍ଜେଇ ଜବତ ମାମଲା
# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ୍

**ବ୍ରହ୍ମପୁର, ୧୫।୪(ସମିସ):** ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାରଣା କରି ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଜଜ-୩ ରାଜକୁମାର ଦାଶ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଜଣେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୧୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ଅଭିଯୁକ୍ତକୁ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ କୋର୍ଟଙ୍କ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ହେଲେ ଅଧିକ ୧ବର୍ଷ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଦୋଷୀ ସାବ୍ୟସ୍ତ ହୋଇଥିବା ଅଭିଯୁକ୍ତ ଜଣକ ହେଲେ ବିହାର ରାଜ୍ୟର କିଶୋର କୁମାର(୩୨)। ସୂଚନାଯୋଗ୍ୟ ଯେ, ୨୦୨୨ ମାର୍ଚ୍ଚ ୧୩ତାରିଖରେ ସଦର ଥାନା ଅନ୍ତର୍ଗତ ଆମ୍ବଗଡ଼ ଛକ ନିକଟରେ ଦକ୍ଷିଣାଞ୍ଚଳ ଅବକାରୀ ଗୁଇନ୍ଦା ବିଭାଗ ପକ୍ଷରୁ ଗାଡି ଯାଞ୍ଚ ଚାଲିଥିବା ବେଳେ ଗଜପତି ଜିଲ୍ଲାରୁ ବ୍ରହ୍ମପୁର ଆଡକୁ ଦ୍ରୁତ ଗତିରେ ଆସୁଥିବା ଏକ ମାରୁତି ସୁଜୁକି କାର(ଜେଏଚ୦୧ଇପି୪୮୯ଜେଡ୍) କୁ ସନ୍ଦେହରେ ଅଟକାଯାଇଥିଲା। ଯାଞ୍ଚ ବେଳେ ସେହି କାର ଭିତରୁ ମୋଟ ୫୬ କିଲୋ ଗଞ୍ଜେଇ ମିଳିଥିଲା। କାରରେ ବସିଥିବା ଚାଲାଣକାରୀକୁ ଅବକାରୀ ଗୁଇନ୍ଦା ଗିରଫ କରି କୋର୍ଟଚାଲାଣ କରିଥିଲା। ଏନେଇ ଅବକାରୀ ଗୁଇନ୍ଦା ଏକ ମାମଲା ରୁଜୁ କରିଥିଲା। ଗିରଫ ପରଠାରୁ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ରହିଥିଲା। ଏହି ମାମଲାର ବିଚାରଣା ଏଡିଜେ-୩ କୋର୍ଟରେ ଚାଲିଥିଲା। ବିଚାରଣା ବେଳେ ମୋଟ ୨ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ଆଜି ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଅନୀଲ କୁମାର ସାହୁ ଓ ଅତିରିକ୍ତ ପିପି ବିକ୍ରମ କୁମାର କୁଣ୍ଡ ମକଦ୍ଦମା ପରିଚାଳନା କରିଥିଲେ।

## ବିଜେଡି ପ୍ରାର୍ଥୀଙ୍କ ପ୍ରଚାରରେ ଯୋଡ଼ିହେଲେ ଶତାଧିକ ଭୋଟର
# ବଢୁଛି ଲୋକପ୍ରିୟତା, ମିଳୁଛି ବିପୁଳ ସମର୍ଥନ



**ବ୍ରହ୍ମପୁର, ୧୫।୪(ସମିସ):** ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ ସମୟ ଯେତେ ପାଖକୁ ଆସୁଛି, ସହରରେ ନିର୍ବାଚନ ପ୍ରଚାର ସେତିକି ମାତ୍ରାରେ ସରଗରମ ହେବାରେ ଲାଗିଛି। ସବୁ ଦଳର ପ୍ରାର୍ଥୀମାନେ ପ୍ରଚାର ମଇଦାନରେ ସକ୍ରିୟ ଥିବା ବେଳେ ଲୋକଙ୍କ ପାଖକୁ ଯାଉଛନ୍ତି। ସୋମବାର ବିଜେଡିର ବିଧାୟକ ପ୍ରାର୍ଥୀ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ଓ ସାଂସଦ ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ପ୍ରଚାର କରିଥିଲେ। ଉଭୟ ନେତା ସେମାନଙ୍କ ସମର୍ଥକଙ୍କୁ ନେଇ ସକାଳୁ ସକାଳୁ ପ୍ରଚାର ନିମନ୍ତେ ବାହାରିଥିଲେ। ପ୍ରଥମ ସହରର ହରିଡାଖଣ୍ଡି ରୋଡ଼ରେ ଥିବା ବିଭିନ୍ନ ଚାହା ଓ ଜଳଖିଆ ଦୋକାନ ବୁଲି ଲୋକଙ୍କ ସହ ଆଲୋଚନା କରିବା ସହ ଦଳୀୟ ପ୍ରଚାର ସାଙ୍ଗକୁ ଭୋଟ ଭିକ୍ଷା କରିଥିଲେ। ପରେ ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟର ଖେଳ ପଡ଼ିଆକୁ ଯାଇ ସେମତେ ଉପସ୍ଥିତ ଲୋକଙ୍କ ସହ ସାକ୍ଷାତ କରିଥିଲେ। ଏବଂ ଫାଷ୍ଟ ଗେଟ୍ ଅଞ୍ଚଳର ବିଭିନ୍ନ ସ୍ଥାନ ବୁଲିବା ସାଙ୍ଗକୁ ଅଞ୍ଚଳବାସୀଙ୍କୁ ସିଧା ସଳଖ ସାକ୍ଷାତ କରି ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଏହି ସମୟରେ ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳିଥିଲା। ସାଧାରଣତଃ ନେତାଙ୍କ ସହ ଶତାଧିକ କର୍ମୀ ସାମିଲ ରହିଥାନ୍ତି। କିନ୍ତୁ ବିଜେଡିର ବିଧାୟକ ଓ ସାଂସଦ ପ୍ରାର୍ଥୀ ପ୍ରଚାର ବେଳେ ସେମାନଙ୍କ ସହ ବହୁ ଭୋଟର ମଧ୍ୟ ସାମିଲ ହୋଇଥିଲେ। ଯାହାକି ଉଭୟ ନେତାଙ୍କ ପାଇଁ ଏକ ଶୁଭ ସଙ୍କେତ ବୋଲି ବିଭିନ୍ନ ମହଲରେ ଆଲୋଚନା ହେଉଛି। ସୋମବାର ପ୍ରଚାର ବେଳେ ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଓ ଲୋକସଭା ପ୍ରାର୍ଥୀଙ୍କ ସମେତ କାଜୁ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମହାରଣା, ମେୟର ସଂଘମିତ୍ରା ଦଳେଇ, ଅର୍ବାନ ବ୍ୟାଙ୍କ ସଭାପତି ଆର ମୁରଲି ମୋହନଙ୍କ ସମେତ ବହୁ ଦଳୀୟ କର୍ମୀମାନେ ସାମିଲ ଥିଲେ।

## ସମାଜସେବୀଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

**ବ୍ରହ୍ମପୁର, ୧୫।୪(ସମିସ):** ଯୁବ ସମାଜସେବୀ ଅଜିତ୍ ପାତ୍ରଙ୍କ ଜନ୍ମ ଦିନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବହୁ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ସେହିପରି ଶିବିରରେ ଏମକେସିଜି ମେଡିକାଲ କଲେଜ ରକ୍ତ ଭଣ୍ଡାରର ଡା. ପ୍ରସନ୍ନ କୁମାର ରଥ, ବସନ୍ତ କୁମାର ବେହେରା, ଦେବାଶିଷ ପଣ୍ଡା, ରୀଙ୍କୁ ସାହୁ, ସୁଶାନ୍ତ କୁମାର ପଣ୍ଡା, ଡି.ବି କାର୍କି ଉପସ୍ଥିତ ରହି ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଲାଲ ଖାନ, ଅମିତ୍ ବେହେରା, ସନ୍ତୋଷ ସ୍ୱାମୀ, ଓମ୍ ସାହୁ, ସନ୍ତୋଷିନି ବେହେରା ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ପରିସ୍ରା ଜ୍ୱାଳା ସଚେତନ ଓ ସ୍ୱାସ୍ଥ୍ୟ ଶିବିର

ବ୍ରହ୍ମପୁର, ୧୫।୪(ସମିସ): ସ୍ଥାନୀୟ ହରିହର ନଗର ସ୍ଥିତ ଭରଦ୍ୱାଜ ପ୍ରତିଷ୍ଠାନ ପକ୍ଷରୁ ଏକ ସଚେତନ ଓ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଏଠାରେ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଯୋଗଦେଇ ପରିସ୍ରା ପୋଡ଼ା ନିରାକରଣ ସମ୍ପର୍କରେ ସଚେତନା କରିଥିଲେ।



ଗ୍ରୀଷ୍ମ ଋତୁରେ ଅଳ୍ପ ଜଳପାନ, ଅଧିକ କଟୁ, ମସଲା ଆମିଷ, ଅମ୍ଳ ଯୁକ୍ତ ଖାଇବା, ରାତ୍ର ଅନିଦ୍ରା, ଖରାରେ ପରିଶ୍ରମ କରିବା ଦ୍ୱାରା ପିତ୍ତ, ଅମ୍ଳ ଶରୀରରେ ବଢ଼ି ପରିସ୍ରା ଯନ୍ତ୍ର ସଂକ୍ରମଣ ହୁଏ ବୋଲି ଡ଼ା. ସାହୁ କହିଥିଲେ। ଏହା ସହ ଅପରିଷ୍କାର ସ୍ଥାନରେ ପରିସ୍ରା କଲେ ମଧ୍ୟ ସଂକ୍ରମିତ ହୁଏ। ଏହାର ନିରାକରଣ ପାଇଁ ଅଧିକ ଶୁଦ୍ଧ ଜଳ ପାନ କରିବା ସହ ଶୀତଳାମରିଚ ସାତଟି ବା ଘୃତ କୁମାରୀ ଦଶ ଗ୍ରାମ ବା ଚନ୍ଦନ ଘୋରା ଏକ ଚାମୁଚ ଦିନରେ ତିନିଥର ସେବନ କଲେ ସୁସ୍ଥ ହୋଇଥାଏ। ଏହା ସହ ଅଧିକ ଖରଭୁଜ, କାକୁଡି, ପିଆଜ ଓ ଅଁଳା ଖାଇବାକୁ ଡ଼ା. ସାହୁ ପରାମର୍ଶ ଦେଇଥିଲେ। ଏ ଅବସରରେ ରୋଗୀଙ୍କ ନାଡୀ, ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ ଅମ୍ଳପିତ୍ତ, ସ୍ତ୍ରୀରୋଗଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡି. ଶ୍ରୀନିବାସ ରାଓ ଶିବିରର ପରିଚାଳନାରେ ସହଯୋଗ କରିଥିଲେ।

## ଲଜ୍‌ରୁ ଅଣଓଡ଼ିଆ ମହିଳାଙ୍କ ମୃତଦେହ ଉଦ୍ଧାର ଘଟଣା
# ୫ମାସ ପରେ ବି ଫେରାର ସ୍ୱାମୀର ଟେର ପାଉନି ପୁଲିସ

**ବ୍ରହ୍ମପୁର, ୧୫।୪(ସମିସ):** ଗତ ନଭେମ୍ବର ୨୫ ତାରିଖ ରାତିରେ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଇଲୁଣ୍ଡି ଛକ ନିକଟରେ ଥିବା ବ୍ରହ୍ମପୁର ଲଜ୍ ଓ ଡର୍ମିଟାରିରୁ କେରଳର କୋଲାମ ନିବାସୀ ସାମିଦମୋନ ଏସଙ୍କ ପତ୍ନୀ କ୍ରୀଷ୍ଟାବେଣୀ କୋନାପଲ୍ଲୀଙ୍କ ମୃତଦେହ ଠାବ ହୋଇଥିଲା। ବ୍ୟବଚ୍ଛେଦ ରିପୋର୍ଟରୁ କ୍ରୀଷ୍ଟାବେଣୀଙ୍କ ମୃତ୍ୟୁ ଶ୍ୱାସରୁଦ୍ଧ ଜନିତ ବୋଲି ଜଣାପଡ଼ିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତକୁ ତ୍ୱରାନ୍ୱିତ କରିବା ସତ୍ତ୍ୱେ ଘଟଣାକୁ ୫ମାସ ବିତି ଯାଇଥିଲେ ମଧ୍ୟ ପୁଲିସକୁ କୌଣସି ସଫଳତା ମିଳିନଥିବା ଜଣାପଡ଼ିଛି। ତେବେ କିଏ ଏବଂ କାହିଁକି ହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନଥିବା ବେଳେ ଘଟଣା ପରଠାରୁ ମୃତ ମହିଳାଙ୍କ ସ୍ୱାମୀ ସାମିଦମୋନ ଏସ କେଉଁଆଡେ ଫେରାର ହୋଇଯାଇଛନ୍ତି। ଫେରାର ସ୍ୱାମୀ ସାମିଦମୋନଙ୍କର ଏହି ଘଟଣାରେ ସମ୍ପୃକ୍ତି ଥିବା ପୁଲିସ ସନ୍ଦେହ କରୁଛି। ପୁଲିସ ଫେରାର ସ୍ୱାମୀକୁ ଧରିବା ପାଇଁ ଟିମ ଗଠନ କରି ବିଭିନ୍ନ ସ୍ଥାନରେ ଚଢଉ କରିଥିଲେ ମଧ୍ୟ କୌଣସି ସଫଳତା ମିଳିନାହିଁ।ଆଗକୁ ନିର୍ବାଚନ ରହିଛି।ତେଣୁ ପୁଲିସ ଏବେ ଆଇନ ଶୃଙ୍ଖଳା ଉପରେ ଗୁରୁତର ଦେଉଛି।ଏପଟେ ବିଭିନ୍ନ ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନେ ଖୋଲା ଆକାଶ ତଳେ ରାଜ୍ୟ ବାହାରେ ବୁଲୁଥିବା ଜଣାପଡ଼ିଛି। ବର୍ତ୍ତମାନ ଏହି ଘଟଣାର ତଦନ୍ତ ଜାରି ରହିଛି। ମୃତ ମହିଳାଙ୍କ ସ୍ୱାମୀ ଧରାପଡ଼ିବା ପରେ ଘଟଣାର ପର୍ଦ୍ଦାଫାସ ହେବ ବୋଲି ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡ଼ା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ନଭେମ୍ବର ୧୯ତାରିଖରୁ କେରଳରୁ ଏହି ଦମ୍ପତି ଉକ୍ତ ଲଜରେ ରହି ଆସୁଥିଲେ। କ୍ରୀଷ୍ଟାବେଣୀଙ୍କ ସ୍ୱାସ୍ଥ୍ୟ ଭଲ ନଥିବା ଯୋଗୁଁ ଚିକିତ୍ସା ନିମନ୍ତେ ବ୍ରହ୍ମପୁରକୁ ଆସିଥିବା ବେଳେ ଗତ ନଭେମ୍ବର ୨୫ତାରିଖ ରାତିରେ ତାଙ୍କ ମୃତଦେହ ଉକ୍ତ ଲଜର କୋଠରୀରୁ ଉଦ୍ଧାର କରାଯାଇଥିଲା। ଫେରାର ସାମିଦମୋନଙ୍କୁ ଧରିବା ପାଇଁ ପୁଲିସ, କେରଳ, ଆନ୍ଧ୍ରପ୍ରଦେଶ ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଏହି ହତ୍ୟା ମାମଲାର ଦୀର୍ଘ ୫ମାସ ବିତିବାକୁ ବସିଥିବା ବେଳେ ପୁଲିସ ଫେରାର ସ୍ୱାମୀ ସମ୍ପର୍କରେ ଟେର ମଧ୍ୟ ପାଇପାରି ନଥିବା ଜଣାପଡ଼ିଛି।

# ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ବିଷୁବ ମିଳନ

ବ୍ରହ୍ମପୁର, ୧୫।୪(ସମିସ)



ସ୍ଥାନୀୟ ନବୀନ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ନବୀନର ୨୭ତମ ବିଷୁବ ମିଳନ ଓ ରାଜ୍ୟସ୍ତରୀୟ ସାରସ୍ୱତ ସମାବେଶରେ ମୁଖ୍ୟଅତିଥି ଭାବେ ପ୍ରଫେସର ଡ଼. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍) ଯୋଗଦେଇ କହିଛନ୍ତି ଯେ, ନବୀନ ଓଡ଼ିଆ ଭାଷା ସାହିତ୍ୟର ସୁରକ୍ଷା କବଚ। ଦୀର୍ଘ ୯୪ବର୍ଷ ଧରି ନିରନ୍ତର ଭାବେ ନିଜର ଭୂମିକା ଗ୍ରହଣ କରିଆସିଛି। ନବୀନ ସମ୍ବାଦପତ୍ରର ପ୍ରତିଭା ପୂଜା ପରମ୍ପରା ଉଦାହରଣୀୟ ବୋଲି ସେ କହିଥିଲେ। ନବୀନର ସମ୍ପାଦକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନୁଗୁଳ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. କାହ୍ନୁ ଚରଣ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଐତିହାସିକ ନବୀନର ସ୍ୱତନ୍ତ୍ର ଓଡ଼ିଶା ଗଠନ ଓ ଭାଷା ଆନ୍ଦୋଳନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ଼. କୈଳାସ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ ଉଦବୋଧନ ଦେଇଥିଲେ। ସଭାପତି ଶ୍ରୀ ରଥ ନିଜ ବକ୍ତବ୍ୟରେ ନବୀନ ସଦାସର୍ବଦା ନୂତନ କବି, ସାହିତ୍ୟିକ ଓ କଳାକାରମାନଙ୍କୁ ଲୋକଲୋଚନକୁ ଆଣିବା ସହ ସେମାନଙ୍କୁ ଉତ୍ସାହିତ କରି ଆସିଛି ବୋଲି ପ୍ରକାଶ କରିଥିଲେ। ସବୁବର୍ଷ ଭଳି ଚଳିତବର୍ଷ ମଧ୍ୟ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ଶିକ୍ଷାବିତ ତଥା ପରିବେଶବିତ୍ କାମରାଜୁ ମହାରଣା, ପ୍ରଖ୍ୟାତ ଭାରତଲୀଳା ଗୁରୁ ସନ୍ତୋଷ କୁମାର ପାଢ଼ୀ, ବିଶିଷ୍ଟ ପ୍ରହଲ୍ଲାଦ ନାଟକ ଗୁରୁ ଗୋକୁଳାନନ୍ଦ ପ୍ରଧାନ, ସାମ୍ବାଦିକ ସତ୍ୟ ନାରାୟଣ ବେହେରା ଓ ସାମ୍ବାଦିକା ବିଷ୍ଣୁପ୍ରିୟା ସାହୁ ପ୍ରମୁଖଙ୍କୁ ଏହି ଅବସରରେ ନବୀନ ବିଷୁବ ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଥିଲା। ଏହା ସହିତ ବିଶିଷ୍ଟ ପ୍ରବଚକ ଜଗନ୍ନାଥ ପଣ୍ଡାଙ୍କ ରଚିତ ପୁସ୍ତକ 'ଶ୍ରୀକୃଷ୍ଣଙ୍କ ଶେଷ ଉପଦେଶ' ଓ 'ମହାସାଧକ ନିଗମାନନ୍ଦ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍ୱାଗତ ସମିତି ଅଧ୍ୟକ୍ଷ ରୋଟାରିଆନ ନାରଶୁ ଜେନା ସ୍ୱାଗତ ଭାଷଣ ଦେଇଥିବା ବେଳେ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ସାଧାରଣ ସମ୍ପାଦକ ସୁଶାନ୍ତ କର ବିବରଣୀ ପାଠ ଓ ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ ବରିଷ୍ଠ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ଅଧ୍ୟକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ଡ଼. ଡ଼ମ୍ବରୁଧର ସାହୁ ଯୋଗ ଦେଇଥିଲେ। ଯୁବକବି ଚିନ୍ମୟ ରଞ୍ଜନ ମିଶ୍ର ଓ ଶିକ୍ଷୟିତ୍ରୀ ସସ୍ମିତା ମିଶ୍ରଙ୍କ ସଂଯୋଜନାରେ ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମ ପରିଚାଳନାରେ ସମାଜସେବୀ ରାମକୃଷ୍ଣ ପାତ୍ର, ନବୀନର ପ୍ରକାଶିକା ମଞ୍ଜୁ ରଥ, ବନ୍ଦନା ମହାପାତ୍ର, ରଞ୍ଜନ କୁମାର ସାହୁ, ପବିତ୍ର କୁମାର ଚୌଧୁରୀ, ଇଂ. ମାନସ ରଞ୍ଜନ ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରିଜାଇଡିଂ ଓ ଫାଷ୍ଟ ପୋଲିଂ ଅଫିସରଙ୍କୁ ତାଲିମ

ବ୍ରହ୍ମପୁର, ୧୫।୪(ସମିସ)



ଆସନ୍ତା ସାଧାରଣ ନିର୍ବାଚନ ଲାଗି ମତଦାନ ଦିବସ ପାଖେଇ ଆସୁଛି। ଏହି କ୍ରମରେ ସରକାରୀ କର୍ମଚାରୀଙ୍କୁ ତାଲିମ ଦିଆଯାଉଛି। ପ୍ରଥମ ପର୍ଯ୍ୟାୟ ତାଲିମ ସରିଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ସୋମବାର ବ୍ରହ୍ମପୁର ମହାନଗର ନିଗମ ନୂତନ ସମ୍ମିଳନୀ କକ୍ଷ ଓ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ସମ୍ମିଳନୀ କକ୍ଷରେ ତାଲିମ ଆୟୋଜିତ ହୋଇଥିଲା। ଏଥିରେ ପ୍ରିଜାଇଡ଼ିଂ ଅଫିସର ଓ ଫାଷ୍ଟ ପୋଲିଂ ଅଫିସରମାନେ ତାଲିମ ନେଇଥିଲେ। ଏଥିରେ ମାଷ୍ଟର ଟ୍ରେନର ମାନେ ଯୋଗଦେଇ ଇଭିଏମ ଓ ଭିଭିପାଟ୍ ମକ ପଲ ଏବଂ ଫର୍ମ ପୂରଣ ଉପରେ ତାଲିମ ଦେଇଥିଲେ। ବ୍ରହ୍ମପୁର ମହାନଗର ନିଗମ ଅଧିନସ୍ଥ ସମସ୍ତ ସରକାରୀ କର୍ମଚାରୀଙ୍କୁ ନେଇ ୩୧ଟି ସେକ୍ଟରରେ ବିଭାଜନ କରାଯାଇ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ପ୍ରାୟ ୯୦୦ଜଣ ସରକାରୀ କର୍ମଚାରୀ ତାଲିମ ନେଇଥିବା ସୂଚନା ମିଳିଛି।

## ବିଶିଷ୍ଟ ଜ୍ୟୋତିର୍ବିଦ ରଙ୍କନିଧି ସାହୁଙ୍କ ପରଲୋକ

**ବ୍ରହ୍ମପୁର, ୧୫।୪(ସମିସ):** ସ୍ଥାନୀୟ ବିଜିପୁର ନିବାସୀ ତଥା ବିଶିଷ୍ଟ ଜ୍ୟୋତିର୍ବିଦ ରଙ୍କନିଧି ସାହୁ ରବିବାର ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୧ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ଧର୍ମପତ୍ନି ସୁଦସ୍ନା ସାହୁ, ପୁତ୍ର ନୀଳକଣ୍ଠ ସାହୁ, ନିରଞ୍ଜନ ସାହୁ, ନିର୍ମଳ ସାହୁ, ନୀଳାଞ୍ଚଳ ସାହୁ, କନ୍ୟା ବିଜୟ ଲକ୍ଷ୍ମୀ ସାହୁ, ଉମା ପାତ୍ରଙ୍କ ବହୁ ସମ୍ପର୍କୀୟ ଉପସ୍ଥିତ ରହିଥିଲେ। ତାଙ୍କର ମୃତ୍ୟୁ ଖବର ଶୁଣି ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଶ୍ରୀ ସାହୁଙ୍କ ବିୟୋଗରେ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ସାହୁ ଜଣେ ମେଳାପି ଓ ପରୋପକାରୀ ବ୍ୟକ୍ତି ଥିଲେ। ସୂଚନାଯୋଗ୍ୟ ଯେ ସ୍ୱର୍ଗତ ରଙ୍କନୀଧି ସାହୁ ଜଣେ ଭଲ ଜ୍ୟୋତିର୍ବିଦ ଭାବେ ପରିଚିତ ଥିଲେ। ବିଜିପୁର ଜଗନ୍ନାଥ ମନ୍ଦିରରେ ଭାଗବତ ପାଠ ପ୍ରବଚନ କରି ଆସୁଥିଲେ। ରଙ୍କନିଧି ସାହୁ କରୋନା କାଳରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଅର୍ଥ ଦାନ କରି ବେଶ୍ ପ୍ରଶଂସା ଅର୍ଜନ କରିଥିଲେ।



# ବ୍ରହ୍ମପୁର ପୁଲିସ ଜିଲ୍ଲାରେ ବନ୍ଧୁକ ଜମା ଦେଇନାହାନ୍ତି ୧୩୨ ଜଣ

## ସୁରକ୍ଷା ଦୃଷ୍ଟିରୁ ଘରୋଇ ସୁରକ୍ଷା ସଂସ୍ଥାକୁ ମିଳିଛି ବନ୍ଧୁକ ରଖିବାକୁ ଅନୁମତି
## ଖିଲାପିଙ୍କ ବିରୋଧରେ ନିଆଯିବ ଦୃଢ଼ କାର୍ଯ୍ୟାନୁଷ୍ଠାନ

**ବ୍ରହ୍ମପୁର, ୧୫।୪(ସମିସ):** ଆଗକୁ ସାଧାରଣ ନିର୍ବାଚନ। ଆସନ୍ତା ୧୮ ତାରିଖରୁ ବିଜ୍ଞପ୍ତି ଜାରି ସହ ଆରମ୍ଭ ହେବ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରୀୟା। ଶୃଙ୍ଖଳିତ ଓ ଅବାଧ ନିର୍ବାଚନ କରିବାକୁ ସଜାଗ ରହିଛି ପୁଲିସ। ଏଥିପାଇଁ ଲାଇସେନ୍ସ ପ୍ରାପ୍ତ ବନ୍ଧୁକଧାରୀଙ୍କୁ ନିଜ ନିଜ ବନ୍ଧୁକ ଆଗାମୀ ୨୦ତାରିଖ ସୁଦ୍ଧା ଥାନାରେ ଦାଖଲ କରିବାକୁ ନୋଟିସ ଜାରି କରାଯାଇଛି। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ମୋଟ ୩୩୭ଟି ଲାଇସେନ୍ସ ବନ୍ଧୁକ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୬୧ଟି ବନ୍ଧୁକ ଥାନାରେ ଦାଖଲ ହୋଇସାରିଛି। ତେବେ ଏପର୍ଯ୍ୟନ୍ତ ଅବଶିଷ୍ଟ ୧୩୨ଟି ବନ୍ଧୁକ ଥାନାରେ ଦାଖଲ ନହୋଇ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଖରେ ରହିଛି। ଯାହାକୁ ନେଇ ଚିନ୍ତାରେ ପୁଲିସ। ନୋଟିସ ସତ୍ତ୍ୱେ ଯେଉଁମାନେ ବନ୍ଧୁକ ଦାଖଲ କରିନାହାନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯୋଜନା କରୁଛି ପୁଲିସ। ସୁରକ୍ଷା ଦୃଷ୍ଟିରୁ ବିଭିନ୍ନ ଘରୋଇ ସୁରକ୍ଷା ସଂସ୍ଥାକୁ ୪୪ଟି ବନ୍ଧୁକ ରଖିବାକୁ ଅନୁମତି ଦିଆଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କିଛି ପ୍ରତିଷ୍ଠିତ ବ୍ୟବସାୟୀ ଓ ବ୍ୟକ୍ତିବିଶେଷ ନିଜ ଲାଇସେନ୍ସ ବନ୍ଧୁକ ଦାଖଲ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ବନ୍ଧୁକ ଦାଖଲ କରିବା ପରେ ପୁଲିସ କାଳେ ଫେରସ୍ତ କରିବ କି ନାହିଁ ସେମାନଙ୍କୁ ସେହି ଭୟ ଘାରିଥିବା ଜଣାପଡ଼ିଛି। ନିର୍ବାଚନ ସମୟରେ ଏହି ବନ୍ଧୁକଗୁଡିକୁ ଅପରାଧିକ କାର୍ଯ୍ୟକଳାପରେ ବ୍ୟବହାର ହେବାର ଆଶଙ୍କା ରହିଛି। ନିର୍ବାଚନ ସମୟରେ ଯେଭଳି ଭୋଟର ପ୍ରଭାବିତ ହେବେ ନାହିଁ କିମ୍ବା ସେମାନଙ୍କୁ ଭୟଭୀତ କରାଯିବ ନାହିଁ ସେଥିପ୍ରତି ତୀକ୍ଷ୍ଣ ନଜର ରଖିଛି ପୁଲିସ। ନିର୍ବାଚନ ପୂର୍ବରୁ ବ୍ରହ୍ମପୁର ପୁଲିସ ଜିଲ୍ଲାର ସମସ୍ତ ଅପରାଧୀଙ୍କ ତାଲିକା ପ୍ରସ୍ତୁତ ହୋଇଛି। ବ୍ରହ୍ମପୁର ପୁଲିସ ଜିଲ୍ଲାରେ ଯଦିଓ ପୂର୍ବ ଭଳି ଗ୍ୟାଙ୍ଗୱାର ବା ବନ୍ଧୁକ କାରବାର ହେଉନାହିଁ। ତଥାପି ଏବେ ମଧ୍ୟ କିଛି ଅପରାଧୀ ବ୍ରହ୍ମପୁର ସହର ସମେତ ଉପକଣ୍ଠରେ ବନ୍ଧୁକ ମୁନରେ ଏକାଧିକ ଅପରାଧ ଘଟାଇଛନ୍ତି। ସହରରେ ସକ୍ରିୟ ଥିବା ସିନ୍ଧିଚୋର ଓ ଲୁଟେରାଙ୍କ ନିକଟରେ ରହୁଛି ଚୋରା ବନ୍ଧୁକ। ଯାହା ସାହାଯ୍ୟରେ ସେମାନେ ଚୋରି, ଡକାୟତି ଓ ନିଶା କାରବାର ଆଦି କରି ମାଲାମାଲ ହେଉଛନ୍ତି। ପ୍ରକାଶ ଥାଉକି ଗତ ୧୧ତାରିଖ ରାତିରେ ବ୍ରହ୍ମପୁର ଷ୍ଟେସନ ରୋଡ଼ ସ୍ଥିତ ମମତା ଗେଷ୍ଟ ହାଉସରେ ଗୋଷାଣିନୂଆଗାଁ ଥାନା ପୁଲିସ ଚଢଉ କରି କନ୍ଧମାଳ ଜିଲା ବ୍ରାହ୍ମଣୀଗାଁ ଥାନା ଲଣ୍ଡାଗୁଡି ଗ୍ରାମର ବିବେକ ସେନାପତିଙ୍କ ସମେତ ୩ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଦୁଇଟି ଅଫୁଟା ଗୁଳି, ୨୨କିଲୋ ୫୮୫ ଗ୍ରାମ ଗଞ୍ଜେଇ, ୨ଟି ମୋବାଇଲ ଓ ଗୋଟିଏ ବାଇକ ଜବତ କରିଥିଲା।

ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ଶରତ କୁମାର ମହାନ୍ତି
ବିଣାଦଣ୍ଡା, ବାସୁଦେବପୁର, ଭଦ୍ରକ
ଆବିର୍ଭାବ : ୨୫.୦୧.୧୯୫୯, ତିରୋଧାନ : ୧୬.୦୪.୨୦୧୬
ଅଷ୍ଟମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ପବିତ୍ର ତଥା ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ: ସମସ୍ତ ପରିବାରବର୍ଗ, ବନ୍ଧୁ ଓ ଆତ୍ମୀୟସ୍ୱଜନ

**ଆଗକୁ ନିର୍ବାଚନ**

## ରାଜନୈତିକ ଦଳ ପ୍ରତିନିଧିଙ୍କୁ ନେଇ ବୈଠକ



**ଛତ୍ରପୁର,୧୫ ।୪(ସମିସ):** ଗଞ୍ଜାମ ଜିଲ୍ଲାରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ମେ ୧୩ରେ ବ୍ରହ୍ମପୁର ସଂସଦୀୟ ଓ ମେ ୨୦ରେ ଆସିକା ସଂସଦୀୟ କ୍ଷେତ୍ର ପାଇଁ ନିର୍ବାଚନ ହେବ। ମେ ୧୩ରେ ହେବାକୁ ଥିବା ନିର୍ବାଚନ ଚଳିତ ମାସ ୧୮ରୁ ୨୫ ତାରିଖ ପର୍ଯ୍ୟନ୍ତ ନାମାଙ୍କନ ଦାଖଲ ପ୍ରକ୍ରିୟା ହେବ। କିପରି ପ୍ରାର୍ଥୀମାନେ କେଉଁ ସ୍ଥାନରେ ପ୍ରାର୍ଥିପତ୍ର ଦାଖଲ କରିବେ କଣ ସବୁ ନିୟମ ରହିଛି ସେ ନେଇ ସୋମବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସେହିପରି ମେ ୨୦ରେ ହେବାକୁ ଥିବା ନିର୍ବାଚନ ପାଇଁ ପ୍ରାର୍ଥିପତ୍ର ଅପ୍ରେଲ ୨୬ରୁ ମେ ୩ ପର୍ଯ୍ୟନ୍ତ ଦାଖଲ ଚାଲିବ। ସ୍ୱାଧୀନ ପ୍ରାର୍ଥୀଙ୍କ ଲାଗି ସେହି ନିର୍ବାଚନମଣ୍ଡଳୀର ୧୦ ଜଣ ପ୍ରସ୍ତାବକ ରହିବେ। ସେହିପରି ରାଜ୍ୟ ଦଳ ଓ ରାଷ୍ଟ୍ରୀୟ ଦଳ ଲାଗି ଜଣେ ଲେଖାଏଁ ପ୍ରସ୍ତାବକ ରହିବାକୁ ପଡ଼ିବ। ପ୍ରାର୍ଥୀ ସମସ୍ତ ତଥ୍ୟ ପ୍ରଦାନ କରିବା ସହ ତାଙ୍କ ନାମରେ କୌଣସି ଅପରାଧିକ ମାମଲା ନାହିଁ ଯଦି ଅଛି ତେବେ ସେ ଅତିକମରେ ତିନିଥର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ କରିବାକୁ ପଡ଼ିବ। ଏହାସହିତ ପ୍ରାର୍ଥୀମାନଙ୍କ ନାମାଙ୍କନଠାରୁ ଆରମ୍ଭ କରି ମତଦାନ, ଗଣତି ପର୍ଯ୍ୟନ୍ତ ବିଭିନ୍ନ ବିଷୟରେ ବିସ୍ତୃତ ଭାବେ ଜିଲ୍ଲାପାଳ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ଅବଗତ କରାଇଥିଲେ। ନିର୍ବାଚନ ଆଚରଣବିଧି ସମ୍ପର୍କରେ ମଧ୍ୟ କୁହାଯାଇଛି। ଜିଲ୍ଲାରେ ୧୩ଟି ବିଧାନସଭା କ୍ଷେତ୍ର ପାଇଁ ୩୦୭୭ଟି ବୁଥ୍ ରହିଥିବା ବେଳେ ଚଳିତ ବର୍ଷ ୧୦ଟି ଅତିରିକ୍ତ ମତଦାନ କେନ୍ଦ୍ର ବୃଦ୍ଧି କରାଯାଇଛି। ଗୋପାଳପୁରରେ ୩ଟି, ବ୍ରହ୍ମପୁରରେ ୨, ହିଞ୍ଜିଳିରେ ୪ଟି ଓ କବିସୂର୍ଯ୍ୟନଗରରେ ଗୋଟିଏ ଅତିରିକ୍ତ ମତଦାନ କେନ୍ଦ୍ର କରାଯାଇଛି। ଚଳିତ ବର୍ଷ ଆସିକା ସଂସଦୀୟ କ୍ଷେତ୍ରର ବାଲ୍ଟ ପେପର ଭୋଟ ଗଣତି ଜିଲ୍ଲାପାଳ କାର୍ଯ୍ୟାଳୟ ନିକଟରେ ଥିବା କୋଠା ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରରେ ବାଲ୍ଟ ପେପର ଗଣତି ବ୍ରହ୍ମପୁର ୟୁସିପି ଇଂଜିନିର ସ୍କୁଲରେ ଗଣତି କରାଯିବ ବୋଲି କୁହାଯାଇଛି। ଗତଥର ଅପେକ୍ଷା ଚଳିତ ବର୍ଷ ତିନିଗୁଣ ବାଲଟ ପେପର ମତଦାନ ଆସିବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ସମସ୍ତ ବ୍ୟବସ୍ଥା କରାଯାଇଛି। ଉକ୍ତ କୋଠରୀରେ ସିସିଟିଭି ବ୍ୟବସ୍ଥା ସହ ଭିଡିଓଗ୍ରାଫି ବ୍ୟବସ୍ଥା ରହିବ। ବିଭିନ୍ନ ରାଜନୈତିକ ଦଳର ଏଜେଣ୍ଟଙ୍କ ଉପସ୍ଥିତିରେ କରାଯିବ, ୨୫ ଟେବୁଲ ପଡିବ ବୋଲି ଜିଲ୍ଲାପାଳ କହିଥିଲେ। ସାଧାରଣ ନିର୍ବାଚନକୁ ମୁକ୍ତ ଓ ଅବାଧ କରାଯିବା ସହ ସମସ୍ତ ନିୟମକୁ କଡ଼ାକଡ଼ି ପାଳନ କରାଯିବ। ୧୯୫୦ ଓ ସିଭିଜଲ ଆପ୍‌ରେ ମଧ୍ୟ ଅଭିଯୋଗ ଦାଖଲ କରିପାରିବେ ବୋଲି କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ କୁମାର ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ମଧୁମିତାଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଜଳିଗଲା ୨ ବଖରା



**ଧରାକୋଟ,୧୫ ।୪(ସମିସ):** ଧରାକୋଟ ବ୍ଲକ ଅନ୍ତର୍ଗତ ଡଉଗାଁ ଖଦାଳ ସାହିର ଅନନ୍ତ ନାୟକଙ୍କ ଘରେ ସୋମବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିବାରୁ ତାଙ୍କର ଦୁଇ ବଖରା ଚାଳ ଘର ଜଳି ପୋଡ଼ି ନଷ୍ଟ ହୋଇଯାଇଛି। ଧରାକୋଟ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇ ଥିଲେ। ଅଗ୍ନିକାଣ୍ଡରେ ଘରର ଆସବାବପତ୍ର ସହ ଧାନ, ମୁଗ, ଚାଉଳ ପୋଡ଼ି ନଷ୍ଟ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ର ଅସହାୟ ପରିବାର ନିକଟରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ରାଜସ୍ୱ ବିଭାଗ ତରଫରୁ କ୍ଷୟକ୍ଷତି ଆକଳନ କରାଯାଇ ତାଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବା ସହ ବ୍ଲକ ପ୍ରଶାସନ ତରଫରୁ ଆବାସ ଯୋଜନାରେ ଘର ଯୋଗାଇ ଦେବାପାଇଁ ଦାବି ହେଉଛି। ପ୍ରକାଶଯୋଗ୍ୟ, ସଂପ୍ରତି ଧରାକୋଟ ଗଡ଼ ପାର୍ଶ୍ୱରେ ଥିବା ସୂଳିଆ ପାହାଡ଼ରେ ମଧ୍ୟ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେବା ଯୋଗୁଁ ତାପମାତ୍ରା ବୃଦ୍ଧି ପାଇବା ସହ ରାତିରେ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି।

## ଢାବା ମାଲିକଙ୍କୁ ଲୁଟ୍ ଘଟଣାରେ ୨ ଗିରଫ





**ବୁଗୁଡ଼ା,୧୫ ।୪(ସମିସ):** ବୁଗୁଡ଼ା ଥାନା ଅନ୍ତର୍ଗତ ବିରଞ୍ଚିପୁର ରାସ୍ତାର ପଙ୍କଳସାହି ଛକ ନିକଟରେ ଆଦିପୁର ଗ୍ରାମର କେଶବ ସ୍ୱାଇଁ କରିଥିବା ମା'କାଳୀ ଢାବାରେ ଛୁରି ଦେଖାଇ ଲୁଟ୍ ଘଟଣାରେ ପୁଲିସ ୨ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବୁଗୁଡ଼ା ଥାନା ଶାଳବଣି ଗ୍ରାମର କେଶବ ପ୍ରଧାନ ଓ କୋମଣ୍ଡ ଗ୍ରାମର ଶ୍ରୀକାନ୍ତ ପ୍ରଧାନ। ପୁଲିସ ଶ୍ରୀକାନ୍ତଠାରୁ ୫ ହଜାର ଏବଂ କେଶବଙ୍କଠାରୁ ୧୨୫୦ ଟଙ୍କା ସହ ଛୁରି ଜବତ କରିଛି। ପ୍ରକାଶ ଯେ, ଗତ ୧୩ ତାରିଖ ମାଧ୍ୟାହ୍ନ ସମୟରେ ଅଭିଯୁକ୍ତ ଦ୍ୱୟ ଢାବା ମାଲିକ କେଶବ ସ୍ୱାଇଁଙ୍କୁ ଛୁରି ଦେଖାଇ ୧୧ ହଜାର ଟଙ୍କା ଲୁଟି ନେଇଥିଲେ। ଘଟଣା ପରେ ଅଭିଯୁକ୍ତ କେଶବ ଜୟପୁର ଚାଲିଯାଇଥିଲା। ତେବେ ପୁଲିସ ସୋମବାର ଉଭୟଙ୍କୁ ଗିରଫ କରିବା ସହ କେସ୍ ନଂ ୨୭୪/୨୪ରେ ଏକ ମାମଲା ରୁଜୁ କରି କୋର୍ଟଚାଲାଣ କରିଛି।

## ଆମ୍ବେଦକର ଜୟନ୍ତୀ ପାଳିତ



**ଭଞ୍ଜନଗର,୧୫ ।୪(ସମିସ):** ଭଞ୍ଜନଗର ହାଇସ୍କୁଲ ଛକ ନାୟକ ଭବନ ଠାରେ ଡକ୍ଟର ବି. ଆର ଆମ୍ବେଦକରଙ୍କ ୧୩୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ସୋମନାଥ ନାୟକଙ୍କ ଆବାହକତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ କବି ପ୍ରଶାନ୍ତ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଆଲୋଚନାରେ ଓକିଲ ସଂଘର ପ୍ରାକ୍ତନ ସଭାପତି ବୈଦ୍ୟନାଥ ସାହୁ, ଅଭିମନ୍ୟୁ ଗୌଡ଼, ପଣ୍ଡିତ ବିପ୍ରଚରଣ ସାହୁ, ବିଜୟ କୁମାର ପାତ୍ର, ଗୋବିନ୍ଦ ଚନ୍ଦ୍ର ଲେଙ୍କା, ପିତାମ୍ବର ପରିଡା, ପ୍ରକାଶ ଚନ୍ଦ୍ର ସାହୁ, ହୃଷୀକେଶ ସାହୁ, ଲଡୁକିଶୋର ପ୍ରଧାନ, ସୁଶାନ୍ତ ପାତ୍ର, ପୁରୁଷୋତ୍ତମ ମହାପାତ୍ର, ବବି ରଥ, ରବୀନ୍ଦ୍ର ପାତ୍ର, ରଞ୍ଜିତ ଜେନା, ଚାଷୀ ମୂଳିଆ ଜିଲ୍ଲା ସଭାପତି ନିରାକାର ନାୟକ, ଗୋପାଳକୃଷ୍ଣ ବିଷୋୟୀ, ସମାଜସେବୀ ଭଞ୍ଜକିଶୋର ପ୍ରଧାନ, ପଦ୍ମନାଭ ପ୍ରଧାନ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆରମ୍ଭରେ ଆବାହକ ସୁଭାଷ ଚନ୍ଦ୍ର ପାଢ଼ୀଙ୍କ ଦ୍ୱାରା ପ୍ରସ୍ତୁତ ଭିତ୍ତିପତ୍ରକୁ ପାଠ କରାଯାଇଥିଲା। ଆଚାର୍ଯ୍ୟ ରବିନାରାୟଣ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ରହ୍ମାକୁମାରିସ ଶାନ୍ତିକୁଣ୍ଡ ପକ୍ଷରୁ ରାଷ୍ଟ୍ରୀୟ ସମ୍ମିଳନୀ



**ବ୍ରହ୍ମପୁର,୧୫ ।୪(ସମିସ):** ପ୍ରଜାପିତା ବ୍ରହ୍ମାକୁମାରିସ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତି କୁଣ୍ଡ ପକ୍ଷରୁ ରାଷ୍ଟ୍ରୀୟ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଡ଼ା. ଦେବବ୍ରତ ସ୍ୱାଇଁ ଯୋଗଦେଇ ବାସ୍ତବ ଜୀବନରେ କିଭଳି ରିଲାକ୍ସ ଆଣ୍ଡ ରିଚାର୍ଜ ସମ୍ପର୍କରେ ଆଲୋଚନା କରିଥିଲେ। ସେହିପରି ମୁଖ୍ୟ ଅତିଥି ଭାବେ ଜୟଶ୍ରୀ କେମିକାଲର ବିଭାଗୀୟ ମୁଖ୍ୟ ଅଜୟ କୁମାର ଗୁପ୍ତା ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ ଈଶ୍ୱରୀୟ ବିଦ୍ୟାଳୟର ଅତିରିକ୍ତ ମୁଖ୍ୟ ପ୍ରଶାସିକା ରାଜଯୋଗିନୀ ବ୍ରହ୍ମାକୁମାରି ଜୟନ୍ତୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜ୍ୟୋତି ଆରାଧନା ନୃତ୍ୟ ପରିବେଷଣ କରାଯାଇଥିଲା। ପରିଶେଷରେ ଭଗିନୀ ଗୀତା ଧନ୍ୟବାଦ ଅର୍ପଣ କରିଥିଲେ।

## ୱାରେଣ୍ଟରେ ଜଣେ କୋର୍ଟଚାଲାଣ

**ବ୍ରହ୍ମପୁର,୧୫ ।୪(ସମିସ):** ଗୋପାଳପୁର ପୁଲିସ ଆଜି ପୁରୁଣା ୱାରେଣ୍ଟରେ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ନୂଆ ଗୋଳାବନ୍ଧ ଗ୍ରାମର ଜେ. ଆପେୟା ବୋଲି ପୁଲିସ କହିଛି। ସୂଚନା ପ୍ରକାରେ ୨୦୧୯ ମସିହାରେ ଏକ ହତ୍ୟା ମାମଲାରେ ଜଡିତ ରହିଥିଲେ। କୋର୍ଟର ଆଦେଶକୁ ଅବମାନନା କରିବା ସହ ଅଞ୍ଚଳରୁ ଫେରାର ଥିଲେ। ଆଜି କୌଣସି ସୂତ୍ରରୁ ଗୋପାଳପୁର ପୁଲିସ ଖବର ପାଇଁ ନିଜ ଗ୍ରାମରୁ ଅଭିଯୁକ୍ତଙ୍କୁ କାବୁ କରି କୋର୍ଟଚାଲାଣ କରିଥିବା ପୁଲିସ କହିଛି।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗ, ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୧୫ ।୪(ସମିସ):** ଜୈନିକା ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ପାଟପୁର ଥାନା ଅନ୍ତର୍ଗତ ଧର୍ମରାୟପୁର ଗ୍ରାମର ସାଗର ସ୍ୱାଇଁ (୨୪) ବୋଲି ପୁଲିସ କହିଛି। ଅନ୍ୟପକ୍ଷରେ ଉଭୟଙ୍କ ଡ଼ାକ୍ତର ମାଇନା କରାଯାଇଥିବା କରାଯାଇଛି। ବର୍ତ୍ତମାନ ଉଦ୍ଧାର ନାବାଳିକାକୁ ସିଡବ୍ଲୁସିରେ ହଜାର କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ କିଛିଦିନ ପୂର୍ବେ ଟାଉନ ଥାନା ଅଞ୍ଚଳର ଜଣେ ନାବାଳିକା ଜଣଙ୍କ ଘରୁ କୁଆଡ଼େ ପଳାଇଥିଲେ। ପରିବାର ଲୋକ ବହୁ ଖୋଜିବା ପରେ ମଧ୍ୟ ତାଙ୍କୁ ପାଇ ନଥିଲେ। ଏନେଇ ନାବାଳିକାଙ୍କ ପରିବାର ଲୋକେ ଝିଅ ନିଖୋଜ ଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ପାଟପୁର ଥାନା ଅନ୍ତର୍ଗତ ଧର୍ମରାୟପୁର ଗ୍ରାମର ସାଗର ସ୍ୱାଇଁ ନାମକ ଜଣେ ଯୁବକଙ୍କ ନିକଟରେ ନାବାଳିକା ଜଣକ ଥିବା ପୁଲିସ ଜାଣିଥିଲାକ। ଏହି ଘଟଣାରେ ପୁଲିସ ଅପହରଣକାରୀ ସାଗରଙ୍କ ମୋବାଇଲକୁ ଟ୍ରାକିଂ କରି ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ସାଗରକୁ କାବୁ କରିଥିଲା। ଅଭିଯୁକ୍ତ ଜଣଙ୍କ ନାବାଳିକାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କୁ ଅପହରଣ କରିବା ସହ ଦୁଷ୍କର୍ମ କରିଥିବା ପୁଲିସ ତଦନ୍ତରେ ଜଣାପଡିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସାଗରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ନାୟକ ସୂଚନା ଦେଇଛନ୍ତି।

## ସୁନାଚେନ୍ ଲୁଟ୍ ଘଟଣା, ପଶ୍ଚିମବଙ୍ଗ ମହିଳା ଗିରଫ

**ବ୍ରହ୍ମପୁର,୧୫ ।୪(ସମିସ):** ଜଣେ ମହିଳାଙ୍କ ବେକରୁ ସୁନା ଚେନ ଲୁଟ କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ମହିଳା ଜଣକ ହେଲେ ପଶ୍ଚିମବଙ୍ଗ ହୁଗୁଳି ଜିଲ୍ଲା ଚୁଚୁରା ଥାନା ଲୋକପଡା ଗ୍ରାମର ଶିବାନୀ ସାଉନି(୩୦)। ସୂଚନାଯୋଗ୍ୟ ଯେ, ଗତ ୧୪ତାରିଖରେ ଅମ୍ବିକା ନଗର ୨ୟ ଲାଇନ ନିବାସି ଏ. ଜୟନ୍ତୀ ପାତ୍ର ଦଣ୍ଡକାଳୀଙ୍କ ଦର୍ଶନ ପାଇଁ ବିଜିପୁର ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ମହିଳା ଶିବାନୀ ତାଙ୍କ ବେକରୁ ୩ଭରି ଓଜନର ସୁନା ଚେନ ଝାମ୍ପି ନେଇ ଯାଇଥିଲେ। ହେଲେ ଜୟନ୍ତୀ ତୁରନ୍ତ ଶିବାନୀଙ୍କ ଚୁଟି ଧରି ଟାଣି ଦେବା ସହ ତାଙ୍କୁ କାବୁ କରି ନେଇଥିଲେ। ଏହାପରେ ଶିବାନୀଙ୍କୁ ଟାଉନ ଥାନା ପୁଲିସକୁ ହସ୍ତାନ୍ତର କରାଯାଇଥିଲା। ଜୟନ୍ତୀଙ୍କ ଅଭିଯୋଗକ୍ରମେ ପୁଲିସ ଏକ ମାମଲା ରୁଜୁ କରି ଶିବାନୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

## ନିର୍ମାଣାଧୀନ ଘରୁ ଚୋରି, ଥାନାରେ ଏତଲା

**ବ୍ରହ୍ମପୁର,୧୫ ।୪(ସମିସ):** ଗୋପାଳପୁର ଥାନା ଅନ୍ତର୍ଗତ ବଡ଼କୁସ୍ଥଳିଠାରେ ଚାଲିଥିବା ଏକ ନିର୍ମାଣଧିନ ଘରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ ଯେ, ପୁରୀ ଜିଲ୍ଲା ନିବାସୀ ସୁହାଗନ ନାୟକ ବ୍ରହ୍ମପୁର ପୁଲିସ ଜିଲ୍ଲା ଗୋପାଳପୁର ଥାନା ଅଧିନ ସ୍ଥାନୀୟ ବଡ଼କୁଶସ୍ଥଳୀ ଗ୍ରାମରେ ନୂତନ କୋଠା ନିର୍ମାଣ କରୁଛନ୍ତି। ଏଥିପାଇଁ ବିଭିନ୍ନ ଲୁହା ରଡ଼ ଓ ପାଇପ ଗଚ୍ଛିତ ରଖିଥିଲେ। ସୋମବାର ସକାଳ ୧୧ଟା ସମୟରେ ଦେଖିବା ବେଳେ ରବିବାର ରାତିରେ ଦୁର୍ବତ୍ତ ମାନେ ଏଠାରେ ଗଚ୍ଛିତ ଥିବା ଲୁହା ରଡ଼ ଓ ପାଇପ ଚୋରି କରିନେଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଚୋରି ହୋଇଥିବା ସାମଗ୍ରୀର ଆନୁମାନିକ ମୂଲ୍ୟ ପ୍ରାୟ ୭୦ ହଜାର ଟଙ୍କା ହେବ ବୋଲ ଅଭିଯୋଗରେ ଉଲ୍ଲେଖ ରହିଛି ।

**• ଚମାଖଣ୍ଡି ପୁଲିସର ଯାଞ୍ଚ୍**

## ୧୦ ବାଇକ୍ ଜବତ



**ଛତ୍ରପୁର,୧୫ ।୪(ସମିସ):** ଚମାଖଣ୍ଡି ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଗାଡ଼ିଗୁଡ଼ି କୁ ଯାଞ୍ଚ କାର୍ଯ୍ୟ ଚାଲୁ ରହିଛି। ରବିବାର ରାତିରେ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଇ ୧୦ଟି ବାଇକ୍ ଜବତ କରାଯାଇଛି। ସେଥିମଧ୍ୟରୁ ମଦ୍ୟପାନ କରି ଗାଡ଼ି ଚଳାଉଥିବା ନେଇ ୬ଟି ବାଇକ୍ ଜବତ ହୋଇଥିବା ବେଳେ ଗୋଟିଏ ବାଇକ୍‌ରେ ୩ଜଣ ବସିଥିବା ନେଇ ୪ଟି ବାଇକ୍‌କୁ ଜବତ କରିଛି ପୁଲିସ।

## ପୋଖରୀରେ ବୁଡ଼ି ଜଣେ ମୃତ

**ଜି.ଉଦୟଗିରି,୧୫ ।୪(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବଜାର ବନ୍ଧରେ ସୋମବାର ସକାଳେ ଗାଧୋଇବା ବେଳେ ଜଣେ ବ୍ୟକ୍ତି ଅସାବଧାନତାବଶତଃ ଗୋଡ଼ ଖସିଯାଇ ପାଣିରେ ବୁଡ଼ିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ, ବଡ଼ସାହିର ଆକାଶ କୁମାର ନାୟକ(୫୪)। ସେ ସକାଳେ ଗାଧୋଇବା ପାଇଁ ବଜାର ବନ୍ଧକୁ ଯାଇଥିଲେ। ଅସାବଧାନତା ଯୋଗୁଁ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ସ୍ଥାନୀୟ ଦମକଳ ବାହିନୀଙ୍କୁ ଖବର ଦେଇଥିଲେ। ଦମକଳ ବାହିନୀ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଜି.ଉଦୟଗିରି ଥାନାରେ ଏକ ମାମଲା ରୁଜୁ ହୋଇଛି।




ବିଜ୍ଞାପନର ସଫଳ କୌଶଳରେ ଅନେକ ଛୋଟ ଜିନିଷ ବଡ଼ ହୋଇଯାଏ।
- ମାର୍କ ଟ୍ୱେନ୍

ସକାଳ
THE SAKALA

# ବଜାର ଓ ବିଜ୍ଞାପନର କିମିଆରେ ତ୍ରସ୍ତ ଉପଭୋକ୍ତା

ଆଗକୁ ଅକ୍ଷୟ ତୃତୀୟା, ସ୍ନାନ ପୂର୍ଣ୍ଣିମା ଓ ଗୁଣ୍ଡିଚା ଯାତ୍ରା ଆଦି ପର୍ବ ପାଖେଇ ଆସୁଛି। ପାର୍ବଣ ଓ ପରମ୍ପରାର ଏକ ବଡ଼ ଅଂଶ ହେଲା ନୂଆ ନୂଆ ଜିନିଷ କିଣିବା, ବଜାର ଓ ମଲ୍‌ମାନଙ୍କରେ ଭିଡ଼ ଜମାଇବା ଏବଂ ବିଭିନ୍ନ ପ୍ରକାର ଆକର୍ଷଣୀୟ ଜିନିଷ ତଥା ସେବା କିଣିବା। ସେପଟେ ଏହିଭଳି ସୁଯୋଗକୁ ଉଣ୍ଡି ବସିଥା'ନ୍ତି ଅସଂଖ୍ୟ ନିର୍ମାତା, ଉତ୍ପାଦନକାରୀ ତଥା ବ୍ୟବସାୟୀ ସମ୍ପ୍ରଦାୟ। ଗାଁ ଗହଳିର ହାଟପାଳିଠାରୁ ଆରମ୍ଭ କରି ମହାନଗରୀର ବିଶାଳ ମଲ୍ ଅଟ୍ଟାଳିକା ତଥା ରାସ୍ତାକଡ଼ର ଚଟ୍‌ପଟା ଜଳଖିଆ ଦୋକାନଠାରୁ ସପ୍ତତାରକା ହୋଟେଲ୍ ପର୍ଯ୍ୟନ୍ତ, ଏପରିକି ଦେଶ ଭିତର ଓ ଆନ୍ତର୍ଜାତିକ ପରିଭ୍ରମଣ ବଜାର ମଧ୍ୟ ଏହି ପାର୍ବଣ ଋତୁରେ ଚଳଚଞ୍ଚଳ ହୋଇଉଠେ। ଟିଭି, ରେଡିଓ, ଇଣ୍ଟରନେଟ୍, ଡିଜିଟାଲ୍ ମିଡିଆ, ଖବରକାଗଜ ଓ ପତ୍ରପତ୍ରିକାରେ ତଥା ରାସ୍ତାଘାଟରେ ବଡ଼ ବଡ଼ ଆକର୍ଷକ ରଙ୍ଗୀନ ବିଜ୍ଞାପନ ବୋର୍ଡ ଓ ରଙ୍ଗୀନ ନିଅନ୍ ଆଲୋକରେ ସଜ୍ଜିତ ଇଲେକ୍ଟ୍ରୋନିକ୍ ବିଜ୍ଞାପନ ପାନେଲ୍ ଆଦି ଚାରିଆଡ଼େ ପ୍ରଲୋଭନର ମାୟାମୃଗ ଦଉଡ଼ାଇବା ଆରମ୍ଭ କରାନ୍ତି। କେଉଁଠି ବିଶେଷ ପାର୍ବଣ ବିକ୍ରି ନାଁରେ ଅଧିକା ରିହାତି ମିଳିଲାଣି ତ ଆଉ କେଉଁଠି 'ଲକି ଡ୍ର' ମାଧ୍ୟମରେ ବିଦେଶ ଯାତ୍ରା, ସୁନା ଗହଣା, ଗାଡ଼ି ମୋଟର ଉପହାରର ତାମସୀ ଆକର୍ଷଣ। ହାତରେ ଦି'ପଇସା ରଖି ଗ୍ରାହକଟିର ମନ ବିକଳ ହୋଇଉଠେ। ଚଉତରଫା ବିଜ୍ଞାପନ ମାଧ୍ୟମରେ ଅଲୋଡ଼ା ବିଳାସ ସାମଗ୍ରୀମାନଙ୍କର କୃତ୍ରିମ ଆବଶ୍ୟକତା ବିଭିନ୍ନ ବର୍ଗର ଗ୍ରାହକଙ୍କୁ ସମ୍ମୋହିତ କରିଦିଏ। ତା' ଛଡ଼ା କ୍ରେଡିଟ୍ କାର୍ଡର ଆକର୍ଷଣ ଆହୁରି ଗଭୀର। ସହଜିଆ ମାସିକ କିସ୍ତିରେ କିଣଦିଅ ଓ ପରେ ନାକରେ କାନ୍ଦି ଟଙ୍କା ପରିଶୋଧ କର। ଚକ୍‌ମକ୍ ବିଜ୍ଞାପନରେ ମୋହିତ ଅଧିକାଂଶ ଗ୍ରାହକଙ୍କର ନିଘା ନଥାଏ କିଣୁଥିବା ଦ୍ରବ୍ୟଟିର ଗୁଣ ଓ ମାନର ସୂଚନା ଉପରେ। ସତେଯେମିତି ନିରୀହ ପତଙ୍ଗଟିଏ ଟାଣି ହୋଇ ଚାଲି ଯାଉଛି ବିଜ୍ଞାପନର ମରିଚୀକାରେ ଝାସ ଦେବାକୁ। ସାମ୍ପ୍ରତିକ ବିଶ୍ୱାୟନ, ବାଣିଜ୍ୟ ଓ ଅର୍ଥନୀତିର ଅସାଧୁ ଆକର୍ଷଣ ଭାରତ ଭଳି କେତେ ଯେ ବିକାଶଶୀଳ ରାଷ୍ଟ୍ରର ଉପଭୋକ୍ତାଙ୍କୁ ଆକ୍ରାନ୍ତ କରୁଛି ତାହା ଅକଳନୀୟ।

ଭାରତ ଏକ ଉପମହାଦେଶ ତଥା ଏକ ବିଶାଳ ଖାଉଟି ବଜାର। ପ୍ରାୟ ଏକଶହ ଚାଳିଶ କୋଟିରୁ ଅଧିକ ଲୋକ ବସବାସ କରୁଥିବା ଭାରତ ଭଳି ଦେଶରେ ଲୋକଙ୍କର କ୍ରୟଶକ୍ତି ମଧ୍ୟ ଭଲ। ତେଣୁ ଏଠାରେ ଯେକୌଣସି ସାମଗ୍ରୀର ବିପଣନ ପାଇଁ ବିସ୍ତୃତ ବଜାର ଉପଲବ୍ଧ। ବ୍ୟାପକ ପ୍ରଚାର ଏବଂ ଗଣମାଧ୍ୟମରେ ଅହର୍ନିଶ ବିଜ୍ଞାପନ ବିଭିନ୍ନ ସାମଗ୍ରୀ ଓ ସେବାକୁ କ୍ରେତା ବା ଖାଉଟିଙ୍କ ସହିତ କେବଳ ପରିଚୟ କରାଇ ନଥାଏ; ଏହା ମଧ୍ୟ ସେମାନଙ୍କ କଳ୍ପନା ଓ ଇଚ୍ଛାଶକ୍ତିକୁ ପ୍ରଭାବିତ କରିଥାଏ। ଭାରତୀୟ ଖାଉଟିଙ୍କ ଏହି ବିଶାଳ-ସମ୍ମୋହନର ସୁଯୋଗ ନେଇ ଅନେକ ଅସାଧୁ ବେପାରୀ / କମ୍ପାନୀ, ଉତ୍ପାଦନକାରୀ ବିଭିନ୍ନ ପ୍ରକାର ଖାଉଟି ସାମଗ୍ରୀକୁ ବିଜ୍ଞାପନ ମାଧ୍ୟମରେ ବିକ୍ରି କରି ମାଲେମାଲ ହୋଇଥା'ନ୍ତି। ଖାଉଟିଙ୍କ ସ୍ୱାର୍ଥ ରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର କଟକଣା ଓ ନୀତି ନିୟମ ରହିଛି। ଏହାସତ୍ତ୍ୱେ ଲାଭଖୋର କମ୍ପାନୀ ଓ ବିକ୍ରେତା ଦ୍ରୁତ ସହରାୟନ, ଇ-କମର୍ସ ଓ ବିଜ୍ଞାପନକୁ ମାଧ୍ୟମ କରି ଭେଜାଲ ଓ ନିମ୍ନମାନର ସାମଗ୍ରୀ ବିକ୍ରି କରୁଛନ୍ତି। ଖାଦ୍ୟ ପଦାର୍ଥ ଓ ଔଷଧପତ୍ର ମଧ୍ୟ ଏଥିରୁ ବାଦ୍ ପଡୁନାହିଁ। ବିଭ୍ରାନ୍ତିକର ବିଜ୍ଞାପନ ଦେଇ ଜଣେ ପ୍ରତିଷ୍ଠିତ ଆୟୁର୍ବେଦ ଔଷଧ କମ୍ପାନୀ ସୁପ୍ରିମକୋର୍ଟ ଦ୍ୱାରା ନିକଟରେ ଭର୍ତ୍ସିତ ହେବା ପରେ ସ୍ୱୟଂ ସେହି ଯୋଗଗୁରୁ ଓ ତାଙ୍କ ଚେଲାମାନେ ସର୍ବୋଚ୍ଚ ଅଦାଲତରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିଥିଲେ। ଏବେ ସେହିପରି କେତେକ ତଥାକଥିତ ସ୍ୱାସ୍ଥ୍ୟବର୍ଦ୍ଧକ ପାନୀୟ ଦ୍ରବ୍ୟ ଉପରେ ସରକାରୀ କଟକଣା ଲାଗୁ କରାଯାଇଛି। ପାନୀୟ ଓ ଖାଦ୍ୟପଦାର୍ଥର ମାନ ନିର୍ଦ୍ଧାରଣ ଏବଂ ବର୍ଗୀକରଣ ପାଇଁ ଭାରତରେ ଖାଦ୍ୟ ନିରାପତ୍ତା ଓ ମାନକ ପ୍ରାଧିକରଣ (ଏଫ୍‌ଏସ୍‌ଏସ୍‌ଏଆଇ) ରହିଛି। ଯେଉଁସବୁ ଦ୍ରବ୍ୟକୁ ହେଲ୍‌ଥ ଡ୍ରିଙ୍କ୍‌ସ କହି କମ୍ପାନୀମାନେ ବିକ୍ରି କରୁଛନ୍ତି, ବାସ୍ତବରେ ୨୦୦୬ରେ ପ୍ରଣୀତ ଏଫ୍‌ଏସ୍‌ଏସ୍ ଆଦେଶ ସାରଣୀରେ ସେପରି କିଛି ବର୍ଗ ବା ସାମଗ୍ରୀ ଉଲ୍ଲେଖ ନାହିଁ। ଚଳିତ ମାସ ପ୍ରାରମ୍ଭରେ ଏଫ୍‌ଏସ୍‌ଏସ୍‌ଏଆଇ ଜନସ୍ୱାର୍ଥ ଦୃଷ୍ଟିରୁ ଭାରତରେ କୌଣସି ଶସ୍ୟ ଓ ଦୁଗ୍ଧରୁ ତିଆରି ପାନୀୟକୁ ସମ୍ପୃକ୍ତ ପ୍ରସ୍ତୁତକର୍ତ୍ତା 'ହେଲ୍‌ଥ ଡ୍ରିଙ୍କ୍‌ସ' ଭାବେ ଦର୍ଶାଇ ପାରିବେ ନାହିଁ ବୋଲି ଇ-କମର୍ସ ସାଇଟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲା। ଏବେ ଏସବୁ ତଥାକଥିତ 'ହେଲ୍‌ଥ ଡ୍ରିଙ୍କ୍‌ସ'ର ଲେବଲିଂ(ବ୍ୟବହୃତ ଦ୍ରବ୍ୟ ସୂଚନା)କୁ ହଟାଇବାକୁ କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ଇ-କମର୍ସ୍ ପ୍ଲାଟଫର୍ମଗୁଡ଼ିକୁ ନିର୍ଦ୍ଦେଶ ଦେଇଛି। ଏପରିକି କୌଣସି କମ୍ପାନୀ ଓ ପୋର୍ଟାଲରେ ଏହାକୁ 'ହେଲ୍‌ଥ ଡ୍ରିଙ୍କ୍‌ସ' ଭାବେ ପ୍ରଚାର ବା ଉପସ୍ଥାପିତ କରିହେବ ନାହିଁ। ଏ ସବୁ ସାମଗ୍ରୀ ଯାହା ବଜାରରେ ରହିଛି ତାହାକୁ ମଧ୍ୟ ତତ୍କାଳ ପ୍ରତ୍ୟାହାର କରି ନେବାକୁ ସରକାର ସମ୍ପୃକ୍ତ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଜନସ୍ୱାର୍ଥ ଦୃଷ୍ଟିରୁ ଏହା ନିଶ୍ଚିତ ସ୍ୱାଗତଯୋଗ୍ୟ ଏବଂ ଅସାଧୁ ବ୍ୟବସାୟକୁ ରୋକିବାରେ ଏହା ଅବଶ୍ୟ ସହାୟକ ହେବ।

ଏହିଭଳି ଏକ ଅଗ୍ରଣୀ ତଥାକଥିତ ସ୍ୱାସ୍ଥ୍ୟବର୍ଦ୍ଧକ ପାନୀୟ ନିର୍ମାତାର ଭାରତରେ କାରବାର ପରିମାଣ ବାର୍ଷିକ ୨.୫ ଲକ୍ଷ କୋଟି ଟଙ୍କା। ତେବେ ସ୍ୱାସ୍ଥ୍ୟପ୍ରଦ ପାନୀୟ କୁହାଯାଉଥିବା ଏହି ଉତ୍ପାଦରେ ଗହମର ଉପାଦାନ ଓ ମାତ୍ରାଧିକ ଚିନି ରହିଥିବା ପରୀକ୍ଷାରୁ ଜଣାପଡ଼ିଛି ଏବଂ ଏହା ଆଦୌ ସ୍ୱାସ୍ଥ୍ୟପ୍ରଦ ନୁହେଁ। ଏଭଳି ତଥାକଥିତ 'ହେଲ୍‌ଥ ଡ୍ରିଙ୍କ୍‌ସ' ମିଥ୍ୟା ତଥ୍ୟ ଆଧାରରେ ବେପାର ଜମାଇଛନ୍ତି। ପ୍ରକୃତରେ ଏହା ଶିଶୁ, ରୋଗୀ ଓ ବୁଢ଼ାବୁଢ଼ୀଙ୍କ ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ। ସୁତରାଂ ସମ୍ପୃକ୍ତ କମ୍ପାନୀମାନେ ଏହାର 'ହେଲ୍‌ଥ ଡ୍ରିଙ୍କ୍‌ସ' ବିଜ୍ଞାପନ ଲେବୁଲ ବଦଳାଇବାକୁ ବାଧ୍ୟ। କାରଣ ଭାରତୀୟ ଖାଦ୍ୟ ମାନକ ଆଇନରେ ଏମିତି ବର୍ଗ ବା ଶ୍ରେଣୀ ରଖା ଯାଇନାହିଁ। ଏହି ପର୍ଯ୍ୟାୟର ତଥାକଥିତ 'ହେଲ୍‌ଥ ଡ୍ରିଙ୍କ୍‌ସ' ଭାରତୀୟ ବଜାର କେବଳ ନୁହେଁ, ସଂସ୍କୃତିରେ ମଧ୍ୟ ବହୁଦିନ ଧରି ଆସ୍ଥାନ ଜମାଇ ସାରିଛନ୍ତି। କମ୍ପାନୀମାନେ ଜନସ୍ୱାସ୍ଥ୍ୟର ସମ୍ବର୍ଦ୍ଧକ ଭାବେ ମିଥ୍ୟା ପରିଚୟ ଦେଇ ପ୍ରଚୁର ମୁନାଫା ଉଠାଉଛନ୍ତି। ବାସ୍ତବରେ ସେମାନେ କେବଳ ଖାଉଟିଙ୍କୁ ବିଭ୍ରାନ୍ତ କରି ଲାଭ ଉଠାଉଛନ୍ତି। ଏହା ଅନୈତିକ ଏବଂ ଦଣ୍ଡନୀୟ।

ଭାରତର ଏଫ୍‌ଏମ୍‌ସିଜି(ବ୍ୟାପକ ବ୍ୟବହୃତ ଖାଉଟି ଦ୍ରବ୍ୟ)ବଜାରରେ ବହୁରାଷ୍ଟ୍ରୀୟ କମ୍ପାନୀଙ୍କ ପ୍ରଭାବ ଅଖଣ୍ଡ। ସେଥିରୁ ଖାଦ୍ୟ ଓ ଖାଦ୍ୟ ପ୍ରକ୍ରିୟାକରଣ କ୍ଷେତ୍ରଟି ସମ୍ପୂର୍ଣ୍ଣ ଭାବେ ସେମାନଙ୍କ ନିୟନ୍ତ୍ରଣରେ ରହିଛି କହିଲେ ଚଳେ। କୋଲ୍‌ଡ୍ରିଙ୍କ୍‌ସ, ଚକୋଲେଟ୍, ଫ୍ରୁଟି, ବଟର, ବିଜ୍ ବିସ୍କୁଟ, ଜେଲି, ତଥାକଥିତ ହେଲ୍‌ଥ ଡ୍ରିଙ୍କ୍‌ସ ପରେ ଏବେ 'ଏନର୍ଜି ଡ୍ରିଙ୍କ୍‌ସ'ମାନେ ଆମ ବଜାରରେ ରାଜତ୍ୱ କରୁଛନ୍ତି। ତେବେ ଏ ସବୁର ପ୍ରକୃତ ଦ୍ରବ୍ୟ ଗୁଣ ବିଷୟରେ ପ୍ରକୃତ ତଥ୍ୟକୁ ଗୋପନ ରଖାଯାଉଛି। ବିଜ୍ଞାପନ ଓ ଇ-କମର୍ସ ମଞ୍ଚ ଏ ସବୁକୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଉଛି। ପରିତାପର ବିଷୟ ହେଉଛି ଭାରତୀୟ ବଜାର ପ୍ରକାଣ୍ଡ ଆକାର ଧାରଣ କରିଥିଲେ ମଧ୍ୟ ଏହା ଏଯାଏଁ ପୋଖତ ଏବଂ ନୈତିକତା ମୂଳକ ହୋଇପାରିନାହିଁ। ଲୋକଙ୍କ ପାଖରେ ପଇସା ହେବା ପରେ ସେମାନେ ବିଜ୍ଞାପନ ମାୟାରେ ପଡ଼ି ଏ ସବୁ ଅସ୍ୱାସ୍ଥ୍ୟକର ଜିନିଷ କିଣି ଖାଇ ଠକି ହେଉଛନ୍ତି ଓ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ଗୋଟେ ସମୟ ଥିଲା ଶିଶୁ ଖାଦ୍ୟ (ବେବି ଫୁଡ୍) ନାମରେ ଅନେକ ପ୍ରକାର କମ୍ପାନୀ ପ୍ରସ୍ତୁତ କୃତ୍ରିମ ଖାଦ୍ୟ ଭାରତରେ ବହୁଳ ଭାବେ ବିକ୍ରି ହେଉଥିଲା। ଏଥିରେ ଠକାମି ଧରା ପଡ଼ିବା ପରେ ସରକାର ତାହାକୁ ନିଷିଦ୍ଧ କରିଥିଲେ। ଆମର ନିର୍ବୋଧତା ହେଲା ଆମେ ଆମ ଘର ତିଆରି ବା ଘରୋଇ ପ୍ରସ୍ତୁତ ଖାଦ୍ୟକୁ ନାକ ଟେକି ନୁଡୁଲ୍ସ, ନମକିନ୍, ବ୍ରେଡ୍, ସସ୍, ବିସ୍କୁଟ, ଚକୋଲେଟ୍, ୟୁଗର୍ଟ ଏବଂ ଅନ୍ୟାନ୍ୟ ଫ୍ୟାକ୍ଟ୍ରି ନିର୍ମିତ ପ୍ୟାକେଟ୍‌କରା ଚଟପଟି ଖାଦ୍ୟକୁ ଅଗ୍ରାଧିକାର ଦେଉଛୁ। ଏଥିରେ ବାସ୍ତବରେ କ'ଣ ଅଛି ତାହା ସମସ୍ତଙ୍କୁ ଜଣାନାହିଁ। ଏଥିରେ ଯେଉଁ ଉପାଦାନର ତାଲିକା ଲେଖାଯାଇଥାଏ, ତାହା ଅନେକାଂଶରେ ମିଛ ବୋଲି ଅତୀତରେ ପ୍ରମାଣିତ ହୋଇଛି।

ଭାରତ ଭଳି ଦ୍ରୁତ ବିକାଶଶୀଳ ବଜାରରେ ଖାଦ୍ୟଦ୍ରବ୍ୟର ସୁରକ୍ଷା ପ୍ରଥମ ଆବଶ୍ୟକତା। ବଜାରର ପରିପକ୍ୱହୀନତା ଓ ବ୍ୟବସ୍ଥାଗତ ଉଦାସୀନତାର ସୁଯୋଗ ନେଇ ଏଠାରେ ଅସାଧୁ କମ୍ପାନୀମାନେ ଲୋକଙ୍କୁ ଠକି ବେପାର କରିବା ଏକ ଜଘନ୍ୟ ଅପରାଧ। ଏଭଳି ଅନୀତିକୁ ରୋକିବାକୁ କାର୍ଯ୍ୟାନୁଷ୍ଠାନ ଆହୁରି ବ୍ୟାପକ ହେବା ଆବଶ୍ୟକ।

## ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# 'ହାତରେ ଆଉ ମାତ୍ର ଛଅଶହ ବର୍ଷ'



ଡ. ନିଖିଳାନନ୍ଦ ପାଣିଗ୍ରାହୀ
ବ୍ରହ୍ମପୁର, ମୋ: ୯୦୭୮୭୪୩୮୪୩

ବିଶ୍ୱତାପନର ପ୍ରଭାବ ଆମକୁ କେତେଦୂର ଅସ୍ତବ୍ୟସ୍ତ କରିପାରେ, ତାହା ରାଜ୍ୟବାସୀ ୫ ଏପ୍ରିଲ ୨୦୨୪କୁ ମନେ ପକାଇଲେ ହୃଦୟଙ୍ଗମ କରିପାରିବେ। ସେଦିନ ପାଣିପାଗ ବିଭାଗର ସୂଚନା ଅନୁସାରେ ଓଡ଼ିଶାର ୨୫ଟି ସହରରେ ତାପମାତ୍ରା ୪୦ଡିଗ୍ରୀ ସେଲ୍‌ସିୟସ ରହିଥିବା ବେଳେ ଭୁବନେଶ୍ୱରରେ ଏହା ୪୩.୫ ଡିଗ୍ରୀକୁ ଛୁଇଁଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହରୁ ଏମିତି ଘଟିଥିଲା। ସେଦିନ ମିଆଁମାରର ଚୌକରେ ଆଉ ଅଧିକ ଦଶମିକ ଦୁଇ ଡିଗ୍ରୀ ଥିବାରୁ ତାହା ଥିଲା ଏସିଆର ସର୍ବୋଚ୍ଚ ଉତ୍ତପ୍ତ ସହର। ଆନ୍ଧ୍ରପ୍ରଦେଶ ଅନ୍ତର୍ଗତ ନାନଦୟାଲରେ ତାପମାତ୍ରା ୪୩.୬ ଡିଗ୍ରୀ ରେକର୍ଡ ହୋଇଥିଲା, ଯାହା ଭାରତର ଉତ୍ତପ୍ତ ସହର ତାଲିକାରେ ପ୍ରଥମ ସ୍ଥାନ ହାସଲ କରିଥିଲା। ଦ୍ୱିତୀୟରେ ରହିଥିଲା ଭୁବନେଶ୍ୱର।

ଏହି ପରିସ୍ଥିତି ଆମ ସ୍ୱାଭାବିକ ଦୈନନ୍ଦିନ ଜୀବନକୁ ମଧ୍ୟାହ୍ନ ସମୟରେ ପ୍ରାୟତଃ ଅଚଳ କରିଦେଲା। ଘରୁ ବାହାରିଲେ ସମ୍ଭାବ୍ୟ ଅଂଶୁଘାତର ଶିକାର ହେବା ଭୟ ସମସ୍ତଙ୍କୁ ଘାରିଥିଲା। ବିଶେଷକରି ଶ୍ରମିକମାନଙ୍କ ପାଇଁ ଏହା ଅଧିକ ମାରାତ୍ମକ ହେବା ଆଶଙ୍କା ଥିଲା। ଏମିତି ଭୟ କେବଳ ମାତ୍ର ଗୋଟିଏ ଦିନରେ ସମାପ୍ତ ହେବା ଆଶା ନ ଥିବାରୁ ଶ୍ରମ ଓ କର୍ମଚାରୀ- ରାଜ୍ୟ ବୀମା-ବିଭାଗ ତରଫରୁ ଏପ୍ରିଲରୁ ୧୫ ଜୁନ୍ ପର୍ଯ୍ୟନ୍ତ ଶ୍ରମିକମାନଙ୍କୁ ପୂର୍ବାହ୍ନ ଏଗାରଠାରୁ ଅପରାହ୍ନ ସାଢ଼େ ତିନିଟା ପର୍ଯ୍ୟନ୍ତ କର୍ମକ୍ଷେତ୍ରରୁ ନିବୃତ୍ତ ରହି ବିଶ୍ରାମ ନେବାକୁ ପରାମର୍ଶ ଦିଆଯାଇଛି।

ଭାରତ ଏକ ଗ୍ରୀଷ୍ମପ୍ରଧାନ ଦେଶ। କିନ୍ତୁ ତାପମାତ୍ରା ଏମିତି ଭୟଙ୍କର ରୂପ ନେବ ବୋଲି ପୂର୍ବେ କେହି କଳ୍ପନା କରୁନଥିଲେ। ବର୍ତ୍ତମାନ କେବଳ ଶୀତଳ ପାନୀୟ ଜଳ, ଓଆର୍‌ଏସ୍ ପ୍ୟାକେଟ୍ ବ୍ୟାପକ ଭାବେ ଉପଲବ୍ଧ ହେବା ସହ ଅଂଶୁଘାତ ଜନିତ ଜରୁରୀ ଚିକିତ୍ସା ସକାଶେ ଆମ୍ବୁଲାନ ସବୁସମୟ ପାଇଁ ପ୍ରସ୍ତୁତ ରହିବା ଅତ୍ୟାବଶ୍ୟକ ବୋଲି ସମସ୍ତେ ଅନୁଭବ କରୁଛନ୍ତି। ଆମର ଏହି ଦୟନୀୟ ଅବସ୍ଥାକୁ ଲକ୍ଷ୍ୟ କରି ଜଣେ କବିଙ୍କ କଲମରୁ ଯେଉଁ କେତୋଟି ବାକ୍ୟ ବାହାରିଥିଲା, ତାହା ମନେ ପଡ଼େ -

**'ଗରମକୁ ଆଉ ସହି ହେଉ ନାହିଁ ଝାଳ ବୁହେ ଗମ ଗମ, ତତଲା ତାୱାରେ ସିଝୁଛି ପୃଥିବୀ ଧଳା ଦିଶେ କଳା ଚମ! / ପ୍ରକୃତିକୁ ଅବିରାମ, କଷ୍ଟ ଦେଇ ଦେଇ ମଣିଷ ଭୋଗୁଛି ଦୁଷ୍କାମୀର ପରିଣାମ!!'**

ଉଲ୍ଲିଖିତ ଉତ୍ତପ୍ତର କାରଣ ସ୍ଥଳଭାଗ ବିଷୟରେ ଅବଶ୍ୟ ସୂଚାଏ। ତେବେ ପୃଥିବୀପୃଷ୍ଠରେ ସ୍ଥଳ ଓ ଜଳ ଭାଗର ଅନୁପାତ ହେଉଛି ପ୍ରାୟ ୨୯: ୭୧। ଅର୍ଥାତ ଜଳଭାଗ ଦୁଇଗୁଣରୁ ଅଧିକ। ଏହି ପରିପ୍ରେକ୍ଷୀରେ ଜଳଭାଗ, ମୁଖ୍ୟତଃ ସମୁଦ୍ର ପ୍ରତି ଦୃଷ୍ଟି ଦେବା ସମୀଚୀନ। ୨୦୧୭ରେ ଓଖି ନାମକ ବାତ୍ୟା କେରଳ ଓ ତାମିଲନାଡୁରେ ବ୍ୟାପକ ତାଣ୍ଡବ ଲୀଳା ରଚିଥିଲା। ଲକ୍ଷ୍ୟ କରାଯାଇଛି ଯେ ଏହି ପ୍ରାକୃତିକ ବିପର୍ଯ୍ୟୟ ପରେ ମତ୍ସ୍ୟଜୀବୀମାନେ କମ୍ ପରିମାଣରେ ସାମୁଦ୍ରିକ ମାଛ ଧରିପାରୁଛନ୍ତି। କେରଳରେ ବହୁସଂଖ୍ୟକ ନଦୀ ଥିବାରୁ ନଦୀର ମାଛମାନ ସମୁଦ୍ରକୁ ଚାଲି ଯାଇଥା'ନ୍ତି। ତଥାପି ପୂର୍ବାପେକ୍ଷା ଏହା କମି ଚାଲିଛି ଉଲ୍ଲେଖନୀୟ ଭାବେ। ଏହା ଏକ ଉଦ୍‌ବେଗର ବିଷୟ।



ପରିବେଶବିତ୍‌ଙ୍କ ଅନୁସାରେ ଏହାପଛର ମୁଖ୍ୟକାରଣ ହେଉଛି ଜଳବାୟୁ ପରିବର୍ତ୍ତନର କୁପ୍ରଭାବରୁ ସମୁଦ୍ର ଜଳ ଉତ୍ତପ୍ତ ହେଉଛି। ଫଳରେ ବଡ଼ ଜୁଆର ସୃଷ୍ଟି ହୋଇ ଉପକୂଳ ଆଡ଼କୁ ମାଡ଼ି ଆସୁଛି। ସେଠାରେ ବସବାସ କରୁଥିବା ମତ୍ସ୍ୟଜୀବୀମାନଙ୍କ ଘର ଦ୍ୱାର କେବଳ ଭସାଇ ଦେଉନାହିଁ; ଏପରିକି ଉପକୂଳର କିଛି ଅଂଶ ସମୁଦ୍ର ଗ୍ରାସ କରିଦେଉଛି। ତେଣୁ ବାସଚ୍ୟୁତ ନୋଳିଆମାନଙ୍କ ପରିବାର ଶରଣାର୍ଥୀ ଶିବିରରେ ମୁଣ୍ଡ ଗୁଞ୍ଜି ଅଦ୍ୟାବଧି କାଳ କାଟୁଛନ୍ତି। ଏମିତି ଦୟନୀୟ ସ୍ଥିତି ଥିରୁବନନ୍ତପୁରମ, କୋଲାମ ଓ ଆଲପୁଢ଼ା ଜିଲ୍ଲାରେ ଦେଖିବାକୁ ମିଳେ। ଏହି ଦୁର୍ଗତି ପାଇଁ କ୍ଷତିଗ୍ରସ୍ତ ଲୋକେ ଇଣ୍ଡିଆନ୍ ନ୍ୟାସନାଲ ସେଣ୍ଟର ଫର ଓସେନ ଇନ୍‌ଫରମେସନ ସର୍ଭିସେସ ଏବଂ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଓ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଆଗତୁରା ସତର୍କବାଣୀ ଶୁଣାଇ ନ ଥିବାରୁ ଦୋଷାରୋପ କରିଛନ୍ତି। ତେବେ ଏହି ସଂସ୍ଥାମାନ ଏମିତି ଅଭିଯୋଗକୁ ଅସ୍ୱୀକାର କରି ଲୋକଙ୍କ ବେପରୁଆ ମନୋବୃତ୍ତିକୁ ଦାୟୀ କରିଛନ୍ତି। ପାଣିପାଗର ଅସ୍ୱାଭାବିକତାକୁ ସେମାନେ ଗୁରୁତ୍ୱ ନ ଦେଇ ପାରମ୍ପରିକ ଧାରଣାକୁ ଧ୍ରୁବ ସତ୍ୟ ବୋଲି ଭାବୁଛନ୍ତି। ପ୍ରସଙ୍ଗକ୍ରମେ ପ୍ରସିଦ୍ଧ ସାହିତ୍ୟିକ ଜେପି ଦାସଙ୍କ 'ପାଣିପାଗବାଲା' ଶୀର୍ଷକ ଏକ ବ୍ୟଙ୍ଗାତ୍ମକ କବିତାର କିଛି ଧାଡ଼ି ମନେ ପଡ଼େ -

**'କହିଲା ସେ ହେବ ପ୍ରବଳ ଖରା, ବରଷିଲା ମେଘ ମୂଷଳ ଧାରା / କହିଲା ସେ ହେବ ଗରମ ଭାରି, ହାଡ଼ଭଙ୍ଗା ଶୀତ ଆସିଲା ମାଡ଼ି / ଦେହରେ ଗଲାଣି ଏଠାର ପାଣି, ଯାହା ସେ କହିଲା ଗଲା ଉଜାଣି / ଜାଣିବ ଏଥର ବୁଡ଼ିବ ଭେଳା, ତେଣୁ ସେ ଛ'ମାସ ଛୁଟିରେ ଗଲା।**

ଅବଶ୍ୟ କବିତାଟି ବହୁପୂର୍ବେ ରଚିତ। ବର୍ତ୍ତମାନ ଏହି ସମ୍ବନ୍ଧିତ ଯନ୍ତ୍ରପାତିମାନ ଉନ୍ନତ ହେଲାଣି। ତଥାପି ପାଣିପାଗକୁ ଠିକ୍ ଭାବେ ପୂର୍ବାନୁମାନ କରିବା କାଠିକର ପାଠ ହୋଇ ରହିଛି। ଏହାର ଗତିବିଧି ଦୁର୍ବୋଧ। ଏମିତି କି କ୍ଷଣି କ୍ଷଣିକେ ଆନ ହେଉଛି।

ଏହା ସର୍ବତ୍ର ସ୍ୱୀକୃତ ହେଲାଣି ଯେ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏମିତି ପାଣିପାଗରେ ବିଭ୍ରାଟ ଦେଖାଦେଉଛି। ଏହି ଗମ୍ଭୀର ସମସ୍ୟା ସମ୍ପର୍କରେ ପରିବେଶବିତ୍‌ମାନେ ଅନୁଧ୍ୟାନ କରିଛନ୍ତି। ୱାଶିଂଟନସ୍ଥିତ ନ୍ୟାସନାଲ ଓସିଓନିକ୍ ଆଣ୍ଡ ଆଟମାସ୍‌ଫେରିକ ଆଡ୍‌ମିନିଷ୍ଟ୍ରେସନ ଦ୍ୱାରା ଜଳବାୟୁ ପରିବର୍ତ୍ତନ ବିଷୟରେ ଗୋଟିଏ ନିବନ୍ଧ ପ୍ରକାଶିତ ହୋଇଛି। ୨୦୨୩ ମସିହାରେ ସବୁଜଗୃହ ବାଷ୍ପ ପ୍ରଭାବର ସ୍ତର ସର୍ବାଧିକ ହୋଇଛି, ଯାହାକି ୪.୩ ବିଲିଅନ୍ ବର୍ଷ ପୂର୍ବେ ଧରାପୃଷ୍ଠରେ ଘଟିଥିବା ଗମ୍ଭୀର ପରିସ୍ଥିତି ସହ ସମାନ। ବିଗତ ବାରବର୍ଷ ଧରି ପ୍ରତିବର୍ଷ ଏକ ନିୟୁତ ଟନ୍ ବାୟୁମଣ୍ଡଳରେ ଦୁଇ ଭାଗ ଅଙ୍ଗାରକାମ୍ଳ ବାଷ୍ପ (କାର୍ବନ ଡାଇଅକ୍‌ସାଇଡ୍) ବଢ଼ି ଚାଲିଛି। ଭୂତାତ୍ତ୍ୱିକ ଇତିହାସରୁ ଜଣାଯାଏ ଯେ ୫.୩ ରୁ ୨.୬ ନିୟୁତ ବର୍ଷ ତଳର ଅବଧିକୁ ପ୍ଲାଇଓସିନ ଭାବେ ନାମିତ କରାଯାଇଛି। ଏହି ସମୟରେ ଉଷ୍ମ ପୃଥିବୀ ଶୀତଳ ହେଲା ଏବଂ ଅନୁକୂଳ ପରିବର୍ତ୍ତିତ ପରିବେଶରେ ଧରାପୃଷ୍ଠରେ ସବୁଜ ଘାସ ଓ କ୍ରାନ୍ତିମଣ୍ଡଳୀୟ ତୃଣଭୂମିର ବିସ୍ତୀର୍ଣ୍ଣ ପ୍ରାନ୍ତର ସୃଷ୍ଟି ହେଲା। ଏଇ ସମୟରୁ ଅଦ୍ୟାବଧି ବିତିଥିବା ସୁଦୀର୍ଘ ଅତୀତରେ ଆଜି ପରି ସର୍ବୋଚ୍ଚ ଉତ୍ତପ୍ତ ପୃଥିବୀ କେବେ ଦେଖା ଦେଇ ନଥିଲା। ତତ୍କାଳୀନ ଜଳବାୟୁର ପରିବର୍ତ୍ତନ ପୃଥିବୀର କକ୍ଷ ଓ ଅଭିନମନ (ଅର୍ବିଟ ଆଣ୍ଡ ଟିଲ୍‌ଟ) ବଦଳିବାରୁ ସମ୍ଭବ ହେଲା, ଯାହା କି ପ୍ରାକୃତିକ। କିନ୍ତୁ ସାମ୍ପ୍ରତିକ ଜଳବାୟୁରେ ଯେଉଁ ପ୍ରତିକୂଳ ଘଟଣାମାନ ଦେଖାଦେଇଛି, ତାହା ଆମର କାର୍ଯ୍ୟକଳାପ କାରଣରୁ।

ଶିଳ୍ପ ବିପ୍ଳବ ପୂର୍ବରୁ ଅଙ୍ଗାରକାମ୍ଳର ସ୍ତର ବାୟୁମଣ୍ଡଳରେ ଯାହା ଥିଲା, ତଦପେକ୍ଷା ବର୍ତ୍ତମାନ ଶତକଡ଼ା ୫୦ ଭାଗ ଅଧିକ। ଏହି ସବୁଜ ଗୃହ ବାଷ୍ପ ମାନବ ସମାଜରେ ସ୍ୱାସ୍ଥ୍ୟକୁ ଘୋର ବିପନ୍ନ କରୁଛି। ପ୍ରକାଶ ଥାଉ କି କାର୍ବନ ଡାଇଅକ୍‌ସାଇଡ୍ ସମେତ ଅନ୍ୟାନ୍ୟ ସବୁଜ ଗୃହ ବାଷ୍ପ ମଧ୍ୟରେ ଅନ୍ତର୍ଭୁକ୍ତ ମିଥେନ, ନାଇଟ୍ରସ ଅକ୍‌ସାଇଡ୍ ଇତ୍ୟାଦି। ଏଗୁଡ଼ିକର କ୍ରମବର୍ଦ୍ଧିଷ୍ଣୁ ପ୍ରାବଲ୍ୟକୁ ନ କମାଇଲେ ଆମେ ଅସ୍ୱାସ୍ଥ୍ୟକର ବାୟୁ ଏବଂ ଉତ୍ତପ୍ତ ବିଶ୍ୱର ଅନ୍ୟାନ୍ୟ କୁପ୍ରଭାବରୁ ନିସ୍ତାର ପାଇବା ନାହିଁ। ଶ୍ୱାସକ୍ରିୟାରେ ଜଟିଳତା ସହ ଆନୁଷଙ୍ଗିକ ଦୋଷମାନ ଆମକୁ ରୁଗ୍‌ଣ କରି ଆମ ଆୟୁ ହ୍ରାସ କରିଦେବ।

ଭୌତିକ ବିଜ୍ଞାନ ଓ ବିଶ୍ୱତତ୍ତ୍ୱବିତ୍ ଷ୍ଟିଫେନ ହକିଙ୍ଗ ବିଶ୍ୱରେ ବଡ଼ ଧରଣର ପ୍ରଳୟ ଘଟି ଜୀବଜଗତ ଧ୍ୱଂସ ହେବା ସମ୍ବନ୍ଧରେ ଚାରୋଟି କାରଣ ଦର୍ଶାଇଥିଲେ। ତାହା ହେଉଛି ଜନସଂଖ୍ୟା ବୃଦ୍ଧି, ଆଣବିକ ଯୁଦ୍ଧ, କୃତ୍ରିମ ଉପାୟରେ ଅନୁବଂଶିକ ପରିବର୍ତ୍ତନ ଦ୍ୱାରା ନୂତନ ଜୀବ ସୃଷ୍ଟି(ଯଥା କରୋନା ଭୂତାଣୁ) ଓ ପରିବେଶ। ଏଗୁଡ଼ିକ ମଧ୍ୟରୁ ଏକ ବା ଏକାଧିକ କାରଣ ସଂଘଟିତ ହେଲେ ମାନବ ସମାଜ ଲୋପ ପାଇଯିବ ଆଗାମୀ ଛଅଶହ ବର୍ଷ ମଧ୍ୟରେ। ସେ ଏମିତି ସତର୍କବାଣୀ ଶୁଣାଇବା ପଛରେ କାରଣ ହେଉଛି ଆମର ସାମ୍ପ୍ରତିକ ମନୋଭାବ ଓ କାର୍ଯ୍ୟକଳାପ। ଆମ ଗୋଡ଼ ତଳକୁ ତଳ ଖସିଯିବାରେ ଲାଗିଛି। ଅବଶ୍ୟ ବହୁବର୍ଷ ପୂର୍ବେ ପଦାର୍ଥବିଜ୍ଞାନର ଜନକ ନିଉଟନ୍ ତତ୍କାଳୀନ ଶାସକମାନଙ୍କ ରାଜତ୍ୱକୁ ଆଖିରେ ରଖି ଏହି ପ୍ରଳୟ କାଳ ୨୦୬୦ ବୋଲି ଅନୁମାନ କରିଥିଲେ। ସେ ଯାହା ହେଉ ହକିଙ୍ଗ ଆଉ ଛଅଶହ ବର୍ଷର କଷ୍ଟ ଦେଇ ମୃତ୍ୟୁ ପୂର୍ବରୁ ଆମକୁ ଆହ୍ୱାନ ଦେଇଛନ୍ତି ଯେ ଏଇ ଅବଧିରେ ଆମେ ପୃଥିବୀ ବାହାରେ କୌଣସି ଏକ ଖଗୋଳୀୟ ପିଣ୍ଡରେ ବାସସ୍ଥାନ ନିର୍ମାଣ କରି ରହିବା ନିହାତି ଆବଶ୍ୟକ। ନଚେତ ମଣିଷ ଏଠାରେ ଅତୀତରେ ରହିଥିବା ସମ୍ପର୍କରେ ଚିହ୍ନ ବର୍ଣ୍ଣ ହଜିଯିବ।

# ସାଧାରଣ ନିର୍ବାଚନ ଓ ସାମାଜିକ ଗଣମାଧ୍ୟମ



ଅରବିନ୍ଦ ରାଉତରାୟ
କଟକ, ମୋ: ୯୪୩୭୧୩୪୪୦୦

ସୋସିଆଲ ମିଡିଆ ବା ସାମାଜିକ ଗଣମାଧ୍ୟମ ସମ୍ପ୍ରତି ନିର୍ବାଚନ ପ୍ରଚାର ଓ ନିର୍ବାଚନୀ ଖବର ପ୍ରସାରଣର ମୁଖ୍ୟ ଅଙ୍ଗ ପାଲଟିଯାଇଛି। ଦେଶରେ ସ୍ମାର୍ଟ ଫୋନ୍‌ର ବ୍ୟାବହାରିକ ଚାହିଦା ବୃଦ୍ଧି ସାମାଜିକ ଗଣମାଧ୍ୟମର ପ୍ରାଧାନ୍ୟକୁ ଆହୁରି ବୃଦ୍ଧି କରିଛି। ଯୁବବର୍ଗରୁ ଆରମ୍ଭ କରି ଶିଶୁ, କିଶୋର ଓ ବୟସ୍କ ବର୍ଗ ଏହାର ସୁଯୋଗ ନେଉଛନ୍ତି ଓ ଉପକୃତ ମଧ୍ୟ ହେଉଛନ୍ତି। ଏବେ ମୋବାଇଲ୍ ଫୋନ୍ ଜୀବନର ଏକ ଅଙ୍ଗ ପାଲଟି ଯାଇଛି ଏବଂ ସାମାଜିକ ଗଣମାଧ୍ୟମର ବ୍ୟାବହାରିକ ମୂଲ୍ୟବୋଧ ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହିକ୍ରମରେ ବ୍ୟୟବହୁଳ ନିର୍ବାଚନ ପ୍ରଚାରକୁ ସହଜରେ ଲୋକଙ୍କ ନିକଟରେ ପହଞ୍ଚାଇବାରେ ଏହି ବ୍ୟବସ୍ଥା ଏକପ୍ରକାର ଶ୍ରେଷ୍ଠବିକଳ୍ପ ପ୍ରମାଣିତ ହୋଇସାରିଲାଣି। ଯେଉଁଠି ମୁଖ୍ୟସ୍ରୋତର ଗଣମାଧ୍ୟମ ଲୋକଙ୍କ ଆସ୍ଥାଭାଜନ ହୋଇପାରୁନାହିଁ, ସେଠାରେ ସାମାଜିକ ଗଣମାଧ୍ୟମ ଲୋକାଦୃତ ହେବା ସ୍ୱାଭାବିକ। ଅବଶ୍ୟ ସାମାଜିକ ଗଣମାଧ୍ୟମ ବିଭ୍ରାନ୍ତିକର ସମ୍ବାଦ ପ୍ରଚାର ପ୍ରସାର କରୁଥିବା ଅଭିଯୋଗ ମଧ୍ୟ ଆସୁଛି। ଅପରପକ୍ଷରେ ରଭିଶ କୁମାର ଓ ପୁଣ୍ୟପ୍ରସୁନ ବାଜପେୟୀଙ୍କ ଭଳି ପେସାଦାର ଓ ପ୍ରବୀଣ ସାମ୍ବାଦିକଙ୍କ ଏ କ୍ଷେତ୍ରରେ ନିଜସ୍ୱ ପାରଦର୍ଶିତା ଓ ପରାକାଷ୍ଠା ବଳରେ ସାମାଜିକ ଗଣମାଧ୍ୟମ ଆସ୍ଥାବାନ ହୋଇପାରୁଛି। ୨୦୧୪ ଓ ୨୦୧୯ ସାଧାରଣ ନିର୍ବାଚନରେ ସୋସିଆଲ ମିଡିଆ ଯେ କେବଳ ନିର୍ବାଚନୀ ପ୍ରଚାରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା ତାହା ନୁହେଁ, ନିର୍ବାଚନୀ ବ୍ୟୟକୁ ମଧ୍ୟ ବହୁମାତ୍ରାରେ ହ୍ରାସ କରିପାରିଥିଲା। ଆମେରିକା ଭଳି ପାଶ୍ଚାତ୍ୟ ରାଷ୍ଟ୍ରରେ ମଧ୍ୟ ନିର୍ବାଚନରେ ସାମାଜିକ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲା।

୧୯୯୭ରେ ସିକ୍ସଡିଗ୍ରୀଜ୍ ଡଟ୍ କମ୍ ନାମରେ ବିଶ୍ୱରେ ସାମାଜିକ ଗଣମାଧ୍ୟମର ଜନ୍ମ ହୁଏ। ଭାରତରେ ଅରକଟ୍ ନାମରେ ପ୍ରଥମ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଆରମ୍ଭ ହୋଇଥିଲା ୨୦୦୪ ରେ। ବନ୍ଧୁତ୍ୱ ସୃଷ୍ଟି ଓ ନିଜସ୍ୱ ସମ୍ପର୍କିତ ସୂଚନା ପ୍ରଦାନ ଥିଲା ଏହାର ମୂଳ ଲକ୍ଷ୍ୟ। ମାତ୍ର ସ୍ୱଳ୍ପ ଅବଧି ମଧ୍ୟରେ ଅନ୍ୟତମ ବୃହତ ବିଦେଶୀ ଗଣମାଧ୍ୟମ ଫେସବୁକ୍ ଅରକଟ୍‌ର ଲୋକପ୍ରିୟତାକୁ ଅତିକ୍ରମ କରିଯିବାରେ ସଫଳ ହୋଇଥିଲା। ଆଜିର ଦିନରେ ବିଶ୍ୱର ପ୍ରଥମ ପାଞ୍ଚଟି ସାମାଜିକ ଗଣମାଧ୍ୟମ ମଧ୍ୟରେ ଫେସବୁକ୍, ୟୁଟ୍ୟୁବ୍, ହ୍ୱାଟସଆପ୍, ଇନଷ୍ଟାଗ୍ରାମ ଓ ଉଇଗଟ୍ ସ୍ଥାନିତ।

ଡିଜିଟାଲ ଜ୍ଞାନକୌଶଳ ମାଧ୍ୟମରେ ଅଗଣିତ ଲୋକଙ୍କ ମଧ୍ୟରେ ସୂଚନା ଓ ମତାମତ ଆଦାନ ପ୍ରଦାନ ଓ ସର୍ବୋପରି ବନ୍ଧୁତ୍ୱ ଏବଂ ସମଭାବାପନ୍ନ ବର୍ଗ ବା ଗୋଷ୍ଠୀ ସୃଷ୍ଟି ଲକ୍ଷ୍ୟରେ ଆରମ୍ଭ ହୋଇଥିବା ସାମାଜିକ ଗଣମାଧ୍ୟମକୁ ବହୁବିଧ ବ୍ୟବହାର ସମାଜରେ ବେଶ୍ ଜନାଦୃତ କରିପାରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଆଜିର ଦିନରେ ଉପଲବ୍ଧ ନିର୍ବାଚନ ପ୍ରଚାର ଓ ପ୍ରସାର କ୍ଷେତ୍ରରେ।



ଗଣତାନ୍ତ୍ରିକ ପ୍ରକ୍ରିୟାରେ ଭୋଟଦାନର ଅଧିକାର ଓ ତତ୍‌ସମ୍ପର୍କିତ ସଚେତନତା ସୃଷ୍ଟି ଅତ୍ୟାଧୁନିକ ଉପାୟରେ ସମ୍ଭବ ସାମାଜିକ ଗଣମାଧ୍ୟମ ଜରିଆରେ। ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନେ ଭୋଟରଙ୍କ ସମ୍ମୁଖରେ ନିଜର କାର୍ଯ୍ୟଶୈଳୀ ଓ ଦକ୍ଷତାକୁ ସଫଳତାର ସହ ଇସ୍ତାହାର ମାଧ୍ୟମରେ ଉପସ୍ଥାପନ କରିପାରୁଛନ୍ତି। ମାତ୍ର ଏ କ୍ଷେତ୍ରରେ ତ୍ରୁଟିପୂର୍ଣ୍ଣ ସୂଚନା ପ୍ରସାରକୁ ପ୍ରତିହତ କରିବା ପାଇଁ ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ସମ୍ପନ୍ନ ମାଧ୍ୟମର ସର୍ବଦା ଆବଶ୍ୟତା ରହି ଆସିଛି। ପ୍ରାର୍ଥୀ ଓ ଭୋଟରଙ୍କ ମଧ୍ୟରେ ସିଧାସଳଖ ଯୋଗାଯୋଗର ମାଧ୍ୟମ ପାଲଟି ଯାଇଛି ଏବଂ ଜନସାଧାରଣଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରତିକ୍ରିୟା ଜାଣିବାରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇ ଆସୁଛି। କେଉଁ ବର୍ଗର ଭୋଟରଙ୍କ ପାଇଁ କି ପ୍ରକାର ପ୍ରଚାର ଆବଶ୍ୟକ ତାହା ନିର୍ଣ୍ଣାୟକ ହୋଇପାରୁଛି ସାମାଜିକ ଗଣମାଧ୍ୟମ ମାଧ୍ୟମରେ। ଏହାଦ୍ୱାରା ନିର୍ବାଚନ ପ୍ରଚାର କ୍ଷେତ୍ରରେ ଆବଶ୍ୟକ ସମୟ ଓ ଅର୍ଥର ଅପବ୍ୟୟକୁ ନିୟନ୍ତ୍ରଣ କରାଯାଇପାରୁଛି। ଏହାବ୍ୟତୀତ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀମାନେ ନିଜ ପ୍ରଚାରର ଲକ୍ଷ୍ୟ ଓ କେଉଁ ବର୍ଗକୁ କେଉଁ ସମୟରେ ଭେଟିପାରିବେ ସେ କ୍ଷେତ୍ରରେ ସମୟାନୁମୋଦିତ ପଦକ୍ଷେପ ନେବାରେ ସାମାଜିକ ଗଣମାଧ୍ୟମ ବିଶେଷ ସହାୟକ ହୋଇପାରୁଛି। ଭୋଟଦାତାଙ୍କ ପ୍ରତି ନିଜର ଉତ୍ତରଦାୟିତ୍ୱ କ୍ରମଶଃ ସୁଦୃଢ଼ ହୋଇପାରୁଛି।

ସାମାଜିକ ଗଣମାଧ୍ୟମର ସଫଳତା ନିର୍ଭର କରେ ଏକ ନିର୍ଦ୍ଦିଷ୍ଟ ନୀତି, ନିୟମ ଓ ଶୃଙ୍ଖଳିତ ପରିବେଶ ଉପରେ। ଶୃଙ୍ଖଳା ପରିଧି ଅତିକ୍ରମ କଲେ ଏହାର କୁପ୍ରଭାବ ବହୁଗୁଣିତ ହେବାର ଦୃଷ୍ଟାନ୍ତ ରହିଛି। ଏ କ୍ଷେତ୍ରରେ ଥିବା ସରକାରୀ ନୀତି ନିୟମ ଓ କଟକଣା ଉଲ୍ଲଙ୍ଘନ ଯୋଗୁଁ କେତେକ ଗଣମାଧ୍ୟମ ଚ୍ୟାନେଲକୁ ନିଜସ୍ୱ ଅଧିକାର ହରାଇବାକୁ ପଡ଼ିଛି ତ ଆଉ କେତେକ କ୍ଷେତ୍ରରେ ଅଧିକାର ସଂକୁଚିତ ହୋଇଯାଇଛି। ଗଣତାନ୍ତ୍ରିକ ବ୍ୟବସ୍ଥାରେ ବାକ୍ ସ୍ୱାଧୀନତା ଓ ତତ୍‌ସମ୍ପର୍କିତ ଅଧିକାର ସମସ୍ତଙ୍କ ପାଇଁ ସମାନ। ମାତ୍ର ଅଧିକାରର ଅସତ୍ ବ୍ୟବହାର ଓ ଅଦରକାରୀ ପ୍ରସାର ଗଣତାନ୍ତ୍ରିକ ମୂଲ୍ୟବୋଧକୁ କ୍ଷୁଣ୍ଣ କରିଥାଏ। ଉଦାହରଣ ସ୍ୱରୁପ ଗଣତନ୍ତ୍ର ଉତ୍ସବର ଅଂଶ ରୂପେ ସାଧାରଣ ନିର୍ବାଚନ ପ୍ରକ୍ରିୟା ଏବେ ଦେଶରେ ଜାରି ରହିଛି। ଏହି ପ୍ରକ୍ରିୟାରେ କେଉଁ ଦଳ କେତେ ସଫଳ ହେବେ ତାହା ସ୍ପଷ୍ଟ ହୋଇଯିବ ଆଗାମୀ ଜୁନ ୪ ତାରିଖରେ। ମାତ୍ର ଭ୍ରମାତ୍ମକ ପୂବାନୁମାନ ପ୍ରସାରଣ ମାଧ୍ୟମରେ ଭୋଟରଙ୍କୁ ପ୍ରଭାବିତ କରିବା ପ୍ରୟାସରୁ ସାମାଜିକ ଗଣମାଧ୍ୟମ ସମ୍ପୂର୍ଣ୍ଣ ଦୂରରେ ରହିବା ଅତି ଆବଶ୍ୟକ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭୂମିକାର ଦ୍ୱାହି ଦେଇ ଏହି ମାଧ୍ୟମ ନକାରାତ୍ମକ ଉପାୟରେ ଆହେତୁକ ସମର୍ଥନ ହାସଲ କରିବା ଏକ ସୁସ୍ଥ ପରମ୍ପରା ହୋଇ ନ ପାରେ। କାରଣ ନକାରାତ୍ମକ ସୂଚନା ଆପେ ଆପେ ବହୁଗୁଣିତ ଓ ପ୍ରସାରିତ ହୋଇଯାଏ। ଅସତ୍ୟ ତଥ୍ୟ ଓ ଅମୂଳକ କାହାଣୀ ଅଧିକ ପ୍ରଚାର ପ୍ରସାର ହେବାରେ କୌଣସି ପ୍ରାଥମିକ ପ୍ରତିବନ୍ଧକ ନ ଥାଏ। କିନ୍ତୁ ତାହା ସତ୍ୟତାକୁ ଗୌଣ କରି ବସିଲେ ପରିସ୍ଥିତି ବିଗିଡ଼ିଯିବା କିଛି ନୂଆ କଥା ନୁହେଁ। ଅସତ୍ୟଠାରୁ ଦୂରରେ ରହିବା ସୁସ୍ଥ ସାମାଜିକ ଗଣମାଧ୍ୟମର ପ୍ରାଥମିକ ଧର୍ମ। ସେହିପରି ଅତିରଞ୍ଜିତ ତଥ୍ୟ ପ୍ରସାରଣ ଯେତିକି ମାତ୍ରାରେ ଗତିଶୀଳ ତାହା ବହୁ ଗୁଣରେ ଦେଶ ଓ ଦଶ ପାଇଁ କ୍ଷତିକାରକ ମଧ୍ୟ।

ସାମାଜିକ ଗଣମାଧ୍ୟମର ସଫଳତା ନିର୍ଭର କରେ ବ୍ୟାପକ ସୂଚନା ପରିଧି ବା ନେଟୱାର୍କ ଉପରେ। ସଂଗୃହୀତ ଦେଶବାସୀଙ୍କ ବ୍ୟକ୍ତିଗତ ସୂଚନାର ଅପବ୍ୟବହାର ପରିଶେଷରେ ବିପଦପୂର୍ଣ୍ଣ ହୋଇପାରେ। ଏଥିପାଇଁ ନିର୍ଦ୍ଧାରିତ ବିଧି ବ୍ୟବସ୍ଥାର ଅନୁସରଣ ଏକାନ୍ତ ଜରୁରୀ। ବିଶେଷକରି ନିର୍ବାଚନୀ ପ୍ରଚାରଠାରୁ ଆରମ୍ଭ କରି ବିଜୟ ପରବର୍ତ୍ତୀ ସୁଶାସନ ପରିଚାଳନା ପର୍ଯ୍ୟନ୍ତ ଏହା ଆହୁରି ଗୁରୁତ୍ୱପୂର୍ଣ୍ଣ। ସାମାଜିକ ଗଣମାଧ୍ୟମର ସବୁଠାରୁ ବିପଦପୂର୍ଣ୍ଣ ଦିଗ ହେଲା ପ୍ରସାରିତ ତଥ୍ୟର ହ୍ୟାକିଂ ବା ଚୋରି। ଏହାକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିବା ବ୍ୟବହାରକାରୀଙ୍କଠାରୁ ଆରମ୍ଭ କରି ସରକାରଙ୍କ ପର୍ଯ୍ୟନ୍ତ ସମସ୍ତଙ୍କର ଗୁରୁଦାୟିତ୍ୱ ରହିଛି। ନିୟମିତ ନୀତି ନିୟମ ନିର୍ଦ୍ଧାରଣ ଓ ତାହାକୁ ପାଳନ କରିବାରେ ପ୍ରତିଶ୍ରୁତିବଦ୍ଧତା ଆବଶ୍ୟକ। ଭୌଗୋଳିକ ପ୍ରତିବନ୍ଧକଠାରୁ ଊର୍ଦ୍ଧ୍ୱରେ ରହି ସଫଳତାର ସହ ଦାୟିତ୍ୱ ତୁଲାଇବା ପାଇଁ କଠୋର ବିଧି ବ୍ୟବସ୍ଥା ପ୍ରଚଳନ ପ୍ରତି ସରକାର ଯେତିକି ମାତ୍ରରେ ଦାୟିତ୍ୱସମ୍ପନ୍ନ, ଗଣମାଧ୍ୟମ ସଂସ୍ଥା ଓ ବ୍ୟବହାରକାରୀ ମଧ୍ୟ ସମପରିମାଣରେ ପାରଦର୍ଶିତା ରହିବା ଅତ୍ୟନ୍ତ ଜରୁରୀ। କାରଣ ସାମ୍ପ୍ରତିକ ପରିବେଶରେ ନିର୍ବାଚନ ପ୍ରଚାର ଓ ପ୍ରସାର କ୍ଷେତ୍ରରେ ସାମାଜିକ ଗଣମାଧ୍ୟମର ଗ୍ରହଣୀୟତା ମୁଦ୍ରାର ଦୁଇ ପାର୍ଶ୍ୱ ପାଲଟିଯାଇଛି।

# ମାଓ ଇଲାକାରେ ନିର୍ବାଚନ ସମୀକ୍ଷା କଲେ ପୁଲିସ ଡିଜି

- ୪ ଜିଲ୍ଲାର ଏସ୍‌ପିଙ୍କ ସହ କଲେ ଆଲୋଚନା
- ମାଓବାଦୀଙ୍କ ଗତିବିଧି, ଅପରେସନ୍ ପଚାରି ବୁଝିଲେ
- ମାଲକାନଗିରି ଜିଲ୍ଲାରେ ମାଓ କାର୍ଯ୍ୟକଳାପ ନାହିଁ: ଡିଜିପି
- ସ୍ୱାଭିମାନ ଅଞ୍ଚଳରେ ବୁଲୁଛନ୍ତି ଆନ୍ଧ୍ର ପ୍ରଦେଶ ମାଓବାଦୀ
- ପ୍ରଥମ ଥର ସମସ୍ତ ଗ୍ରାମରେ କରାଯାଇଛି ମତଦାନ କେନ୍ଦ୍ର

**ଭୁବନେଶ୍ୱର/ମାଲକାନଗିରି,୧୫ ।୪(ସମିସ):** ମାଓ ଇଲାକାରେ ନିର୍ବାଚନ ପ୍ରସ୍ତୁତି ଏବଂ ମାଓବାଦୀଙ୍କ ଗତିବିଧି ଉପରେ ପୁଲିସ ଡିଜି ଅରୁଣ ଷଡ଼ଙ୍ଗୀ ସମୀକ୍ଷା କରିଛନ୍ତି । ଡିଜିପି ଶ୍ରୀ ଷଡ଼ଙ୍ଗୀ ଆଜି ମାଲକାନଗିରି ଜିଲ୍ଲା ଗସ୍ତ କରି ସେଠାରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲାର ଏସ୍‌ପିଙ୍କ ସହ ଆଲୋଚନା କରିଛନ୍ତି । ଡିଜିପି ଶ୍ରୀ ଷଡ଼ଙ୍ଗୀ ପ୍ରଥମେ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଞ୍ଚଳର ଗୋରାସେତୁ ବିଏସ୍‌ଏଫ କ୍ୟାମ୍ପ ଗସ୍ତ କରିବା ସହ କମ୍ବି ଅପରେସନ ନେଇ ବିଏସ୍‌ଏଫ ଓ ଏସ୍‌ଓଜି ଯବାନଙ୍କ ସହ ଆଲୋଚନା କରିଥିଲେ । ପରେ ମାଲକାନଗିରି ଜିଲ୍ଲା ପୁଲିସ କାର୍ଯ୍ୟାଳୟଠାରେ ୪ଟି ଜିଲ୍ଲାର ଏସ୍‌ପିଙ୍କ ସହ ଆଲୋଚନା କରିଥିଲେ । ଏସ୍‌ପିମାନେ ମଧ୍ୟ ସେମାନଙ୍କ ପ୍ରସ୍ତୁତି ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କୁ ଅବଗତ କରାଇଥିଲେ । ଏଥିସହ କେତେ ଫୋର୍ସର ଆବଶ୍ୟକତା ରହିଛି ଓ କିଭଳି ଅପରେସନ କରାଯିବ, ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ସମୀକ୍ଷା ପରେ ସାମ୍ବାଦିକମାନଙ୍କୁ ସୂଚନା ଦେଇ ଡିଜିପି ଶ୍ରୀ ଷଡ଼ଙ୍ଗୀ କହିଛନ୍ତି



ଯେ ବର୍ତ୍ତମାନ ମାଓବାଦୀ କମିଟି ଦ୍ୱାରା ମାଓବାଦୀମାନଙ୍କୁ ଛତିଶଗଡ଼ ରାଜ୍ୟକୁ ସ୍ଥାନାନ୍ତରିତ କରାଯାଇଛି । ମାଲକାନଗିରି ଜିଲ୍ଲାରେ ମାଓବାଦୀଙ୍କ ଉପସ୍ଥିତି ନାହିଁ। ମାଲକାନଗିରି ଜିଲ୍ଲାରେ କୌଣସି ପ୍ରକାରର ମାଓ କାର୍ଯ୍ୟକଳାପ ଦେଖାଯାଇ ନାହିଁ। ପଡ଼ୋଶୀ ଛତିଶଗଡ଼ ରାଜ୍ୟର ସୁକୁମା ଜିଲ୍ଲାରେ ଆସନ୍ତା ଏପ୍ରିଲ ୧୯ ତାରିଖରେ ସାଧାରଣ ନିର୍ବାଚନ ଥିବାବେଳେ ମାଲକାନଗିରି ଜିଲ୍ଲାରେ ମେ ୧୩ ତାରିଖରେ ଅଛି । ତେଣୁ ଏହି ସମୟ ମଧ୍ୟରେ ମାଓବାଦୀଙ୍କୁ ପ୍ରତିହତ କରିବାକୁ ଅପରେସନ ଜାରି ରଖିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସ୍ୱାଭିମାନ ଅଞ୍ଚଳକୁ ଆନ୍ଧ୍ର ପ୍ରଦେଶରୁ କିଛି ମାଓବାଦୀ ଆସି ଚଳପ୍ରଚଳ କରୁଥିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ସମ୍ପୃକ୍ତ ଅଞ୍ଚଳରେ କିଭଳି ମାଓବାଦୀଙ୍କ ଗତିବିଧିକୁ ପ୍ରତିହତ କରାଯାଇ ପାରିବ, ସେନେଇ ମଧ୍ୟ ଆଲୋଚନା ହୋଇଥିଲା । ସୁରକ୍ଷା ଦୃଷ୍ଟିକୋଣରୁ ପୂର୍ବରୁ ସୁରକ୍ଷାକର୍ମୀଙ୍କ କ୍ୟାମ୍ପ ପାଖରେ ବୁଥ୍ ହେଉଥିଲା । ପ୍ରଥମ ଥର କରି ଚଳିତ ସାଧାରଣ ନିର୍ବାଚନରେ ସମସ୍ତ ଗ୍ରାମରେ ମତଦାନ କେନ୍ଦ୍ର କରାଯାଇଛି । ଭୋଟରମାନେ ନିଜ ନିଜର ବୁଥକୁ ଯାଇ ଅନାୟାସରେ ଭୋଟ ଦେଇପାରିବେ ବୋଲି ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି । ଏହି ବୈଠକରେ ଗୁଇନ୍ଦା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରିୟଦର୍ଶୀ, ଏଡିଜି ଆଇନଶୃଙ୍ଖଳା ସଞ୍ଜୟ କୁମାର, ଏଡିଜି ଅପରେସନ ଏସ. ଦେବଦତ୍ତ ସିଂହ, ଏସଆଇଡବ୍ଲ୍ୟୁ ଡିଆଇଜି କନୱର ବିଶାଲ ସିଂହ, ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଚରଣ ସିଂହ ମୀନା ପ୍ରମୁଖ ଉପସ୍ଥିତ ଥିଲେ ।

# ସୀମାନ୍ତରେ ୨୬ ମାଓବାଦୀଙ୍କ ଆତ୍ମସମର୍ପଣ



**ମାଲକାନଗିରି,୧୫ ।୪(ସମିସ):** ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ଲୋନ୍ ଭାରାଟୁ ଅଭିଯାନ ଦ୍ୱାରା ପ୍ରଭାବିତ ହୋଇ ୨୬ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କିସ୍ତରାମ, ଭୈରମଗଡ଼, ମାଲାଙ୍ଗେର ଏବଂ କଟେକଲ୍ୟାନ ଅଞ୍ଚଳର ମାଓ କମିଟିରେ ସକ୍ରିୟ ଥିବା ଜଣାପଡ଼ିଛି । ସୂଚନା ଅନୁଯାୟୀ, ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ଦନ୍ତେୱାଡା ପୁଲିସ କାର୍ଯ୍ୟାଳୟରେ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି । ଏହି ମାଓବାଦୀମାନେ ଅନେକ ହିଂସାକାଣ୍ଡରେ ସାମିଲ ଥିଲେ । ତେବେ ମାଓ ସଂଗଠନ ଧୀରେ ଧୀରେ ନିଜର ସ୍ଥିତି ହରାଇବା ସହ ଦୁର୍ବଳ ହୋଇ ପଥଭ୍ରଷ୍ଟ ହୋଇଥିବାରୁ ଏମାନେ ସାଧାରଣ ଜୀବନଯାପନ ପାଇଁ ନିଷ୍ପତ୍ତି ନେଇ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି । ଆତ୍ମସମର୍ପଣକାରୀ ମାଓବାଦୀଙ୍କ ମଧ୍ୟରେ ଜଣେ ୧ଲକ୍ଷ ଇନାମୀ କ୍ୟାଡର ମାଓବାଦୀ ଥିବା ବେଳେ ଅନ୍ୟମାନେ ମାଓ ସଦସ୍ୟ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି । ଆତ୍ମସମର୍ପଣ ପରେ ସରକାରୀ ନୀତି ଅନୁଯାୟୀ ସମସ୍ତଙ୍କୁ ଥଇଥାନ କରାଯିବ ବୋଲି ଦନ୍ତେୱାଡା ଏସପି ଗୌରବ ରାୟ ପ୍ରକାଶ କରିଛନ୍ତି ।

# ସହାନୁଭୂତି ଓ ବ୍ୟକ୍ତିଗତ ଦୁଃଖ ନ୍ୟାୟ ପ୍ରଦାନର ଆଧାର ନୁହେଁ: ହାଇକୋର୍ଟ

**କଟକ, ୧୫ ।୪(ସମିସ):** ସହାନୁଭୂତି ଓ ବ୍ୟକ୍ତିଗତ ଦୁଃଖ ନ୍ୟାୟ ପ୍ରଦାନର ଆଧାର ହେବା ଉଚିତ ନୁହେଁ । ଏହା ମନେ ରଖିବା ଅତ୍ୟନ୍ତ ଜରୁରୀ ଯେ ନ୍ୟାୟ ପାଇଁ ରାସ୍ତା ତଥ୍ୟ ଓ ପ୍ରମାଣ ଦ୍ୱାରା ସ୍ଥିର ହୋଇଥାଏ । ଏଣୁ କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ଏବଂ ଠୋସ୍ ପ୍ରମାଣର ଅନୁପସ୍ଥିତିରେ ଆବେଦନକାରୀଙ୍କୁ କୋର୍ଟ ଚାଲାଣ କରିବାକୁ ବାଧ କରିବା ଭୁଲ୍ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି । ଆୟୁଷ୍ମାନ ଷଡ଼ଙ୍ଗୀଙ୍କ ପକ୍ଷରୁ ରୁଜୁ ଏକ ଆବେଦନର ଶୁଣାଣି କରି ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ଏଥିସହ ବରଗଡ଼ ସହକାରୀ ଦୌରା ଅଦାଲତଙ୍କ ଗତ ୨୦୨୩ ଅକ୍ଟୋବର ୧୭ର ଡିସଚାର୍ଜ ପିଟିସନ ଖାରଜ ନିଷ୍ପତ୍ତିକୁ ହାଇକୋର୍ଟ ରଦ୍ଦ କରିଛନ୍ତି । ଏକ କଲେଜ ହଷ୍ଟେଲର ଅନ୍ତେବାସୀଙ୍କ ଆତ୍ମହତ୍ୟା ମାମଲାରେ ଆବେଦନକାରୀ କଲେଜର ଅଧ୍ୟକ୍ଷଙ୍କୁ ଡିସଚାର୍ଜ କରିଛନ୍ତି । ଅନ୍ୟପଟରେ ହାଇକୋର୍ଟ କହିଛନ୍ତି ଯେ ଶିକ୍ଷାନୁଷ୍ଠାନରେ ଶୃଙ୍ଖଳା ବଜାୟ ରଖିବା କ୍ଷେତ୍ରରେ ଏହାର ଅଧ୍ୟକ୍ଷଙ୍କ ଭୂମିକା ଜଟିଳ ଏବଂ ଗୁରୁତ୍ୱପୂର୍ଣ୍ଣ ଅଟେ । ଅଭିଯୋଗକାରୀଙ୍କ କଠିନ ସମୟରେ ତାଙ୍କର ସହାନୁଭୂତି ରହିଥିଲେ ବି ଏହା ନ୍ୟାୟ ପ୍ରଦାନର ଆଧାର ନୁହେଁ ବୋଲି ଅଦାଲତ କହିଛନ୍ତି ।

ମାମଲାରୁ ପ୍ରକାଶ ଯେ ବରଗଡ଼ ଭଟଲିସ୍ଥିତ ଦଧିବାମନ କଲେଜ ହଷ୍ଟେଲରେ ଏକ ମୋବାଇଲ ଫୋନ ଚୋରିକୁ ନେଇ ଏଠାରେ ରହୁଥିବା ଅନ୍ତେବାସୀ ରାଜେଶ ସାହୁ ଆତ୍ମହତ୍ୟା କରିଥିଲେ । କଲେଜ କର୍ତ୍ତୃପକ୍ଷ ଏହି ମୋବାଇଲ ଚୋରି ଘଟଣାରେ ସମ୍ପୃକ୍ତ ସମସ୍ତ ପିଲାଙ୍କ ଅଭିଭାବକଙ୍କୁ ଅବଗତ କରାଯିବା ସହ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଚେତାବନୀ ଦେବା ପରେ ଛାତ୍ରଜଣଙ୍କ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା । ଥାନାରେ ମୃତକଙ୍କ ପିତା ଅଭିଯୋଗ କଲା ପରେ ବରଗଡ଼ ସହକାରୀ ଦୌରା ଅଦାଲତ ମାମଲାରେ ଚାର୍ଜଫ୍ରେମ କରିଥିଲେ । ଆବେଦନକାରୀଙ୍କ ପକ୍ଷରୁ ଏହି ମାମଲାରୁ ମୁକ୍ତ ପାଇଁ ଡିସଚାର୍ଜ ପିଟିସନ୍ ଦାଖଲ ହୋଇଥିବା ବେଳେ ସମ୍ପୃକ୍ତ ଅଦାଲତ ଏହାକୁ ଖାରଜ କରିଥିଲେ । ଏହା ବିରୋଧରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

**SALE**

Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Ready for Possession Aastha Highway South & North, Dhauli Chhak, BBSR. Contact- Bhavishya Homes Pvt Ltd.

**Ph.: 9437015112**

**LOST**

ମୁଁ ନନ୍ଦନନ୍ଦନ ଭରଦ୍ୱାଜ ଓରଫ ନାୟକ ବୟସ -୪୭, ପିତା-ବାଇଧର ନାୟକ ଗ୍ରାମ- ଭଙ୍ଗଗ୍ରାମ, ବର୍ତ୍ତମାନର ଠିକଣା- ତେନ୍ତୁଳିପଦା, ଥାନା-ତିର୍ତ୍ତୋଲ, ଜିଲା- ଜଗତସିଂହପୁର ମୋର ଏକ ଅରିଜିନାଲ ଆର ଓ ଆର ପଟ୍ଟା ଖାତା ନଂ-୪୩୨ ମୌଜା- ତେନ୍ତୁଳିପଦା ଗତ ୧୪.୦୨.୨୦୨୪ ତାରିଖରେ ଘର ଠାରୁ ରାହାମା ମଧ୍ୟରେ ହଜିଯାଇଛି । ଯଦି କୌଣସି ସହୃଦୟ ବ୍ୟକ୍ତି ଏହି ପଟ୍ଟାକୁ ପାଇଥାନ୍ତି ତାହେଲେ ଉପରୋକ୍ତ ଠିକଣାରେ ଜଣାଇବାକୁ ଅନୁରୋଧ ।

**ସର୍ବସାଧାରଣ ବିଜ୍ଞପ୍ତି**

ଏତଦ୍ୱାରା ସୂଚନା ପ୍ରଦାନ କରାଯାଉଛି କି ଆମର ଶାଖା ନେଟୱାର୍କର ପୁନର୍ଗଠନ ଏବଂ ଆମର ଗ୍ରାହକଙ୍କୁ ନିରନ୍ତର ସେବା ଯୋଗାଇବା ପାଇଁ 31.07.2024 ଠାରୁ ଆମର ମହଜୁଦ ଶାଖାକୁ ନିମ୍ନଲିଖିତ ସ୍ଥାନରେ ମିଶ୍ରଣ କରିବା ପାଇଁ ପ୍ରସ୍ତାବ ଅଛି ।

| ମହଜୁଦ ଶାଖା | ମିଶ୍ରଣ ନିମନ୍ତେ ପ୍ରସ୍ତାବିତ |
|---|---|
| କେନ୍ଦ୍ରାପଡା / ଟ୍ରାକ୍ଟର<br>ତୃତୀୟ ମହଲା, ମଣ୍ଡ ବ୍ଲାଙ୍କ ବିଲ୍ଡିଂ, ଗ୍ରୁଆଲସିଂ, ରିଲାଏନ୍ସ ପେଟ୍ରୋଲ ପମ୍ପ ସାମ୍ନାରେ, ଠାକୁରପାଟନା, କେନ୍ଦ୍ରାପଡା – 754 250, ଓଡ଼ିଶା | ପାରାଦ୍ୱୀପ<br>ପ୍ରଥମ ମହଲା, ପ୍ଲଟ ନଂ. 1495, ଉଦୟ ବିହାର, ଅଠର ବାଙ୍କି ପୋଷ୍ଟ, ପିପିଏଲ୍ ସ୍କୋୟାର, ଜଗତସିଂହପୁର ଜିଲ୍ଲା, ପାରାଦ୍ୱୀପ, ଜଗତସିଂହପୁର – 754 142, ଓଡ଼ିଶା |

ଫଳସ୍ୱରୂପ, ସମସ୍ତ ଜମାକାରୀ ପାରାଦ୍ୱୀପ ଶାଖା ଦ୍ୱାରା ସେବା ପ୍ରାପ୍ତ କରିବେ

ଏହି ବିଜ୍ଞପ୍ତି ଅଣ ବ୍ୟାଙ୍କିଙ୍ଗ ବିତ୍ତୀୟ କମ୍ପାନୀ ଗୁଡିକ ଦ୍ୱାରା ସାର୍ବଜନିକ ଜମା ସ୍ୱୀକୃତି (ରିଜର୍ଭ ବ୍ୟାଙ୍କ) ନିର୍ଦ୍ଦେଶନାମା, 2016 ର ଅନୁଚ୍ଛେଦ 31 (1) ଅନୁଯାୟୀ ଜାରି କରାଯାଉଛି ।

SUNDARAM FINANCE®
Enduring values. New age thinking.

ପଞ୍ଜୀକୃତ ଏବଂ ମୁଖ୍ୟ କାର୍ଯ୍ୟାଳୟ: 21, ପଟୁଲୋସ୍ ରୋଡ୍, ଚେନ୍ନାଇ – 600 002
044 - 2852 1181 customercare@sundaramfinance.in

## ଅବଶିଷ୍ଟାଂଶ...

### ୧୦୦ ଡଲାର...

ବ୍ୟାରେଲ ପିଛା ୧୦୦ ଡଲାର ଅତିକ୍ରମ କରିପାରେ । ଏଥିସହ ଯଦି ଆମେରିକା ଇରାନ ଉପରେ ଅନେକ କଟକଣା ଲାଗୁ କରେ ତେବେ ଅଶୋଧିତ ତୈଳ ମୂଲ୍ୟ ମଧ୍ୟ ଆଶାତୀତ ଭାବେ ବୃଦ୍ଧି ପାଇବ । ପୂର୍ବରୁ ଅଶୋଧିତ ତୈଳ ଯୋଗାଣ ଏବଂ ଉତ୍ପାଦନ ନେଇ ସମସ୍ୟା ରହିଥିଲା । ବର୍ତ୍ତମାନ ମଧ୍ୟ ପ୍ରାଚ୍ୟ ଉତ୍ତେଜନାରେ ଇରାନର ପ୍ରବେଶ ଏହି ପରିସ୍ଥିତିକୁ ଆହୁରି ଅଧିକ ଜଟିଳ କରିଦେବ । ଏଭଳି ସମୟରେ ଭାରତ ସମେତ ବିଶ୍ୱର ଅନେକ ରାଷ୍ଟ୍ରଗୁଡ଼ିକୁ ମହଙ୍ଗା ଅଶୋଧିତ ତୈଳ କିଣିବାକୁ ପ୍ରସ୍ତୁତ ହେବାକୁ ପଡିବ ଯେଉଁମାନେ ଆବଶ୍ୟକତାର ୮୦ ପ୍ରତିଶତରୁ ଅଧିକ ଆମଦାନୀ ଉପରେ ନିର୍ଭରଶୀଳ ।

ଅନ୍ୟପକ୍ଷରେ ଯଦି ଏହି ଉତ୍ତେଜନା ବୃଦ୍ଧି ପାଏ ଏହାର ଏକ ବଡ଼ ପ୍ରଭାବ ମଧ୍ୟ ପ୍ରାଚ୍ୟରେ ବହୁ ସଂଖ୍ୟାରେ କାର୍ଯ୍ୟରତ ଭାରତୀୟମାନଙ୍କ ଉପରେ ପଡ଼ିବ । ଏହି ପ୍ରବାସୀ ଭାରତୀୟମାନେ ଦେଶକୁ ବୈଦେଶିକ ମୁଦ୍ରା ପ୍ରେରଣରେ ଏକ ବଡ଼ ଭୂମିକା ନିର୍ବାହ କରିଥାନ୍ତି । ଯଦି ମଧ୍ୟ ପ୍ରାଚ୍ୟରେ ଅସ୍ଥିରତା ବୃଦ୍ଧି ପାଏ ତେବେ ସେଠାରେ ରହୁଥିବା ଏହି ପ୍ରବାସୀ ଭାରତୀୟମାନେ ପ୍ରଭାବିତ ହେବେ ଏବଂ ଦେଶକୁ ବିଦେଶୀ ମୁଦ୍ରା ପ୍ରବାହରେ ହ୍ରାସ ଘଟିପାରେ । ଏହାଛଡ଼ା ପରିସ୍ଥିତି ବିଗିଡ଼ିଲେ ସେଠାରେ କାର୍ଯ୍ୟରତ ହଜାର ହଜାର ଭାରତୀୟଙ୍କୁ ଦେଶକୁ ଫେରାଇ ଆଣିବା ସରକାରଙ୍କ ପାଇଁ ଆହ୍ୱାନ ପାଲଟିବ ।

ଏଭଳି ପରିସ୍ଥିତିରେ ଭାରତର ଭୂମିକା କ'ଣ ରହିବ ତାହା ଉପରେ ଏବେ ସାରା ବିଶ୍ୱର ନଜର । ଉଭୟ ଇରାନ ଏବଂ ଇସ୍ରାଏଲ୍ ସହ ଭାରତର ଭଲ ସମ୍ପର୍କ ରହିଛି । ଇସ୍ରାଏଲ ଭାରତକୁ ପ୍ରମୁଖ ଅସ୍ତ୍ରଶସ୍ତ୍ର ଯୋଗାଣକାରୀ ରାଷ୍ଟ୍ର ମଧ୍ୟରେ ଅନ୍ୟତମ । ଏହାଛଡ଼ା କୃଷି ଏବଂ ବୈଷୟିକ ଜ୍ଞାନ କ୍ଷେତ୍ରରେ ଭାରତର ଜଣେ ବଡ଼ ସହଯୋଗୀ । ଅପରପକ୍ଷେ ଇରାନ୍ ଭାରତକୁ ତୈଳ ଯୋଗାଣ କ୍ଷେତ୍ରରେ ପ୍ରମୁଖ ଭୂମିକା ନିଭାଉଛି । ଏତଦ୍‌ବ୍ୟତୀତ ଇରାନ୍ ବିଶ୍ୱ ବାଣିଜ୍ୟର ପ୍ରମୁଖ ପଥ ସୁଏଜ୍ କେନାଲ ବାଟ ଦେଇ ପରିବହନ ରୋକିବାକୁ ଧମକ ଦେଇଛି । ଯଦି ଏଭଳି ପରିସ୍ଥିତି ଉପୁଜେ ତେବେ ଏହା ସାରା ବିଶ୍ୱକୁ 'ବିଶ୍ୱ ଯୁଦ୍ଧ' ସ୍ଥିତି ଆଡକୁ ଠେଲିଦେବ । ଆହୁରିମଧ୍ୟ ପାରସ୍ୟ ଉପସାଗରୀୟ କ୍ଷେତ୍ର ଦେଇ ବିଶ୍ୱର ଅଧିକାଂଶ ବାଣିଜ୍ୟ କାରବାର ହୋଇଥାଏ । ଇସ୍ରାଏଲ୍-ଇରାନ୍ ସ୍ଥିତି ଅଧିକ ବିଗିଡ଼ିଲେ ପାରସ୍ୟ ଉପସାଗରୀୟ କ୍ଷେତ୍ରରେ ବାଣିଜ କାରବାର ନିଶ୍ଚିତ ଭାବେ ପ୍ରଭାବିତ ହେବ, ଯାହା ସାରା ବିଶ୍ୱ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇପାରେ ।

### ପୋଲ ତଳକୁ...

ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ସ୍ଥାନୀୟ ଲୋକ ଓ ପ୍ରଶାସନର ସହାୟତାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ଖବର ପାଇ ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ (ସିଡିଏମ୍‌ଓ), ଏସ୍‌ପି, ଆର୍‌ଟିଓ ଏବଂ ଜାତୀୟ ରାଜପଥ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରୁଛନ୍ତି । ଅପରପକ୍ଷେ, ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ଆତ୍ମୀୟଙ୍କୁ ୩ ଲକ୍ଷ ଟଙ୍କା ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି । ଏହାସହ ଶୋକସନ୍ତପ୍ତ ପରିବାରକୁ ମୁଖ୍ୟମନ୍ତ୍ରୀ ଗଭୀର ସମବେଦନା ଜଣାଇଛନ୍ତି । ସେହିପରି ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରି ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ମୁତାବକ, ଆଜି ସନ୍ଧ୍ୟା ପ୍ରାୟ ୮ଟା ସମୟରେ ପୁରୀରୁ କୋଲକାତା ଅଭିମୁଖେ ଯାଉଥିବା 'କାଳିଆ ନନା' ବସ୍ ହଠାତ ଭାରସାମ୍ୟ ହରାଇ ବାରବାଟୀ ଓଭରବ୍ରିଜ୍‌ରୁ ଓଲଟି ପ୍ରାୟ ୨୫ ଫୁଟ ତଳକୁ ଖସି ପଡ଼ିଥିଲା । ବସ୍‌ଟି ଖସି ପଡ଼ିବା କାରଣରୁ ଯାତ୍ରୀମାନେ ବାହାରକୁ ବାହାରିବା କଷ୍ଟକର ହୋଇପଡ଼ିଥିଲା । ଖବର ପାଇ ସ୍ଥାନୀୟ ଲୋକେ ଯାତ୍ରୀଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା ଜାରି ରଖିଛନ୍ତ । ସେହିପରି ରସୁଲପୁର ଓ ଧର୍ମଶାଳା ଅଗ୍ନିଶମ ବାହିନୀ ଓ କୁଆଖିଆ ଏବଂ ଧର୍ମଶାଳା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବସ୍ ଭିତରୁ ଆହତ ଯାତ୍ରୀଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ । ସେମାନଙ୍କ ମଧ୍ୟରୁ ୫ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଆହତଙ୍କ ମଧ୍ୟରେ ଶିଶୁ ଓ ମହିଳା ଅଛନ୍ତି । ତେବେ ମୃତାହତଙ୍କର ପରିଚୟ ମିଳିପାରିନାହିଁ । ଗୁରୁତର ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ଏବଂ ଯାଜପୁର ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି ।

### କେନ୍ଦ୍ରମନ୍ତ୍ରୀଙ୍କ 'ଅପାରଗତା'କୁ...

ବିଫଳତାକୁ ସମସ୍ତେ ଜାଣିଛନ୍ତି । ଢେଙ୍କାନାଳ, ଅନୁଗୁଳ ଓ ଦେବଗଡ଼ ଜିଲ୍ଲାରେ ସେ ଗୋଟିଏ ବି ଜାତୀୟ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରିନାହାନ୍ତି । ଢେଙ୍କାନାଳ ଓ ସମ୍ବଲପୁରବାସୀ ବାରମ୍ବାର ୫୫ ନମ୍ବର ଜାତୀୟ ରାଜପଥ ପ୍ରସଙ୍ଗ ଉଠାଇବା ସହିତ ଏହି ସଡ଼କର ଅବସ୍ଥା ଅତ୍ୟନ୍ତ ବିପଜ୍ଜନକ ଥିବାରୁ କିଭଳି ଶହ ଶହ ମୂଲ୍ୟବାନ ଜୀବନ ଯାଉଛି, ସେ ନେଇ ସେମାନେ ଶ୍ରୀ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛନ୍ତି; କିନ୍ତୁ ପରିତାପର ବିଷୟ ସେ ବାରମ୍ବାର ଏହି ସମସ୍ୟାର ସମାଧାନ କରିବାକୁ କିମ୍ବା ଏହି ପ୍ରସଙ୍ଗରେ କହିବାକୁ ମନା କରିଦିଅନ୍ତି । ଏବେ ସେ ସମ୍ବଲପୁରରୁ ନିର୍ବାଚନ ଲଢୁଥିବା ବେଳେ ଏଭଳି ଦୁର୍ଘଟଣାରେ ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାରକୁ କିଭଳି ସାମ୍ନା କରିବେ ସେ ନେଇ ଡକ୍ଟର ପାତ୍ର ପ୍ରଶ୍ନ କରିଛନ୍ତି ।

ଡ଼ ପାତ୍ର ଆହୁରି କହିଛନ୍ତି, ଓଡ଼ିଶାର ଚାରି ଆଡ଼େ ବିକାଶ ଓ ରୂପାନ୍ତରଣ ସ୍ପଷ୍ଟ ପରିଲକ୍ଷିତ ହେଉଛି । ମାତ୍ର କେନ୍ଦ୍ରମନ୍ତ୍ରୀଙ୍କୁ ତାହା ଦେଖା ଯାଉ ନାହିଁ। ବିଜେଡି ସରକାର ସ୍ମାର୍ଟ କ୍ଲାସରୁମ୍, ଡିଜିଟାଲ୍ ଲାଇବ୍ରେରୀ ଏବଂ ଅତ୍ୟାଧୁନିକ ଭିତ୍ତିଭୂମି ମାଧ୍ୟମରେ ହାଇସ୍କୁଲ ଶିକ୍ଷାକୁ ୫-ଟି କାର୍ଯ୍ୟକ୍ରମ ଅଧୀନରେ ରୂପାନ୍ତରିତ କରିଛନ୍ତି । ସେ ସବୁ ରୂପାନ୍ତରଣ ତାଙ୍କୁ ଦେଖାଯାଉ ନାହିଁ । ୫-ଟି ଅଭିଯାନ ଅନ୍ତର୍ଗତ 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ମିଶନ' ଅଧୀନରେ ଓଡ଼ିଶାକୁ 'ଆୱାର୍ଡ ଅଫ୍ ଏକ୍ସଲେନ୍ସ' ପୁରସ୍କାର ପ୍ରଦାନ କରାଯାଇ ଥିଲା । କିନ୍ତୁ ଭଲ କାମ ପାଇଁ ଓଡ଼ିଶା କେନ୍ଦ୍ର ସରକାରଙ୍କ ଠାରୁ ପୁରସ୍କାର ପାଇବା ଶ୍ରୀ ପ୍ରଧାନଙ୍କୁ ପ୍ରକୃତରେ ଦୁଃଖିତ କରିଛି ବୋଲି ଡ. ପାତ୍ର କହିଛନ୍ତି ।

### ୬ ବର୍ଷ ପାଇଁ...

କେଉଁଠି କି ଦୋଷ କଲେ ତାଙ୍କୁ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି, ସେଥିପାଇଁ ସେ ନୋଟିସ୍ ଜରିଆରେ ପଚାରିବେ ବୋଲି କହିଛନ୍ତି । ତେବେ ସେ କଂଗ୍ରେସରେ ଅଛନ୍ତି ଓ ମୃତ୍ୟୁପର୍ଯ୍ୟନ୍ତ କଂଗ୍ରେସରେ ରହିବେ । ମାତ୍ର ଆଉ କଂଗ୍ରେସ ଭବନ ମାଟି ମାଡ଼ିବେ ନାହିଁ। ଯେଉଁମାନେ ଏବେ ଓଡ଼ିଶା କଂଗ୍ରେସରେ ଅଛନ୍ତି ସେମାନଙ୍କ ନୀତି ଓ ଆଦର୍ଶ ଉପରେ ସୁର ପ୍ରଶ୍ନ କରିବା ସହ ୫୦ ବର୍ଷରୁ ଅଧିକ ସମୟ ଧରି ସେ କଂଗ୍ରେସ ପାଇଁ କାମ କରିଛନ୍ତି ବୋଲି କହିଛନ୍ତି । ଯଦି ତାଙ୍କ ପୁଅ ଅଲଗା ଦଳରୁ ଟିକେଟ ପାଇଲା ତେବେ ତାଙ୍କୁ ବାହାର କରି ଦିଆଗଲା, ତା'ହେଲେ ଅଭିନନ୍ଦନ । ବହିଷ୍କାର ଆଦେଶ ଉପରେ ଆପତ୍ତି ନାହିଁ କି ଖାତିର ନାହିଁ । ଏନେଇ କୌଣସି ପ୍ରକାର ଦୁଃଖ ବି ନାହିଁ । ପୁଅ ଟିକେଟ ପାଇଲା ବୋଲି ତାଙ୍କୁ ଦଳରୁ କାଢ଼ି ଦେବା ଘୋର ଲଜ୍ଜାଜନକ କଥା ବୋଲି ସୁର କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ସୁରେଶ କୁମାର ରାଉତରାୟ ଜଟଣୀରୁ ୬ ଥର ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ଏକାଧିକବାର ମନ୍ତ୍ରୀ ମଧ୍ୟ ହୋଇଛନ୍ତି ।

### ଦେଶରେ ଅଧିକ...

ଫଳରେ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଅଧିକ ବର୍ଷା ହୋଇପାରେ । ୧୯୫୧ରୁ ୨୦୨୩ ମଧ୍ୟରେ ମୌସୁମୀ ଉପରେ ୨୨ ଥର ଲା-ନିନାର ପ୍ରଭାବ ପଡ଼ିଛି । ଏଥିଯୋଗୁ ଯୋଗୁ ଦେଶରେ ୯ ଥର ସ୍ୱାଭାବିକଠାରୁ ଅଧିକ ବର୍ଷା ହୋଇଥିବା ବେଳେ ୧୯୭୪ ଓ ୨୦୦୦ ମସିହାକୁ ଛାଡ଼ି ବାକି ସବୁଥର ଲା ନିନା ଯୋଗୁ ସ୍ୱାଭାବିକ ବର୍ଷା ହୋଇଛି ।

ସାଧାରଣତଃ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜୁନ ୧ରେ କେରଳରେ ପ୍ରବେଶ କରିଥାଏ । ଏହାପରେ ପର୍ଯ୍ୟାୟକ୍ରମେ ଦେଶର ବିଭିନ୍ନ ପ୍ରାନ୍ତରେ ନିଜର ଉପସ୍ଥିତି ଜାହିର କରେ । କେରଳ ଛୁଇଁବାର ୧୦ ଦିନ ପରେ ମୌସୁମୀ ଓଡ଼ିଶାକୁ ପ୍ରବେଶ କରେ । ୨୦୨୩ରେ ମୌସୁମୀ ୭ ଦିନ ବିଳମ୍ବରେ କେରଳ ଛୁଇଁଥିଲା । ତେବେ ଚଳିତ ବର୍ଷ ମୌସୁମୀ ଧାର୍ଯ୍ୟ ସମୟ ପୂର୍ବରୁ ଭାରତରେ ପ୍ରବେଶ କରିବାର ସମ୍ଭାବନା ରହିଛି । ତେବେ ମୌସୁମୀ କେବେ ପ୍ରବେଶ କରିବ ଓ କେଉଁ ଅଞ୍ଚଳରେ କେତେ ବର୍ଷା ହେବ, ସେକଥା ଆଇଏମଡି ଏବେ କହି ନାହିଁ । ଆସନ୍ତା ମାସ ପ୍ରଥମ ସପ୍ତାହରେ ଆଇଏମଡି ପକ୍ଷରୁ ବିସ୍ତୃତ ସୂଚନା ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

### ପାରଦର ଲମ୍ଫ...

ବାରିପଦା ଓ ନୟାଗଡ଼ ଆଦି ସ୍ଥାନରେ ତାପମାତ୍ରା ୪୨ ଡିଗ୍ରୀ ରହିପାରେ । ସେହିପରି ନୂଆପଡ଼ା, ରାୟଗଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ଅନୁଗୋଳ, କେନ୍ଦୁଝର, ଯାଜପୁର, ଭଦ୍ରକ, ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତସିଂହପୁର ଓ ଖୋର୍ଦ୍ଧାରେ ତାପମାତ୍ରା ୪୧ ଡିଗ୍ରୀ ରହିପାରେ ବୋଲି କହିଛି । ଅନ୍ୟପକ୍ଷରେ ଏପ୍ରିଲ ୧୮ ତାରିଖରେ ଟିଟିଲାଗଡ଼ ଓ ବଲାଙ୍ଗିରର ତାପମାତ୍ରା ୪୫ ଡିଗ୍ରୀ ଏବଂ ଭୁବନେଶ୍ୱର, କଟକ, ବୌଦ୍ଧ, ଭବାନୀପାଟଣା, ଅନୁଗୋଳ ଓ ଝାରସୁଗୁଡ଼ାରେ ୪୪ ଡିଗ୍ରୀ ରହିବା ନେଇ କେନ୍ଦ୍ର ଆକଳନ କରିଛି ।

ତାପମାତ୍ରା ବୃଦ୍ଧି ସହ ରାଜ୍ୟରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ୩-୫ ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ରହିବାର ସମ୍ଭାବନା ରହିଛି । ଦିନ ୧୧ ଟାରୁ ଅପରାହ୍ଣ ୩ ପର୍ଯ୍ୟନ୍ତ ଖରାର ପ୍ରକୋପ ସର୍ବାଧିକ ରହୁଥିବାରୁ ଏହି ସମୟ ମଧ୍ୟରେ ବାହାରକୁ ନ ଯିବା ପାଇଁ ପାଣିପାଗ କେନ୍ଦ୍ର ଲୋକମାନଙ୍କୁ ପରାମର୍ଶ ଦେଇଛି । ସୂଚନା ଥାଉ କି ସୋମବାର ମାଲକାନଗିରିରେ ତାପମାତ୍ରା ୪୧.୧ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ବୌଦ୍ଧରେ ୪୧, ଝାରସୁଗୁଡ଼ାରେ ୪୧, ଟିଟିଲାଗଡ଼ରେ ୪୧, ଜଗତସିଂହପୁରରେ ୪୧, ପାରଳାଖେମୁଣ୍ଡିରେ ୪୧, କେନ୍ଦ୍ରାପଡ଼ାରେ ୪୦.୨, ଖୋର୍ଦ୍ଧାରେ ୪୦.୫, ନୟାଗଡ଼ରେ ୪୦.୫, ଭବାନୀପାଟଣାରେ ୪୦, ବଲାଙ୍ଗିରରେ ୪୦, ଯାଜପୁରରେ ୪୦ ଓ ଭଦ୍ରକରେ ୪୦ ଡିଗ୍ରୀ ରେକର୍ଡ କରାଯାଇଛି ।

**ADMISSION NOTICE**

**COMMON ENTRANCE TEST- 2024**

**FOR ADMISSION AT**

**SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESEARCH (SVNIRTAR)**
Olatpur, P.O: Bairoi, Dist- Cuttack-754010 (Odisha)
Website: https://svnirtar.nic.in, E-Mail: dasvnirtar@gmail.com

**NATIONAL INSTITUTE FOR LOCOMOTOR DISABILITIES (NILD)**
B. T. Road, Bonhooghly, Kolkata - 700 090
Website: www.niohkol.nic.in, E-Mail: mail@nioh.in

**NATIONAL INSTITUTE FOR EMPOWERMENT OF PERSONS WITH MULTIPLE DISABILITIES (NIEPMD)**
East Coast Road, Kovalam Post- Muttukadu, Chennai - 603112
Website: www.niepmd.tn.nic.in, E-Mail: niepmd@gov.in

**PANDIT DEENDAYAL UPADHYAYA NATIONAL INSTITUTE FOR PERSONS WITH PHYSICAL DISABILITIES (PDUNIPPD)**
4, Vishnu Digamber Marg, New Delhi - 110002
Website: www.pdunippd.in, E-Mail: diriph@nic.in

**COMPOSITE REGIONAL CENTRE FOR SKILL DEVELOPMENT, REHABILITATION & EMPOWERMENT (CRCSRE) OF PERSONS WITH DISABILITIES**
GMCH Campus, Bhangagarh, Guwahati, Assam -781 032.
Website: www.crcguwahati.in, E-Mail: crcguwahati@gmail.com

**All above Institutes under DEPwD (Divyangjan), Ministry of Social Justice and Empowerment, Govt. of India**

Applications (Online) are invited from the eligible candidates on prescribed form to appear Common Entrance Test (CET)- 2024 for admission into following Professional Degree Courses:
1. Bachelor of Physiotherapy (BPT)
2. Bachelor of Occupational Therapy (BOT)
3. Bachelor in Prosthetics & Orthotics (BPO)
4. Bachelor in Audiology & Speech Language Pathology (BASLP).
Eligibility: 10+2 Science with English as Compulsory Subject

**POSTGRADUATE ENTRANCE TEST FOR ADMISSION AT SVNIRTAR**

Applications (Online) are invited from the eligible candidates on prescribed form to appear Post Graduate Entrance Test (PGET) - 2024 for admission into following Post Graduate Courses:
1. Master of Physiotherapy (MPT)
2. Master of Occupational Therapy (MOT)
3. Master in Prosthetics & Orthotics (MPO)
Eligibility: Degree in BPT/ B.Sc. (PT) for MPT, Degree in BOT/ B.Sc. (OT) for MOT and Degree in BPO/ B.Sc. (PO) for MPO Courses.

Starting date of online publication of Information Brochure & Application form: 15.04.2024
Closing date of online receipt of Application form: 20.05.2024
Date of Entrance Test: 23.06.2024

**For details Log on to: https://admission.svnirtar.nic.in**

Director, SVNIRTAR
Cum Chairman, CET & PGET- 2024

## ବାଇକ୍ ଧକ୍କାରେ ବୃଦ୍ଧ ମୃତ; ଚାଳକ ଆହତ

**ଫୁଲବାଣୀ,୧୫ ।୪(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ଦିନାବାଲି ଛକ ନିକଟରେ ରବିବାର ବିଳମ୍ବିତ ରାତିରେ ଏକ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିବା ବେଳେ ଧକ୍କା ଦେଇଥିବା ବାଇକ୍ ଚାଳକ ମଧ୍ୟ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ମୃତ ବୃଦ୍ଧ ଜଣକ ଫିରିଙ୍ଗିଆ ଥାନା କାଶିନୀପଦର ଗାଁର ଜୋସେଫ ଦିଗାଲ । ବୃଦ୍ଧଙ୍କୁ ଧକ୍କା ଦେଇ ଗୁରୁତର ଆହତ ହୋଇଥିବା ବାଇକ୍ ଚାଳକ ଜଣକ ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ପଳାବୃଡି ପଞ୍ଚାୟତ କେରେଙ୍ଗେଲି ଗାଁର ଲିଟୁ ଦିଗାଲ ବୋଲି ଜଣାପଡ଼ିଛି ।

ସୂଚନା ଅନୁସାରେ ମୃତ ବୃଦ୍ଧ ଜଣକ କୌଣସି କାମରେ ଦିନାବାଲି ଗାଁକୁ ଯାଇ ନିଜ ଗାଁ କାସିନୀପଦରକୁ ଫେରୁଥିବା ସମୟରେ ଫିରିଙ୍ଗିଆ ଗୋଛାପଡା ମୁଖ୍ୟରାସ୍ତାର ଦିନାବାଲି ଛକ ନିକଟରେ ଫିରିଙ୍ଗିଆ ପଟୁ ଆସୁଥିବା ସମ୍ପୃକ୍ତ ବାଇକ୍ ବୃଦ୍ଧଙ୍କୁ ଧକ୍କା ଦେଇଥିଲା । ଏଥିରେ ବାଇକ୍ ସାଙ୍ଗରେ ସମ୍ପୃକ୍ତ ଆରୋହୀ ଜଣକ ମଧ୍ୟ ରାସ୍ତାକୁ ଛିଟିକି ପଡ଼ିଥିଲେ । ଉଭୟଙ୍କୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରୁ ଉଦ୍ଧାର କରି ପ୍ରଥମେ ଫିରିଙ୍ଗିଆ ଓ ପରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଚିକିତ୍ସିତ ଅବସ୍ଥାରେ ବୃଦ୍ଧଙ୍କ ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ଘଟାଇ ଥିବା ବାଇକ୍ ଚାଳକଙ୍କ ଅବସ୍ଥା ମଧ୍ୟ ଗୁରୁତର ଥିବାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା । ଘଟଣା ସମ୍ପର୍କରେ ଖବର ପାଇ ଗୋଛାପଡା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାଯାଇଛି ।

## ନାବାଳକ ପୁଅର ଗୋଇଠା ମାଡ଼ରେ ବାପା ମୃତ

**ଫିରିଙ୍ଗିଆ,୧୫।୪(ସମିସ):** କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ଜଣେ ନାବାଳକ ପୁଅର ଗୋଇଠା ମାଡ଼ରେ ବାପାର ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ, ଏହି ଥାନା ଅଞ୍ଚଳରେ ଜଣେ ନାବାଳକ ଗତ ଗୁରୁବାର ରାତିରେ ବାପାଙ୍କୁ ମେରୁଯାତ୍ରା ଦେଖିଯିବା ପାଇଁ ଟଙ୍କା ମାଗିଥିଲେ । କିନ୍ତୁ ବାପା ଟଙ୍କା ଦେଇ ନ ଥିଲେ । ଏଥିରେ ଉତ୍କ୍ଷିପ୍ତ ହୋଇ ପୁଅ ବାପାଙ୍କ ପେଟକୁ ଏକ ଶକ୍ତ ଗୋଇଠା ମାରିଥିଲା । ପୁଅର ଗୋଇଠା ମାଡ଼ରେ ବାପା ଅଚେତ ହୋଇ ପଡ଼ି ଯାଇଥିଲେ । ବାପାଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ପ୍ରଥମେ ଗୋଛାପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସା ସମ୍ଭବ ନ ହେବାରୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା । ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇ ଦିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ତାଙ୍କର ମୃତ୍ୟୁ ହୋଇଥିଲା । ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ମୃତକଙ୍କ ସ୍ତ୍ରୀ ଗୋଛାପଡା ଥାନାରେ ଲିଖିତ ଏତଲା ଦେଇଥିଲେ । ଏତଲା ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା । ଅଭିଯୁକ୍ତ ନାବାଳକ ହୋଇଥିବା ଯୋଗୁଁ ତାଙ୍କୁ ବୌଦ୍ଧରେ ଥିବା ବାଳ ସୁଧାର ଗୃହକୁ ପଠାଯିବ ବୋଲି ଗୋଛାପଡା ଥାନା ଅଧିକାରୀ ପ୍ରଭାତ ବେହେରା ସୂଚନା ଦେଇଛନ୍ତି ।

## କଳିଙ୍ଗା ଷ୍ଟେଟ୍‌ବ୍ୟାଙ୍କ ଏଟିଏମ୍ ଅଚଳ




**ଜି.ଉଦୟଗିରି,୧୫ ।୪(ସମିସ):** କନ୍ଧମାଳ ଜିଲ୍ଲା ଜି.ଉଦୟଗିରି ବ୍ଲକ କଳିଙ୍ଗାରେ ଥିବା ଏକମାତ୍ର ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଏଟିଏମ୍ ଉପରେ ଶହ ଶହ ଲୋକ ନିର୍ଭର କରୁଥିବା ବେଳେ ଦୁଇ ଦିନ ହେଲା ଏଥିରୁ ଟଙ୍କା ବାହାରୁ ନ ଥିବା ଅଭିଯୋଗ ହୋଉଛି । ରବିବାରଠାରୁ ଏକ ଏଟିଏମ୍ କାର୍ଡ ମେସିନରେ ଫସି ରହିଛି । ଫଳରେ ଅନ୍ୟ କେହି ଟଙ୍କା ଉଠାଣ କରି ପାରୁନାହାଁନ୍ତି । କଳିଙ୍ଗା ପ୍ରମୁଖ ଜନଗହଳି ସ୍ଥାନ ହୋଇଥିବା କାରଣରୁ ଲୋକେ ଏହି ଏଟିଏମ୍ ଉପରେ ନିର୍ଭର କରି ନିରାଶ ହୋଇଛନ୍ତି । ଏଟିଏମ୍‌ରେ ଦୁଇ ଦିନ ହେଲା ସମସ୍ୟା କାରଣରୁ ଯାତ୍ରୀ ଏବଂ ଗ୍ରାମବାସୀ ଟଙ୍କା ଉଠାଇ ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ସମସ୍ୟାର ସମାଧାନ କରିବାକୁ ଲୋକେ ଦାବି କରିଛନ୍ତି ।

## ଜଙ୍ଗଲ ନିଆଁ ରୋକିବାକୁ ବନ ବିଭାଗର ସ୍ୱତନ୍ତ୍ର ରଣନୀତି

**ମୋହନା,୧୫।୪(ସମିସ):** ଗ୍ରୀଷ୍ମ ପ୍ରବାହ ବଢ଼ିବା ସହ ଆରମ୍ଭ ହେଲାଣି ପ୍ରଚଣ୍ଡ ରୌଦ୍ରତାପ । ଏଭଳି ପରିସ୍ଥିତିରେ ପ୍ରତିବର୍ଷ ଜଙ୍ଗଲରେ ନିଆଁ ବନ ବିଭାଗ ପାଇଁ ଚିନ୍ତାର କାରଣ ହୋଇଥାଏ । ତେଣୁ ବର୍ତ୍ତମାନ ସତର୍କମୂଳକ ପଦକ୍ଷେପ ଗ୍ରହଣ କରିଛି ଗଜପତି ଜିଲ୍ଲା ମୋହନା ବନ ବିଭାଗ । ସୋମବାର ଏଥିପାଇଁ ମୋହନା ବନ ବିଭାଗ କାର୍ଯ୍ୟାଳୟରେ ବନାଞ୍ଚଳ ଅଧିକାରୀ ଲକ୍ଷ୍ମୀ ପ୍ରସାଦ ବିଶୋଇ ଏକ ସାମ୍ବାଦିକ ସମ୍ମିଳନୀରେ ଜଙ୍ଗଲ ନିଆଁ ରୋକିବାକୁ ସ୍ୱତନ୍ତ୍ର ରଣନୀତି ଗ୍ରହଣ କରାଯାଉଥିବା ସୂଚନା ଦେଇଛନ୍ତି । ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ବନ ବିଭାଗ ପକ୍ଷରୁ ଲୋକଙ୍କୁ ବ୍ୟାପକ ସଚେତନତା କରାଯିବା ସହ ନିଆଁ ଲାଗିଥିଲେ ବନ ବିଭାଗକୁ ଜଣାଇବାକୁ ଅନୁରୋଧ କରିଛନ୍ତି । ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ସଚେତନତା ପାଇଁ ୫୫ ଜଣ ଅଗ୍ନି ନିରୋଧକ ବାହିନୀ, ୩୫ ଜଣ ବନ ଅପରାଧ ନିୟନ୍ତ୍ରକ ବାହିନୀ,୧୦ ଜଣ ବନୀକରଣ ଜଗୁଆଳ,୧୮ ଜଣ ମୋହନା ବନାଞ୍ଚଳ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ସମସ୍ତ ପ୍ରକାର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଆବଶ୍ୟକ ଯନ୍ତ୍ରପାତି ଓ ସରଞ୍ଜାମ ମହଜୁଦ ରଖାଯାଇଛି । ସେହିଭଳି ସମସ୍ତ ଗାଁର ବନ ସୁରକ୍ଷା ସମିତି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ଥାନୀୟ ଜନସାଧାରଣ ଓ ଛାତ୍ରଛାତ୍ରୀଙ୍କୁ ନେଇ ଜନ ସଚେତନତା ଶିବିର ଆୟୋଜନ କରାଯିବ ବୋଲି ବନାଞ୍ଚଳ ଅଧିକାରୀ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ବନପାଳ ଦେବାଶିଷ ଶତପଥୀ ଓ ବନରକ୍ଷୀ ବର୍ଷାରାଣୀ ପଟ୍ଟନାୟକ ଉପସ୍ଥିତ ଥିଲେ ।

### ● ସୁଧୁରୁନି ପାନୀୟଜଳ ସମସ୍ୟା

# ଅଧ୍ୟକ୍ଷା ଓ ବିଡିଓଙ୍କ ଦ୍ୱାରସ୍ଥ ହେଲେ ଲକ୍ଷ୍ମୀପୁର କଲୋନୀବାସୀ

**ରାୟଗଡ଼,୧୫ ।୪(ସମିସ):** ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ସଦରମହକୁମାସ୍ଥିତ ଲକ୍ଷ୍ମୀପୁର କଲୋନୀବାସୀ ପାନୀୟ ଜଳ ସମସ୍ୟା ନେଇ ସୋମବାର ପୁଣି ଅଧ୍ୟକ୍ଷା ଓ ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସୂଚନାଯୋଗ୍ୟ ଯେ ଲକ୍ଷ୍ମୀପୁର କଲୋନୀରେ ୮୦ ପରିବାରର ପ୍ରାୟ ଚାରିଶହ ଲୋକଙ୍କ ପାଇଁ କେବଳ ତିନୋଟି ନଳକୂପ ରହିଥିବା ବେଳେ ସେଥିମଧ୍ୟରୁ ଦୁଇଟି ଅଚଳ ହୋଇପଡ଼ିଛି । ଅନ୍ୟ ଗୋଟିଏରୁ ଗୋଳିଆ ପାଣି ବାହାରୁଥିବା ଅଭିଯୋଗ ହୋଇଛି । ଦୀର୍ଘ ବର୍ଷ ପୂର୍ବରୁ ଏକ ବେସରକାରୀ ସଂସ୍ଥା ଦ୍ୱାରା ବିଦ୍ୟୁତ୍‌ଚାଳିତ ପାଣି ପମ୍ପ ସ୍ଥାପନ କରାଯାଇ ଲୋକଙ୍କୁ ପାନୀୟ ଜଳ ଉପଲବ୍ଧ କରାଯାଉଥିବା



ବେଳେ ତାହା ମଧ୍ୟ ଦୀର୍ଘ ଦିନ ଧରି କାର୍ଯ୍ୟରେ ଆସୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ହେଲେ ଏନେଇ ବାରମ୍ବାର ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲେ ମଧ୍ୟ କୌଣସି ସ୍ଥାୟୀ ସମାଧାନ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏନେଇ ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକ ଓ ବିଡିଓ ସୁଧୀର କୁମାର ସିଂଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ଅଧ୍ୟକ୍ଷା ଜିଲ୍ଲାପାଳଙ୍କ ଦୃଷ୍ଟିକୁ ଆଣିବା ପରେ ଉକ୍ତ ଗ୍ରାମରେ ଅଚଳ ହୋଇଥିବା ଦୁଇଟି ନଳକୂପ ତୁରନ୍ତ ମରାମତି କରାଯାଇଥିବା ଜଣାପଡ଼ିଛି । ପାନୀୟଜଳ ଯୋଗାଣରେ ସ୍ଥାୟୀ ସମାଧାନ କରାଯିବ ବୋଲି ଅଧ୍ୟକ୍ଷା କହିଛନ୍ତି ।

## କନ୍ଧମାଳ ବନ୍ଦ ଡାକରା ପ୍ରତ୍ୟାହୃତ

### ସଂଗ୍ରାମ ଜାରି ରଖିବ କୁଇ ସମାଜ

**ଫୁଲବାଣୀ,୧୫।୪(ସମିସ):** ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଦିଆଯାଇଥିବା ପ୍ରାର୍ଥୀଙ୍କ ଆଦିବାସୀ ମାନ୍ୟତା ଉପରେ ଆପତ୍ତି ଉଠାଇ କୁଇ ସମାଜ ପକ୍ଷରୁ ୧୬ ତାରିଖରେ ଦିଆଯାଇଥିବା କନ୍ଧମାଳ ବନ୍ଦ ଡାକରାକୁ ପ୍ରତ୍ୟାହାର କରି ନିଆଯାଇଛି । ତେବେ ରାଜନୈତିକ ଦଳ ସମାଜର ଦାବିକୁ ସମ୍ପୂର୍ଣ୍ଣ ରୂପେ ମାନିନେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି କହିଛି କୁଇ ସମାଜ ସେବା ସମିତି । ସୋମବାର ସ୍ଥାନୀୟ କୁଇ ସମାଜ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏ ନେଇ ସ୍ପଷ୍ଟ କରିଛନ୍ତି ସମ୍ପାଦକ ଅବନୀ କହଁର । ସମାଜର ଦାବିକୁ ସମ୍ମାନ ଦେଇ କଂଗ୍ରେସ ଦଳ ତାର ବାଲିଗୁଡ଼ା ବିଧାୟକ



ପ୍ରାର୍ଥୀ ପରିବର୍ତ୍ତନ କରି ଜଣେ ଅସଲି ଆଦିବାସୀଙ୍କୁ ଟିକଟ ଦେଇଥିବାରୁ ଦଳକୁ ଧନ୍ୟବାଦ ଜଣାଇଛି କୁଇ ସମାଜ । ତେବେ ଫୁଲବାଣୀ ବିଧାୟକ ପ୍ରାର୍ଥୀ ଏବଂ ବିଜେପିର ବାଲିଗୁଡ଼ା ପ୍ରାର୍ଥୀଙ୍କୁ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ନିଷ୍ପତ୍ତି ନିଆଯାଇ ନ ଥିବାରୁ କ୍ଷୋଭ ପ୍ରକାଶ କରାଯାଇଛି । ଏସବୁ ଦାବି ପୂରଣ ହେବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରହିବ ବୋଲି କୁହାଯାଇଛି । କୁଇ ସମାଜ ଏକ ଅଣରାଜନୈତିକ ସଙ୍ଗଠନ ବୋଲି ସମ୍ପାଦକ ଶ୍ରୀ କହଁର ସ୍ପଷ୍ଟ କରିବା ସହିତ ଏହି ପଦକ୍ଷେପ ପଛରେ କୌଣସି ରାଜନୈତିକ ଅଭିସନ୍ଧି ନାହିଁ ବୋଲି କହିଛନ୍ତି ।

## କେରଳରେ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

**ଜି.ଉଦୟଗିରି,୧୫ ।୪(ସମିସ):** କେରଳରେ ପୁଣି ଜଣେ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ମୃତ ଶ୍ରମିକ ଜଣକ ହେଲେ ସିଣ୍ଟୁ ପ୍ରଧାନ । ତାଙ୍କ ଘର କଳିଙ୍ଗିଆ ପଞ୍ଚାୟତ ବ୍ରଡିନାଜୁ । ବାପା ସିକନ୍ଦର ପ୍ରଧାନ ଓ ପରିବାର ଲୋକ ପୁଅ ସିଣ୍ଟୁଙ୍କୁ ହରାଇ ଏବେ ଭାଙ୍ଗି ପଡ଼ିଛନ୍ତି । ସିଣ୍ଟୁ (୩୫) ଶ୍ରମିକ ଭାବେ କାମ କରିବାକୁ କେରଳ ଯାଇଥିଲେ । ଏର୍ଣ୍ଣାକୁଲମ ଜିଲ୍ଲା ପେରାମବାବୁ ଅଞ୍ଚଳରେ ତାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି । ଶ୍ରମିକ ଜଣକ କିଛି ବର୍ଷ ହେବ ପେଟପାଟଣା ପାଇଁ ପେରାମବାବୁରେ ରହି ଦିନମଜୁରିଆ ଭାବେ କାର୍ଯ୍ୟ କରୁଥିଲେ । ହେଲେ ହଠାତ ଗତ ୧୨ ତାରିଖରେ ସିଣ୍ଟୁଙ୍କ ମୃତ୍ୟୁ ଖବର ପରିବାର ଲୋକ ପାଇବା ପରେ ସାନ ଭାଇ ବିଣ୍ଟୁ ପ୍ରଧାନ ସେଠାକୁ ଯାଇଥିଲେ । ଦୁର୍ଘଟଣାରେ ଗୁରୁତର ଆହତ ହୋଇ ପେରାମବାବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଇଛି । ହେଲେ କିନ୍ତୁ ପରିବାର ଲୋକ ସିଣ୍ଟୁଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି । ସିଣ୍ଟୁଙ୍କ ଶରୀରର ଅନେକ ସ୍ଥାନରେ ଗଭୀର ଆଘାତ ଲାଗିଥିବା ପରିବାର ଲୋକ କହିଛନ୍ତି । ସେହି ଅଞ୍ଚଳରେ ଥିବା ପ୍ରବାସୀ ଓଡ଼ିଆ ଶ୍ରମିକ ଘଟଣାସ୍ଥଳରେ ପହଞ୍ଚି ସିଣ୍ଟୁଙ୍କ ମୃତଦେହ ଗ୍ରାମକୁ ଆଣିବା ପାଇଁ ଉଦ୍ୟମ କରଛନ୍ତି । ମୃତଦେହ ଗ୍ରାମକୁ ଆଣିବା ପାଇଁ କେରଳ ଓ ଓଡ଼ିଶା ସରକାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ଦାବି କରିଛନ୍ତି ।

## ବାଇକ୍ ଧକ୍କାରେ ବୃଦ୍ଧା ମୃତ

**ଫିରିଙ୍ଗିଆ,୧୫।୪(ସମିସ):** କନ୍ଧମାଳ ଜିଲ୍ଲା ଗୋଛାପଡା ଥାନା ବାଲନ୍ଦାପଡା ବଣିଆସାହି ନିକଟରେ ଘର ବାଟରେ ଛିଡା ହୋଇଥିବା ଜଣେ ୫୫ ବର୍ଷୀୟ ବୃଦ୍ଧାଙ୍କୁ ଦ୍ରୁତଗତିରେ ଆସୁଥିବା ଏକ ବାଇକ୍ ଧକ୍କା ଦେବା ଫଳରେ ତାଙ୍କର ମୃତ୍ୟୁ ହୋଇଛି ।



ବାଲନ୍ଦାପଡା ବଣିଆସାହି ଗାଁର କଳାନିଧି ମଲିକଙ୍କ ସ୍ତ୍ରୀ ଅମ୍ବିକା ମଲିକ କୁଏରମାଣ୍ଡୁ ଯାଇଥିବା ମୁଖ୍ୟରାସ୍ତା ପାଶ୍ୱର୍ରେ ଥିବା ନିଜ ଘର ସାମନାରେ ଛିଡା ହୋଇଥିବା ବେଳେ ବାଲନ୍ଦାପଡ଼ା ପଟରୁ ଏକ ବାଇକ୍ ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଫଳରେ ବୃଦ୍ଧା ଜଣକ ଗୁରୁତର ଆହତ ହୋଇଥିଲେ । ପରିବାର ଲୋକଙ୍କ ସହ ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ବାଲନ୍ଦାପଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ବେଳେ ଚିକିତ୍ସିତ ଅବସ୍ଥାରେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିଲା । ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଗୋଛାପଡା ଥାନା କୁଏରମାଣ୍ଡୁ ପଞ୍ଚାୟତ ବାରହାଲା ମାଦିପଡା ଗାଁର ଅନନ୍ତ କହଁର ବୋଲି ଜଣାପଡିଛି । ସେ ଅତ୍ୟଧିକ ମଦ୍ୟପାନ କରି ନିଶାସକ୍ତ ଅବସ୍ଥାରେ ଦ୍ରୁତ ଗତିରେ ବେପରୁଆ ଭାବରେ ବାଇକ୍ ଚଳାଉଥିବାରୁ ଏଭଳି ଅଭାବନୀୟ ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି । ଖବର ପାଇ ଗୋଛାପଡା ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି । ଅନ୍ୟପକ୍ଷରେ ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୋଛାପଡ଼ା ଥାନା ଅଧିକାରୀ ପ୍ରଭାତ କୁମାର ବେହେରା କହିଛନ୍ତି ।

## ଆହତଙ୍କ ଦେବଦୂତ ସାଜିଛନ୍ତି କାଶୀନଗର ଅଗ୍ନିଶମ ବାହିନୀ

**କାଶୀନଗର,୧୫ ।୪(ସମିସ):** ଗଜପତି ଜିଲ୍ଲା କାଶୀନଗରରେ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଥିବା ବେଳେ ଆହତ ତଥା ଦୁର୍ଘଟଣାଗ୍ରସ୍ତ ଲୋକଙ୍କ ପାଇଁ ଦେବଦୂତ ସାଜିଛନ୍ତି ଅଗ୍ନିଶମ ବିଭାଗ । ରବିବାର ନିକଟସ୍ଥ ଇଦୁଡ଼ି ଗ୍ରାମ ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ କାଶୀନଗର ଅଞ୍ଚଳର ଜଗଦୀଶ ଲେଙ୍କା ନାମକ ଜଣେ ଯୁବକ ଗୁରୁତର ଆହତ ହୋଇ ରାସ୍ତାକଡ଼ରେ ପଡ଼ି ରହିଥିଲେ । ସୂଚନା ପାଇ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଆହତ ଜଗଦୀଶଙ୍କୁ କାଶୀନଗର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ଜୀବନ ବଞ୍ଚାଇଥିଲେ ଅଗ୍ନିଶମ ବିଭାଗ କର୍ମଚାରୀ । ସେହିପରି ସୋମବାର କିତିଙ୍ଗୀ ଗ୍ରାମ ନିକଟରେ ସଡ଼କ ଦୁର୍ଘଟଣାରେ ରାସ୍ତାକଡ଼ରେ ପଡିରହିଥିବା ଗୋରିବନ୍ଧା ଗ୍ରାମର ଜି.ରବିକୁମାରଙ୍କୁ ଘଟଣାସ୍ଥଳରେ ଉଦ୍ଧାର କରି ଚିକିତ୍ସାଳୟକୁ ଆଣିଥିଲେ । ବହୁ ସମୟରେ ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ଉଦ୍ଧାର କରୁଛନ୍ତି ଅଗ୍ନିଶମ କର୍ମଚାରୀ । ସେହିପରି ଚଳିତ ବର୍ଷ ଜାନୁଆରୀ ମାସଠାରୁ ବର୍ତ୍ତମାନ



ପର୍ଯ୍ୟନ୍ତ ୧୫ରୁ ଅଧିକ ସଡ଼କ ଦୁର୍ଘଟଣା ହୋଇଥିବା ବେଳେ କିଛି ଲୋକଙ୍କ ମୃତ୍ୟୁ ବି ହୋଇଛି । ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ଲୋକଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଠିକ୍ ସମୟରେ ଚିକିତ୍ସାଳୟକୁ ଅଗ୍ନିଶମ ବିଭାଗ କର୍ମଚାରୀ ଆଣୁଛନ୍ତି । ଠିକ୍ ସମୟରେ ଚିକିତ୍ସାଳୟରେ ପହଞ୍ଚାଇବା ଯୋଗୁ ବହୁ ଲୋକଙ୍କ ଜୀବନ ବଞ୍ଚିଯାଇଛି । ସେମାନଙ୍କ ପରିବାରର ପାଇଁ ଭଗବାନ ପାଲଟିଛନ୍ତି ଅଗ୍ନିଶମ କର୍ମଚାରୀ । କାଶୀନଗରଠାରୁ ଗୁଣୁପୁର ବା ପାରଳାଖେମୁଣ୍ଡି ଯିବା ମୁଖ୍ୟ ରାସ୍ତାରେ ଯେଉଁ ସମୟରେ ଦୁର୍ଘଟଣା ଘଟିଲେବି ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚି ଦୁର୍ଘଟଣାଗ୍ରସ୍ତଙ୍କୁ ୧୦୮ ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ ଉଦ୍ଧାର କରୁଛନ୍ତି । କର୍ମଚାରୀଙ୍କ ଏଭଳି ନିଷ୍ଠାପର କାର୍ଯ୍ୟକୁ ନେଇ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଓ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି । ଚାକିରିର କର୍ତ୍ତବ୍ୟ ତୁଲାଇବା ସହ ଲୋକଙ୍କ ସେବା କରୁଥିବା ଯୋଗୁଁ ବିଭାଗ ଗର୍ବିତ ବୋଲି ଅଗ୍ନିଶମ ବିଭାଗରେ ଦାୟିତ୍ୱରେ ଥିବା ଅଧିକାରୀ କେ. ଦଣ୍ଡବାବୁ କହିଛନ୍ତି ।

## ବସ୍-ଟ୍ରକ୍ ମୁହାଁମୁହିଁ; ୧୫ ଆହତ



**ଫୁଲବାଣୀ,୧୫ ।୪(ସମିସ):** ସୋମବାର ସକାଳେ ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ରାଣୀ ପଥର ଘାଟିରେ ଏକ ଯାତ୍ରୀବାହୀ ବସ୍ ସହିତ ଏକ ଟ୍ରକ୍ ମୁହାଁମୁହିଁ ଧକ୍କା ହେବାରୁ ୧୫ ଜଣ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଖମ୍ବେଶ୍ୱରୀ ନାମକ ଏକ ଘରୋଇ ଯାତ୍ରୀବାହୀ ବସ୍ ବୌଦ୍ଧରୁ ଫୁଲବାଣୀ ଆଡ଼କୁ ଆସୁଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ ରାଣୀ ପଥର ଘାଟିରେ ଭାରସାମ୍ୟ ହରାଇ ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ବସ୍‌ର ଡ୍ରାଇଭରଙ୍କ ସମେତ ୧୫ ଜଣ ଯାତ୍ରୀ ଆହତ ହୋଇଛନ୍ତି । ଘଟଣାସ୍ଥଳରେ ସଦର ଥାନା ପୁଲିସ ଏବଂ ପୁରୁଣା କଟକ ଅଗ୍ନିଶମ ବାହିନୀ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପୁରୁଣା କଟକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଡ୍ରାଇଭରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।

## ବାଲ୍ୟବିବାହ ବନ୍ଦକଲା ଗଜପତି ଜିଲ୍ଲା ପ୍ରଶାସନ

**ପାରଳାଖେମୁଣ୍ଡି,୧୫ ।୪(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକ ରଣଦେବୀ ଗ୍ରାମ ଏବଂ ଗୁରାଣ୍ଡି ଗ୍ରାମରେ ଆଗାମୀ ଦିନରେ ହେବାକୁ ଥିବା ଦୁଇଟି ବାଲ୍ୟବିବାହକୁ ଜିଲ୍ଲା ପ୍ରଶାସନ ବନ୍ଦ କରିଛି । ଉକ୍ତ ବାଲ୍ୟ ବିବାହ ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଗୋଷାଣି ବାଲ୍ୟବିବାହ ନିଷେଧ ଅଧିକାରିଣୀ ତଥା ଗୋଷାଣି ସିଡିପିଓ ଗୌରୀ ନାୟକ ଜାଣିବାକୁ ପାଇଥିଲେ । ଶ୍ରୀମତୀ ନାୟକ ଖବର ପାଇ ବାଲ୍ୟବିବାହ ନିଷେଧ ଟାସ୍କଫୋର୍ସରେ ଥିବା ଅନ୍ୟ ସଦସ୍ୟଙ୍କୁ ଅବଗତ କରିଥିଲେ । ଏହାପରେ ବାଲ୍ୟବିବାହକୁ ରୋକିବା ନିମନ୍ତେ ଏକ ଟିମ୍ ଗଠନ କରାଯାଇଥିଲା । ଉକ୍ତ ଟିମ୍‌ରେ ଆଇସିଡିଏସ ମହିଳା ସୁପରଭାଇଜର ଅମିତା ପଟ୍ଟନାୟକ, ଗୁରାଣ୍ଡି ଥାନା ଅଧିକାରୀ ରବୀନ୍ଦ୍ର ପାତ୍ର, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଆଇନ ପରିବେକ୍ଷଣ ଅଧିକାରୀ କରୁଣାକର ମଲ୍ଲିକ, ସଖୀ ୱାନଷ୍ଟପ କେନ୍ଦ୍ରର ପ୍ରଶାସକ ସୁନିତା ରଥ, ଚାଇଲ୍ଡ ହେଲ୍ପ ଲାଇନର ଜିଲ୍ଲା ସଂଯୋଜିକା ବୈଶାଳୀ ପଟ୍ଟନାୟକ, ଇସ୍ମାଇଲ କରାଡ ରହିଥିଲା ବେଳେ ସେମାନଙ୍କ ସହ ଗୁରାଣ୍ଡି ପୁଲିସ କର୍ମଚାରୀମାନେ ଯୋଗ ଦେଇ ଉକ୍ତ ସ୍ଥାନମାନଙ୍କୁ ଯାଇ ହେବାକୁ ଥିବା ବାଲ୍ୟବିବାହକୁ ସ୍ଥଗିତ ରଖିବାକୁ କହିଥିଲେ । ଏହାପରେ ବିବାହ ହେବାକୁ ଥିବା ଝିଅ ମାନଙ୍କର ଜନ୍ମ ପ୍ରମାଣପତ୍ର ଯାଞ୍ଚ କରାଯାଇଥିଲା । ଅଭିଭାବକଙ୍କୁ ବାଲ୍ୟବିବାହର କୁପ୍ରଭାବ ଉପରେ ବିଷଦ ଭାବରେ ବୁଝାଯାଇଥିଲା । ଗ୍ରାମ ବାସିନ୍ଦାଙ୍କ ଉପସ୍ଥିତିରେ ଝିଅର ଅଭିଭାବକ ଝିଅକୁ ୧୮ ବର୍ଷ ପୂରଣ ନ ହେବା ଯାଏ ବିବାହ ଦେବେ ନାହିଁ ଏବଂ ଯଦି ଏଥିରେ ତ୍ରୁଟି କରିବେ ତେବେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଲିଖିତ ଆକାରରେ ଜଣାଇଥିଲେ । ଏହା ସହ ଝିଅଟିକୁ ୧୮ ବର୍ଷ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ବାଲ୍ୟ ବିବାହ ନିରୋଧ ଟାସ୍କଫୋର୍ସ ଦ୍ୱାରା ନିୟମିତ ପରାମର୍ଶ ଦେବା ସହ ଆବଶ୍ୟକ ଥଇଥାନ ଗ୍ରହଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ସେହିପରି ଗୁରାଣ୍ଡି ଗ୍ରାମରେ ହେବାକୁ ଥିବା ଏକ ବାଲ୍ୟ ବିବାହ ସମ୍ପର୍କରେ ଜାଣି ଏହି ଟିମ୍ ନାବାଳିକାଙ୍କ ଘରକୁ ଯାଇଥିଲେ । ହେଲେ ତାଙ୍କ ଘରେ ତାଲା ପଡିଥିବାରୁ ଟିମ୍ ଫେରି ଆସିଥିଲେ ମଧ୍ୟ ଉକ୍ତ ପରିବାର ଉପରେ ନଜର ରଖାଯାଇଛି ଏବଂ ସେମାନଙ୍କ ସହ ଆଲୋଚନା କରାଯାଇ ବାଲ୍ୟ ବିବାହ ବନ୍ଦ କରିଦିଆଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ କହିଛନ୍ତି ।

## ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଶ୍ରଦ୍ଧାଳୁଙ୍କ ଦାନ



**ପାରଳାଖେମୁଣ୍ଡି,୧୫ ।୪(ସମିସ):** ପାରଳାଖେମୁଣ୍ଡିରେ ଚାଲୁ ରହିଥିବା ନୂତନ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ସହଯୋଗ ଜାରି ରହିଛି । ପାରଳାଖେମୁଣ୍ଡି ସହରର ବେବର୍ତ୍ତା ସାହି ନିବାସୀ ପ୍ରସାଦନ ନାୟକ ଏବଂ କିରଣ ନାୟକ ଏବଂ ତାଙ୍କ ପରିବାରବର୍ଗଙ୍କ ପକ୍ଷରୁ ନୂତନ ମନ୍ଦିର ନିର୍ମାଣ ପାଇଁ ୨୦ ହଜାର ୧୧୬ ଟଙ୍କା ଅର୍ଥ ରାଶି ପ୍ରଦାନ କରିଛନ୍ତି । ନୂତନ ମନ୍ଦିର ନିର୍ମାଣରେ ସହଯୋଗ କରିଥିବା ଯୋଗୁଁ ନିଜକୁ ଧନ୍ୟ ମନେ କରୁଥିବାର ପ୍ରକାଶ କରିଛନ୍ତି । ଏପରି ସହଯୋଗକୁ ନେଇ ଏହି ପରିବାରଙ୍କୁ କମିଟିର ସଦସ୍ୟଗଣ ଏବଂ ଶ୍ରୀ ଜଗନ୍ନାଥଙ୍କ ଭକ୍ତ ସମାଜସେବୀ ଦୁର୍ଗା ମାଧବ ପାଣିଗ୍ରାହୀ ପ୍ରମୁଖ ଧନ୍ୟବାଦ ଦେବା ସହ ଦାନ ସ୍ୱରୂପ ଅର୍ଥ ରାଶିକୁ ଗ୍ରହଣ କରିଥିଲେ । ଉକ୍ତ ଅର୍ଥ ରାଶି ମନ୍ଦିର ନିର୍ମାଣ ଲାଗି ବିନିଯୋଗ ହେବ ବୋଲି କମିଟି ସୂତ୍ରରୁ ପ୍ରକାଶ ।

# ଘୁମସୁରିଆ ସାହି ଯୁବ କଲ୍ୟାଣ ସଂଘର ଆମ୍ବେଦକର ଜୟନ୍ତୀ ପାଳିତ



**ରମ୍ଭା, ୧୫ ।୪(ସମିସ):** ସ୍ଥାନୀୟ ଘୁମସୁରିଆ ସାହି ଯୁବକଲ୍ୟାଣ ସଂଘ ତରଫରୁ ଡ଼ ଭୀମରାଓ ଆମ୍ବେଦକରଙ୍କ ୧୩୩ ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ସମସ୍ତଙ୍କ ଉପସ୍ଥିତିରେ ବାବା ସାହେବଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ, ଦୀପ ପ୍ରଜ୍ୱଳନ ଏବଂ ବାବା ସାହେବ ଅମର ରହେ ସ୍ଲୋଗାନ ଦେଇ ଭାରତର ସମ୍ବିଧାନ ପ୍ରଣୟତା ଡ଼ ଭୀମରାଓ ରାମଜୀ ଆମ୍ବେଦକରଙ୍କୁ ମନେ ପକାଇଥିଲେ । ତାପରେ ରମ୍ଭା ପି ଡବ୍ଲୁଡ଼ି ପାର୍ଶ୍ୱ ଯୁବକଲ୍ୟାଣ ସଂଘଠାରୁ ପାନ୍ଥନିବାସ ପର୍ଯ୍ୟନ୍ତ ରମ୍ଭା ସହରରେ ବାବାଙ୍କ ଫୋଟୋ ବେନେର ଫ୍ଲାକାର୍ଡ ଧରି ସ୍ଲୋଗାନ ଦେଇ ଏକ ରାଲିକରି ସହର ପରିକ୍ରମା କାରିଥିଲେ । ଏଥିରେ ସମାଜସେବୀ ଭୀମସେନ ବେହେରା, ଆଡ଼ଭୋକେଟ ସୁମାଦାସ ପ୍ରତିନିଧିତ୍ୱ କରିଥିବା ବେଳେ ବାପି ଜେନା, ଆଡ଼ଭୋକେଟ ରାଜେନ୍ଦ୍ର ବେହେରା, ମହାଦେବ ମଲ୍ଲିକ, ଆଡ଼ଭୋକେଟ ସନ୍ତୋଷ ନାୟକ ସହଯୋଗ କାରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସନ୍ତୋଷ ଜେନା, ଟୁନା ନାୟକ, ପ୍ରଶାନ୍ତ ନାୟକ, ରଞ୍ଜିତ ନାୟକ, ଦଣ୍ଡପାଣି ନାୟକ, ଟୁକୁନା, ମହେନ୍ଦ୍ର, ଆକାଶ, ମୁରଲୀ, ମନୋଜ, ପ୍ରମୋଦ, ଚନ୍ଦ୍ରଶେଖର, ବିକାଶ, ସୁଶାନ୍ତ, ଶ୍ରୀନାଥ, ରାହୁଲ, ବିନୋଦ, ଭଗବାନ, ଦୟା, ମଣ୍ଟୁ, କାଳିଆ, କାହ୍ନୁ, ରମେଶ, ରୋହନ, ବାବୁଲା ଦାସ, ପଦ୍ମ ଦାସ, ମୋହନ, ହୀନ, ମିଥୁନ, ଆଲୋକ, କରୁଣା, ଜଗା, ଅଜୟ, ବିଜୟ, ଶଙ୍କର, ଋଷି, ଶୁଭମ, ସମୀର, ମହେଶ୍ୱର, ପ୍ରବୀଣ, ସିମରନ, ଆରବିନ, ନରେନ୍ଦ୍ର, ଶୁଭେନ୍ଦ୍ର, ବବୁଲ, ବିଜୟ ସମେତ ବହୁ ଦଳିତ ପାରିବାରର ଝିଅ, ଯୁବକ ଏଥିରେ ସାମିଲ ରହିଥିଲେ । ଶିଶୁକଳାକାର ସୋହନ ଦାସ ବାବାଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ଏକ ଗୀତ ଗାଇଥିଲେ ।

## ମହାବିଷୁବ ସାରସ୍ୱତ ସମାରୋହ

# 'କଳିଙ୍ଗ ସାହିତ୍ୟ ସମାଜ ଓଡ଼ିଆ ଭାଷା ଓ ସାହିତ୍ୟର ମୁକ୍ତିମଣ୍ଡପ'

**ବ୍ରହ୍ମପୁର, ୧୫।୪ (ସମିସ)**

ବିଷୁବ ସଂକ୍ରାନ୍ତି ଭାରତବର୍ଷର ବିଭିନ୍ନ ପ୍ରଦେଶରେ ଭିନ୍ନ ଭିନ୍ନ ରୂପରେ ଭକ୍ତି ଓ ନିଷ୍ଠାର ସହ ପାଳନ ହେଉଥିଲେ ମଧ୍ୟ ଓଡ଼ିଶାରେ ପଣା ସଂକ୍ରାନ୍ତି ନାମରେ ପରିଚିତ । ଏହି ପର୍ବର ମହତ୍ତ୍ୱ ମଧ୍ୟ ସ୍ୱତନ୍ତ୍ର ଏବଂ ଗଞ୍ଜାମ ଜିଲ୍ଲାରେ ପଣା ସଂକ୍ରାନ୍ତି ସହିତ ଦଣ୍ଡନାଟର ପବିତ୍ର ପରମ୍ପରା ଯୋଡ଼ି ହୋଇଯାଇଛି । ଦଣ୍ଡନାଟ ହଠଯୋଗ ସାଧନାର ଏକ ମହାର୍ଘ ଅବକାଶ । ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ଦଣ୍ଡନାଟ ତା'ର ମୌଳିକତା ହରେଇ ବସିଲାଣି । ଅପସଂସ୍କୃତି ଓ ବିକୃତ ମାନସିକତା ଆମ ପରମ୍ପରାକୁ ସମୂଳେ ଧ୍ୱଂସ କରିବାକୁ ବସିଲାଣି । ଏବେଠୁଁ ସଚେତନ ନ ହେଲେ ଆମ ଅସ୍ମିତା ଓ ସାଂସ୍କୃତିକ ପରମ୍ପରା ସମ୍ପୂର୍ଣ୍ଣ ରୂପେ ହଜିଯିବ ବୋଲି ଆନ୍ତର୍ଜାତିକ ଖ୍ୟାତିପ୍ରାପ୍ତ ମଞ୍ଚ ଉଦ୍ଘୋଷକ, ବ୍ରହ୍ମପୁର ଆକାଶବାଣୀର ପ୍ରାକ୍ତନ କେନ୍ଦ୍ର ନିର୍ଦ୍ଦେଶକ ହୃଷୀକେଶ ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି ।

ଓଡ଼ିଶାର ଅନ୍ୟତମ ପୁରାତନ ସାହିତ୍ୟାନୁଷ୍ଠାନ କଳିଙ୍ଗ ସାହିତ୍ୟ ସମାଜ ଆନୁକୂଲ୍ୟରେ ଗତକାଲି ସନ୍ଧ୍ୟାରେ ଐତିହାସିକ ଉତ୍କଳ ଆଶ୍ରମ ସଭାଗୃହରେ 'ମହାବିଷୁବ ସାରସ୍ୱତ ସମାରୋହ' ଏକ ବର୍ଣ୍ଣାଢ୍ୟ ଭାବପୂର୍ଣ୍ଣ ବାତାବରଣ ମଧ୍ୟରେ ସମାହିତ ହୋଇଛି । ସାହିତ୍ୟ ସମାଜର ସଭାପତି ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ଆନ୍ତର୍ଜାତିକ ଖ୍ୟାତିସଂପନ୍ନ ମଞ୍ଚ ଉଦ୍ଘୋଷକ ହୃଷୀକେଶ ପାଣିଗ୍ରାହୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ କହିଥିଲେ । କଳିଙ୍ଗ ସାହିତ୍ୟ ସମାଜ ହେଉଛି ଓଡ଼ିଆ ଭାଷା-ସାହିତ୍ୟର ମୁକ୍ତି ମଣ୍ଡପ । ଭାଷା-ସାହିତ୍ୟର ଗୁଣାତ୍ମକ ପ୍ରଚାର, ପ୍ରସାର ଦିଗରେ ଏହି ଅନୁଷ୍ଠାନ ପଚାଶ ବର୍ଷ ବ୍ୟାପୀ ନିଷ୍ଠା ପୂର୍ବକ କାର୍ଯ୍ୟ କରି ଆସୁଅଛି ବୋଲି ଶ୍ରୀ ପାଣିଗ୍ରାହୀ କହିଥିଲେ । ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଇତିହାସ ବିଭାଗ ପ୍ରାକ୍ତନ ମୁଖ୍ୟ ତଥା ବିଶିଷ୍ଟ ପ୍ରବାଚକ ପ୍ରଫେସର୍ ମଦନ ମୋହନ ମହାପାତ୍ର ମୁଖ୍ୟବକ୍ତା ଓ 'ସକାଳ', 'ନନ୍ଦିଘୋଷ ଟିଭି'ର ଦକ୍ଷିଣାଞ୍ଚଳ ମୁଖ୍ୟ ଶକ୍ତିଧର ରାଜଗୁରୁ ସମ୍ମାନିତ ଅତିଥି ରୂପେ ଯୋଗଦେଇ ମହାବିଷୁବ ସଂକ୍ରାନ୍ତିର ଆଧ୍ୟାତ୍ମିକ ମହତ୍ତ୍ୱ ଏବଂ ଓଡ଼ିଶାର ସାରସ୍ୱତ ପରିମଣ୍ଡଳ ସଂପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ ।



ମୁଖ୍ୟବକ୍ତା ପ୍ରଫେସର୍ ମହାପାତ୍ର ବିଷୁବ ସଂକ୍ରାନ୍ତିର ମହତ୍ତ୍ୱ ବର୍ଣ୍ଣନା କରିବା ସହ ମଣିଷ ଜୀବନର ପ୍ରକୃତ ଲକ୍ଷ୍ୟ ଏବଂ ଭଗବତ୍ ପ୍ରାପ୍ତିର ଯଥାର୍ଥ ମାର୍ଗ ସଂପର୍କରେ ତତ୍ତ୍ୱପୂର୍ଣ୍ଣ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଶକ୍ତିଧର ରାଜଗୁରୁ ଓଡ଼ିଆ ସ୍ୱାଭିମାନର ସୁରକ୍ଷା ସହ ଓଡ଼ିଆ ଭାଷାରେ ନାମଫଳକ ଲେଖା ଅଭିଯାନକୁ ବ୍ୟାପକ କରିବା ଦିଗରେ ସମସ୍ତେ ପ୍ରୟାସ କରିବାକୁ ସମବେତ ଲୋକଙ୍କୁ ଆହ୍ୱାନ ଦେଇଥିଲେ ।

ଏହି ଅବସରରେ ନାଟ୍ୟକାର ରବି ନାରାୟଣ ବେହେରାଙ୍କ ବିରଚିତ 'ଅଶାନ୍ତ ଚରିତ ଓ ଅନ୍ୟାନ୍ୟ ନାଟକ' ଅତିଥିମାନଙ୍କ କରକମଳରେ ଲୋକାର୍ପିତ ହୋଇଥିଲା । ପ୍ରାରମ୍ଭରେ ଡ. କୁଳମଣି ଓଝାଙ୍କ କଣ୍ଠରେ ବୈଦିକ ମନ୍ତ୍ରୋଚାରଣ ମଧ୍ୟରେ ରାଷ୍ଟ୍ର ଦେବତା ଶ୍ରୀଜଗନ୍ନାଥଙ୍କ ବିଗ୍ରହ ସମ୍ମୁଖରେ ଅତିଥିଗଣ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସମବେତ କଣ୍ଠରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯାଇଥିଲା । ଡ. ହୃଷୀକେଶ ପଣ୍ଡା ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିବା ସଂଗେ ସଂଗେ ପ୍ରାକ୍-ସୂଚନା ପ୍ରଦାନ କରିଥିଲେ ଏବଂ ସଂପାଦକ ଡ. ଶରତ କୁମାର ଜେନା ସ୍ୱାଗତ ସମ୍ଭାଷଣ ସହ ବିଷୁବ ସମାରୋହର ମହତ୍ତ୍ୱ ବିଷୟରେ ବର୍ଣ୍ଣନା କରିଥିଲେ । ଡ. କୁଳମଣି ଓଝା ଏହି ସାରସ୍ୱତ ସମାରୋହର ସଂଯୋଜନା କରିଥିଲେ । ଶେଷରେ ସାହିତ୍ୟ ସମାଜର କୋଷାଧ୍ୟକ୍ଷ ଡ. କୃଷ୍ଣପ୍ରସାଦ ମହାପାତ୍ର ଅନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ । ଅପରାହ୍ଣ ଅଧିବେଶନରେ ଏକ ମନୋଜ୍ଞ କବିତା ଆସର ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ କବି ମନୋରଞ୍ଜନ ପାଣିଗ୍ରାହୀ ଓ କବି ଅଧ୍ୟାପକ କୁମାର ଧର୍ମନ୍ ସମ୍ମାନିତ ଅତିଥି ରୂପେ ଯୋଗଦେଇ କବିତାର ଭାବଧର୍ମ ଓ ଭଲ କବିତାର ପରିଭାଷା, ଭାଷିକ ପ୍ରକରଣ ସଂପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ । କବୟିତ୍ରୀ ଅଞ୍ଜଳି ଦାଶ ଓ କବି ଅନୁପ କୁମାର ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କବିତା ଆସରରେ ଭାଗ୍ୟଲକ୍ଷ୍ମୀ ମହାରଣା, ସୌଦାମିନୀ ମିଶ୍ର (ବରିଷ୍ଠ), ଡ. ସଞ୍ଜୟ କୁମାର ପଣ୍ଡା, ଶର୍ମିଷ୍ଠା ପାଣିଗ୍ରାହୀ, ଶରତ କୁମାର ଦାସ, ସୁଚେତା ପାଣିଗ୍ରାହୀ, ଡ. କୁଳମଣି ଓଝା, ଡ. ବନମାଳୀ ପାଣିଗ୍ରାହୀ, ନୀଳକଣ୍ଠ ସାହୁ, କୁମାର ଧର୍ମନ୍, ଅଞ୍ଜଳି ଦାଶ, ଅନୁପ କୁମାର ମିଶ୍ର ପ୍ରମୁଖ ସ୍ୱରଚିତ କବିତା ଆବୃତ୍ତି କରିଥିବା ବେଳେ ପଦ୍ମାଳୟା ପାଢ଼ୀ ଗଳ୍ପ ପାଠ କରିଥିଲେ । ସାଂସ୍କୃତିକ ସଂପାଦକ ଡ. ମନୋରଞ୍ଜନ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଡ.ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ



**ରମ୍ଭା, ୧୫ ।୪(ସମିସ):** ସାବୁଳିଆ ବଡ଼ଦାଣ୍ଡ ସାହି କୋଠଘର ପରିସରରେ ରାଜଲକ୍ଷ୍ମୀ ବେହେରାଙ୍କ ସଭାପତିତ୍ୱରେ ଡ ଭୀମରାଓ ଆମ୍ବେଦକରଙ୍କ ୧୩୩ତମ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ମନୋରଞ୍ଜନ ବେହେରା (ସଂଗଠକ), ଦିଲୀପ କୁମାର ବେଜ, ବି.ବିଜୟ ପାତ୍ର, ଭୀମସେନ ବେହେରା, ରମେଶ ଚନ୍ଦ୍ର ବେହେରା (ଓକିଲ), ଯୁଧିଷ୍ଠିର ପାତ୍ର, ମହାଦେବ ମଲିକ, ଧନୁଞ୍ଜୟ ବେହେରା, କୃଷ୍ଣଚନ୍ଦ୍ର ବେହେରା, ବିଜୟ ଚନ୍ଦ୍ର ବାରିକ ପ୍ରମୁଖ ଶତାଧିକ କର୍ମୀ ବାବା ସାହେବଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ, ଦୀପ ପ୍ରଜ୍ୱଳନ ଓ ବାବା ସାହେବ ଅମର ରହେ ସ୍ଲୋଗାନ ଦେଇ ଭାରତର ସମ୍ବିଧାନ ପ୍ରଣୟତା ଡ଼ ଭୀମରାଓ ରାମଜୀ ଆମ୍ବେଦକଙ୍କୁ ମନେ ପକାଇଥିଲେ ।

# ମହାବିଦ୍ୟାଳୟରେ ଆମ୍ବେଦକର ଜୟନ୍ତୀ



**ଛେଳିଗଡ଼, ୧୫ ।୪ (ସମିସ):** ଗଜପତି ଜିଲ୍ଲା ରା. ଉଦୟଗିରି ବ୍ଲକ ଅନ୍ତର୍ଗତ ରାମଗିରି ସ୍ଥିତ ଡ଼.ବି. ଆର ଅମ୍ବେଦକର ସ୍ନାତକ ମହାବିଦ୍ୟାଳୟରେ ଅମ୍ବେଦକରଙ୍କ ୧୩୩ ତମ ଜୟନ୍ତୀ ପାଳିତ ହୋଇଛି । ସର୍ବ ପ୍ରଥମେ ସୁବଲଡା ଗ୍ରାମର ବହୁ ଅମ୍ବେଦକର ପ୍ରେମୀ ସୁବଲଡା ଗ୍ରାମରୁ ବାଇକ ଶୋଭାଯାତ୍ରାରେ ବାହାରି ରାମଗିରି ନଗର ପରିକ୍ରମା କରି ମହାବିଦ୍ୟାଳୟରେ ପହଞ୍ଚିଥିଲେ । ଅମ୍ବେଦକର ପ୍ରେମୀ ଓ ଉପସ୍ଥିତ ଅତିଥିଙ୍କ ଦ୍ୱାରା ପ୍ରଥମେ ଅମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମହାବିଦ୍ୟାଳୟ ସଭାପତି ହରିଶ୍ଚନ୍ଦ୍ର ରଇତଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୁବଲଡା ସରପଞ୍ଚ ବିରୋଜା ମଣ୍ଡଳ, ମୁଖ୍ୟବକ୍ତା ଭାବେ ମୋହନର ଆଇଟିଆଇ ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗଦିଶ ହାଇବ୍ରୁ, ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ସାଧାରଣ କମିଟି ସଭାପତି ଯୁଧିଷ୍ଠିର ବଡମୁଣ୍ଡି, ମହାବିଦ୍ୟାଳୟ ପରିଚାଳନା କମିଟି ପୂର୍ବତନ ସମ୍ପାଦକ ବନମାଳୀ ଶବର, ମହାବିଦ୍ୟାଳୟ ଭାରପ୍ରାପ୍ତ ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ଦଳାଇ, ରାମଗିରି ସରକାରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରଘୁନାଥ ବଡମୁଣ୍ଡି, ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ନରସିଂହ ଗୌଡ଼ ପ୍ରମୁଖ ମଞ୍ଚାସୀନ ଥିଲେ ।

# ରୂପାନ୍ତରିତ ହେଲା ଆଦର୍ଶ ଅଙ୍ଗନବାଡ଼ି କେନ୍ଦ୍ର

**ଆସିକା, ୧୫ ।୪(ସମିସ):** ଆସିକା ବ୍ଲକର ବଡ଼ଖୋଲି ପଞ୍ଚାୟତରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ରୂପାନ୍ତରିତ ହୋଇଯାଇଛି । ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ରଜିଓନାଲ ବ୍ରାଞ୍ଚ ମ୍ୟାନେଜର ଅରବିନ୍ଦ ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଙ୍ଗନବାଡି କେନ୍ଦ୍ରକୁ ଉଦ୍‌ଘାଟନ କରିବା ସହ କେନ୍ଦ୍ର ପରିସରରେ ବୃକ୍ଷରୋପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମ୍ୟାନେଜର ଦିଲୀପ କୁମାର ରାଉତରାୟ, ଜୋସ୍ନାରାଣୀ ମହାରଣା, ୱେଟୁ ଆଇଏସଆର ଫାଉଣ୍ଡେସନ ସଭାପତି ଧର୍ମେନ୍ଦ୍ର କର ଓ ଅଙ୍ଗନବାଡି କର୍ମୀ ରଶ୍ମିତା ପାଣିଗ୍ରାହୀଙ୍କ ସମେତ ଅଭିଭାବକମାନେ ଉପସ୍ଥିତ ଥିଲେ । ଏହି ଅଙ୍ଗନବାଡ଼ି କେନ୍ଦ୍ରରେ ଆଧୁନିକ ସ୍ମାର୍ଟ ଟିଭି, ଗୁଣାତ୍ମକ ପାନୀୟ ପାଇଁ ଜଳ ବିଶୋଧନକାରୀ ଯନ୍ତ୍ର, ଶ୍ରେଣୀଗୃହର ଶିକ୍ଷଣୀୟ ସାମଗ୍ରୀ ଏବଂ ଶିଶୁମାନଙ୍କୁ ଶ୍ରେଣୀଗୃହର ଆକର୍ଷଣୀୟ ପାଇଁ ବିଭିନ୍ନ ପ୍ରକାରର ଛବି ଚିତ୍ରାଙ୍କନ ବ୍ୟବସ୍ଥା କରାଯାଇଛି । ସଦସ୍ୟ ପ୍ରସନ୍ନ କୁମାର ସ୍ୱାଇଁ, ସୁପରଭାଇଜର ପ୍ରମିଳା ସାହୁ, ଅଭିଭାବକ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।



# ପିପୁଲ୍ସ କଲେଜରେ ବିଦାୟ ଉତ୍ସବ

**ବୁଗୁଡ଼ା, ୧୫ ।୪ (ସମିସ):** ସ୍ଥାନୀୟ ପିପୁଲ୍ସ କଲେଜର ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ବିଦାୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପରିଚାଳନା ସମିତି ସଭାପତି ରଜନୀ କାନ୍ତ ଭଞ୍ଜଙ୍କ ସମେତ ବିଭାଗୀୟ ମୁଖ୍ୟ ଅଧ୍ୟାପିକା କ୍ରିଷ୍ଣା କୁମାରୀ ବାର୍ଗେ ଓ ଅଧ୍ୟାପିକା ମଧୁସ୍ମିତା ପ୍ରଧାନ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ଶେଷ ବର୍ଷର ବିଦାୟୀ ଛାତ୍ରଛାତ୍ରୀମାନେ ସେମାନଙ୍କର ଅଧ୍ୟୟନ କାଳର ସ୍ମୃତି ଓ ଅନୁଭୂତିକୁ ବ୍ୟକ୍ତ କରିଥିଲେ । ସେମାନଙ୍କୁ ବିଭାଗ ପକ୍ଷରୁ ଉପହାର ସାଙ୍ଗକୁ ସ୍ମୃତିଫଳକ ପ୍ରଦାନ କରାଯାଇଥିଲା । ସେମିନାର ସହ-ସମ୍ପାଦିକା ସ୍ମୃତି ସୁଚରିତା ନାୟକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ପ୍ରାରମ୍ଭରେ ଅଧ୍ୟାପିକା ପ୍ରତୀକ୍ଷା ସାହୁ ଅତିଥି ପରିଚୟ ପ୍ରଦାନ ଏବଂ ଛାତ୍ରୀ ଗିରିଜା ନନ୍ଦିନୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ଡେମୋନ ଷ୍ଟ୍ରେଟର୍ ରାମକୃଷ୍ଣ ନାୟକ ପରିଚାଳନା କରିଥିବାବେଳେ କର୍ମଚାରୀ ଯତୀନ କୁମାର ନାୟକ ଏଥିରେ ସହଯୋଗ କରିଥିଲେ ।




# କଳାକାର ସମ୍ମାନ ସମାରୋହ



**ଗଞ୍ଜାମ, ୧୫ ।୪(ସମିସ):** ଗଞ୍ଜାମର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦିଗଦର୍ଶନ ୟୁଥ କ୍ଲବ ପକ୍ଷରୁ କଳାକାର ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମହା ବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷ ଅବସରରେ ରାମଲିଙ୍ଗେଶ୍ୱର କଳା ନାଟ୍ୟ ସଂସଦର କଳାକାରଙ୍କୁ ସମ୍ମାନିତ କରାଯାଇଥିଲା । ଅନୁଷ୍ଠାନର ସଭାପତି ଉମାକାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ କଳାକାରମାନଙ୍କୁ ସମ୍ମାନିତ କରିବା ସହ ପ୍ରାଚୀନ ଲୋକ କଳାକୁ ବଞ୍ଚାଇ ରଖିଥିବା କଳାକାରଙ୍କୁ ପ୍ରଶଂସା କରିଥିଲେ । ଦିଗଦର୍ଶନ ସହ ସମ୍ପାଦକ ସୁଦର୍ଶନ ପାଢ଼ୀ, ବିଷ୍ଣୁଚରଣ ସେଠୀ, ପ୍ରଭାତ ସାହୁ ପ୍ରମୁଖଙ୍କ ଉପସ୍ଥିତିରେ ନିର୍ଦ୍ଦେଶକ ସନ୍ତୋଷ କୁମାର ସାହୁ, ସହ ନିର୍ଦ୍ଦେଶକ ବୈରୀ ରଞ୍ଜନ ସାହୁ ପ୍ରମୁଖଙ୍କ ସହ ରାମ ଲିଙ୍ଗେଶ୍ୱର କଳାନାଟ୍ୟ ସଂସଦର ସମସ୍ତ କଳାକାରଙ୍କୁ ସମ୍ମାନିତ କରାଯାଇଥିଲା ।

# ପୋଖରୀରେ ବୁଡ଼ି ଜଣେ ମୃତ

**ଗଞ୍ଜାମ, ୧୫ ।୪(ସମିସ):** ଗଞ୍ଜାମ ଥାନା ଅନ୍ତର୍ଗତ ସାନ ନୋଳିଆ ନୂଆଗାଁ ସିକିଟି ଗୁରେୟା (୪୦) ସୋମବାର ଗାଁ ପୋଖରୀରେ ବୁଡ଼ି ମୃତ୍ୟୁବରଣ କରିଛନ୍ତି । ସେ ପୂର୍ବାହ୍ନରେ ଶୌଚ ହେବା ପାଇଁ ସାନ ସାହୁ ବଙ୍ଗଳା ପୋଖରୀକୁ ଯାଇଥିଲେ । ତେବେ ସେଠାରେ ବୁଡ଼ି ଯାଇଥିଲେ । ମଧ୍ୟାହ୍ନରେ କିଛି ବ୍ୟକ୍ତି ତାଙ୍କ ମୃତଦେହ ପୋଖରୀରେ ଭାସୁଥିବା ଦେଖି ପରିବାର ବର୍ଗଙ୍କୁ ଜଣାଇଥିଲେ । ଅଗ୍ନିଶମ କର୍ମଚାରୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ । ମୃତକଙ୍କ ସ୍ତ୍ରୀ ସାବିତ୍ରୀଙ୍କ ଅଭିଯୋଗ ଅନୁସାରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି । ତେବେ ମୃତକ ଜଣକ ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ମନ୍ଦିର ଅଛି, ରାସ୍ତା ନାହିଁ; ଭକ୍ତଙ୍କ ଅସନ୍ତୋଷ



**ଶେରଗଡ଼, ୧୫ ।୪(ସମିସ):** ଶେରଗଡ଼ ବ୍ଲକ ଡାକରଡା ପଞ୍ଚାୟତ ଶୋଭାଚନ୍ଦ୍ରପୁର ନିକଟସ୍ଥ ପାକିଡି ପାହାଡ଼ ଉପରେ ବିରାଜିତ ମା' ତାରାତାରିଣୀ ମନ୍ଦିର । କେଉଁ ଆବାହମାନ କାଳରୁ ମା' ଏଠାରେ ପୂଜା ପାଇ ଆସୁଛନ୍ତି । ଏଠାକୁ ପ୍ରତ୍ୟେକ ଦିନ ଶହ ଶହ ଭକ୍ତ ଆସିଥାନ୍ତି ଏବଂ ଏଠାକାର ପରିବେଶ ବଣଭୋଜି ପାଇଁ ଉପଯୁକ୍ତ । ରାଜ୍ୟ ସରକାର ମନ୍ଦିରର ଉନ୍ନତି ଲାଗି ୪୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ । ଏହି ଅର୍ଥରେ ମନ୍ଦିର ନିର୍ମାଣ ବର୍ତ୍ତମାନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ହେଲେ ମନ୍ଦିର ଯିବା ଲାଗି ପକ୍କା ରାସ୍ତା ନଥିବାରୁ ଭକ୍ତମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ହେଲା, ତାରାତାରିଣୀ ମନ୍ଦିରକୁ ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କଲେ ଏଠାରେ ସବୁ ସୁବିଧା ମିଳି ପାରନ୍ତା ଏବଂ ପର୍ଯ୍ୟଟକମାନେ ମଧ୍ୟ ଉପକୃତ ହୋଇପାରନ୍ତେ ।

# ୩୦ ବର୍ଷ ପରେ ସନ୍ନ୍ୟାସୀ ହୋଇ ଗାଁକୁ ଫେରିଲେ

**କୁକୁଡ଼ାଖଣ୍ଡି, ୧୫ ।୪(ସମିସ):** କୁକୁଡାଖଣ୍ଡି ବ୍ଲକ ରୋହିଗାଁ ପଞ୍ଚାୟତ ନଳିହାଡ଼ ଗ୍ରାମରେ ଶ୍ରୀମଦ ଭକ୍ତି ସ୍ୱରୂପ ଶ୍ରୀଧର ଗୋସ୍ୱାମୀ ମହାରାଜ ଶ୍ରୀ ରାମ କଥା ପ୍ରବଚନ ଦେଉଛନ୍ତି । ଏହି କାର୍ଯ୍ୟକ୍ରମ ୧୩ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଶ୍ରୀଧର ଗୋସ୍ୱାମୀ ମହାରାଜଙ୍କୁ ଗ୍ରାମବାସୀ ସ୍ୱାଗତ କରିଥିଲେ । ଯେହେତୁ ଦୀର୍ଘ ୩୦ ବର୍ଷ ପରେ ନଜ ଜନ୍ମଭୂମିକୁ ଫେରି ଆସିଛନ୍ତି ଶ୍ରୀଧର ଗୋସ୍ୱାମୀ ମହାରାଜ । ମହାରାଜଙ୍କ ଜନ୍ମ ସ୍ଥଳୀ ହେଉଛି ନଳିହାଡ଼ ଗ୍ରାମରେ । ସେ ଛୋଟ ବୟସରୁ ହିଁ ମହାରାଜ ଜଣେ ସତ୍ୟବାଦୀ ଓ ନିଷ୍ଠାବାନ ବିଦ୍ୟାର୍ଥୀ ଥିଲେ । ଗ୍ରାମ ପାଖରେ ଥିବା ରାଧାକୃଷ୍ଣ ହାଇସ୍କୁଲ କୋଟିନଡାରେ ୧୯୮୮ ମସିହାରେ ମାଟ୍ରିକ ଟପ୍ପର ହୋଇଥିଲେ । ପରବର୍ତ୍ତୀ ସମୟରେ ଇଂଜିନିୟରିଂ କଲେଜରେ ଟପ୍ପର ହୋଇ ବିଭିନ୍ନ କମ୍ପାନିରେ ଚାକିରି କରିବା ପାଇଁ ମନୋନୀତ ହୋଇଥିଲେ । ତେବେ ସେସବୁକୁ ତ୍ୟାଗ କରି ପୁରୀ ଗୋସ୍ୱାମୀ ମହାରାଜଙ୍କୁ ନିଜ ଜୀବନର ଆଧ୍ୟାତ୍ମିକ ଗୁରୁ ରୂପେ ଗ୍ରହଣ କରିଥିଲେ । ଏଥିସହ ସନ୍ୟାସୀ ଜୀବନ ଆରମ୍ଭ କରିଥିଲେ । ଦୀର୍ଘ ୨୫ ବର୍ଷ ଧରି ଦେଶ ବା ଦେଶ ବାହାରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ବାଣୀଙ୍କୁ ପ୍ରଚାର ପ୍ରସାର କରୁଛନ୍ତି ।



# ଅନ୍ଧାରରେ ରମ୍ଭା-ସାବୁଳିଆ ମୁଖ୍ୟ ରାସ୍ତା

**ହୁମ୍ମା, ୧୫ ।୪(ସମିସ)**

ରମ୍ଭା ସହର ଓ ସାବୁଳିଆ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ଆଲୋକୀକରଣ ବ୍ୟବସ୍ଥା ଅଭାବ । ରାତ୍ର କାଳୀନ

## ● ଆଲୋକୀକରଣ ବ୍ୟବସ୍ଥା ଦାବି

ଅନ୍ଧାରରେ ଯାତ୍ରା କରୁଛନ୍ତି ରମ୍ଭା ସହର ଓ ଆଖପାଖ ଅଞ୍ଚଳର ଗ୍ରାମବାସୀ । ଏହି ରାସ୍ତାର କେତେକ ସ୍ଥାନରେ ଷ୍ଟ୍ରିଟ ଲାଇଟ ଜଳୁନି । ରାସ୍ତାର ଦୁଇ ପାର୍ଶ୍ୱରେ ବୃକ୍ଷ ଥିବା ଯୋଗୁଁ ରାତିରେ ରାସ୍ତାଟି ସୁନଶାନ ହେବା ଯୋଗୁଁ ଅସାମାଜିକ ବ୍ୟକ୍ତିମାନେ ଆଡ଼ା ଜମାଉଥିବା ଅଭିଯୋଗ ହୋଇଛି । ରାତ୍ର ସେହି ରାସ୍ତା ଦେଇ ରେଲୱେ ଷ୍ଟେସନରୁ ରମ୍ଭା ସହରକୁ ଆସୁଥିବା ଲୋକମାନେ ଭୟଭୀତ ହୋଇ ଗନ୍ତବ୍ୟ ସ୍ଥଳକୁ ଫେରୁଛନ୍ତି । ରାସ୍ତାକୁ ଲାଗି ଦୁଇଟି କମ୍ପାନୀ ଥିବାରୁ କମ୍ପାନୀର କିଛି ଆଲୁଅ ହିଁ ଅଞ୍ଚଳବାସୀଙ୍କ ସାହା ଭରସା । ବାକି ଷ୍ଟ୍ରିଟ ଲାଇଟ ଖରାପ ହୋଇ ପଡ଼ି ରହିଥିବା ବେଳେ ସେଗୁଡ଼ିକୁ ମରାମତି କରାଯାଇ ନାହିଁ । କାଜୁ କମ୍ପାନୀ ପାର୍ଶ୍ୱସ୍ଥ ପୂର୍ତ୍ତ ବିଭାଗ ରାସ୍ତାଟି ସାବୁଳିଆ ଓ ରମ୍ଭା ଏନଏସି ମଧ୍ୟରେ ଥିବାରୁ ଏହି ସ୍ଥାନକୁ କୌଣସି ଗୁରତ୍ୱ ଦିଆ ଯାଉନଥିବା ଅଭିଯୋଗ ହୋଇଛି । ସେହି ସ୍ଥାନଟି ରମ୍ଭା ଏନଏସିର ନା ସାବୁଳିଆ ପଂଚାୟତର ଯାହାକୁ ନେଇ ଅଞ୍ଚଳବାସୀଙ୍କ ମନରେ ପ୍ରଶ୍ନ ଉଙ୍କି ମାରିଛି । ତେଣୁ ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ଆଲୋକୀକରଣ ବ୍ୟବସ୍ଥା ପାଇଁ ଦାବି ହେଉଛି ।



# ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳିତ

**ପୁରୁଷୋତ୍ତମପୁର, ୧୫ ।୪(ସମିସ):** ଭଞ୍ଜନଗର ଅଗ୍ନିଶମ ସେବା କେନ୍ଦ୍ର ପକ୍ଷରୁ ଆଜିଠାରୁ ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳନ କରାଯାଉଛି । ଏହା ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଚାଲିବ । ଆଜି ଅଗ୍ନିଶମ ସେବା ଦିବସ ପାଳନ ଅବସରରେ ସର୍ବଭାରତୀୟ ସ୍ତରରେ ସହୀଦ ହୋଇଥିବା କାର୍ଯ୍ୟରତ ଅଗ୍ନିଶମ ବିଭାଗ କର୍ମଚାରୀ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଅଗ୍ନିକାଣ୍ଡରେ ବହୁ ଧନ ସମ୍ପତ୍ତି ନଷ୍ଟ ହେଉଥିବା ବେଳେ ତାହାର ସୁରକ୍ଷା ପାଇଁ ସହରର ବିଭିନ୍ନ ସ୍ଥାନରେ ବୁଲି ବୁଲି ଲୋକମାନଙ୍କୁ ଅଗ୍ନିକାଣ୍ଡର ସମୟରେ ଭୟଭୀତ ନହୋଇ ସାହସର ସହିତ ମୁକାବିଲା କରିବା ଓ ସତର୍କତା ଅବଲମ୍ବନ ଉପରେ ସଚେତନ କରାଯାଇଥିଲା । ଆଗକୁ ମଧ୍ୟ ବିଭିନ୍ନ ପ୍ରତିଷ୍ଠାନରେ ମକ ଡ୍ରିଲ ଦ୍ୱାରା ଅଗ୍ନିକାଣ୍ଡର ଭୟାବହତା ଏବଂ ନିରାପତ୍ତା ସମ୍ପର୍କରେ ଅବଗତ କରାଯିବ । ସତର୍କତା ଓ ସୁରକ୍ଷା ଯୋଗୁଁ କିଭଳି ବଡ଼ ଦୁର୍ଘଟଣାକୁ ରୋକାଯାଇ ପାରିବ ସେ ସମ୍ପର୍କରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ସଚେତନ କରିବାର କାର୍ଯ୍ୟକ୍ରମ ରହିଛି । ଆଜି ପ୍ରଥମ ଦିନରେ ଭଞ୍ଜନଗର ସହର ରେ ଏକ ସଚେତନତା ରାଲି ପରିଭ୍ରମଣ କରିଥିଲା । ଏଥିରେ ଭଞ୍ଜନଗର ଅଗ୍ନିଶମ ସେବା କେନ୍ଦ୍ରର ଅଧିକାରୀ ସମୀର କୁମାର ବିଶ୍ୱାଳଙ୍କ ସମେତ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।



**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୪୬ ● ପାଉଣ୍ଡ ୧୦୪.୯୧
- ୟୁରୋ ୮୯.୦୪ ● ୟେନ୍ ୦.୫୪

**ସୁନା, ରୁପା ଦର**



୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୬୪୦ (ନୂଆଦିଲ୍ଲୀ)
- ରୁପା : ୮୫,୪୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୩,୪୦୦.୦୦
- ନିଫ୍ଟି ୨୨,୨୭୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬



# ଆପଲ୍‌କୁ ଟପି ସାମସଙ୍ଗ ଏକ ନମ୍ବର ସ୍ମାର୍ଟଫୋନ୍ ବ୍ରାଣ୍ଡ

**ମୁମ୍ବାଇ,୧୫।୪(ଏଜେନ୍ସି):** ସାମସଙ୍ଗ ହୋଇଛି ବିଶ୍ୱର ସ୍ମାର୍ଟଫୋନ୍ ବ୍ରାଣ୍ଡ। ଦୁନିଆରେ ଆପଲ୍‌ର ରାଜତ୍ୱ ଶେଷ ହୋଇଛି। ଆଇଡିସିର ରିପୋର୍ଟ ଅନୁଯାୟୀ ବିଶ୍ୱର ଏକ ନମ୍ବର ସ୍ମାର୍ଟଫୋନ୍ ବ୍ରାଣ୍ଡ ମାନ୍ୟତା ହାସଲ କରିଛି ସାମସଙ୍ଗ। ଆପଲ୍‌କୁ ଟପି ସାମସଙ୍ଗ ବିଶ୍ୱର ନମ୍ବର ସ୍ମାର୍ଟଫୋନ୍ ବ୍ରାଣ୍ଡ ପାଲଟିଛି। ବିଶ୍ୱରେ ସ୍ମାର୍ଟଫୋନ୍ ଯୋଗାଣ ବର୍ଷକୁ ୭.୮% ବୃଦ୍ଧି ପାଇ ୨୦୨୪ ର ପ୍ରଥମ ତ୍ରୈମାସିକ ୨୮୯.୪ ନିୟୁତ ୟୁନିଟ୍‌ରେ ପହଞ୍ଚିଛି। ୨୦୨୪ର ପ୍ରଥମ ତ୍ରୈମାସିକରେ ସାମସଙ୍ଗ ବଜାର ଅଂଶର ୬୦.୧ ନିୟୁତ ସପ୍ଲାଇ କରିଛି। ସମାନ ସମୟରେ ଆପଲ୍ ର ସପ୍ଲାଇ ୧୦% ହ୍ରାସ ପାଇ




୫୦.୧ ମିଲିୟନ୍ ୟୁନିଟ୍ ରେ ପହଞ୍ଚିଛି। ଗତ ବର୍ଷ ସମାନ ତ୍ରୈମାସରେ ଆପଲ୍ ୫୫.୪ ନିୟୁତ ଆଇଫୋନ୍ ଯୋଗାଇଥିଲା। ୨୦୨୪ ର ପ୍ରଥମ ତ୍ରୈମାସରେ ଆପଲର ବଜାର ଅଂଶ ୧୭.୩% ଥିଲା। ୧୪.୧% ବଜାର ଅଂଶ ସହିତ ସାଓମୀ ତୃତୀୟ ସ୍ଥାନରେ ରହିଛି। କାରଣ ଏହା ୨୦୨୪ ପ୍ରଥମ ତ୍ରୈମାସରେ ମାତ୍ର ୪୦ ନିୟୁତ ୟୁନିଟ୍ ସପ୍ଲାଇ କରିଥିଲା। ଆଇଡିସି ଆଶା କରୁଛି ଯେ ଏହି ଦୁଇ କମ୍ପାନୀ ବଜାରର ନିଜର ରାଜ ବଜାୟ ରଖିବେ, ଚାଇନାରେ ହୁଆୱାଇର ପୁନଃଉଦ୍ଧାର, ଏବଂ ସାଓମୀ, ଟ୍ରାନ୍ସସିଅନ୍, ଓପିପିଓ /ୱାନ୍‌ପ୍ଲସ୍ ଏବଂ ଭିଭୋ ସେମାନଙ୍କର ବଜାର ଉପସ୍ଥିତି ବଢାଇବାକୁ ଚାହିଁବେ।

# ଇସ୍ରାଏଲ୍-ଇରାନ୍ ଯୁଦ୍ଧରେ ପୁଞ୍ଜିବଜାର ଥରହର

**ମୁମ୍ବଇ,୧୫।୪(ଏଜେନ୍ସି)**





- ମଧ୍ୟ ପ୍ରାଚ୍ୟ ପରିସ୍ଥିତିରେ ସେୟାର ବଜାର ଅସ୍ଥିର
- ସେନ୍‌ସେକ୍ସ ୮୪୫ ପଏଣ୍ଟ ଖସିଲା
- ଦିନକରେ ନିବେଶକଙ୍କ କ୍ଷତି ୫ ଲକ୍ଷ କୋଟି

ଘରୋଇ ପୁଞ୍ଜିବଜାରକୁ ପୁଣି ଥରେ ଲାଗିଛି ବଡ଼ ଝଟ୍‌କା। ସପ୍ତାହର ପ୍ରଥମ କାରବାର ଦିବସରୁ ଦୋହଲିଯାଇଛି ଘରୋଇ ଷ୍ଟକ୍ ବଜାର। ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ) ସେନ୍‌ସେକ୍ସରେ ୮୪୫ ପଏଣ୍ଟରୁ ଅଧିକ ହ୍ରାସ ଘଟିଛି। କାରଣ ଇସ୍ରାଏଲ ଉପରେ ଇରାନର ଆକ୍ରମଣ ପରେ ଆହୁରି ଜଟିଳ ହୋଇଛି ମଧ୍ୟପ୍ରାଚ୍ୟର ଯୁଦ୍ଧ ପରିସ୍ଥିତି। ଏହା କ୍ରମଶଃ ଏକ ବଡ଼ ଯୁଦ୍ଧ ଆଡ଼କୁ ଗତି କରୁଛି। ଏହାର ପ୍ରଭାବରୁ ସାରା ବିଶ୍ୱର ଷ୍ଟକ୍ ବଜାରରେ ହ୍ରାସ ପରିଲକ୍ଷିତ ହୋଇଛି। ଏହାର ପ୍ରଭାବ ଭାରତୀୟ ଷ୍ଟକ ବଜାର ଉପରେ ମଧ ଦେଖିବାକୁ ମିଳିଛି। ମାତ୍ର ଗୋଟିଏ ଦିନର କାରବାରରେ ପୁଞ୍ଜି ବଜାରରେ ନିବେଶକମାନଙ୍କର ୧୫ ଲକ୍ଷ କୋଟି ଟଙ୍କା ବୁଡିଯାଇଛି।

ସପ୍ତାହର ପ୍ରଥମ କାରବାର ଦିନରେ ନିବେଶକମାନଙ୍କ ଦ୍ୱାରା ପ୍ରବଳ ସେୟାର ବିକ୍ରି ଯୋଗୁଁ ଭାରତୀୟ ବଜାର ଦ୍ରୁତ ହ୍ରାସ ସହିତ ବନ୍ଦ ହୋଇଥିଲା। ସୋମବାର କାରବାରରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍ଇ) ସେନ୍‌ସେକ୍ସରେ ୮୪୫ ପଏଣ୍ଟ ବା ୧.୧୪ ପ୍ରତିଶତ ହ୍ରାସ ଘଟିଥିବାବେଳେ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜ ନିଫ୍ଟିରେ ୨୪୭ ପଏଣ୍ଟ ବା ୧.୧ ପ୍ରତିଶତ ହ୍ରାସ ହୋଇ ୨୨,୨୭୩ ପଏଣ୍ଟରେ ପହଞ୍ଚିଛି। ବ୍ୟାଙ୍କିଙ୍ଗ, ଆଇଟି ଓ ଏଫଏମସିଜି ସେୟାରରେ ବିକ୍ରି ଯୋଗୁଁ ବଜାରରେ ଏହି ହ୍ରାସ ଦେଖିବାକୁ ମିଳିଛି। ମିଡ୍ କ୍ୟାପ୍ ଏବଂ ସ୍ମଲକ୍ୟାପ୍ ଷ୍ଟକ୍ ମଧ ସ୍ଥିର ରହିଛି। ନିଫ୍ଟିର ମିଡ୍ କ୍ୟାପ୍ ଇଣ୍ଡେକ୍ସ ୭୮୬ ପଏଣ୍ଟ ହ୍ରାସ ପାଇ ବନ୍ଦ ହୋଇଛି। ସେୟାର ବଜାରରେ ଦ୍ରୁତ ହ୍ରାସ ଯୋଗୁଁ ତାଲିକାଭୁକ୍ତ ଷ୍ଟକଗୁଡ଼ିକର ବଜାର ପୁଞ୍ଜି ୫ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ବିଏସଇ ତଥ୍ୟ ଅନୁଯାୟୀ, ଗତ ଅଧିବେଶନରେ ମାର୍କେଟ କ୍ୟାପ ୩୯୯.୬୭ ଲକ୍ଷ କୋଟି ଟଙ୍କାରୁ ହ୍ରାସ ପାଇ ୩୯୪.୭୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଅର୍ଥାତ୍ ଆଜିର ଅଧିବେଶନରେ ନିବେଶକମାନେ ୫.୦୪ ଲକ୍ଷ କୋଟି ଟଙ୍କା ହରାଇଛନ୍ତି।

# ସାରା ବିଶ୍ୱରେ ୧୦ ପ୍ରତିଶତ କର୍ମଚାରୀ ଛଟେଇ କରିବ ଟେସ୍‌ଲା




**ନୂଆଦିଲ୍ଲୀ,୧୫।୪(ଏଜେନ୍ସି)**

ସାରା ବିଶ୍ୱର ନିଯୁକ୍ତି କ୍ଷେତ୍ର ପାଇଁ ଖରାପ ଖବର। ପୁଣି ଥରେ ଛଟେଇ କରିବ ଏଲନ୍ ମସ୍କଙ୍କ କମ୍ପାନୀ ଟେସ୍‌ଲା। ସାରା ବିଶ୍ୱରେ ୧୦ ପ୍ରତିଶତ କର୍ମଚାରୀ ଛଟେଇ କରିବ ବୋଲି କମ୍ପାନୀ ଘୋଷଣା କରିଛନ୍ତି। ଡିସେମ୍ବର ମାସ ରିପୋର୍ଟ ଅନୁସାରେ, ବିଶ୍ୱର ସବୁଠାରୁ ବଡ଼ ଅଟୋ ନିର୍ମାତା କମ୍ପାନୀ ଟେସ୍ଲାର ସାରା ବିଶ୍ୱରେ ୧୪୦,୪୭୩ କର୍ମଚାରୀ ଅଛନ୍ତି। ଏଥିରୁ ମଧ କମ୍ପାନୀ ଛଟେଇ ଆରମ୍ଭ କରିବ। ଏପ୍ରିଲ ୨୩ ରେ ତ୍ରୟମାସିକ ରିପୋର୍ଟ ଜାରି କରିବାକୁ ଅପେକ୍ଷା କରିଥିବା ଟେସ୍‌ଲା ପ୍ରଥମ ତ୍ରୈମାସିକରେ କାର୍ ରପ୍ତାନି ହ୍ରାସ ଘଟିଥିବାନେଇ ଘୋଷଣା କରିଥିଲା। ଗତ ୪ ବର୍ଷ ପରେ ଟେସ୍‌ଲା ଏଭଳି ପରିସ୍ଥିତି ସାମ୍ନା କରିଥିଲା।କମ୍ପାନୀ ବଜାର ଚାହିଦା ମଧ କମିଯାଇଥିଲା।

ଅନ୍ୟପଟେ କମ୍ପାନୀ ଶସ୍ତା କାର୍ ନିର୍ମାଣ କରିବା ପାଇଁ ଯେଉଁ ଯୋଜନା ଆରମ୍ଭ କରିଥିଲା ତାକୁ ରଦ୍ଦ କରିଦେଇଛି। ଏଲନ୍ ମସ୍କ ମଧ୍ୟବିତ୍ତ ପରିବାରକୁ ଲକ୍ଷ୍ୟ କରି କାର ନିର୍ମାଣ କରିବାକୁ ବହୁଦିନ ଧରି ଯୋଜନା କରୁଥିଲେ। ଏ ନେଇ କସରତ ବି ଆରମ୍ଭ ହୋଇଥିଲା। ହେଲେ ହଠାତ୍ ମସ୍କ ଏହି ଯୋଜନାକୁ ବନ୍ଦ କରି ଦେଇଛନ୍ତି।

# ଇସ୍ରାଏଲ-ଇରାନ ଯୁଦ୍ଧ: ଆଦାନୀକୁ ଝଟ୍‌କା

**ନୂଆଦିଲ୍ଲୀ,୧୫।୪(ଏଜେନ୍ସି)**



ଇରାନ- ଇସ୍ରାଏଲ ମଧ୍ୟରେ ଯୁଦ୍ଧ ପରବର୍ତ୍ତୀ ସ୍ଥିତିରେ ସୋମବାର ଘରୋଇ ସେୟାର ବଜାରରେ ହ୍ରାସ ଦେଖିବାକୁ ମିଳିଛି। ଏହା ମଧ୍ୟରେ ବିଶ୍ୱର ୧୪ ତମ ସବୁଠାରୁ ଧନୀ ବ୍ୟକ୍ତି ତଥା ଭାରତର ଦ୍ୱିତୀୟ ଧନୀ ବ୍ୟକ୍ତି ଶିଳ୍ପପତି ଗୌତମ ଆଦାନୀଙ୍କ ଏକ କମ୍ପାନୀର ସେୟାର ମୂଲ୍ୟ ମଧ ଖସିଛି। ଆଦାନୀ ପୋର୍ଟ ସୋୟାର ମୂଲ୍ୟରେ ୨ ପ୍ରତିଶ୍ରତ ପାଖାପାଖି ହ୍ରାସ ପାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ଗୌତମ ଆଦାନୀଙ୍କ କମ୍ପାନୀର ଇସ୍ରାଏଲରେ ବଡ କାରବାର ରହିଛି। ଏହା ପୂର୍ବରୁ ଇସ୍ରାଏଲ- ହମାସ୍ ଯୁଦ୍ଧ ସମୟରେ ମଧ ଆଦାନୀଙ୍କ କମ୍ପାନୀର ସେୟାର ମୂଲ୍ୟରେ ବଡ ହ୍ରାସ ଦେଖିବାକୁ ମିଳିଥିଲା। ଆଦାନୀ ପୋର୍ଟର ସେୟାରରେ ଆସିଥିବା ହ୍ରାସ ଯୋଗୁଁ ନିବେଶକଙ୍କୁ ବଡ଼ କ୍ଷତି ସହିବାକୁ ପଡିଛି। ଇରାନ-ଇସ୍ରାଏଲରେ ଯୁଦ୍ଧ ବଢିବା ଆଶଙ୍କା ନିବେଶକଙ୍କୁ ଇସ୍ରାଏଲ ଏବଂ ହମାସ ମଧ୍ୟରେ ହୋଇଥିବା ଯୁଦ୍ଧ କଥା ମନେ ପକାଇଦେଇଛି। ସେହି ସମୟରେ ମଧ କମ୍ପାନୀର ଷ୍ଟକ୍ ୫ ପ୍ରତିଶତ ପାଖାପାଖି ହ୍ରାସ ପାଇଥିଲା। ସୋମବାର ହୋଇଥିବା ହ୍ରାସ ପରେ ଗୌତମ ଆଦାନୀଙ୍କ ଆଦାନୀ ପୋର୍ଟର ବଜାର ପୁଞ୍ଜି ୨.୮୬ ଲକ୍ଷ କୋଟି ଟଙ୍କାକୁ ଖସି ଆସିଛି। ଗୌତମ ଆଦାନୀଙ୍କ ଏହି କମ୍ପାନୀ ସହିତ ଇସ୍ରାଏଲର ପ୍ରତ୍ୟେକ୍ଷ ସମ୍ପର୍କ ରହିଛି। ୨୦୨୨ ମସିହାରେ ଆଦାନୀ ପୋର୍ଟ୍ସ ଏଣ୍ଡ ଏସ୍ଇଜେଡ୍ ମିଳିତ ଉଦ୍ୟୋଗରେ ଇସ୍ରାଏଲ ହାଇଫା ବନ୍ଦରରର ଘରୋଇକରଣ ଟେଣ୍ଡର ହାସଲ କରିଥିଲା । ଏହି ଟେଣ୍ଡରର ପରିମାର ପ୍ରାୟ ୧.୮ ବିଲିୟନ୍ ଡଲାର ରହିଥିଲା । ଏହି ମିଳିତ ଉଦ୍ୟୋଗରେ ଆଦାନୀ ପୋର୍ଟର ଭାଗିଦାରୀ ୭୦ ପ୍ରତିଶତ। ହମାସ୍ ଯୁଦ୍ଧ ପରେ ଏବେ ଇସ୍ରାଏଲରେ ପୁଣି ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ଏଥିଯୋଗୁଁ କମ୍ପାନୀର ସେୟାରରେ ହ୍ରାସ ମଧ ଦେଖିବାକୁ ମିଳିଛି ।

# ବାଇଜୁସ୍ ସିଇଓ ପଦରୁ ଇସ୍ତଫା ଦେଲେ ଅର୍ଜୁନ ମୋହନ

**ନୂଆଦିଲ୍ଲୀ,୧୫।୪(ଏଜେନ୍ସି):** ବାଇଜୁସର ସିଇଓ ପଦରୁ ଅର୍ଜୁନ ମୋହନଙ୍କ ଇସ୍ତଫା। ତାଙ୍କର ଇସ୍ତଫା ପରେ ଏବେ ଥିଙ୍କ୍ ଆଣ୍ଡ ଲର୍ଣ୍ଣର ଫାଉଣ୍ଡର ବାଇଜୁ ରବୀନ୍ଦ୍ରନ କମ୍ପାନୀର ଦୈନନ୍ଦିନ କାର୍ଯ୍ୟଭାର ସମ୍ଭାଳିବେ। ସୋମବାର ବାଇଜୁସ୍ ତରଫରୁ ଏକ ବୟାନରେ କୁହଯାଇଛି ଯେ, ମୋହନଙ୍କ ଇସ୍ତଫା ପରେ ଏବେ ବାଇଜୁ ରବିନ୍ଦ୍ରନ କମ୍ପାନିର ଦୈନିକ ପରିଚାଳନାକୁ ଆଗକୁ ବଢ଼ାଇବେ। ମୋହନ ଏବେ ବାହ୍ୟ ପରାମର୍ଶଦାତା ଭାବରେ ଭୂମିକା ନିଭାଇବେ। ସୂଚନାଯୋଗ୍ୟ, ଅର୍ଜୁନ ମୋହନଙ୍କୁ ବାଇଜୁ ଇଣ୍ଡିଆର ସିଇଓ ପଦ ପାଇଁ ସାତ ମାସ ପୂର୍ବେ ନିଯୁକ୍ତ କରାଯାଇଥିଲା। ତେବେ ନିଜ ବକେୟା ଋଣ, କର୍ମଚାରୀଙ୍କୁ ଦରମା ଏବଂ ଭେଣ୍ଡର୍ସଙ୍କ ବକେୟା ପରିଶୋଧ କରିବା ପାଇଁ କମ୍ପାନିର ସଂଘର୍ଷ କରୁଥିବାବେଳେ




ଏବେ କମ୍ପାନୀର କାର୍ଯ୍ୟଭାର ଫାଉଣ୍ଡର ବାଇଜୁ ରବିନ୍ଦ୍ରନ ସମ୍ଭାଳିବେ। ଆହୁରି ମଧ ବାଇଜୁସ ଏବେ ଆଉ ୟୁନିକର୍ଣ୍ଣ ହୋଇ ରହିନାହିଁ। ବାଇଜୁସର ଭ୍ୟାଲୁଏସନରେ ବ୍ୟାପକ ହ୍ରାସ କାରଣରୁ ଏବେ ଏହା ୟୁନିକର୍ଣ୍ଣ କାଟାଗୋରୀରୁ ବାଦ୍ ପଡ଼ିଛି। ମାତ୍ର ଗୋଟିଏ ବର୍ଷରେ ହିଁ କମ୍ପାନିର ଭ୍ୟାଲୁଏସନ ୨୨ ବିଲିୟନ ଡଲାରରୁ ଏବେ ୧ ବିଲିୟନ ଡଲାରରୁ ମଧ କମ୍ ହୋଇଛି। ବଡ଼ କଥା ହେଉଛି ବାଇଜୁସର ଭ୍ୟାଲୁଏସନରେ ଯେଉଁ ହ୍ରାସ ହୋଇଛି ତାହା ଦୁନିଆରେ କୌଣସିବି ଷ୍ଟାର୍ଟଅପ୍‌ରେ ଆସିଥିବା ହ୍ରାସଠାରୁ ସବୁଠୁ ଅଧିକ।

**ହ୍ୱାଟ୍ସଆପ୍‌ର ନୂଆ ଫିଚର**

# ସାଇଡ୍‌ବାର୍, ଚାର୍ଟଠାରୁ ଷ୍ଟାଟସ୍ ଦେଖିବା ହେବ ସହଜ

**ନୂଆଦିଲ୍ଲୀ,୧୫।୪(ଏଜେନ୍ସି):** ଲୋକପ୍ରିୟ ମେସେଜିଂ ପ୍ଲାଟଫର୍ମ ହ୍ୱାଟ୍ସଆପ୍‌ରେ ଲଗାତର ମଜାଦାର ଓ ନୂଆ ଫିଚର୍ସ ମିଳିବାରେ ଲାଗିଛି । ଏବେ ହ୍ୱାଟ୍ସଆପ୍‌ରେ ନୂଆ ସାଇଡ୍‌ବାର ସହ ଜଡିତ ସୂଚନା ସାମ୍ନାକୁ ଆସିଛି ଯାହାକୁ ୱେବ ଭର୍ସନର ଅଂଶ କରାଯିବ। ଏହି ସାଇଡବାର୍ ସହିତ ୟୁଜର୍ସଙ୍କୁ କମ୍ୟୁନିଟି, ଚ୍ୟାନେଲ୍ସ, ଷ୍ଟାଟସ୍, ଚାଟସ୍ ଆକ୍ସେସ୍ କରିବାର ବିକଳ୍ପ ଖୁବ୍ ସହଜରେ ଏକ ସଙ୍ଗେ ମିଳିଯିବ। ହ୍ୱାଟ୍ସଆପ୍‌ରେ ମିଳିବାକୁ ଥିବା ଅପଡେଟ୍‌ସ୍ ଓ ଏହାର ନୂଆ ଫିଚର୍ସ ବିଷୟରେ ସୂଚନା ଦେଉଥିବା ପ୍ଲାଟଫର୍ମ ଡବ୍ଲ୍ୟୁଏବେଟାଇନ୍‌ଫୋ କହିଛି ନୂଆ



ସାଇଡବାର୍ ଫିଚରର ଟେଷ୍ଟିଂ ହ୍ୱାଟ୍ସଆପ୍ ୱେବ କ୍ଲାଏଣ୍ଟଙ୍କୁ ମିଳିବା ଆରମ୍ଭ ହୋଇଯାଇଛି। ୟୁଜର୍ସଙ୍କୁ ଆପର ଅଲଗା ଅଲଗା ଭାଗରେ ନାଭିଗେଟ୍ କରିବାର ସହଜ ବିକଳ୍ପ ଏହି ସାଇଡବାର୍ ସହ ମିଳିବ। ଏହି ସାଇଡ୍‌ବାର କିପରି କାମ କରିବ ଏହି ସାଇଡବାର୍ ଜରିଆରେ ୟୁଜର୍ସଙ୍କୁ ହ୍ୱାଟ୍ସଆପ୍‌ରେ ବ୍ରାଉଜିଂ ସହଜ ହେବ ଓ ସେ ସହଜରେ ଗୋଟିଏ ସେକ୍ସନରୁ ଅନ୍ୟ ଏକ ସେକ୍ସନକୁ ଯାଇପାରିବ। ଏହି ପରିବର୍ତ୍ତନ ସହ ସମସ୍ତ ବିକଳ୍ପ ଏକ ସଙ୍ଗେ ସ୍କ୍ରିନର ବାମପଟେ ଦେଖିପାରିବେ। ବିଟା ୟୁଜର୍ସଙ୍କୁ ଏହି ନୂଆ ଫିଚରର ଫାଇଦା ମିଳିବାରେ ଲାଗିଲାଣି ଓ ପରୀକ୍ଷଣ ପୁରା ହେବା ପରେ ଏହା ସମସ୍ତ ୟୁଜର୍ସଙ୍କୁ ପ୍ରଦାନ କରାଯିବ। ତେବେ ଆପଣ ଯଦି ହ୍ୱାଟ୍ସଆପ୍ ବିଟା ଭର୍ସନର ଅଂଶ ହେବାକୁ ଯାଉଛନ୍ତି ତେବେ ଗୁଗଲ ପ୍ଲେ ଷ୍ଟୋର କିମ୍ବା ଆପଲ ଟେଷ୍ଟଫ୍ଲାଇଟ୍ ପ୍ରୋଗ୍ରାମ ସହିତ ଏପରି କରିପାରିବେ।

# ଆର୍ଥିକ ସଂକଟ : କେମିତି ବଜାୟ ରଖିବେ କ୍ରେଡିଟ୍ ସ୍କୋର

ଜୀବନ ହେଉଛି ନିଶ୍ଚିତତା। ଜୀବନରେ କେତେବେଳ କଂଣ ହେବ କେହିକହିପାରିବେନାହିଁ। କେତେବେଳେ ହଠାତ୍ ରୋଗ, ଦୁର୍ଘଟଣା ତ ପୁଣି କେତେବେଳେ ଆର୍ଥିକ ସଙ୍କଟ ଦେଇ ଜଣକୁ ଗତି କରିବାକୁ ପଡ଼ିଥାଏ। ସେଥିପାଇଁ ଏଭଳି ସଙ୍କଟରୁ ବର୍ତ୍ତିବା ପାଇଁ ବ୍ୟକ୍ତି ସ୍ୱାସ୍ଥ୍ୟ, ଘର, ଗାଡ଼ି ଭଳି ବିଭିନ୍ନ ବୀମା ବିକଳ୍ପ ନେଇଥାଏ। ଆଉ ଏଥିପାଇଁ ବ୍ୟାଙ୍କ ଆକାଉଣ୍ଟ ସ୍ଥିତି ସବୁବେଳେ ସୁଦୃଢ଼ ରହିଥିବା ଉଚିତ। ଏଥିରେ ବିଶେଷ କରି ଆପଣଙ୍କ କ୍ରେଡିଟ୍ ସ୍କୋର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେବେ କ'ଣ କରିଲେ ଆପଣ ନିଜର କ୍ରେଡିଟ୍ ସ୍କୋରକୁ ଖରାପ ହେବାରୁ ସୁରକ୍ଷିତ ରଖିପାରିବେ। ସେହି ଉପାୟଗୁଡିକ ହେଉଛି...




**■ କ୍ରେଡିଟ୍ କାର୍ଡ଼ର ସର୍ବନିମ୍ନ ଦେୟ ଦିଅନ୍ତୁ**

କ୍ରେଡିଟ୍ କାର୍ଡ଼ରେ ୨ଟି ରାଶି ଥାଏ- ଗୋଟିଏ ସମ୍ପୂର୍ଣ୍ଣ ଏବଂ ଦ୍ୱିତୀୟଟି ହେଉଛି ସର୍ବନିମ୍ନ ବିଲ୍। ଆର୍ଥିକ ସଙ୍କଟ ସମୟରେ ଅତିକମ୍‌ରେ କ୍ରେଡିଟ୍ କାର୍ଡ଼ରେ ସର୍ବନିମ୍ନ ବିଲ୍ ପେମେଣ୍ଟ କରିବା ପାଇଁ ଚେଷ୍ଟା କରନ୍ତୁ। ଏହା ଆପଣଙ୍କ କ୍ରେଡିଟ୍ ସ୍କୋରକୁ ବଜାୟ ରଖିଥାଏ ଏବଂ ଆପଣଙ୍କୁ ବିଳମ୍ବିତ ଫି'ରୁ ରକ୍ଷା କରିଥାଏ।

**■ ବାରମ୍ବାର ଋଣ ପାଇଁ ଆବେଦନ କରନ୍ତୁ ନାହିଁ**

ଅଧିକାଂଶ ସମୟରେ ଦେଖାଯାଏ ଯେ ଆର୍ଥିକ ସଙ୍କଟରୁ ବର୍ତ୍ତିବା ପାଇଁ ଅନେକ ବ୍ୟକ୍ତି ବାରମ୍ବାର ଋଣ ପାଇଁ ଆବେଦନ କରିଥାନ୍ତି। ଏପରି କରିବାଠାରୁ ଦୂରେଇ ରୁହନ୍ତୁ। ଆପଣ ଯେତେଥର ବ୍ୟାଙ୍କ ଏବଂ ଏନ୍‌ବିଏଫ୍‌ସି ସଂସ୍ଥାଠାରୁ ଋଣ ପାଇଁ ଆବେଦନ କରିବେ ବ୍ୟାଙ୍କ ଆପଣଙ୍କ କ୍ରେଡିଟ୍ ରିପୋର୍ଟ ବାହାର କରିଥାଏ। ଏହାଦ୍ୱାରା ଆପଣଙ୍କ କ୍ରେଡିଟ୍ ସ୍କୋର ହ୍ରାସ ହୋଇଥାଏ।

**■ ବ୍ୟାଙ୍କ ସହ ଯୋଗାଯୋଗ କରନ୍ତୁ**

ଆପଣ ଆର୍ଥିକ ସଙ୍କଟର ସାମ୍ନା କରୁଥିଲେ ଏହାର ସୂଚନା ଋଣ ଦେଉଥିବା କମ୍ପାନୀକୁ ଦିଅନ୍ତୁ। ଏଭଳି କମ୍ପାନୀ ଆପଣଙ୍କୁ ସହଯୋଗ କରିବା ପାଇଁ ସବୁବେଳେ ପ୍ରସ୍ତୁତ ଥାଆନ୍ତି। ଏଥିରେ ଆପଣ କିଛି ମାସ ପାଇଁ କିସ୍ତି ଦେୟରୁ ମଧ ମୁକ୍ତି ପାଇପାରିବେ।

**■ ପ୍ରଥମେ ଆବଶ୍ୟକୀୟ ପେମେଣ୍ଟ କରନ୍ତୁ**

ଆର୍ଥିକ ସଂକଟ ସମୟରେ ଦରମା ମିଳିଲେ ସର୍ବ ପ୍ରଥମେ ଇଏମଆଇ ଇତ୍ୟାଦି ଭଳି ଆବଶ୍ୟକୀୟ ପେମେଣ୍ଟ ପୂରା କରନ୍ତୁ। ଏହାଦ୍ୱାରା ଆପଣଙ୍କ ଉପରେ ବିଳମ୍ବିତ ଫି' ଲାଗୁ ହେବ ନାହିଁ। ଯେତେଦୂର ସମ୍ଭବ ଅଯଥା ଖର୍ଚ୍ଚଠାରୁ ଦୂରେଇ ରୁହନ୍ତୁ।

# ନୂଆ ପିଜା ହଟ୍ ମେଲ୍ଟସ୍ ଭାରତରେ

**ଭୁବନେଶ୍ୱର,୧୫।୪(ସମିସ):** ଭାରତର ସବୁଠାରୁ ପ୍ରିୟ ଓ ବିଶ୍ୱସ୍ତ ପିଜା ବ୍ରାଣ୍ଡ ପିଜା ହଟ୍ ଏହାର ସର୍ବଭାରତୀୟ ବେଷ୍ଟ ସେଲର୍ ମେଲ୍ଟକୁ ଭାରତୀୟ ବଜାରରେ ପ୍ରବେଶ କରାଇଛି। ମେଲ୍ଟସ୍ ହେଉଛି ଏକ ସୁବିଧାଜନକ ତଥା ସନ୍ତୋଷଜନକ ଭୋଜନ ବିକଳ୍ପ ଯାହା ଗ୍ରାହକଙ୍କ ଜୀବନ ଶୈଳୀ ଉପଯୋଗୀ ସେବା ପ୍ରଦାନ କରିଥାଏ ଓ ଯେ କୌଣସି ସ୍ଥାନରେ ଖାଇବା ଲାଗି ଉପଯୁକ୍ତ। କ୍ରିସ୍ପି, ଚିଜ୍ ଓ ଲୋଡ୍ ହୋଇଥିବା ସମସ୍ତ ମେଲ୍ଟସ୍ ବୈଶିଷ୍ଟ୍ୟରେ ପତଳା ଓ କୁଡୁମୁଡ଼ିଆ ସ୍ୱାଦିଷ୍ଟ ଅନୁଭବର ସ୍ପର୍ଶ ମିଳିଥାଏ। ଏଥିରେ ପନୀର, ସ୍ୱାଦିଷ୍ଟ ସସ୍ ଓ ଅନ୍ୟାନ୍ୟ ମସଲା ଛିଂଚା ଯାଇ ପ୍ରସ୍ତୁତ କରାଯାଇଥାଏ। ମେଲ୍ଟସ୍ ଏକ ବିଶ୍ୱବ୍ୟାପୀ ଚାହିଦାପୂର୍ଣ୍ଣ ଖାଦ୍ୟ ଓ ଭାରତୀୟ ସ୍ୱାଦ ଅନୁସାରେ ପ୍ରସ୍ତୁତ। ଏହା ୬ ପ୍ରକାର ସ୍ୱାଦରେ ଉପଲବ୍ଧ ଯାହା ଲୋଡେଡ୍ ବାର୍ବିକ୍ୟୁ, ଲୋଡେଡ୍ ଚିକେନ ବାରବିକ୍ୟୁ, ଚିଜ୍ ଚିକେନ୍, ମ୍ୟାଜିକାଲ୍ ମଖ୍ନି ପନୀର ଓ ଚିକେନ୍ ଟିକା ତଥା କିମା। ଏହି ଉନ୍ମୋଚନ ସମ୍ପର୍କରେ ମତ ଦେଇ ପିଜା ହଟ୍ ଭାରତୀୟ ଉପମହାଦେଶର ପରିଚାଳନା




ନିର୍ଦ୍ଦେଶକ ମେରିଲ୍ ପେରେରା କହିଛନ୍ତି ଯେ ମେଲ୍ଟସ୍ ହେଉଛି ଏକ ଖାଦ୍ୟ ଯାହା ଭାରତରେ ଏକ ନୂଆ ବ୍ରାଣ୍ଡ ଭାବେ ପରିଚିତ ହେବାକୁ ଯାଉଛି। ଆମେ ସନ୍ତୋଷଜନକ ଖାଦ୍ୟକୁ ଆମେ ସୁବିଧାଜନକ ଭାବରେ ଗ୍ରାହକଙ୍କ ନିକଟରେ ପହଁଚାଇ ଥାଉ। ଆମେ ସର୍ବଦା ଗ୍ରାହକ ସନ୍ତୁଷ୍ଟି ଉପରେ ଧ୍ୟାନ ଦେଇଥାଉ। ବିଭିନ୍ନ ପ୍ରକାରର ସ୍ୱାଦ ଓ ଆଇଟମ୍ ନିଶ୍ଚିତ ଭାବରେ ପିଜା ହଟ ପ୍ରେମୀଙ୍କୁ ଆକୃଷ୍ଟ କରିବ ଓ ଆମେ ସେମାନଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରିଛୁ। ଆପଣ ଘରେ ଏକ ଚଳଚିତ୍ର ଦେଖୁଥିବା ସମୟରେ ବା କାର୍ଯ୍ୟରେ ବ୍ୟସ୍ତ ଥିଲେ ବା ନୂଆ ସ୍ୱାଦର ଖାଦ୍ୟ ଉପଭୋଗ କରିବାକୁ ଚାହୁଁଥିଲେ ମେଲଟସ ଆପଣଙ୍କ ଚାହିଦା ପୂରଣ କରିବାକୁ ସମର୍ଥ ହେବ।

## ୨୦୨୪ ଲୋକସଭା ନିର୍ବାଚନ: ସ୍ଥିତି ଓ ସମ୍ଭାବନା

# ତିନି ଦଳ ଭିତରେ ଲଢ଼େଇ





ଦକ୍ଷିଣ ଭାରତର ଅନ୍ୟତମ ପ୍ରମୁଖ ରାଜ୍ୟ ଭାବେ ତେଲଙ୍ଗାନାରେ ଗୋଟିଏ ପର୍ଯ୍ୟାୟରେ ମେ’ ୧୩ ତାରିଖରେ ଲୋକସଭା ପାଇଁ ମତଦାନ ହେବ। ରାଜ୍ୟର ୧୭ଟି ଆସନ ପାଇଁ ମତଦାନ ହେବାକୁ ରହିଥିବା ବେଳେ ମୁଖ୍ୟତଃ ତିନୋଟି ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ। ଶାସକ କଂଗ୍ରେସ ସହ ପୂର୍ବରୁ କ୍ଷମତାରେ ରହିଆସିଥିବା କେ ଚନ୍ଦ୍ରଶେଖର ରାଓ(କେସିଆର)ଙ୍କ ଦଳ ଭାରତ ରାଷ୍ଟ୍ରୀୟ ସମିତି(ବିଆରଏସ) ଏବଂ ବିଜେପି ମଧ୍ୟରେ ଚଳିତ ନିର୍ବାଚନରେ ତ୍ରିମୁଖୀ ଲଢେଇ ହେବାକୁ ଯାଉଛି। ୨୦୧୯ ଲୋକସଭା ନିର୍ବାଚନରେ ତତ୍କାଳୀନ ତେଲଙ୍ଗାନା ରାଷ୍ଟ୍ରୀୟ ସମିତି(ଟିଆରଏସ) ଯାହାକି ବର୍ତ୍ତମାନ ବିଆରଏସ୍ ଭାବେ ପରିଚିତ ସର୍ବାଧିକ ୯ଟି ଆସନରେ ବିଜୟୀ ହେବା ସହିତ ୪୧.୦୭ ପ୍ରତିଶତ ଭୋଟ ହାସଲ କରିଥିଲା। ଏହାପଛକୁ ବିଜେପି ୪ଟି ଆସନ ହାସଲ କରିବା ସହିତ ୧୯.୭ ପ୍ରତିଶତ ଭୋଟ୍ ପାଇଥିଲା। ସେହିପରି କଂଗ୍ରେସକୁ ୨୯.୮ ପ୍ରତିଶତ ଭୋଟ ମିଳିବା ସହିତ ଦଳ ୩ଟି ଆସନରେ ବିଜୟୀ ହୋଇଥିଲା ବେଳେ ଆସାଦୁଦ୍ଦିନ ଓ୍ୱେସୀଙ୍କ ଦଳ ଏମଆଇଏମଆଇଏମକୁ ମାତ୍ର ଗୋଟିଏ ଆସନ ମିଳିବା ସହିତ ଦଳ ମାତ୍ର ୨.୮ ପ୍ରତିଶତ ଭୋଟ ପାଇଥିଲା। କିନ୍ତୁ ୨୦୨୪ ନିର୍ବାଚନରେ ତେଲଙ୍ଗାନାର ରାଜନୈତିକ ରୂପରେଖ ବଦଳିଛି। ବିଶେଷକରି ୨୦୨୩ ବିଧାନସଭା ନିର୍ବାଚନରେ ଶାସକ ବିଆରଏସ୍ ଦଳର ପରାଜୟ ଏବଂ କଂଗ୍ରେସର ବିଜୟ ଏଠାକାର ରାଜନୈତିକ ସମୀକରଣରେ ପରିବର୍ତ୍ତନ ଆଣିଛି। ୨୦୧୮ ବିଧାନସଭା ନିର୍ବାଚନ ତୁଳନାରେ କଂଗ୍ରେସ ୧୪ ପ୍ରତିଶତ ଅଧିକ ଭୋଟ ହାସଲ କରିଥିଲା ବେଳେ ପୂର୍ବରୁ ୪୭ ପ୍ରତିଶତ ଭୋଟ ହାସଲ କରିଥିବା ବିଆରଏସ୍‌କୁ ୧୨ ପ୍ରତିଶତରୁ ଅଧିକ ଭୋଟ ହରାଇବାକୁ ପଡ଼ିଥିଲା। ପୂର୍ବରୁ ବିଆରଏସ୍ ପ୍ରତି ରହିଥିବା ସମର୍ଥନ ୨୦୨୩ ବିଧାନସଭା ନିର୍ବାଚନରେ ଉଭୟ କଂଗ୍ରେସ ଏବଂ ବିଜେପି ଆଡକୁ ଢଳିଥିବା ଦେଖାଯାଇଥିଲା। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ସର୍ବାଧିକ ଭୋଟ ବିଜେପି ଖାତାକୁ ଯାଇଥିଲା ବେଳେ ମୁସଲମାନ ଭୋଟ କଂଗ୍ରେସ ଖାତାକୁ ଯାଇଥିବା ଦେଖାଯାଇଥିଲା। ଅନ୍ୟପକ୍ଷରେ ୨୦୨୪ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେପି ତେଲଙ୍ଗାନା ସମେତ ଅନ୍ୟାନ୍ୟ ଦକ୍ଷିଣ ଭାରତ ରାଜ୍ୟରେ ଯେଉଁଳି ଗୋଟି ଚାଳନା ଆରମ୍ଭ କରିଛି ତାହାକୁ ନେଇ ହିନ୍ଦୁ ଭୋଟରଙ୍କ ସମର୍ଥନରେ ପରିବର୍ତ୍ତନ ହୋଇପାରେ ବୋଲି ବିବେଚନା କରାଯାଉଛି। ବିଧାନସଭା ନିର୍ବାଚନରେ ତେଲଙ୍ଗାନାବାସୀ ବିଆରଏସ୍‌କୁ ବର୍ଜନ କରିଥିଲା ବେଳେ ଚଳିତ ଲୋକସଭା ନିର୍ବାଚନରେ ତାହାର ପ୍ରତିଫଳନ ଦେଖାଯିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ପୂର୍ବରୁ ବିଆରଏସ୍ ସହ ମିଳିତ ଭାବେ ନିର୍ବାଚନ ଲଢୁଥିବା ଓ୍ୱେସୀଙ୍କ ଏମଆଇଏମଆଇଏମ ଏବେ କଂଗ୍ରେସ ସହ ମିଶି ନିର୍ବାଚନ ଲଢିବାକୁ ଯୋଜନା କରୁଥିବା କୁହାଯାଉଛି। ତେବେ ଯାହା ହେଲେ ବି ତେଲଙ୍ଗାନାରେ କଂଗ୍ରେସ, ବିଜେପି ଏବଂ ବିଆରଏସ୍ ମଧ୍ୟରେ ତ୍ରିମୁଖୀ ଲଢେଇ ହେବା ନିଶ୍ଚିତ ବୋଲି କୁହାଯାଉଛି।

**ତେଲଙ୍ଗାନା**
**ମୋଟ ଆସନ ସଂଖ୍ୟା**
**୧୭**
**ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ**
**କଂଗ୍ରେସ, ବିଆର୍‌ଏସ୍ ଓ ବିଜେପି**

**୨୦୧୯ ସ୍ଥିତି**

| ଦଳ | ଆସନ ସଂଖ୍ୟା | ଭୋଟ |
|---|---|---|
| ଟିଆରଏସ୍ | ୦୯ | ୪୧.୦୭% |
| ବିଜେପି | ୦୪ | ୧୯.୭% |
| କଂଗ୍ରେସ | ୦୩ | ୨୯.୮% |
| ଏମ୍‌ଆଇଏମ୍‌ଆଇଏମ୍ | ୦୧ | ୨.୮% |

**ମାଧବୀ ଓ୍ୱେସୀଙ୍କ ବିରୋଧରେ ରଣହୁଙ୍କାର ଦେବା ସହିତ ଚଳିତ ନିର୍ବାଚନରେ ଏଆଇଏମ୍‌ଆଇଏମ୍‌ର ପରାଜୟ ନିଶ୍ଚିତ ବୋଲି ଦମ୍ଭୋକ୍ତି କରିଛି ବିଜେପି। ମାଧବୀ ଉଭୟ ହିନ୍ଦୁ ଏବଂ ମୁସଲମାନ ସଂପ୍ରଦାୟର ଭୋଟକୁ ନେଇ ନିଜର ସୁନିଶ୍ଚିତ ବିଜୟ ପାଇଁ ଦମ୍ଭୋକ୍ତି କରିଛନ୍ତି। ବିଗତ ୪୦ ବର୍ଷ ଧରି ଏଆଇଏମଆଇଏମ ମୁସଲମାନ ସଂପ୍ରଦାୟକୁ ଏକାଠି କରିବା ନାମରେ ପ୍ରତାରଣା କରିଆସୁଥିଲା ବେଳେ ଏବେ ଓ୍ୱେସୀଙ୍କ ମୁଖା ଖୋଲି ଦେବାକୁ ମାଧବୀ ପଣ କରିଛନ୍ତି।**



## ହାଇପ୍ରୋଫାଇଲ ସିଟ୍: ହାଇଦରାବାଦ୍

# ଓ୍ୱେସୀଙ୍କ ନିଦ ହଜାଇ ଦେଇଛନ୍ତି ମାଧବୀ

ତେଲଙ୍ଗାନା ରାଜ୍ୟର ୧୭ଟି ଲୋକସଭା ଆସନ ମଧ୍ୟରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆସନ ହେଉଛି ହାଇଦରାବାଦ୍। ଏହି ଆସନରେ ଆସାଦୁଦ୍ଦିନ ଓ୍ୱେସୀଙ୍କ ଅଲ ଇଣ୍ଡିଆ ମଜଲିସ୍-ଇ-ଇତହାଦୁଲ ମୁସଲିମିନ୍ (ଏଆଇଏମଆଇଏମ) ଦୀର୍ଘ ୪୦ ବର୍ଷ ଧରି ଜିତିଥିଲା ବେଳେ ଚଳିତ ନିର୍ବାଚନରେ କିନ୍ତୁ କିଛି ବ୍ୟତିକ୍ରମ ଦେଖିବାକୁ ମିଳିବ ବୋଲି କୁହାଯାଉଛି। ଓ୍ୱେସୀଙ୍କୁ ଟକ୍କର ଦେବା ଲାଗି ବିଜେପି ଛିଡା କରିଛି ଜଣେ ସାମାଜିକ କର୍ମୀ ମାଧବୀ ଲତାଙ୍କୁ। ମାଧବୀ ଓ୍ୱେସୀଙ୍କ ବିରୋଧରେ ରଣହୁଙ୍କାର ଦେବା ସହିତ ଚଳିତ ନିର୍ବାଚନରେ ଏଆଇଏମଆଇଏମର ପରାଜୟ ନିଶ୍ଚିତ ବୋଲି ଦମ୍ଭୋକ୍ତି କରିଛନ୍ତି। ମାଧବୀ ଉଭୟ ହିନ୍ଦୁ ଏବଂ ମୁସଲମାନ ସଂପ୍ରଦାୟର ଭୋଟକୁ ନେଇ ନିଜର ସୁନିଶ୍ଚିତ ବିଜୟ ପାଇଁ ଦମ୍ଭୋକ୍ତି କରିଛନ୍ତି। ବିଗତ ୪୦ ବର୍ଷ ଧରି ଏଆଇଏମଆଇଏମ ମୁସଲମାନ ସଂପ୍ରଦାୟକୁ ଏକାଠି କରିବା ନାମରେ ପ୍ରତାରଣା କରିଆସୁଥିଲା ବେଳେ ଏବେ ଓ୍ୱେସୀଙ୍କ ମୁଖା ଖୋଲି ଦେବାକୁ ମାଧବୀ ପଣ କରିଛନ୍ତି। ଜଣେ ସାମାଜିକ କର୍ମୀ ଭାବେ ମାଧବୀ ତିନି ତଲାକ ଠାରୁ ଆରମ୍ଭ କରି ନାରୀ ଶିକ୍ଷା, ସ୍ୱାସ୍ଥ୍ୟ, ସ୍ୱଚ୍ଛ ଭାରତ ଅଭିଯାନ, ଶୌଚାଳୟ ନିର୍ମାଣ ପାଇଁ ବର୍ଷ ବର୍ଷ ଧରି କାର୍ଯ୍ୟ କରିଛନ୍ତି। ସବୁଠୁ ବଡ଼ କଥା ହେଲା ସେ ସନାତନ ଧର୍ମର କଠୋର ସମର୍ଥକ ରହିଥିଲା ବେଳେ ମୁସଲମାନ ସଂପ୍ରଦାୟରେ ରହିଥିବା କୁସଂସ୍କାର ବିରୋଧରେ ମଧ୍ୟ ଲଢେଇ କରିଆସିଛନ୍ତି। ବିଶେଷକରି ମୁସଲମାନ ମହିଳାଙ୍କୁ ଉଚିତ ନ୍ୟାୟ ମିଳିବା, ହାଇଦରାବାଦର ମସୁଲମାନ ଯୁବତୀଙ୍କୁ ଦୁବାଇରେ ବିକ୍ରି କରାଯିବା ବିରୋଧରେ ସ୍ୱର ଉତ୍ତୋଳନ କରିବା ଏବଂ ବିବାହ କ୍ଷେତ୍ରରେ ରହିଥିବା କୁସଂସ୍କାରକୁ ପ୍ରତ୍ୟାହାର କରିବା ନେଇ ଲଢେଇ ଜାରି ରଖିଛନ୍ତି। ଜଣେ ନିର୍ଭୀକ ବକ୍ତା ଏବଂ ସର୍ବ ସମ୍ମୁଖରେ ସତ୍ୟର କଥା କହୁଥିବା ମାଧବୀ ତାଙ୍କର ପ୍ରଚାର ଅଭିଯାନ ବେଳେ ହାଇଦରାବଦ ନିର୍ବାଚନ ମଣ୍ଡଳୀରେ ଯେଉଁଳି ସମର୍ଥନ ହାସଲ କରିଛନ୍ତି ତାହା ଓ୍ୱେସୀଙ୍କ ନିଦ ହଜାଇ ଦେଇଛି। ୧୯୮୪ରେ ଏଆଇଏମଆଇଏମର ଗଠନ ପରେ ଆଜି ପର୍ଯ୍ୟନ୍ତ ଏହି ଦଳକୁ ହାଇଦରାବାଦ୍‌ରେ କେହି ବି ଟକ୍କର ଦେବାକୁ ସାହସ କରି ନଥିଲା ବେଳେ ୨୦୨୪ରେ ମାଧବୀ ସାମ୍ନାକୁ ଆସିବା ଏହି ନିର୍ବାଚନ କ୍ଷେତ୍ର ପାଇଁ ଏକ ନୂଆ କଥା ହୋଇଛି। ସବୁଠୁ ବଡ଼ କଥା ହେଲା ମାଧବୀଙ୍କୁ ସ୍ୱୟଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରାର୍ଥୀ କରିଛନ୍ତି। ଏହାକୁ ନେଇ ମଧ୍ୟ ଲୋକଙ୍କ ମଧ୍ୟରେ ଉତ୍ସାହ ଦ୍ୱିଗୁଣିତ ହୋଇଛି। ମାଧବୀ ଓ୍ୱେସୀଙ୍କ ବିରୋଧରେ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହୋଇଥିବାରୁ ଜାତୀୟ ଗଣମାଧ୍ୟମରେ ମଧ୍ୟ ବେଶ ଚର୍ଚ୍ଚିତ ରହିଛନ୍ତି। ତେଣୁ ଏହି ନିର୍ବାଚନରେ ହାଇଦରାବାଦ୍‌ରେ ଯଦି ବିଜେପି ବିଜୟୀ ହୁଏ ତେବେ ୪୦ ବର୍ଷର ରେକର୍ଡ ଭାଙ୍ଗିବ ବୋଲି କୁହାଯାଉଛି।




# ଦିନ ଥିଲା, ଗୋଆରେ କେବଳ ଶିକ୍ଷିତ ଓ କରଦାତା ହିଁ ଯୋଗ୍ୟ ଭୋଟର ଥିଲେ

ମେ’ ୭ ତାରିଖରେ ଗୋଆର ୧୧ଲକ୍ଷ ୬୬ହଜାର ୯୩୯ ଜଣ ଭୋଟର ଭୋଟ ଦେବେ। ଦିନ ଥିଲା, ପର୍ତ୍ତୁଗୀଜମାନେ ଗୋଆର ଶାସକ ଥିଲେ। ସେତେବେଳେ ଗୋଆରେ କେବଳ ଶିକ୍ଷିତ ଓ କର ଦେଉଥିବା ଲୋକେ ହିଁ ଭୋଟ ଦେବାକୁ ଯୋଗ୍ୟ ବିବେଚିତ ହେଉଥିଲେ। ୧୮୨୧ରୁ ୧୯୬୧ ଯାଏ ଗୋଆର ଭୋଟର ପର୍ତ୍ତୁଗାଲ ସଂସଦ ନିର୍ବାଚନରେ ଭୋଟ ଦେଉଥିଲେ। ସେଥିରେ ପ୍ରାର୍ଥୀଙ୍କର ଓ ଭୋଟରଙ୍କର ଯୋଗ୍ୟତା ସମ୍ପର୍କରେ ନିୟମ ରହିଥିଲା। ସେତେବେଳେ ଭୋଟଦାନ ବୟସ ୨୫ ଥିଲା, କିନ୍ତୁ ଶିକ୍ଷିତ ତଥା ଡିଗ୍ରୀଧାରୀ ଯୁବକ ୨୧ବର୍ଷ ବୟସରେ ଭୋଟ ଦେଇପାରୁଥିଲେ। ପରେ ବିବାହିତ ବ୍ୟକ୍ତି ୨୧ବର୍ଷ ବୟସ ହୋଇଥିଲେ ଭୋଟ ଦେଇପାରିବା ନିୟମ ଆସିଥିଲା। ମହିଳାମାନେ ଭୋଟ ଦେଉନଥିଲେ। ପରିବାରର ମୁଖ୍ୟଙ୍କୁ ସ୍ୱତନ୍ତ୍ର ଭୋଟିଂ ସୁବିଧା ମିଳୁଥିଲା। ପର୍ତ୍ତୁଗାଲ ସଂସଦ ନିର୍ବାଚନରେ ପ୍ରାର୍ଥୀ ହେବା ପାଇଁ କେବଳ ଉଚ୍ଚ ଶିକ୍ଷିତମାନେ ହିଁ ଯୋଗ୍ୟ ବିବେଚିତ ହେଉଥିଲେ। ଗୋଆରେ ୧୮୭୦ରେ ୬୩୧୧ ଜଣ ଭୋଟର ଥିଲେ ଯାହା ୧୮୬୫ ବେଳକୁ ୩୭୦୮କୁ କମିଥିଲା। ୧୮୭୮ରେ ଭୋଟର ସଂଖ୍ୟା ୧୭୪୬୯ ଥିଲା ଯାହା ୧୮୯୪ରେ ୭୪୬୨୧କୁ ବୃଦ୍ଧି ପାଇଥିଲା। ୧୯୧୭ରେ ମୋଟ ଭୋଟର ସଂଖ୍ୟା କମି ୧୪୬୨୭ ଓ ୧୯୫୮ରେ ୧୧୦୦୦ ଥିଲା।



# ବିଜେପି ସାଂସଦଙ୍କ ‘ସମ୍ବିଧାନ ସଂଶୋଧନ’ ଉକ୍ତିକୁ ନେଇ ଚର୍ଚ୍ଚା

ଫୈଜାବାଦର ବିଜେପି ସାଂସଦ ଲାଲୁ ସିଂହ (ଯିଏ ଏଥର ବି ପ୍ରାର୍ଥୀ ଅଛନ୍ତି) କହିଛନ୍ତି, ଲୋକସଭାର ୨୭୨ ଆସନ ଜିତିଲେ ସରକାର ଗଢ଼ିହେବ। କିନ୍ତୁ ସମ୍ବିଧାନ ସଂଶୋଧନ ପାଇଁ ସଂସଦର ଦୁଇ ତୃତୀୟାଂଶ ସାଂସଦଙ୍କ ଆବଶ୍ୟକ ଥିବାରୁ ବିଜେପିକୁ ଏଥର ୪୦୦ରୁ ଅଧିକ ଆସନରେ ଜିତିବା ଦରକାର ହେଉଛି। ଲାଲୁଙ୍କ ଏହି ଉକ୍ତିକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି, ଲାଲୁଙ୍କ ଏହି ଭିଡିଓ ଭାଇରଲ୍ ହୋଇଛି। ଲାଲୁ ଏଭଳି କାହିଁକି କହିଛନ୍ତି ତାହା ଜାଣିପାରୁନାହିଁ ବୋଲି ଅଯୋଧ୍ୟା ଜିଲ୍ଲା ବିଜେପି ମିଡିଆ ଇନଚାର୍ଜ ରଜନୀଶ ସିଂହ କହିଛନ୍ତି। ସମ୍ବିଧାନ ଅପରିବର୍ତ୍ତନୀୟ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିସାରିବା ପରେ ବିଜେପି ସାଂସଦ ଲାଲୁ ସିଂହ ସମ୍ବିଧାନ ସଂଶୋଧନ ପାଇଁ ଚିନ୍ତା କରିବାର ଆବଶ୍ୟକତା ନଥିଲା ବୋଲି ରଜନୀଶ କହିଛନ୍ତି। ତେବେ ଲାଲୁ ସିଂହ ନିଜ କଥାରେ ଅଟଳ ରହି କହିଛନ୍ତି, ସମ୍ବିଧାନ



ସଂଶୋଧନ ପ୍ରସଙ୍ଗ ଉଠାଇ ସେ କିଛି ଭୁଲ କହିନାହାନ୍ତି। ଆବଶ୍ୟକତାକୁ ନେଇ ସମ୍ବିଧାନ ସଂଶୋଧନ ଅତୀତରେ ଅନେକବାର ହୋଇଛି, ସଂଶୋଧନର ନିର୍ଦ୍ଦିଷ୍ଟ ପଦ୍ଧତି ରହିଛି। ଲାଲୁ ସିଂହଙ୍କ ଉକ୍ତି ଶୁଣି ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ବିଜେପି ଚାହୁଁଛି ସମ୍ବିଧାନ ବଦଳାଇ, ନୂଆ ସମ୍ବିଧାନ ଆଣି ପଛୁଆ ବର୍ଗ, ଦଳିତ, ଆଦିବାସୀ ଓ ସଂଖ୍ୟାଲଘୁଙ୍କ ପାଇଁ ଥିବା ସଂରକ୍ଷଣ ବ୍ୟବସ୍ଥାକୁ ହଟାଇବ। ବିଜେପି ଜନସେବା କିମ୍ବା ଲୋକକଲ୍ୟାଣ ପାଇଁ ନୁହେଁ, ବାବାସାହେବ ଭୀମାରାଓ ଅମ୍ବେଦକରଙ୍କ ସମ୍ବିଧାନ ବଦଳାଇବାକୁ ନିର୍ବାଚନ ଜିତିବା ପାଇଁ ଚାହୁଁଛି। ଫୈଜାବାଦ ଆସନର ସମାଜବାଦୀ ପାର୍ଟି ପ୍ରାର୍ଥୀ ଅବଦେଶ ପ୍ରସାଦ କହିଛନ୍ତି, ଲାଲୁ ସିଂହ ବିଜେପିର ସମ୍ବିଧାନ ବଦଳାଇବା ଗୁପ୍ତ ଏଜେଣ୍ଡା ପ୍ରଘଟ କରିଛନ୍ତି। ବିଜେପି ଦେଶର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାକୁ ବଦଳାଇ ଏକଛତ୍ରବାଦୀ ଶାସନିକ ଢାଞ୍ଚା ଆଣିବାକୁ ପ୍ରସ୍ତୁତି ଚଳାଇଛି। ଫୈଜାବାଦ ଜିଲ୍ଲାକୁ ଏବେ ସରକାରୀ ଭାବେ ଅଯୋଧ୍ୟା ଜିଲ୍ଲା କୁହାଯାଉଛି, କିନ୍ତୁ ଲୋକସଭା ଆସନର ନାମ ଫୈଜାବାଦ ହିଁ ରହିଛି।

# ନିର୍ବାଚନ କମିଶନ ଜବତ କଲେଣି ୪୬୫୦ କୋଟି ଟଙ୍କା

ନିର୍ବାଚନ କମିଶନ ଆଜି ଏକ ପ୍ରେସ୍ ରିଲିଜରେ ଜଣାଇଛନ୍ତି ଯେ ଲୋକସଭା ନିର୍ବାଚନରେ ଭୋଟରଙ୍କୁ ପ୍ରଲୋଭିତ କରିବା ପାଇଁ ପଠାଯାଉଥିବା ଟଙ୍କା, ମଦ, ଡ୍ରଗ୍‌ସ ଆଦି ନିଶାଦ୍ରବ୍ୟ, ଦାମୀ ଉପହାର/ସାମଗ୍ରୀ ଆଦି ଜବତ କରିବାରେ ନୂଆ ରେକର୍ଡ ସୃଷ୍ଟି ହୋଇଛି। ପ୍ରଥମ ପର୍ଯ୍ୟାୟ ମତଦାନ ନହେଉଣୁ ବିଭିନ୍ନ ଯାଞ୍ଚ ସଂସ୍ଥାମାନେ ୪୬୫୦ କୋଟି ଟଙ୍କା ମୂଲ୍ୟର ନଗଦ ଓ ସାମଗ୍ରୀ ଜବତ କରିଲେଣି। ୨୦୧୯ ଲୋକସଭା ନିର୍ବାଚନ ମୂଳରୁ ଶେଷ ଯାଏ ଜବତ କରାଯାଇଥିଲା ୩୪୭୫ କୋଟି ମୂଲ୍ୟର ନଗଦ ଟଙ୍କା ଓ ସାମଗ୍ରୀ। ମୋଟ ଜବତର ୪୫% ହେଉଛି ଡ୍ରଗସ୍ ଓ ନାର୍କୋଟିକ୍ସ। କେଉଁ ରାଜ୍ୟରୁ କେତେ ଓ କ’ଣ ଜବତ ହୋଇଛି ତାହାର ତାଲିକା ଦେଇଛନ୍ତି ନିର୍ବାଚନ କମିଶନ। ତଦନୁଯାୟୀ ରାଜସ୍ଥାନରୁ ୭୭୮ କୋଟି ଟଙ୍କା, ଗୁଜରାଟରୁ ୬୦୫ କୋଟି ଟଙ୍କା, ମହାରାଷ୍ଟ୍ରରୁ ୪୩୧ କୋଟି ଟଙ୍କା ମୂଲ୍ୟର ନଗଦ ଓ ସାମଗ୍ରୀ ଜବତ ହୋଇଛି। ଅର୍ଥବଳ, ବାହୁବଳ, ଅସତ୍ୟ ସୂଚନା ଓ ନିର୍ବାଚନ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ-ଏହି ୪ଟିକୁ ନିୟନ୍ତ୍ରଣ କରାଯାଇପାରିଲେ ଅବାଧ ଓ ମୁକ୍ତ ନିର୍ବାଚନ ସମ୍ଭବ ହେବ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର କହିଛନ୍ତି।

# ୧୦ ଆସନରେ ବିଜେପି ପାଇଁ କଡ଼ା ଟକ୍କର



ଉତ୍ତରପ୍ରଦେଶ

ଉତ୍ତରପ୍ରଦେଶରେ ୨୦୧୯ ଲୋକସଭା ନିର୍ବାଚନ ବେଳେ ଅତୀତର ତିକ୍ତତାକୁ ଭୁଲି ସମାଜବାଦୀ ପାର୍ଟି ଓ ବହୁଜନସମାଜ ପାର୍ଟି ମହାମେଣ୍ଟ ଗଢ଼ି ବିଜେପିକୁ ଚ୍ୟାଲେଞ୍ଜ ଦେଇଥିଲେ। ୨୦୨୪ରେ ଏହି ଦୁଇ ଦଳର ମେଣ୍ଟ ନାହିଁ। ୨୦୧୯ରେ ରାଜ୍ୟର ୮୦ ଲୋକସଭା ଆସନରୁ ବିଜେପି ୬୨ଟି ଓ ବିଜେପିର ସହଯୋଗୀ ଦଳ ଅପନା ଦଲ୍ ୨ଟି ଆସନ ଜିତିଥିଲେ। ୨୦୧୪ ଲୋକସଭା ନିର୍ବାଚନରେ ଉତ୍ତରପ୍ରଦେଶରେ ବିଜେପିର ପ୍ରଦର୍ଶନ ଅତି ଉତ୍ତମ ଥିଲା। ମାତ୍ର ଦୁଇଟି ଆସନ ରାମପୁର ଓ ସମ୍ବଲରେ ବିଜେପି ପ୍ରାର୍ଥୀ କଡ଼ା ଟକ୍କରର ସମ୍ମୁଖୀନ ହୋଇଥିଲେ କିନ୍ତୁ କମ୍ ଭୋଟ ବ୍ୟବଧାନରେ ଜିତିଥିଲେ।

୨୦୧୯ରେ ୧୦ଟି ଲୋକସଭା ଆସନରେ ବିଜେପି ପ୍ରାର୍ଥୀ କଡ଼ା ଟକ୍କରର ସମ୍ମୁଖୀନ ହୋଇଥିଲେ। ସେହି ୧୦ ଆସନରୁ ବିଜେପି ୬ଟିରେ ଓ ବହୁଜନସମାଜ ପାର୍ଟି ଶ୍ରାବସ୍ତି ଓ ସାହରନପୁର -ଏହି ୨ଟିରେ ଜିତିଥିଲା। ବିଜେପି ସେହି ୬ଟି ଆସନରେ ମାତ୍ର କେଇହଜାର ଭୋଟ ବ୍ୟବଧାନରେ ଜିତିଥିଲା। ୨୦୧୪ ଲୋକସଭା ନିର୍ବାଚନରେ କନୌଜ ଆସନରେ ସମାଜବାଦୀ ପାର୍ଟିର ଡିମ୍ପଲ





ଯାଦବ ବିଜେପି ପ୍ରାର୍ଥୀ ସୁବ୍ରତ ପାଠକଙ୍କୁ ୧୯ହଜାର ୯୦୭ ଭୋଟରେ ହରାଇଥିଲେ। ରାମପୁରର ବିଜେପି ପ୍ରାର୍ଥୀ ନେପାଳ ସିଂହ ସମାଜବାଦୀ ପାର୍ଟି ପ୍ରାର୍ଥୀ ନାସେର ଅହମ୍ମଦ ଅଲ୍ଲୀ ଖାନଙ୍କୁ ୨୩ହଜାର ୪୩୫ ଭୋଟରେ ହରାଇଥିଲେ। ସମ୍ବଲ ଆସନରେ ବିଜେପି ପ୍ରାର୍ଥୀ ସତ୍ୟପାଲ ସିଂହ ସଇନି ସମାଜବାଦୀ ପାର୍ଟି ପ୍ରାର୍ଥୀ ସଫିକ୍ ଉର ରହେମାନଙ୍କୁ ୫ହଜାର ୧୭୪ ଭୋଟରେ ହରାଇଥିଲେ। ୨୦୧୯ ଲୋକସଭା ନିର୍ବାଚନରେ ବଦାୟୁଁ ଆସନରେ ବିଜେପି ପ୍ରାର୍ଥୀ ସଂଘମିତ୍ରା ମୌର୍ଯ୍ୟ ମାତ୍ର ୧୮ହଜାର ୪୫୪ ଭୋଟରେ ଜିତିଥିଲେ। ବାଲିଆ ଆସନରେ ବିଜେପି ପ୍ରାର୍ଥୀ ବୀରେନ୍ଦ୍ର ସିଂହ ୧୫ହଜାର ୫୧୯ ଭୋଟରେ ଜିତିଥିଲେ। ବସ୍ତି ଆସନରେ ବିଜେପି ପ୍ରାର୍ଥୀ ହରିଶ ତ୍ରିବେଦୀ ୩୦ହଜାର ୩୫୪ ଭୋଟରେ ଜିତିଥିଲେ। ଚନ୍ଦୌଲି ଆସନରେ ବିଜେପି ପ୍ରାର୍ଥୀ ମହେନ୍ଦ୍ରନାଥ ପାଣ୍ଡେ ୧୩ହଜାର ୯୫୯ ଭୋଟରେ ଜିତିଥିଲେ। ଫିରୋଜାବାଦ ଆସନରେ ବିଜେପି ପ୍ରାର୍ଥୀ ଚନ୍ଦ୍ର ସେନ ଜାଦାଉଁ ୨୮ହଜାର ୭୮୧ ଭୋଟରେ ଜିତିଥିଲେ। ମଛିଲିସର ଆସନରେ ବିଜେପି ପ୍ରାର୍ଥୀ ମାତ୍ର ୧୮୧ ଖଣ୍ଡ ଭୋଟ ଅଧିକ ପାଇ ଜିତିଥିଲେ। ମିରଟ ଆସନରେ ବିଜେପି ପ୍ରାର୍ଥୀ ମାତ୍ର ୪ହଜାର ୭୨୯ ଖଣ୍ଡ ଭୋଟ ଅଧିକ ପାଇ ଜିତିଥିଲେ। ଶ୍ରାବସ୍ତି ଲୋକସଭା ଆସନରେ ବହୁଜନସମାଜ ପାର୍ଟି ପ୍ରାର୍ଥୀ ରାମ ଶିରୋମଣୀ ଜିତିଥିଲେ କିନ୍ତୁ ଭୋଟ ବ୍ୟବଧାନ ଥିଲା ମାତ୍ର ୫ହଜାର ୩୨୦। ସାହରନପୁର ଆସନରେ ବହୁଜନସମାଜ ପାର୍ଟି ପ୍ରାର୍ଥୀ ହାଜି ଫଜଲୁର ରହେମାନ ୨୨ହଜାର ୪୧୭ ଭୋଟରେ ଜିତିଥିଲେ। ସୁଲତାନପୁରରେ ବିଜେପି ପ୍ରାର୍ଥୀ ମାନେକା ଗାନ୍ଧୀ ୧୪ହଜାର ୫୨୬ ଭୋଟରେ ଜିତିଥିଲେ।

୨୦୧୯ ଲୋକସଭା ନିର୍ବାଚନରେ ଉତ୍ତରପ୍ରଦେଶରେ ବିଜେପି ବିପକ୍ଷ ଦଳମାନେ ମାତ୍ର ୧୬ଟି ଆସନରେ ଜିତିଥିଲେ। ବହୁଜନ ସମାଜ ପାର୍ଟି ୧୦, ସମାଜବାଦୀ ପାର୍ଟି ୫ ଓ କଂଗ୍ରେସ କେବଳ ଗୋଟିଏ ଆସନରେ ଜିତିଥିଲା। ୨୦୨୪ ଲୋକସଭା ନିର୍ବାଚନରେ କଂଗ୍ରେସ ସହ ମେଣ୍ଟ କରିଛି ସମାଜବାଦୀ ପାର୍ଟି। ସମାଜବାଦୀ ପାର୍ଟି ୬୨ ଓ କଂଗ୍ରେସ ୧୭ଟି ଲୋକସଭା ଆସନରେ ପ୍ରାର୍ଥୀ ଦେଇଛନ୍ତି ଓ ଭାଦୋହି ଆସନଟିକୁ ତୃଣମୂଳ କଂଗ୍ରେସକୁ ଛାଡ଼ିଛନ୍ତି। ସମାଜବାଦୀ ପାର୍ଟି-କଂଗ୍ରେସ ମେଣ୍ଟ ମୁସଲିମ୍ ଭୋଟ ପାଇବ,ଏଥିରେ ସନ୍ଦେହ ନାହିଁ। କିନ୍ତୁ ଦଳିତ ଓ ଓବିସି ଭୋଟରୁ ବଡ଼ ଅଂଶ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି ଓ ବିଜେପିକୁ ଯଦି ଚାଲିଯାଏ ତେବେ ସମାଜବାଦୀ ପାର୍ଟି-କଂଗ୍ରେସ ମେଣ୍ଟ ନିର୍ବାଚନୀ ସଫଳତା ପାଇବା ନେଇ ସନ୍ଦେହ ରହୁଛି।



# ସୁବର୍ଣ୍ଣ ହୋଟେଲ



ବିଶ୍ୱର ବିଭିନ୍ନ ସ୍ଥାନରେ ବହୁ ବିଳାସମୟ ହୋଟେଲ ତଥା ରେଷ୍ଟୋରାଁ ରହିଛି । ତନ୍ମଧ୍ୟରୁ କିଛି ଏହାର ଡିଜାଇନ୍ ପାଇଁ ପ୍ରସିଦ୍ଧି ଲାଭ କରିଥିବାବେଳେ, ଆଉ କିଛି ଉତ୍ତମ ଆତିଥ୍ୟତା ପାଇଁ ଦୃଷ୍ଟି ଆକୃଷ୍ଟ କରିଛି। ଏହିକ୍ରମରେ ଏବେ ଏକ ସୁନାର ହୋଟେଲ ଚର୍ଚ୍ଚାକୁ ଆସିଛି। ଏହି ହୋଟେଲର ଗେଟ୍ ଠାରୁ ଆରମ୍ଭ କରି କଫି କପ୍ ପର୍ଯ୍ୟନ୍ତ ସବୁଥିରେ ସୁନାର ପରସ୍ତ ଦିଆଯାଇଛି। ଏହି ନିଆରା ହୋଟେଲଟି ଭିଏତନାମ୍‌ର ହାନୋଇରେ ରହିଛି। 'ଡୋଲ୍‌ସେ ହାନୋଇ ଗୋଲଡେନ୍ ଲେକ୍' ନାମକ ଏହି ହୋଟେଲ ୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି। ହୋଟେଲର ଲବି ସମେତ ସ୍ୱିମିଂପୁଲ୍, କଟ୍‌ଲରି, କପ୍ ଓ ସ୍ୱାୱାରରେ ମଧ୍ୟ ୨୪ କ୍ୟାରେଟ୍ ସୁନାର ଛାଉଣୀ ରହିଛି। ଏପରିକି ଏଠାକୁ ଆସୁଥିବା ଅତିଥିଙ୍କୁ ସୁନାର କପ୍‌ରେ କଫି ପରଷା ଯାଉଛି।୨୫ ମହଲା ବିଶିଷ୍ଟ ଏହି ହୋଟେଲରେ ୪୪୧ କୋଠରି ରହିଛି । ତେବେ ଏହି ହୋଟେଲରେ ରହିବାକୁ ହେଲେ ରାତିକ ପାଇଁ ୨୦ ହଜାର ଟଙ୍କା ଦେବାକୁ ପଡ଼ିଥାଏ। ଡବଲ୍ ବେଡ୍‌ରୁମ୍ ପାଇଁ ୭୫ ହଜାର ଖର୍ଚ୍ଚ କରିବାକୁ ହୋଇଥାଏ। ହୋଟେଲ ମାଲିକଙ୍କ କହିବାନୁଯାୟୀ, ଏପରି ହୋଟେଲ ବିଶ୍ୱର ଅନ୍ୟ କୌଣସି ସ୍ଥାନରେ ନାହିଁ । ଏହି ହୋଟେଲକୁ ସୁନାଛାଉଣୀ କରିବାପାଇଁ ପାଖାପାଖି ୧ ଟନ୍ ସୁନା ବ୍ୟବହାର କରାଯାଇଛି। ଅବଶ୍ୟ ତାଙ୍କର ସୁନା ଛାଉଣୀ ଫ୍ୟାକ୍ଟ୍ରି ରହିଥିବାରୁ କମ୍ ଟଙ୍କା ଖର୍ଚ୍ଚ ହୋଇଥିଲା ।' ହୋଟେଲର କର୍ମଚାରୀମାନେ ନାଲି କିମ୍ବା ସୁନେଲି ରଙ୍ଗର ପୋଷାକ ପିନ୍ଧିଥାନ୍ତି। ହୋଟେଲଟି ୨୪ ଘଣ୍ଟିଆ ଖୋଲା ରୁହେ। ସୁନା ଅବସାଦ ହ୍ରାସ କରିବାରେ ସାହାଯ୍ୟ କରେ। ଏହି କାରଣରୁ ଏହି ହୋଟେଲଟିକୁ ସୁନାରେ ଛାଉଣି କରାଯାଇଛି ବୋଲି ଏହାର ମାଲିକ କହିଛନ୍ତି।

# 'ହୀରାମଣ୍ଡି' ପାଇଁ ୩୦୦ ଅନାରକଲି

## ପୋଷାକରେ ଖର୍ଚ୍ଚ ହୋଇଛି ୩ କୋଟି



ବଲିଉଡ୍‌ର ଆଗଧାଡ଼ିର ନିର୍ଦ୍ଦେଶକ ସଞ୍ଜୟ ଲୀଳା ଭଁସାଲିଙ୍କ ବହୁ ପ୍ରତୀକ୍ଷିତ ୱେବ୍‌ସିରିଜ୍ 'ହୀରାମଣ୍ଡି: ଦ ଡାଏମଣ୍ଡ ବାଜାର'ର ରିଲିଜ୍‌କୁ ଦର୍ଶକେ ଅପେକ୍ଷା କରିଛନ୍ତି। କିଛିଦିନ ପୂର୍ବରୁ ଏହାର ଟ୍ରେଲର୍ ରିଲିଜ୍ ହୋଇଥିଲା। ଦର୍ଶକେ ଟ୍ରେଲର୍ ଦେଖି ଏହି ୱେବ୍‌ସିରିଜ୍‌କୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି। ସଞ୍ଜୟ ତାଙ୍କ ପ୍ରତ୍ୟେକ ଫିଲ୍ମରେ କଳାକାରମାନଙ୍କ ପୋଷାକକୁ ନେଇ ବେଶ୍ ପରୀକ୍ଷାନିରୀକ୍ଷା କରିଥାନ୍ତି। ଏହି ୱେବ୍‌ସିରିଜ୍ ପାଇଁ ଅନେକ ପୋଷାକ ସଞ୍ଜୟ ଡିଜାଇନ୍ କରିଛନ୍ତି। ଏହି ପୋଷାକଗୁଡ଼ିକୁ ତିଆରି କରିବା ପାଇଁ ସେ କୋଟି କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ସେଲିବ୍ରିଟି ଡିଜାଇନର୍ ରିମ୍ପଲ୍ ଓ ହରପ୍ରୀତ ଏହି ପୋଷାକଗୁଡ଼ିକୁ ତିଆରି କରିଛନ୍ତି। ଏହି ଡିଜାଇନର୍ ଯୋଡ଼ି ପାଖାପାଖି ୩୦୦ ଅନାରକଲି ଡ୍ରେସ୍ ତିଆରି କରିଛନ୍ତି। ଦୁଇ ବର୍ଷ ହେଲାଣି ସେମାନେ ଏହି ପ୍ରୋଜେକ୍ଟ ଉପରେ କାମ କରୁଛନ୍ତି। ଏହାପୂର୍ବରୁ ସେମାନେ 'ପଦ୍ମାବତ୍' ଫିଲ୍ମ ପାଇଁ ମଧ୍ୟ କଷ୍ଟ୍ୟୁମ୍ ଡିଜାଇନ୍ କରିଥିଲେ। ଯଦିଓ ସେମାନେ କେତେ ଟଙ୍କାରେ 'ହୀରାମଣ୍ଡି'ର କଷ୍ଟ୍ୟୁମ୍ ତିଆରି କରିଛନ୍ତି ତାହା ସ୍ପଷ୍ଟ ହୋଇନି, ତଥାପି ୨ରୁ ୩ କୋଟି ଏଥିରେ ଖର୍ଚ୍ଚ ହୋଇଥିବା ଅନୁମାନ କରାଯାଉଛି। ଡିଜାଇନର୍ ରିମ୍ପଲ୍ ଓ ହରପ୍ରୀତଙ୍କ ପ୍ରତ୍ୟେକ ଲେହେଙ୍ଗା ଅତିକମ୍‌ରେ ୩ ଲକ୍ଷ ହୋଇଥାଏ। ସେହିପରି ଅନାରକଲିର ମୂଲ୍ୟ ଲକ୍ଷେରୁ ସାଢ଼େ ତିନି ଲକ୍ଷ ମଧ୍ୟରେ ହୋଇଥାଏ। ସେହିଭଳି ଶାଢ଼ିଗୁଡ଼ିକ ୨ରୁ ୩ ଲକ୍ଷ ହୋଇଥାଏ। ତେବେ 'ହୀରାମଣ୍ଡି' ରିଲିଜ୍ ହେବା ପରେ ବ୍ରାଇଡାଲ୍ ଆଉଟ୍‌ଫିଟ୍‌ର ଟ୍ରେଣ୍ଡ ବଦଳିଯିବ ବୋଲି ରିମ୍ପଲ ଓ ହରପ୍ରୀତ କହିଛନ୍ତି। 'ହୀରାମଣ୍ଡି'ରେ ଲିଡ୍ ରୋଲରେ ମନୀଷା କୋଇରାଲା, ସୋନାକ୍ଷୀ ସିହ୍ନା, ଅଦିତି ରାଓ ହେଦେରୀ, ରଚା ଚଡ୍ଢା, ସଞ୍ଜିଦା ଶେଖ୍, ଫରିଦା ଜଲାଲ୍ ଦେଖାଯିବେ। ପ୍ରତ୍ୟେକ ଅଭିନେତ୍ରୀଙ୍କ ଲୁକ୍‌କୁ ରାଜକୀୟ ଅନ୍ଦାଜ ଦିଆଯାଇଛି। ଏହି ୱେବ୍‌ସିରିଜ୍ ମେ' ୧ ରେ ନେଟ୍‌ଫ୍ଲିକ୍ସରେ ଷ୍ଟ୍ରିମ୍ ହେବ। ଏହି ୱେବ୍‌ସିରିଜ୍ ମାଧ୍ୟମରେ ଫରଦିନ୍ ଖାନ୍ ଓ ଅଧ୍ୟୟନ ସୁମନ ମଧ୍ୟ ବହୁ ଦିନ ପରେ ପରଦାକୁ ଫେରୁଛନ୍ତି।

'ହୀରାମଣ୍ଡି'ର କାହାଣୀ ପାକିସ୍ତାନର ଲାହୋରରେ ଥିବା ଏକ ରେଡ୍ ଲାଇଟ୍ ଏରିଆ ଉପରେ ପର୍ଯ୍ୟବସିତ। ଯାହାକୁ ଶାହି ମହୋଲ୍ଲା କୁହାଯାଉଥିଲା । ସେହି ସମୟରେ ଭାରତ-ପାକିସ୍ତାନ ଦୁଇ ଭାଗ ହୋଇ ନ ଥିଲା, ଆଫଗାନିସ୍ତାନ ଏବଂ ଉଜବେକିସ୍ତାନରୁ ମହିଳାମାନେ ଆସି ହୀରାମଣ୍ଡିରେ ରହୁଥିଲେ । ସେ ସମୟର ରାଜନୀତି, ପ୍ରେମ ଏବଂ ଧୋକାକୁ ନେଇ ଏହି ୱେବ୍‌ସିରିଜ୍ ନିର୍ମାଣ କରାଯାଇଛି।

## ଆଜିର ଇତିହାସ

- ୧୮୫୩- ଭାରତର ପ୍ରଥମ ରେଳ ସେବା ବମ୍ବେ ଓ ଥାନେ ମଧ୍ୟରେ ଚାଲିଥିଲା।
- ୧୮୮୯- ହାସ୍ୟ ଅଭିନେତା ଚାର୍ଲି ଚାପଲିନ୍‌ଙ୍କ ଜନ୍ମ।
- ୧୯୪୫- ଜର୍ମାନ୍ ଶରଣାର୍ଥୀ ପୋତ ବୁଡ଼ିଯିବାରୁ ୭୦୦୦ ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୧୯୯୨- ଆଫଗାନିସ୍ତାନର ରାଷ୍ଟ୍ରପତି ନଜିବୁଲ୍ଲାହ ଇସ୍ତଫା ଦେଲେ।
- ୨୦୦୨- ଦକ୍ଷିଣ କୋରିଆରେ ବିମାନ ଦୁର୍ଘଟଣାରେ ୧୨୦ ଲୋକଙ୍କର ମୃତ୍ୟୁ ହୋଇଥିଲା।
- ୨୦୦୮- ଲଣ୍ଡନରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିର ଅନାବରଣ ହେଲା।
- ୨୦୧୩- ଇରାନ୍‌ରେ ଆସିଥିବା ଭୂମିକମ୍ପ ଯୋଗୁଁ ୩୭ ଲୋକଙ୍କ ମୃତ୍ୟୁ।

# ରିଅଲ୍ ଲାଇଫ୍‌ର ଏଲିଅନ୍



ଅନ୍ୟ ଗ୍ରହର ରହସ୍ୟମୟ ଜୀବ ଏଲିଅନ୍ ବିଷୟରେ ଅନେକ କଥା ଶୁଣିବାକୁ ମିଳେ। ଏହାର ଅସ୍ତିତ୍ୱକୁ ନେଇ ତର୍କ ବିତର୍କ ଲାଗି ରହିଛି। ଇଂଲଣ୍ଡର ବ୍ରାଡ୍‌ଫୋର୍ଡରେ ରହୁଥିବା ଲୌହରାଇ ଲି ନାମ୍ନୀ ଜଣେ ୩୩ ବର୍ଷୀୟା ମହିଳା ଏଲିଅନ୍ ଭଳି ଦେଖାଯିବାକୁ ଇଚ୍ଛା କରନ୍ତି। ସେ ଏଥିପାଇଁ ନିୟମିତ ଦୁଇଘଣ୍ଟା ଚେହେରା ଓ ଶରୀରକୁ ରଙ୍ଗାଇଥାନ୍ତି। ତେବେ ଲୌହରାଇ ନେଲ୍ ଆର୍ଟିଷ୍ଟ ଭାବେ କାମ କରନ୍ତି। ସେ ଦୀର୍ଘ ଛଅ ବର୍ଷ ହେଲାଣି ଏପରି କରି ଆସୁଛନ୍ତି। ୧୯୬୦ ଦଶକରେ ଆସିଥିବା ଟିଭି ସିରିଜ୍ 'ଷ୍ଟାର୍ ଟ୍ରେକ୍'ରେ ଏଲିଅନ୍‌ମାନେ କହୁଥିବା ଭାଷାକୁ ମଧ୍ୟ ସେ ଶିଖିଯାଇଥିବା କଥା କୁହନ୍ତି। ସେ ତାଙ୍କର ଏଲିଅନ୍ ରୂପର ଫଟୋଗୁଡ଼ିକ ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର୍ କରିଥାନ୍ତି। ସବୁଦିନ ସେ ଆକାଶୀ ରଙ୍ଗ ଦେହରେ ବୋଳି ହେବା ସହ କଣ୍ଟାକ୍ଟ ଲେନ୍ସ, ୱିଗ୍, ନକଲି ନଖ, ଶିଙ୍ଗ ଆଦି ଲଗାଇଥାନ୍ତି। ଯଦିଓ ତାଙ୍କ ଲୁକ୍ ଦେଖି ଲୋକେ ଭୟଭୀତ ହୋଇଯାନ୍ତି, ତେବେ ସେ ଏପରି କରି ଭିତରୁ ଖୁସି ଅନୁଭବ କରୁଥିବା କଥା କହିଛନ୍ତି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ କ୍ଷତି ଘଟିବ। ବିଦ୍ୟାର୍ଥୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ଗୁରୁଜନଙ୍କୁ ଶ୍ରଦ୍ଧା ଓ ସମ୍ମାନ କରିବେ। ଆଧ୍ୟାତ୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପରିଶ୍ରମର ଉଚିତ ଫଳ ମିଳିବ।

**ବୃଷ:** ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସମସ୍ୟା ଦେଇ ଗତି କରିପାରନ୍ତି। ବ୍ୟବହାରରେ ସଂଯମତା ରକ୍ଷା କରିବେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମିଥୁନ:** ଅଫିସ୍‌ରେ କାର୍ଯ୍ୟଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ପରିବାରରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ନୂଆ କାମ ଆରମ୍ଭ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ ଭୁଲ ବୁଝାମଣା ଦେଖା ଦେବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ବ୍ୟବସାୟରେ ଲାଭ ହେବ। ଆୟ ଓ ବ୍ୟୟ ସମାନ ରହିବ।

**ସିଂହ:** ସମାଜରେ ମାନ, ପ୍ରତିଷ୍ଠା ବଜାୟ ରହିବ। ସମ୍ପର୍କୀୟଙ୍କଠାରୁ ଆର୍ଥିକ ସହଯୋଗ ଲୋଡ଼ିବେ। ବ୍ୟବସାୟକୁ ନେଇ ବଡ଼ ନିଷ୍ପତ୍ତି ନେବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ପରିବାର ସଦସ୍ୟଙ୍କ ସହ ମତଭେଦ ଦେଖା ଦେବ। ଅତିଥି ସତ୍କାର କରିପାରନ୍ତି।

**ତୁଳା:** ପରିବାର ସହିତ ଦୂର ସ୍ଥାନକୁ ଯାତ୍ରା କରିବେ। ପେଟଜନିତ ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧାରକରଜରୁ ଦୂରେଇ ରହିବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ ଜରୁରି।

**ବିଛା:** ଦିନଟିରେ କର୍ମଚଞ୍ଚଳ ରହିବେ। ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବେ। ବ୍ୟବସାୟ ବୃଦ୍ଧି ଲାଗି ନୂଆ ଯୋଜନା କରିବେ। ନିଜ ଲୋକଙ୍କୁ ଉପହାର ପ୍ରଦାନ କରନ୍ତୁ।

**ଧନୁ:** ଅଫିସ୍‌ରେ କାର୍ଯ୍ୟଭାର ବୃଦ୍ଧି ପାଇବ। ଅଯଥା କାମରୁ ଦୂରେଇ ରହିବେ। ବୈବାହିକ ଜୀବନ ସୁଖମୟ ହେବ। ପ୍ରେମ ସମ୍ପର୍କ ମଜଭୁତ୍ ହେବ। ନିଯୁକ୍ତି ସୁଯୋଗ ପାଇବେ। କଠିନ ପରିଶ୍ରମ କରିବେ।

**ମକର:** ଅଫିସ୍‌ରେ ନୂଆ ଦାୟିତ୍ୱ ଗ୍ରହଣ କରିବେ। କାର୍ଯ୍ୟରେ ବ୍ୟସ୍ତ ରହିବେ। ବନ୍ଧୁଙ୍କୁ ମନକଥା କହିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ପରିବାରରେ ହସଖୁସି ଲାଗି ରହିବ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ ହେବେ। ସାମାଜିକ ଓ ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

**ମୀନ:** ସହକର୍ମୀଙ୍କ ସହଯୋଗରେ ଅଫିସ୍ କାର୍ଯ୍ୟ ପୂରା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ଦିନ କାଟିବେ। ଅପେକ୍ଷା କରିବାର ଫଳ ମିଳିବ। ରାଜନୀତିରେ ସକ୍ରିୟ ହୋଇପାରନ୍ତି।

# ଥର୍ମୋକୁଲ୍‌ରୁ ସାର



କାନପୁରର ଚୈତନ୍ୟ ଦୁବେ ଏକ ପରିବେଶ ଅନୁକୂଳ ଥର୍ମୋକୁଲ ତିଆରି କରି ଚର୍ଚ୍ଚାରେ ରହିଛନ୍ତି। ପାରମ୍ପରିକ ଥର୍ମୋକୁଲ ଠାରୁ ଏହା ବେଶ୍ ସ୍ୱତନ୍ତ୍ର। ଫସଲ ବର୍ଜ୍ୟ ଏବଂ ଛତୁନାଡ଼ ବ୍ୟବହାର କରି ସେ ଏହି ଥର୍ମୋକୁଲ ପ୍ରସ୍ତୁତ କରିଛନ୍ତି। ଏହା ପରିବେଶ ଅନୁକୂଳ। ତେବେ ଏହାର ବିଶେଷତ୍ୱ ହେଉଛି ଏହା ଖତ ଭାବେ କାର୍ଯ୍ୟ କରିବ। ଏହା ୬୦ରୁ ୯୦ ଦିନରେ ବିଘଟିତ ହୋଇଥାଏ। ଏହାକୁ କୁଣ୍ଡରେ ମାଟି ସହିତ ମିଶାଇ ବ୍ୟବହାର କରିବା ଦ୍ୱାରା ଗଛକୁ ପୋଷକତତ୍ତ୍ୱ ମିଳିଥାଏ। ତେଣୁ ଛତୁଚାଷ ପ୍ରତି ଆଗ୍ରହ ରଖିଥିବା ଚୈତନ୍ୟ ଆଇଆଇଟି କାନପୁରରୁ ତାଲିମ ନେଇ ଛତୁରୁ ଜୈବ-ସାମଗ୍ରୀ ପ୍ରସ୍ତୁତ କରିବାକୁ ନିଜସ୍ୱ ଷ୍ଟାର୍ଟଅପ୍ 'କିନୋକୋ ବାୟୋଟେକ୍' ଲଞ୍ଚ କରିଥିଲେ। ତେଣୁ ଏହା ଏକ ଲଘୁ ବ୍ୟବସାୟ ଭାବେ ଲୋକଙ୍କୁ ରୋଜଗାର ଦେବ। ତା' ସହ ପରିବେଶ ପ୍ରଦୂଷଣ ରୋକିବା ଦିଗରେ ବେଶ୍ ସହାୟକ ହେବ।

# ଜିଆଖତରୁ ଜୀବନଜୀବିକା

## ଦିନକୁ ଆସୁଛି ୫୦୦ ଅର୍ଡର

**ଦୃଢ଼ସଂକଳ୍ପ ଓ କିଛି କରିବାର ଆଶା ହିଁ ଜଣେ ବ୍ୟକ୍ତିକୁ ସଫଳତାର ସ୍ୱାଦ ଚଖାଇଥାଏ। ଏହାର ଉଦାହରଣ ହେଉଛନ୍ତି ଉତ୍ତରପ୍ରଦେଶ, ସାହଜାହାଁପୁର, ରୋଜା କ୍ଷେତ୍ରର ରିଚା ଦୀକ୍ଷିତ। ଏକ ଚାଷୀ ପରିବାରରେ ଜନ୍ମ ଗ୍ରହଣ କରିଥିବା ଏହି ଯୁବତୀ ଜଣକ ଏବେ ଜିଆଖତ ପ୍ରସ୍ତୁତ କରି ଏହାକୁ ଅନ୍‌ଲାଇନ୍ ବିକ୍ରି କରିବାରେ ସକ୍ଷମ ହୋଇଛନ୍ତି। ଏହି ଜିଆଖତରୁ ସେ ନିଜେ ଆତ୍ମନିର୍ଭରଶୀଳ ହେବା ସହ ଅନ୍ୟମାନଙ୍କୁ ମଧ୍ୟ ରୋଜଗାରକ୍ଷମ କରାଇପାରିଛନ୍ତି।**



ଏଗ୍ରିକଲଚରରୁ ବିଏସ୍‌ସି କରି ଏହା ପରେ ସେ ନୋଏଡାରେ ଏମ୍‌ବିଏ ପଢ଼ା ସାରିଥିଲେ। ଏହାପରେ ପୁନାର ଏକ ଏଗ୍ରିକଲଚର ସେକ୍ଟରର ପ୍ରତିଷ୍ଠିତ କମ୍ପାନୀରେ ଚାକିରି କରିଥିଲେ। ଅବଶ୍ୟ ନିଜସ୍ୱ ବ୍ୟବସାୟ ଆରମ୍ଭ କରିବାକୁ ଯାଇ ସେ ୨୦୨୧ରେ ଚାକିରି ଛାଡ଼ି ଦେଇ ୬୦ହଜାର ଟଙ୍କା ପୁଞ୍ଜି ଲଗାଇ ଜିଆଖତ ବନାଇବା ଆରମ୍ଭ କଲେ। ୧୫ ଟ୍ରଲି ଗୋବର ଏବଂ ଜିଆ ମଗାଇ ଟେନ୍ ସେଡ୍ ଜରିଆରେ ଗୋବର ଏବଂ ଖତକୁ ସୁରକ୍ଷିତ ରଖିପାରିଥିଲେ ରିଚା। ୨୦୨୨ରେ ସେ ଜିଆଖତ ବନାଇବା ଆରମ୍ଭ କରିଥିଲେ। ପ୍ରଥମେ ସ୍ଥାନୀୟ ଲୋକଙ୍କୁ ଜିଆଖତ ବିକ୍ରି କରିଲେ। ଅନ୍‌ଲାଇନ୍‌ରେ ଏହାକୁ ବିକ୍ରି କରିବାକୁ ସେ ନିଜସ୍ୱ ବ୍ରାଣ୍ଡ ଏବଂ ପଞ୍ଜୀକରଣ କରି ଏହି ବ୍ରାଣ୍ଡରେ ସେ ଖତ, କୋକୋପିଟ, କେକ୍ ଆଦି ବିକ୍ରି କରିପାରୁଛନ୍ତି। ଏଥିପାଇଁ ସେ ନିଜ ଘରର କିଛି ସ୍ଥାନ ଦୂରରେ ଭର୍ମି କମ୍ପୋଷ୍ଟ ୟୁନିଟ୍ ଲଗାଇଥିଲେ। ଏଠାରୁ ସେ ମାଲ ପ୍ୟାକେଜିଂ ଏବଂ ଡିଜାଇନ୍ ନିଜେ କରି ଏହାକୁ ଶିପିଂ କରି ପଠାନ୍ତି। ଅନ୍‌ଲାଇନ୍‌ରେ ତାଙ୍କର ବ୍ରାଣ୍ଡର ଅଧିକ ଡିମାଣ୍ଡ ରହିଛି। ପ୍ରତିଦିନ ତାଙ୍କ ପାଖକୁ ୫୦୦ରୁ ୬୦୦ ଅର୍ଡର ଆସୁଛି। କେବେ କେବେ ଏକ ହଜାରରୁ ଊର୍ଦ୍ଧ୍ୱ ଅର୍ଡର ମଧ୍ୟ ଆସେ। ଏହି ବ୍ୟବସାୟରୁ ରିଚା ପ୍ରାୟ କିଛି ଲୋକଙ୍କୁ ରୋଜଗାର ଦେଇପାରିଛନ୍ତି। ଏକ କେଜି ଜିଆଖତକୁ ୭୦ଟଙ୍କା, ୨ କେଜି ଜିଆଖତକୁ ୧୨୦ ଟଙ୍କା, ୫କେଜି ଜିଆଖତକୁ ୧୯୯ଟଙ୍କା, ୧୦ କେଜି ୨୯୯ ଟଙ୍କାରେ ବିକ୍ରି କରି ସେ ବାର୍ଷିକ ଅଧିକ ଟଙ୍କା ରୋଜଗାର କରିପାରୁଛନ୍ତି।



# ସୁବର୍ଣ୍ଣା

# ଅଧିକ ଗୋଲାପ ଅମଳ ଚାହୁଁଥିଲେ...





**ଗୋଲାପ ହେଉଛି ଏକ ଦୀର୍ଘସ୍ଥାୟୀ ଫୁଲ। ସବୁ ଜଳବାୟୁ ସବୁ ସ୍ଥାନରେ ଏହି ଚାଷ କରାଯାଏ। ଏହାକୁ ନଜରରେ ରଖି ଏବେ କେତେକ ଚାଷୀ ଗୋଲାପ ଚାଷକୁ ଆଦରି ନେଇଛନ୍ତି। ଅନେକ ଜଣ ପରିବା ଓ ଔଷଧୀୟ ଗଛ ଚାଷ ସହିତ ଗୋଲାପ ଫୁଲ ଚାଷ କରି ନିଜ ଆୟକୁ ବୃଦ୍ଧି କରୁଛନ୍ତି। ତେବେ ଏହି ଚାଷରେ ଉତ୍ତମ ଗୁଣବତ୍ତାଯୁକ୍ତ ଗୋଲାପ ଫୁଲ ପାଇବା ପାଇଁ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ମାଟି ପରୀକ୍ଷା କରାଇବା ସହ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ଧ୍ୟାନ ଦେବା ଜରୁରି।**

- ଅଧିକ ଗୋଲାପ ଫୁଲ ପାଇବା ପାଇଁ ଗଛକୁ ନାଇଟ୍ରୋଜେନ୍, ଫସ୍‌ଫରସ, ମାଙ୍ଗାନିଜ୍, ବୋରନ ସଲ୍‌ଫର, ପୋଷକତତ୍ତ୍ୱର ଆବଶ୍ୟକତା ଅଧିକ ରହିଛି। ଏହା ଗୋଲାପ ଗଛର ଚେରକୁ ମଜଭୁତ ଓ ଶକ୍ତ ରଖେ । ସେହିପରି ଗୋଲାପ ଗଛରେ ପାଉଁଶିଆ ରୋଗ ଦେଖାଦେଲେ, ପଟାସ ଭଲ କାମ କରେ। ଗୋଲାପ ଗଛରେ ପ୍ରତିଦିନ ଡ୍ରିପ୍ ସିଞ୍ଚନରେ ତରଳ ପୋଷକତତ୍ତ୍ୱ ଭାବେ ନାଇଟ୍ରୋଜେନ୍, ଫାସ୍କୋରସ, ପଟାସର ୨୦୦ ପିପିଏମ୍ ଘୋଳ ଦେଇ ପାରିବେ। ମାଟିର ପିଏଚ୍ ବୃଦ୍ଧି ପାଇଁ ଗୋଲାପ ପଟାଳିରେ ଜିଆଖତ ଉପଯୋଗ କରାଯାଇପାରିବ।
- ଗୋଲାପ ଚାରାର ଉକୁଣିଆ ଓ ଜଉ ପୋକ ଦମନ ପାଇଁ ୨ ମିଲି ଡାଇମିଥିଏଟ୍ ତଥା ୦.୩ ମିଲି ଇମିଡାକ୍ଲୋପ୍ରିଡ ୧୭.୮ ଏସଏଲକୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରିବେ।
- ଗୋଲାପ ଗଛରେ ପାଉଁଶିଆ ରୋଗ ଦେଖାଦେଲେ, ପତ୍ର ଉପରେ ଧଳା ଧଳା ପାଉଁଶ ପରି ଚିହ୍ନ ଦେଖାଯାଏ। ଏହା ବାୟୁ ଦ୍ୱାରା ଗୋଟେ ଗଛରୁ ଅନ୍ୟ ଗଛକୁ ବ୍ୟାପିଥାଏ। ଫଳରେ ପତ୍ର ବଙ୍କା ହୋଇଯାଏ। ଏହାର ନିୟନ୍ତ୍ରଣ ପାଇଁ ଗୋଲାପ ଗଛରେ କେରାଥେନ୍ ୦.୧ ପ୍ରତିଶତ କିମ୍ବା କ୍ଲୋବିଜେନ ୦.୦୩ ପ୍ରତିଶତ ଘୋଳ ସିଞ୍ଚନ କରିପାରିବେ।
- ଗୋଲାପ ଗଛ ବୃଦ୍ଧି ପାଇଁ ସୂର୍ଯ୍ୟକିରଣର ଆବଶ୍ୟକତା ଅଧିକ ଥାଏ। ଏବେ ଅଧିକ ତାପମାତ୍ରା ଯୋଗୁଁ ଦୁଇ ବେଳା ଜଳସିଞ୍ଚନ କରନ୍ତୁ।

# କୃଷି ପାଣିପାଗ

## ଏ ସପ୍ତାହ ପାଇଁ କେତେକ ପରାମର୍ଶ...

- ଅମଳ ଉପଯୋଗୀ ପନିପରିବାକୁ ଯଥାଶୀଘ୍ର ଅମଳ କରିଦିଅନ୍ତୁ।
- ଆଖୁ ଗଛମୂଳ ଓଦା ରଖିବା ପାଇଁ ଶୁଖିଲା ପତ୍ର ଦ୍ୱାରା ନାଳୀଗୁଡିକୁ ଆଚ୍ଛାଦନ କରନ୍ତୁ। ଅଧିକ ତାପମାତ୍ରାରୁ ଫସଲକୁ ରକ୍ଷା କରିବା ପାଇଁ ଶତକଡ଼ା ୪ ଭାଗ ପଟାସ୍ ସାର (୧ଲିଟର ପାଣିରେ ୪୦ ଗ୍ରାମ୍ ପଟାସ୍ ସାର) ପତ୍ର ସିଞ୍ଚନ କରନ୍ତୁ।
- ପାଣିର ଅଭାବ ଥିଲେ, ଧାଡ଼ିକୁ ଧାଡ଼ି ଜଳସେଚନ କରନ୍ତୁ। ଏହା ଦ୍ୱାରା ଶତକଡ଼ା ୫୦ ଭାଗ ପାଣି ସଞ୍ଚୟ କରାଯାଇପାରିବ।
- ପୋଟଳ ଗଛ ବର୍ତ୍ତମାନ ଫଳ ବହନ କରୁଥିବା ଅବସ୍ଥାରେ। ବର୍ତ୍ତମାନ ଘାସକୁ ବାଛନ୍ତୁ ନାହିଁ।
- ପିଆଜର ଅମଳ ପରେ ବେଳ ଉପରୁ ୨.୫ ସେମି ରଖି ଏବଂ ସମୁଦାୟ ଚେର କାଟି ଦିଅନ୍ତୁ।



## ପୁରୁଷ ଡିସ୍‌କସ୍ ଥ୍ରୋ

# ୩୮ ବର୍ଷ ପରେ ନୂଆ ବିଶ୍ୱରେକର୍ଡ

**ରମୋନା, ୧୫ ।୪ (ଏଜେନ୍ସି):** ଦୀର୍ଘ ୩୮ ବର୍ଷର ବ୍ୟବଧାନରେ ପୁରୁଷ ଡିସ୍‌କସ୍ ଥ୍ରୋ'ରେ ନୂତନ ବିଶ୍ୱରେକର୍ଡ ପ୍ରତିଷ୍ଠା ହୋଇଛି । ଆମେରିକାର ରମୋନାରେ ଅନୁଷ୍ଠିତ ଓକଲାହୋମା ଥ୍ରୋ ସିରିଜରେ ଲିଥୁଆନିଆ ଦେଶର ମାୟକୋଲାସ ଆଲେକନା ୭୪.୩୫ ମିଟର ଡିସ୍‌କସ୍ ଫିଙ୍ଗି ଏହି ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ପ୍ରତିଯୋଗିତାରେ ୨୧ ବର୍ଷୀୟ ଆଲେକନା ତାଙ୍କ ୫ମ ପ୍ରୟାସରେ ଏହି ଦୂରତା ହାସଲ କରିଥିଲେ । ଏହିକ୍ରମରେ ସେ ଜର୍ମାନୀର ଜର୍ଗେନ ସ୍କଲ୍ଟଙ୍କ ନାମରେ ରହିଥିବା ଦୀର୍ଘ ୪ ଦଶନ୍ଧିର ବିଶ୍ୱରେକର୍ଡକୁ ଭଙ୍ଗ କରିଥିଲେ । ୧୯୮୬ରେ ଏକ ପ୍ରତିଯୋଗିତାରେ ଜର୍ଗେନ ୭୪.୦୮ ମିଟର ଡିସ୍‌କସ୍ ଫିଙ୍ଗିଥିଲେ । ଯାହା ୩୮ ବର୍ଷ ଧରି ଅତୁଟ ରହିଥିଲା । ଜର୍ଗେନ ଏହି ରେକର୍ଡ ପ୍ରତିଷ୍ଠା କରିବାର ୧୭ ବର୍ଷ ପରେ ଆଲେକନା ଜନ୍ମଗ୍ରହଣ କରିଥିଲେ । ୨୧ ବର୍ଷୀୟ ଆଲେକନା ୨୦୨୨ ଓ ୨୦୨୩ ବିଶ୍ୱଚାମ୍ପିଅନସିପ୍‌ରେ କ୍ରମାଗତ ଦୁଇବର୍ଷ ଧରି ରୌପ୍ୟ ପଦକ ଜିତିଆସୁଥିଲେ । ସବୁଠୁ ଉଲ୍ଲେଖନୀୟ କଥା ହେଉଛି ଆଲେକନାଙ୍କ ବାପା ଭିର୍ଗିଲିଜସ୍ ମଧ୍ୟ ଜଣେ କିମ୍ବଦନ୍ତୀ ଡିସ୍‌କସ୍ ଫିଙ୍ଗାଳୀ । ସେ ୨୦୦୦ ଓ ୨୦୦୪ ଅଲିମ୍ପିକ୍ସରେ ଡିସକସ୍ ଥ୍ରୋ'ରେ ସ୍ୱର୍ଣ୍ଣ ପଦକ ଜିତି ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ । ବିଶ୍ୱରେ ପୁରୁଷ ବିଭାଗରେ ସର୍ବାଧିକ ମିଟର ଡିସକସ୍ ଫିଙ୍ଗିବାରେ ଭିର୍ଗିଲିଜସ୍ ୩ୟ ସ୍ଥାନରେ ରହିଛନ୍ତି । ସେ ୨୦୦୦ ମସିହାରେ ୭୩.୮୮ ମିଟର ଡିସକସ୍ ଫିଙ୍ଗିଥିଲେ । ଫଳରେ ଏବେ ପୁଅ ଏହି ତାଲିକାର ଶୀର୍ଷରେ ରହିଥିବାବେଳେ ବାପା ୩ୟ ସ୍ଥାନରେ ରହିଛନ୍ତି ।



# ବିବାଦରେ ପିଟି ଉଷା ଓ ଅଲିମ୍ପିକ ସଂଘ

**ନୂଆଦିଲ୍ଲୀ, ୧୫।୪(ଏଜେନ୍ସି)**

ପ୍ୟାରିସ୍‌ରେ ହେବାକୁ ଥିବା ଗ୍ରୀଷ୍ମକାଳୀନ ଅଲିମ୍ପିକ୍ସ ଆରମ୍ଭ ହେବାକୁ ଆଉ ମାତ୍ର ୩ ମାସ ବାକି ରହିଲା । ଏହା ମଧ୍ୟରେ ପ୍ୟାରିସ୍ ଟିକଟ ପାଇଥିବା ପ୍ରତିଯୋଗୀ କିମ୍ବା ଟିକଟ ପାଇବା ଲାଗି ସଂଘର୍ଷ କରୁଥିବା ଆଥ୍‌ଲେଟଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇଦେବା ଦେଶର ଅଲିମ୍ପିକ୍ କମିଟିର ଏବେ ମୁଖ୍ୟ କାର୍ଯ୍ୟ । ଏପରିକି ଆମେରିକା ଓ ବ୍ରିଟେନ ସେମାନଙ୍କ ପ୍ରତିଯୋଗୀଙ୍କ ସମ୍ପର୍କରେ ସମର୍ଥକଙ୍କୁ ସୂଚନା ଦେବା, ପ୍ରଶିକ୍ଷଣ ଲାଗି ବ୍ୟବସ୍ଥା କରିବାରେ ବିଭିନ୍ନ ଚୁକ୍ତି କରିଛି । ଏପରି ସମୟରେ ଭାରତୀୟ ଅଲିମ୍ପିକ୍ ସଂଘ ଏପରି କିଛି କରିବା ପରିବର୍ତ୍ତେ ନିଜ କାମ ଉପରେ ଗୁରୁତ୍ୱ ଦେଉଛି । ସଂଘର କାମ ଠିକ୍ ଠାକ୍ ଚାଲୁନାହିଁ ବୋଲି ଚେଫ ଡି ମିସନ ମନୋନୀତ ମେରୀକମ୍‌ଙ୍କ ଇସ୍ତଫା ଦେବା ପରେ ସ୍ପଷ୍ଟ ହୋଇଛି । ଏଣୁ ଭାରତୀୟ ଅଲିମ୍ପିକ୍ ସଂଘ ସହାୟତା ଯୋଗାଇବା ପରିବର୍ତ୍ତେ ବିବାଦରେ ଫସିଥିବାରୁ ତାହାକୁ ନେଇ କ୍ରୀଡ଼ାବିତ୍‌ମାନେ ଚିନ୍ତାପ୍ରକଟ କରିଛନ୍ତି ।

କିମ୍ବଦନ୍ତୀ ଆଥ୍‌ଲେଟ ପିଟି ଉଷା ଭାରତୀୟ ଅଲିମ୍ପିକ୍ ସଂଘ (ଆଇଓଏ)ର ସଭାପତି ନିଯୁକ୍ତ ହେବାପରଠାରୁ କିଛି ନା କିଛି ବିବାଦରେ ଫସିଛନ୍ତି । ଏପରିକି ସେ କାର୍ଯ୍ୟପରିଚାଳନା ଲାଗି ଗଠିତ ଅଲିମ୍ପିକ୍ ସଂଘ କାର୍ଯ୍ୟନିର୍ବାହୀ କମିଟିର ଏକାଧିକ ସଦସ୍ୟଙ୍କ ସହ ଏକମତ ହୋଇ ପାରି ନାହାନ୍ତି । ଉଭୟଙ୍କ ମଧ୍ୟରେ ସର୍ବଦା ଲଢ଼େଇ ମନୋଭାବରେ କାମ କରୁଛନ୍ତି ।

ଉଷା ଓ କାର୍ଯ୍ୟନିର୍ବାହୀ କମିଟି ମଧ୍ୟରେ ପ୍ରଥମ ବିବାଦ ଆରମ୍ଭ ହୋଇଥିଲା ଆଇଓଏର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଫିସର ଭାବେ ରଘୁରାମ ଆୟରଙ୍କୁ ନିଯୁକ୍ତି ଦେବା ପରେ । କାର୍ଯ୍ୟନିର୍ବାହୀ କମିଟିରେ ୧୫ଜଣ ସଦସ୍ୟ ଥିଲାବେଳେ ଅଧିକାଂଶ ଏହି ନିଯୁକ୍ତିକୁ ବିରୋଧ କରିଥିଲେ । ଏମାନେ ମିଳିତ ସ୍ୱାକ୍ଷରରେ ଆୟରଙ୍କ ନିଯୁକ୍ତିକୁ ରଦ୍ଦ କରିଦେଇଥିଲେ । ନିଯୁକ୍ତି ସମ୍ପର୍କରେ ସେମାନଙ୍କ ସହ ଆଲୋଚନା କରାଯାଇ ନ ଥିଲାବେଳେ ସଦସ୍ୟମାନେ ଅଭିଯୋଗ କରିଥିଲେ । ଏହା ପରେ ଛୋଟିଆ ଛୋଟିଆ କଥାରେ ବୈଠକରେ ହଟ୍ଟଗୋଳ ହେବା ସହ ଗଣ୍ଡଗୋଳିଆ ପରିସ୍ଥିତି ସୃଷ୍ଟି ହୋଇଥାଏ । ପ୍ୟାରିସ୍ ଅଲିମ୍ପିକ୍ସ ଲାଗି ମେରିକମ୍‌ଙ୍କୁ ଚେଫ ଡି ମିସନ ଓ ଶିବ କେଶବନଙ୍କୁ ଡେପୁଟି ଚେଫ ଡି ମିସନ ନିଯୁକ୍ତି ମଧ୍ୟ ସହମତି ଭିତ୍ତିରେ ହୋଇ ନ ଥିଲା । ଯାହା ଫଳରେ ମେରୀକମ୍ ଏବେ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ଏଣୁ ଖେଳାଳିଙ୍କୁ ଲଢ଼େଇ ଲାଗି ପ୍ରସ୍ତୁତି କରିବା ପରିବର୍ତ୍ତେ ଅଲିମ୍ପିକ୍ କମିଟିର କର୍ମକର୍ତ୍ତାମାନେ ନିଜ ନିଜ ମଧ୍ୟରେ ଟଣାଓଟରାରେ ଲିପ୍ତ ରହୁଛନ୍ତି ।

ଗତବର୍ଷ ସଭାପତି ଉଷା ଏବଂ ଯୁଗ୍ମସଚିବ ଥିବା ତଥା ସର୍ବଭାରତୀୟ ଫୁଟବଲ ମହାସଂଘ ସଭାପତି ଥିବା କଲ୍ୟାଣ ଚୌବେଙ୍କ ମଧ୍ୟରେ ହାଙ୍ଗଝୌଉ ଏସିଆନ ଗେମ୍ସରେ ଭାରତୀୟ ଫୁଟବଲ ଦଳର ଅଂଶଗ୍ରହଣ ନେଇ ବିବାଦ ସୃଷ୍ଟି ହୋଇଥିଲା । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ଏହା ସମାଧାନ ହୋଇପାରିଥିଲା । କିନ୍ତୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା କୁସ୍ତିଯୋଦ୍ଧାଙ୍କ ଦାବିକୁ ଭାରତୀୟ ଅଲିମ୍ପିକ୍ ସଂଘ ସମର୍ଥନ ନ ଦେବା । କୁସ୍ତିମହାସଂଘ ସଭାପତିଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣି କୁସ୍ତିଯୋଦ୍ଧାମାନେ ବିକ୍ଷୋଭ କରିଥିଲେ । ଏହି ଘଟଣା ଦେଶର ସମ୍ମାନ ହାନି କରୁଛି ବୋଲି କହି ଉଭୟ ଉଷା ଓ ଚୌବେ ଏହାକୁ ସମର୍ଥନ ଦେଇ ନଥିଲେ ।



ଏବେ ଅଲିମ୍ପିକ୍ସ ନିକଟତର ହୋଇଥିଲାବେଳେ ଡୋପିଙ୍ଗ୍‌କୁ ନେଇ ସଂଘ ଅଡୁଆରେ ପଡ଼ିବାକୁ ଯାଉଛି । ୱାର୍ଲ୍ଡ ଆଣ୍ଟି ଡୋପିଙ୍ଗ ଏଜେନ୍ସି (ୱାଡା) ରିପୋର୍ଟ ଅନୁଯାୟୀ ୨୦୨୨ରେ ଭାରତରରେ ଡୋପ୍ ଟେଷ୍ଟରେ ସର୍ବାଧିକ ପ୍ରତିଯୋଗୀ ଧରାପଡ଼ିଛନ୍ତି । ଗତ ୧୦ ବର୍ଷ ମଧ୍ୟରେ ଭାରତ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ଅଛି ବୋଲି ଏହି ରିପୋର୍ଟରେ କୁହାଯାଇଛି । ନିକଟରେ ଫ୍ରାନ୍ସରେ ଏକ ଆଥଲେଟିକ୍ ମିଟ୍‌ରେ ଭାରତର ୩ଜଣ ଆଥଲେଟଙ୍କୁ ଅଂଶଗ୍ରହଣ କରିବାକୁ ସୁଯୋଗ ଦେଇ ନ ଥିଲା । ଏହା ଦେଶର ସମ୍ମାନରେ ଆଞ୍ଚ ଆଣିଛି ବୋଲି କୁହାଯାଇଛି । ଏମାନଙ୍କୁ ଅଂଶଗ୍ରହଣ କରିବାକୁ ସୁଯୋଗ ନ ଦେବା ଫଳରେ ଅଲିମ୍ପିକ୍ ସଂଘକୁ ଚେତେଇ ଦେଇଛି । ଏହାକୁ ମୁକାବିଲା କରିବାକୁ ଆଗେଇ ଆସିବା ପରିବର୍ତ୍ତେ ସଂଘର କର୍ମକର୍ତ୍ତାମାନେ ପରସ୍ପର ମଧ୍ୟରେ ଲଢ଼େଇରେ ମାତିଛନ୍ତି ।

ଅଲିମ୍ପିକ୍ସ ଆରମ୍ଭ ପୂର୍ବରୁ ଭାରତ ବିବାଦରେ ଫସିବା କିଛି ନୂଆ କଥା ନୁହେଁ । ୨୦୨୧ ଟୋକିଓ ଅଲିମ୍ପିକ୍ସ ପୂର୍ବରୁ ଟେବଲ ଟେନିସକୁ ନେଇ ବିବାଦ ହୋଇଥିଲା । ଜାତୀୟ କୋଚ୍ ସୌମ୍ୟଦୀପ ରୟଙ୍କ ପ୍ରଶିକ୍ଷଣରେ କାମ କରିବାକୁ ମହିଳା ଖେଳାଳି ମନିକା ବତ୍ରା ମନା କରିଦେଇଥିଲେ । ପରେ ଟିଟି ସଂଘ ମ୍ୟାଚ୍ ଫିକ୍ସିଂ କରିଥିବା ଅଭିଯୋଗ କରି ବତ୍ରା ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ୨୦୧୬ରେ କୁସ୍ତିଯୋଦ୍ଧା ନରସିଂହ ଯାଦବ ଓ ସୁଶିଲ କୁମାରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ନରସିଂହ ଯାଦବ ଅଲିମ୍ପିକ୍ସ କୋଟାରେ ଯୋଗ୍ୟତା ଅର୍ଜନ କରିଥିଲେ । କିନ୍ତୁ ତାଙ୍କ ସହ ଲଢ଼େଇ କରିବାକୁ ସୁଶିଲ କୁମାର ଦାବି କରିଥିଲେ । ଏହାକୁ ସଂଘ ଅସ୍ୱୀକାର କରିବା ପରେ ସୁଶିଲ କୁମାରଙ୍କ ଗୋଷ୍ଠୀ ନରସିଂହ ଯାଦବଙ୍କ ଖାଦ୍ୟରେ ଅନୁବନ୍ଧିତ ଡ୍ରଗ୍ସ ମିଶାଇ ତାଙ୍କୁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରାଇ ଦେଇ ନ ଥିଲେ । ସେହିପରି ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ଟେନିସ ଖେଳାଳିଙ୍କୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଲିଆଣ୍ଡର ପେସ୍‌ଙ୍କ ସହ ମିକ୍ସଡ ଡବଲ୍ସ ନ ଖେଳିବାକୁ ସାନିଆ ମିର୍ଜା ଓ ପୁରୁଷ ଡବଲ୍ସ ପାର୍ଟନର ହେବାକୁ ରୋହନ ବୋପନ୍ନା ମନା କରିବା ପରେ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଥିଲା । ଏଣୁ ଅଲିମ୍ପିକସ ପୂର୍ବରୁ ଭାରତରେ ବିବାଦ ସୃଷ୍ଟି ହେବା ନୂଆ ନୁହେଁ । ଏହାକୁ କିପରି କର୍ମକର୍ତ୍ତାମାନେ ମୁକାବିଲା କରୁଛନ୍ତି ଓ ପ୍ରତିଯୋଗୀମାନଙ୍କୁ କିପରି ଶ୍ରେଷ୍ଠ ସୁବିଧା ସୁଯୋଗ ଦେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

## ଆମେରିକା ମେଜର ଲିଗ୍ କ୍ରିକେଟ

# ସ୍ମିଥ୍‌ଙ୍କ ସହ ଖେଳିବେ ହେଡ୍

**ନୂଆଦିଲ୍ଲୀ, ୧୫।୪(ଏଜେନ୍ସି):** ଅଷ୍ଟ୍ରେଲିଆର ଦୁଇ ଖ୍ୟାତନାମା ଖେଳାଳି ଷ୍ଟିଭେନ୍ ସ୍ମିଥ ଓ ଟ୍ରାଭିସ୍ ହେଡ ଚଳିତବର୍ଷ ଆମେରିକାର ମେଜର ଲିଗ୍ ଟି-୨୦ କ୍ରିକେଟ ଖେଳିବେ । ଉଭୟ ଖେଳାଳି ୱାଶିଂଟନ ଫ୍ରିଡମ୍ ପକ୍ଷରୁ ପ୍ରତିନିଧିତ୍ୱ କରିବେ । ଗତ ଏକବର୍ଷ ହେଲା ସ୍ମିଥ ୱାଶିଂଟନ ଫ୍ରିଡମ୍‌ର ବ୍ରାଣ୍ଡ ଆମ୍ବାସଡର ଭାବେ ଦାୟିତ୍ୱରେ ରହିଛନ୍ତି । ଜୁଲାଇ ୪ରୁ ଚଳିତବର୍ଷର ମେଜର ଲିଗ୍ ଆରମ୍ଭ ହେବ । ୱେଷ୍ଟଇଣ୍ଡିଜ୍ ଓ ଆମେରିକାରେ ହେବାକୁ ଥିବା ଟି-୨୦ ବିଶ୍ୱକପ୍ ପରେ ହେଡ୍ ଏହି ଟୁର୍ଣ୍ଣାମେଣ୍ଟରେ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ସମୟରେ ଅଷ୍ଟ୍ରେଲିଆର କୌଣସି ଅନ୍ତର୍ଜାତୀୟ କାର୍ଯ୍ୟକ୍ରମ ନାହିଁ । ଏହି ସମୟରେ ବିଶ୍ରାମ ନେବା ପରିବର୍ତ୍ତେ ମେଜର ଲିଗ୍ ଖେଳିବାକୁ ସ୍ଥିର କରିଛନ୍ତି । ଏବେ ହେଡ୍ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ଲାଗି ଆଇପିଏଲ୍ ଖେଳୁଛନ୍ତି । ସେ ମଧ୍ୟ ଜବରଦସ୍ତ ଫର୍ମରେ ରହି ସୋମବାର ବେଙ୍ଗାଲୁରୁ ବିପକ୍ଷରେ ଶତକୀୟ ପାଳି ଖେଳିଛନ୍ତି । ଚଳିତବର୍ଷ ୱାଶିଂଟନ ଫ୍ରିଡମ୍‌ର ନୂଆ ପ୍ରଶିକ୍ଷକ ଭାବେ ରିକି ପଣ୍ଟିଂ ଯୋଗଦେବା ପରେ କିଛି ଭଲ ଖେଳାଳି ଏହି ଲିଗ୍‌ରେ ସାମିଲ ହୋଇଛନ୍ତି । ୱାଶିଂଟନ ଫ୍ରିଡମ ପକ୍ଷରୁ ସ୍ମିଥ ଓ ହେଡ୍‌ଙ୍କ ଖେଳିବା ସ୍ପଷ୍ଟ ହୋଇଛି । ଦଳ ବିଦେଶୀ ଖେଳାଳିଭାବେ ଦକ୍ଷିଣ ଆଫ୍ରିକାର ମାର୍କୋ ଜାନସେନ୍ ଓ ୱେଷ୍ଟଇଣ୍ଡିଜ୍‌ର ଆକିଲ ହୋସନଙ୍କୁ ରଖିଛି । ସେହିପରି ରାଚିନ ରବୀନ୍ଦ୍ରଙ୍କୁ ମଧ୍ୟ ଦଳରେ ସାମିଲ କରିଛି । ଫଳରେ ଫ୍ରିଡମ୍‌ର ଶକ୍ତିବୃଦ୍ଧି ପାଇଛି । ମେଜର ଲିଗ୍‌ର ଦ୍ୱିତୀୟ ସଂସ୍କରଣରେ ଅଷ୍ଟ୍ରେଲିଆର ଆଦାମ ଜାମ୍ପା, ସ୍ପେନସର ଜନସନ ଓ ଟିମ୍ ଡେଭିଡ୍ ବିଭିନ୍ନ ଦଳ ପକ୍ଷରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି ।

## ପବିତ୍ର ମହାନ୍ତି ସ୍ମାରକୀ ସ୍କୁଲ ଚେସ୍



# ନମସ୍ୟଙ୍କୁ ଟାଇଟଲ, ଉଦୟକାନ୍ତ ରନର୍ସଅପ୍

**ଭୁବନେଶ୍ୱର, ୧୫।୪(ସମିସ):** ରାଜ୍ୟର ଅନ୍ୟତମ ଶ୍ରେଷ୍ଠ ଚେସ୍ ଖେଳାଳି ସ୍ୱର୍ଗତ ପବିତ୍ର ମୋହନ ମହାନ୍ତିଙ୍କ ନାମରେ ଅନୁଷ୍ଠିତ ଚତୁର୍ଥ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କେଦାରଗୌରୀ ସେଣ୍ଟ ଜାଭିୟର ହାଇସ୍କୁଲ୍‌ର ନମସ୍ୟ ନଳିନୀ ସର୍ବାଧିକ ୪.୫ ପଏଣ୍ଟ ପାଇ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି । ସେହିପରି ଶାନ୍ତନୁ ଇଂଲିଶ ମିଡିୟମ୍ ସ୍କୁଲ୍‌ର ଉଦୟକାନ୍ତ ନାୟକ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି । ଉଦୟକାନ୍ତ ଓ ଭୁବନେଶ୍ୱର ଷ୍ଟିୱାର୍ଟ ସ୍କୁଲ୍‌ର ଦିବ୍ୟାଂଶୁ ଦାସ ସମାନ ୪ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ । କିନ୍ତୁ ବୁକୋଲଜ୍‌ରେ ଉଦୟକାନ୍ତ ରନର୍ସ ଅପ୍ ଓ ଦିବ୍ୟାଂଶୁ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସୂଚନାଯୋଗ୍ୟ ରାଜ୍ୟର ପ୍ରଥମ ଶୀର୍ଷ ଖେଳାଳି ଭାବେ ଜନ୍ମସ୍ଥଳୀ ଛତିଆ ତଥା କର୍ମସ୍ଥଳୀ ରାଉରକେଲାର ପବିତ୍ର ମୋହନ ମହାନ୍ତି ଦୁଇଥର ଜାତୀୟ ବି' ଚେସ୍ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିଲେ । ସେ ମଧ୍ୟ ଥରେ ୧୯୮୩ରେ ଜାତୀୟ ଏ'ରେ ରନର୍ସ ଅପ୍ ହୋଇଥିଲେ ।



ଏଥିରେ ଦିବ୍ୟେନ୍ଦୁ ବରୁଆଙ୍କୁ ଟାଇଟଲ ମିଳିଥିଲା । ପବିତ୍ର ମୋହନ ୧୬ଥର ରାଜ୍ୟ ଚେସ୍ ଚାମ୍ପିଅନ୍ ହୋଇଥିଲେ । କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ୍ ପରିସରରେ ଏବଂ ଓଡ଼ିଶା ରାଜ୍ୟ ଚେସ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସାଇ ଇଣ୍ଟରନ୍ୟାସନାଲର ପିନାକୀ ରାୟ ଓ ସାହାନା ଲେଙ୍କା, ଏମ୍‌ବିଏସ୍‌ର ପ୍ରିୟଙ୍କର ମୁଦୁଲି, ହାଇ-ଟେକ୍ ପବ୍ଲିକ୍ ସ୍କୁଲ୍‌ର ସ୍ୱୟମସ୍ୱରୂପ ମହାନ୍ତି, ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଅନିରୁଦ୍ଧ ପାଠୀ ଓ ଦିବ୍ୟମ ମହାନ୍ତ, ଡିପିଏସ୍ କଳିଙ୍ଗାର ଇଶାନ ନନ୍ଦ ଯଥାକ୍ରମେ ଚତୁର୍ଥରୁ ୧୦ମ ସ୍ଥାନ ଅଧିକାର କରିଥିଲେ । ଗୋଟିଏ ଦିନରେ ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାକୁ ସାମସଙ୍ଗ ଇଣ୍ଡିଆ ଇଲେକ୍ଟ୍ରୋନିକ୍ସର ଏରିଆ ସେଲ୍ସ ମ୍ୟାନେଜର ଚିନ୍ମୟ ମୁଖାର୍ଜୀ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । ଖେଳ ଶେଷରେ କେଶୁରା ରୟାଲ ପବ୍ଲିକ୍ ସ୍କୁଲର ଅଧକ୍ଷ ସର୍ବେଶ୍ୱର ସାମଲ ଓ ଓଡ଼ିଶା ରାଜ୍ୟ ଚେସ ସଂଘ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ ।

# ସୂର୍ଯ୍ୟକୁମାରଙ୍କୁ ଲାରାଙ୍କ ପ୍ରଶଂସା

**ନୂଆଦିଲ୍ଲୀ,୧୫ ।୪(ଏଜେନ୍ସି):** ମୁମ୍ବାଇ ଇଣ୍ଡିଆନ୍ସ ବ୍ୟାଟର ସୂର୍ଯ୍ୟକୁମାର ଯାଦବଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି ୱେଷ୍ଟଇଣ୍ଡିଜ୍ କିମ୍ବଦନ୍ତୀ ବ୍ୟାଟର ବ୍ରାଏନ ଲାରା । ରବିବାର ଖେଳାଯାଇଥିବା ଚେନ୍ନାଇ ସୁପର କିଙ୍ଗ୍‌ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମୁକାବିଲା ଓ ଦୁଇ ଦଳର ତାରକା ରବୀନ୍ଦ୍ର ଜାଡେଜା ଓ ସୂର୍ଯ୍ୟକୁମାରଙ୍କ ଉପରେ ମତ ରଖି ସେ ସୂର୍ଯ୍ୟଙ୍କ ବ୍ୟାଟିଂକୁ ଉଚ୍ଚକୋଟୀର ବୋଲି କହିଛନ୍ତି । ସେହିପରି ସେ ଚେନ୍ନାଇ ସ୍ପିନର ଜାଡେଜାଙ୍କ ପ୍ରଦର୍ଶନକୁ ମଧ୍ୟ ପ୍ରଶଂସା କରିଛନ୍ତି । ସୂର୍ଯ୍ୟକୁମାର ଆଗକୁ ଆହୁରି ଦମ୍‌ଦାର ପ୍ରଦର୍ଶନ କରିବେ ଓ ତାଙ୍କ ଉପରେ ସମସ୍ତଙ୍କ ନଜର ରହିବ ବୋଲି ସେ ପୂର୍ବାନୁମାନ କରିଛନ୍ତି । ଆଘାତ ସମସ୍ୟା କାରଣରୁ ସେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଥମ ୩ଟି ମ୍ୟାଚ୍ ଖେଳିପାରି ନଥିଲେ । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବିପକ୍ଷରେ ୧୯ ବଲରେ ୫୨ ରନ କରି ସେ ଦଳ ତରଫରୁ ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ଅର୍ଜନ କରିଥିଲେ । ଆଘାତ ସମସ୍ୟାରୁ ଫେରିବା ପରେ ଜଣେ ବ୍ୟାଟର ଏଭଳି ସଟ୍ ଖେଳିବା ଅବିଶ୍ୱସନୀୟ ଓ ପୂର୍ବରୁ ଏହା କେବେ ଦେଖିନାହିଁ । ସେ ଜଣେ ଅସାଧାରଣ ବ୍ୟାଟର ବୋଲି ଲାରା କହିଛନ୍ତି ।

# ସୁମିତ୍ ନାଗଲ୍‌ଙ୍କୁ କ୍ୟାରିୟରର ଶ୍ରେଷ୍ଠ ମାନ୍ୟତା

**ନୂଆଦିଲ୍ଲୀ, ୧୫ ।୪ (ଏଜେନ୍ସି)**

ଭାରତୀୟ ଟେନିସ ତାରକା ସୁମିତ୍ ନାଗଲ୍ କ୍ୟାରିୟର ଶ୍ରେଷ୍ଠ ମାନ୍ୟତା ହାସଲ କରିଛନ୍ତି । ବିଶ୍ୱ ପୁରୁଷ ଏକକ ର୍‌ୟାଙ୍କିଙ୍ଗ୍ ଏଟିପି ପକ୍ଷରୁ ସଦ୍ୟପ୍ରକାଶିତ ତାଲିକାରେ ସୁମିତ ୮୦ତମ ସ୍ଥାନରେ ରହିଛନ୍ତି । ନିକଟରେ ଶେଷ ହୋଇଥିବା ମୋଣ୍ଟେ କାର୍ଲୋ ମାଷ୍ଟର୍ସରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ସୁମିତ୍‌ଙ୍କ ମାନ୍ୟତାରେ ବୃଦ୍ଧି ଘଟିଛି । ଏଟିପି ମାଷ୍ଟର୍ସ-୧୦୦୦ ପ୍ରତିଯୋଗିତା ମୋଣ୍ଟେ କାର୍ଲୋ ମାଷ୍ଟର୍ସର ପ୍ରଥମ ରାଉଣ୍ଡରେ ନାଗଲ ବିଶ୍ୱ ମାନ୍ୟତାର ୩୮ତମ ସ୍ଥାନରେ ଥିବା ଇଟାଲୀର ମାଟେଓ ଅର୍ନାଲ୍ଡଙ୍କୁ ପରାସ୍ତ କରିଥିଲେ । ସେ ପ୍ରଥମ ଭାରତୀୟ ଭାବେ କୌଣସି ଏଟିପି ମାଷ୍ଟର୍ସ ପ୍ରତିଯୋଗିତାର ମ୍ୟାଚ୍ ଜିତିବାରେ ସୌଭାଗ୍ୟ ହାସଲ କରିଥିଲେ । ଏହାପରେ ନାଗଲ ଦ୍ୱିତୀୟ ରାଉଣ୍ଡରେ ଲଢ଼େଇ କରିଥିଲେ ମଧ୍ୟ ଗତ ସଂସ୍କରଣର ଉପବିଜେତା ତଥା ବିଶ୍ୱ ମାନ୍ୟତାର ୭ମ ସ୍ଥାନରେ ଥିବା ଡେନମାର୍କର ହୋଲଗର୍ ରୁନେଙ୍କ ନିକଟରୁ ହାରିଯାଇଥିଲେ । କିନ୍ତୁ ପ୍ରଥମ ରାଉଣ୍ଡରେ ବିଜୟ ହାସଲ କରିଥିବାରୁ ସେ ଏକାଥରକେ ୧୩ଟି ପାହାଚ ଉପରକୁ ଲମ୍ଫ ପ୍ରଦାନ କରି ୯୩ରୁ ୮୦ତମ ସ୍ଥାନକୁ ଆସିଛନ୍ତି । ୨୮ ବର୍ଷୀୟ ନାଗଲଙ୍କ କ୍ୟାରିୟରର ଏହା ଶ୍ରେଷ୍ଠ ମାନ୍ୟତା । ଭାରତୀୟ ଭାବେ ବିଶ୍ୱ ଟେନିସର ପୁରୁଷ ଏକକରେ ସର୍ବୋଚ୍ଚ ମାନ୍ୟତା ବିଜୟ ଅମ୍ରିତରାଜ ହାସଲ କରିଥିଲେ । ସେ ୧୯୮୦ରେ ପୁରୁଷ ଏକକରେ ୧୮ତମ ସ୍ଥାନରେ ରହିଥିଲେ ।



### ଶୀର୍ଷମାନ୍ୟତା ହରାଇଲେ ବୋପନ୍ନା-ଏବଡେନ

ତେବେ ଏଟିପି ମାନ୍ୟତାର ପୁରୁଷ ଯୁଗଳରେ ଭାରତର ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସାଥୀ ମାଥ୍ୟୁ ଏବଡେନଙ୍କୁ ଶୀର୍ଷ ସ୍ଥାନ ହରାଇବାକୁ ପଡ଼ିଛି । ମୋଣ୍ଟେ କାର୍ଲୋ ମାଷ୍ଟର୍ସର ରାଉଣ୍ଡ-୧୬ରେ ହାରି ବୋପାନ୍ନା-ଏବଡେନ ଯୋଡ଼ି ବିଦାୟ ନେଇଥିଲେ । ଯେଉଁଥି ପାଇଁ ଉଭୟ ଏକ ନମ୍ବର ସ୍ଥାନ ହରାଇଛନ୍ତି ।

## ଇଣ୍ଡିଆନ ସୁପର୍ ଲିଗ୍-୧୦

# ପ୍ଲେ-ଅଫ୍‌ରେ ବ୍ଲାଷ୍ଟର୍ସକୁ ଭେଟିବ ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୧୫ ।୪ (ସମିସ)**

ଇଣ୍ଡିଆନ ସୁପର୍ ଲିଗ୍ (ଆଇଏସ୍‌ଏସଲ୍) ଫୁଟ୍‌ବଲ୍ ପ୍ରତିଯୋଗିତାର ଚଳିତ ୧୦ମ ସଂସ୍କରଣର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି । ଅଂଶଗ୍ରହଣକାରୀ ସମସ୍ତ ୧୨ ଗୋଟି ଦଳ ୨୨ଟି ଲେଖାଏ ମ୍ୟାଚ୍ ଖେଳିସାରିବା ପରେ ମୋହନ ବାଗାନ ସର୍ବାଧିକ ୪୮ ପଏଣ୍ଟ ସହ ଶୀର୍ଷ ସ୍ଥାନ ହାସଲ କରିଛି ଓ ଲିଗ୍ ସିଲ୍ଡ ବିଜେତା ହୋଇଛି । ପ୍ରଥମ ଦୁଇ ସ୍ଥାନରେ ରହିଥିବା ମୋହନ ବାଗାନ ଓ ମୁମ୍ବାଇ ସିଟି ସିଧାସଳଖ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ସେହିଭଳି ସେମିଫାଇନାଲର ଅନ୍ୟ ଦୁଇଟି ସ୍ଥାନ ପାଇଁ ପ୍ଲେ-ଅଫ୍ ମ୍ୟାଚ୍ ଖେଳାଯିବ । ଏହିକ୍ରମରେ ଲିଗ୍ ପର୍ଯ୍ୟାୟରେ ୩ୟରୁ ୬ଷ୍ଠ ସ୍ଥାନ ମଧ୍ୟରେ ରହିଥିବା ୪ ଗୋଟି ଦଳ ମଧ୍ୟରେ ପ୍ଲେ-ଅଫ୍ ଖେଳାଯିବ । ଏଥିରେ ଯେଉଁ ଦୁଇ ଦଳ ବିଜୟ ହାସଲ କରିବେ ସେମାନେ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ ।

ଏହିକ୍ରମରେ ଭୁବନେଶ୍ୱରଭିତ୍ତିକ ଦଳ ଓଡ଼ିଶା ଏଫ୍‌ସି ପ୍ଲେ-ଅଫ୍‌ରେ କାହା ବିପକ୍ଷରେ ଖେଳିବ ତାହା ସ୍ପଷ୍ଟ ହୋଇଛି । ଏପ୍ରିଲ ୧୯ରେ ପୂର୍ବବିଜେତା କେରଳା ବ୍ଲାଷ୍ଟର୍ସ ବିପକ୍ଷରେ ଓଡ଼ିଶା ଏଫ୍‌ସି ଏହି ନକ୍‌ଆଉଟ୍ ମ୍ୟାଚ୍ ଖେଳିବ । କଳିଙ୍ଗ ଷ୍ଟାଡିୟମରେ ଏହି ହାଇଭୋଲଟେଜ ମ୍ୟାଚ୍ ଖେଳାଯିବ । ସର୍ଗିଓ ଲୋବେରଙ୍କ ପ୍ରଶିକ୍ଷଣପ୍ରାପ୍ତ ଓଡ଼ିଶା ଏଫ୍‌ସି ଚଳିତ ଆଇଏସ୍‌ଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ୨୨ ମ୍ୟାଚ୍ ଖେଳି ୧୧ ବିଜୟ, ୫ ପରାଜୟ ଓ ୬ ଅମୀମାଂସିତ ସହ ୩୯ ପଏଣ୍ଟ ପାଇ ୪ର୍ଥ ସ୍ଥାନରେ ରହିଛି । ଏକଦା ଟେବଲ୍ ଶୀର୍ଷରେ ରହିଥିବା ଓଡ଼ିଶା ଏଫ୍‌ସି ଏହାର ଶେଷ କେତୋଟି ମୁକାବିଲାରେ ନୈରାଶ୍ୟଜନକ ପ୍ରଦର୍ଶନ କରି ଲିଗ୍ ବିଜେତା ହେବାରୁ ବଞ୍ଚିତ ହୋଇଥିଲା । ଅପରପକ୍ଷରେ କେରଳା ବ୍ଲାଷ୍ଟର୍ସ ୨୨ ମ୍ୟାଚରୁ ୩୩ ପଏଣ୍ଟ ସହ ୫ମ ସ୍ଥାନରେ ରହିଛି । ଯେଉଁଥିରେ ଦଳ ୧୦ଟି ବିଜୟ ଓ ୯ଟି ମ୍ୟାଚରେ ପରାଜୟବରଣ କରିଥିଲା । ଉଭୟ ଦଳ ଲିଗ୍ ପର୍ଯ୍ୟାୟରେ ପାଖାପାଖି ଭଲ ପ୍ରଦର୍ଶନ କରିଥିବାରୁ ୧୯ରେ ଖେଳାଯିବାକୁ ଥିବା ପ୍ଲେ-ଅଫ୍ ମୁକାବିଲା ସଂଘର୍ଷପୂର୍ଣ୍ଣ ରହିବ ବୋଲି ଆଶା କରାଯାଉଛି ।



### କେରଳାର ପଲା ଭାରି

ଯଦି ରେକର୍ଡ ଉପରେ ନଜର ପକାଇବା ତେବେ ଓଡ଼ିଶା ଏଫ୍‌ସି ଓ କେରଳା ବ୍ଲାଷ୍ଟର୍ସ ଆଇଏସ୍‌ଏସ୍ ଇତିହାସରେ ମୋଟ୍ ଉପରେ ୨୨ଥର ସାମ୍ନାସାମ୍ନି ହୋଇଛନ୍ତି । ଯେଉଁଥିରେ ବ୍ଲାଷ୍ଟର୍ସ ୯ଥର ଓ ଓଡ଼ିଶା ଏଫ୍‌ସି ୬ଥର ବିଜୟୀ ହୋଇଛି । ୭ଟି ମ୍ୟାଚ୍ ଅମୀମାଂସିତ ରହିଥିଲା । ଉଭୟ ଦଳ କିନ୍ତୁ ପରସ୍ପର ବିପକ୍ଷରେ ସମାନ ୨୯ଟି ଲେଖାଏ ଗୋଲ୍ ଦେଇଛନ୍ତି ।

# ୫୦ ବର୍ଷୀୟା ରାଜସ୍ୱ ଅଧିକାରୀ ଜିତିଲେ ଡବଲ୍ ପଦକ

## ଜାତୀୟ ବରିଷ୍ଠ ଶକ୍ତି ଉତ୍ତୋଳନ ଚାମ୍ପିଅନସିପ୍

**ନୂଆଦିଲ୍ଲୀ, ୧୫ ।୪ (ଏଜେନ୍ସି):** ସାଧାରଣତଃ ୫୦ ବର୍ଷକୁ ଅବସର ନିକଟବର୍ତ୍ତୀ ଏକ ବୟସ ଭାବେ ବିବେଚନା କରାଯାଇଥାଏ । କିନ୍ତୁ ଏହି ବୟସରେ ଜାତୀୟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଦୁଇ ଦୁଇଟି ପଦକ ଜିତି ଚର୍ଚ୍ଚାକୁ ଆସିଛନ୍ତି ଜଣେ ବରିଷ୍ଠ ବ୍ୟୁରୋକ୍ରାଟ୍ । ସେ ହେଲେ ଏକତା ବିଷ୍ଣୋଇ । ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ରେ ସେ ଡେପୁଟି ଡିରେକ୍ଟର ଜେନେରାଲ (ଡିଜି) ଭାବେ କାର୍ଯ୍ୟରତ ରହିଛନ୍ତି । ହାଇଦରାବାଦରେ ଶେଷ ହୋଇଥିବା ଜାତୀୟ ବରିଷ୍ଠ ଶକ୍ତିଉତ୍ତୋଳନ ଚାମ୍ପିଅନସିପ୍‌ରେ ୫୦ ବର୍ଷୀୟା ଏକତା ଦୁଇଟି ପଦକ ବିଜୟୀ ହୋଇଛନ୍ତି । ଯେଉଁଥିରେ ଗୋଟିଏ ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି । ମହିଳା ୭୦ କିଗ୍ରା ବିଭାଗରେ ଅଂଶଗ୍ରହଣ କରିଥିବା ଏକତା ଡେଡ୍‌ଲିଫ୍ଟରେ ୧୬୫ କିଗ୍ରା ଉଠାଇ ରୌପ୍ୟ ପଦକ ଜିତିଥିଲେ । ସେହିଭଳି ଏହି ଓଜନବର୍ଗର ସ୍କ୍ୱାଟ୍‌ରେ ସେ ୧୩୨.୫ କିଗ୍ରା ଉଠାଇ ୩ୟ ସ୍ଥାନରେ ରହିବା ସହ କାଂସ୍ୟ ହାସଲ କରିଥିଲେ । ୧୯୯୯ ବ୍ୟାଚର ଭାରତୀୟ ରେଭନ୍ୟୁ ସର୍ଭିସ ଅଫିସର (ଆଇଆର୍‌ଏସ୍) ଏକତା ବର୍ତ୍ତମାନ ଫିଟ୍ ଇଣ୍ଡିଆ ମୋଭମେଣ୍ଟରେ ମିସନ୍ ଡିରେକ୍ଟର ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି ।



## ହେଡ୍‌ଙ୍କ ଦ୍ରୁତ ଶତକ, ଆଇପିଏଲ୍‌ରେ ସର୍ବାଧିକ ସ୍କୋର

# ହାଇଦ୍ରାବାଦ୍‌ର ରେକର୍ଡ ବିଜୟ



**ବେଙ୍ଗାଲୁରୁ, ୧୫।୪(ଏଜେନ୍ସି)**

ଅଷ୍ଟ୍ରେଲୀୟ ବ୍ୟାଟର ଟ୍ରାଭିସ ହେଡ୍‌ଙ୍କ ଚତୁର୍ଥ ଦ୍ରୁତତମ ଶତକ ଓ ହେନରିକ୍ କ୍ଲାସେନ୍‌ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଆଇପିଏଲ୍‌ର ୩୦ତମ ଲିଗ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ୨୫ ରନ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ପରାସ୍ତ କରି ରେକର୍ଡ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ହେଡ୍ ୪୧ ବଲ୍‌ରେ ୧୦୨ ଓ କ୍ଲାସେନ୍ ୩୧ ବଲ୍‌ରେ ୬୭ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୩ ୱିକେଟ ହରାଇ କରିଥିଲା ୨୮୭ ରନ୍। ଏହା ହେଉଛି ଆଇପିଏଲ୍‌ରେ ସର୍ବାଧିକ ଦଳଗତ ସ୍କୋର। ପୂର୍ବରେ ଏହି ରେକର୍ଡ ମଧ୍ୟ ହାଇଦ୍ରାବାଦ୍ ନାମରେ ଥିଲା। ଚଳିତ ବର୍ଷ ହାଇଦରାବାଦ୍‌ରେ ମାର୍ଚ୍ଚ ୨୭ ତାରିଖରେ ଅନୁଷ୍ଠିତ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ୍‌ରେ ହାଇଦ୍ରାବାଦ୍ ୩ ୱିକେଟ ହରାଇ ୨୭୭ ରନ୍ କରିବା ସହ ଏହି ରେକର୍ଡ କରିଥିଲା। ଏହା ସହ ହେଡ୍ ଆଇପିଏଲ୍‌ରେ ଚତୁର୍ଥ ଦ୍ରୁତତମ ଶତକ ଓ ହାଇଦ୍ରାବାଦ୍ ଗୋଟିଏ ପାଳିରେ ସର୍ବାଧିକ ୨୨ଟି ଛକା ମାରି ରେକର୍ଡ କରିଛି।

### ଲଢ଼ିଲେ କାର୍ତ୍ତିକ, ଡୁ ପ୍ଲେସିସ୍

ଏହି ମ୍ୟାଚ୍ ଜିତିବାକୁ ବେଙ୍ଗାଲୁରୁ ଆଗରେ ଥିଲା ୨୮୮ ରନ୍‌ର ବିଜୟ ଲକ୍ଷ୍ୟ। ଏହାକୁ ପିଛା କରି ବିରାଟ କୋହଲି ଓ ଫାଫ୍ ଡୁ ପ୍ଲେସି ଜୋରଦାର ବ୍ୟାଟିଂ ଆରମ୍ଭ କରିଥିଲେ। ଏମାନେ ୬.୨ ଓଭରରେ ୮୦ ରନ୍ ଉଠାଇବା ପରେ ଲେଗ୍ ସ୍ପିନର ମୟଙ୍କ ମାର୍କଣ୍ଡେଙ୍କ ମନ୍ଥର ଗୁଗ୍‌ଲୀ ବଲ୍‌କୁ ବଡ଼ ସଟ ମାରିବାକୁ ଯାଇ କୋହଲି ବୋଲ୍ଡ ହୋଇଯାଇଥିଲେ। ଫଳରେ ଚିନ୍ନାସ୍ୱାମୀ ଷ୍ଟାଡିୟମ୍ ନିରବ ହୋଇଯାଇଥିଲା। କୋହଲିଙ୍କ ଆଉଟ ହେବା ସହ ବେଙ୍ଗାଲୁରୁର ବିପର୍ଯ୍ୟୟ ଆରମ୍ଭ ହୋଇଯାଇଥିଲା। ୱିଲ ଜ୍ୟାକ୍ସ ୭, ରଜତ ପଟିଦାର ୯, ଫାଫ୍ ଡୁ ପ୍ଲେସିସ ଲଢୁଆ ଖେଳି ୨୮ ବଲ୍‌ରେ ୬୨, ସୌରଭ ଚୋହାନ ୦ ରନ୍‌ରେ ଆଉଟ ହୋଇଯାଇଥିଲେ। ଏକଦା ବିନା ୱିକେଟରେ ୮୦ ରନ୍ କରିଥିବା ବେଙ୍ଗାଲୁରୁ ୧୦ ଓଭର ଖେଳ ଶେଷରେ ୧୨୨ ରନ୍ ମଧ୍ୟରେ ୫ ୱିକେଟ ହରାଇ ଏକପ୍ରକାର ମ୍ୟାଚ୍ ହାତଛଡ଼ା କରିଦେଇଥିଲା। ଏହି ସମୟରେ ଭେଟେରାନ ୱିକେଟରକ୍ଷକ ଦିନେଶ କାର୍ତ୍ତିକଙ୍କ ବିସ୍ଫୋରକ ବ୍ୟାଟିଂ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଆନନ୍ଦ ଖେଳାଇ ଦେଇଥିଲା। ପଡ଼ିଆର ଚାରିଆଡ଼କୁ ସଟ୍‌ମାନ ମାରି ୨୩ ବଲ୍‌ରେ ୫୦ ରନ୍ କରିଥିବା କାର୍ତ୍ତିକ ୧୯ତମ ଓଭରରେ ୩୫ ବଲ୍‌ରୁ ୮୩ ରନ୍ ସଂଗ୍ରହ କରି ଆଉଟ ହୋଇଯାଇଥିଲେ। ଏହି ସ୍କୋରରେ ସେ ୫ଟି ଚୌକା ଓ ୭ଟି ବିଶାଳ ଛକା ମାରିଥିଲେ। ତାଙ୍କ ଆଉଟ ସହ ବେଙ୍ଗାଲୁରୁର ସାମାନ୍ୟ ବିଜୟ ଆଶା ଶେଷ ହୋଇଯାଇଥିଲା। ତାଙ୍କ ପରେ ଅନୁଜ ରାୱତ ୧୪ ବଲ୍‌ରୁ ୫ ଚୌକା ସହ ୨୫ ରନ୍‌ରେ ଅପରାଜିତ ରହିଥିଲେ। ଏହା ଫଳରେ ବେଙ୍ଗାଲୁରୁ ୭ ୱିକେଟରେ ୨୬୨ ରନ୍ କରିପାରିଥିଲା। ହାଇଦ୍ରାବାଦ୍ ପକ୍ଷରୁ ପ୍ୟାଟ କମିନ୍ସ ୩ଟି ଓ ମୟଙ୍କ ମାର୍କଣ୍ଡେ ୨ଟି ୱିକେଟ ପାଇଥିଲେ। ଏହି ମ୍ୟାଚ୍ ହାଇସ୍କୋରିଂ ହେବା ଫଳରେ ଆଇପିଏଲ୍ ଇତିହାସରେ ସର୍ବାଧିକ ୫୪୯ ରନ୍ ସଂଗୃହୀତ ହୋଇଛି।

### ଆଇପିଏଲ୍‌ରେ ଚତୁର୍ଥ ଦ୍ରୁତତମ ଶତକ

ଏହି ମ୍ୟାଚ୍‌ରେ ହାଇଦ୍ରାବାଦ୍ ଆରମ୍ଭରୁ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲା। ଦୁଇ ଓପନର ଟ୍ରାଭିସ୍ ହେଡ୍ ଓ ଅଭିଷେକ ଶର୍ମା ପ୍ରଥମ ୱିକେଟ ଭାଗୀଦାରିରୁ ମାତ୍ର ୪୯ ବଲ୍‌ରୁ ୧୦୮ ରନ୍ ଉଠାଇଥିଲେ। ଅଭିଷେକଙ୍କ ଯୋଗଦାନ ଥିଲା ୨୨ ବଲ୍‌ରେ ୩୪ ରନ। ଭଲ ବ୍ୟାଟିଂ କରୁଥିବା ହେଡ୍ ମାତ୍ର ୨୦ଟି ବଲ୍‌ରୁ ଅର୍ଦ୍ଧଶତକ ଓ ୩୯ ବଲ୍‌ରୁ ଶତକ ହାସଲ କରିଥିଲେ। ମୋଟ ୪୧ଟି ବଲ ଖେଳିଥିବା ଏହି ଅଷ୍ଟ୍ରେଲୀୟ ବାମହାତୀ ଓପନର ମାତ୍ର ୪୧ ବଲ୍ ଖେଳି ୯ ଚୌକା ଓ ୮ ଛକା ସହ ୧୦୨ ରନ୍ କରିଥିଲେ। ଏପରି ଭାବେ ୩୯ ବଲ୍‌ରେ ହାସଲ କରିଥିବା ଶତକ ହେଡ୍‌ଙ୍କ ଟି-୨୦ କ୍ୟାରିୟରରେ ଦ୍ରୁତତମ ଓ ଆଇପିଏଲ୍ ଇତିହାସରେ ଚତୁର୍ଥ ଦ୍ରୁତତମ ଶତକ ହୋଇଥିଲା। ଏହା ପୂର୍ବରୁ ପୁଣେ ୱାରିୟର୍ସ ବିପକ୍ଷରେ ବେଙ୍ଗାଲୁରୁର କ୍ରିସ୍ ଗେଲ ୩୦ ବଲ୍, ମୁମ୍ବାଇ ବିପକ୍ଷରେ ରାଜସ୍ଥାନର ୟୁସୁଫ ପଠାନ ୩୭ ବଲ୍, ବେଙ୍ଗାଲୁରୁ ବିପକ୍ଷରେ ପଞ୍ଜାବର ଡେଭିଡ୍ ମିଲର ୩୮ ବଲରେ ଶତକ ହାସଲ କରିଥିଲେ। ହେଡ୍‌ଙ୍କ ଆଉଟ ପରେ କ୍ଲାସେନ୍ ୩୧ ବଲ୍‌ରେ ୨ ଚୌକା ଓ ୭ ଛକା ସହ ୬୭ ରନ୍ କରିଥିଲେ। ତୃତୀୟ ୱିକେଟ ଭାଗୀଦାରିରୁ କ୍ଲାସେନ୍ ଓ ମାର୍କରାମ ୨୭ ବଲ୍‌ରୁ ୬୬ ଏବଂ ଅବିଭକ୍ତ ଚତୁର୍ଥ ୱିକେଟରୁ ମାର୍କରାମ ଓ ଅବଦୁଲ ସମଦ ୧୯ ବଲ୍‌ରୁ ୫୬ ରନ୍ ଉଠାଇ ସର୍ବାଧିକ ଦଳଗତ ସ୍କୋର କରିବାରେ ରେକର୍ଡ କରିଥିଲେ।

**ଆଇପିଏଲ୍-୧୭**
**ଆଜିର ମ୍ୟାଚ୍**
**କୋଲକାତା- ରାଜସ୍ଥାନ**
ସ୍ଥାନ- କୋଲକାତା, ସମୟ- ରାତି ୭.୩୦
- ପ୍ରସାରଣ -
ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

### ଆଇପିଏଲ୍‌ରେ ୧୦ଟି ସର୍ବାଧିକ ଦଳଗତ ସ୍କୋର

| ରନ୍ | ଓଭର | ଦଳ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ବର୍ଷ |
|---|---|---|---|---|---|
| ୨୮୭/୩ | ୨୦ | ହାଇଦ୍ରାବାଦ୍ | ବେଙ୍ଗାଲୁରୁ | ବେଙ୍ଗାଲୁରୁ | ୨୦୨୪ |
| ୨୭୭/୩ | ୨୦ | ହାଇଦ୍ରାବାଦ୍ | ମୁମ୍ବାଇ | ହାଇଦରାବାଦ୍ | ୨୦୨୪ |
| ୨୭୨/୭ | ୨୦ | କୋଲକାତା | ଦିଲ୍ଲୀ | ବିଶାଖାପାଟଣା | ୨୦୨୪ |
| ୨୬୩/୫ | ୨୦ | ବାଙ୍ଗାଲୋର | ପୁଣେ | ବେଙ୍ଗାଲୁରୁ | ୨୦୧୩ |
| ୨୫୭/୫ | ୨୦ | ଲକ୍ଷ୍ନୌ | ପଞ୍ଜାବ | ମୋହାଲି | ୨୦୨୩ |
| ୨୪୮/୩ | ୨୦ | ବାଙ୍ଗାଲୋର | ଗୁଜରାଟ | ବେଙ୍ଗାଲୁରୁ | ୨୦୧୬ |
| ୨୪୬/୫ | ୨୦ | ଚେନ୍ନାଇ | ରାଜସ୍ଥାନ | ଚେନ୍ନାଇ | ୨୦୧୦ |
| ୨୪୬/୫ | ୨୦ | ମୁମ୍ବାଇ | ହାଇଦ୍ରାବାଦ | ହାଇଦରାବାଦ | ୨୦୨୪ |
| ୨୪୫/୬ | ୨୦ | କୋଲକାତା | ପଞ୍ଜାବ | ଇନ୍ଦୋର | ୨୦୧୮ |
| ୨୪୦/୫ | ୨୦ | ଚେନ୍ନାଇ | ପଞ୍ଜାବ | ମୋହାଲି | ୨୦୦୮ |

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୬ | ୫ | ୧ | ୧୦ | +୦.୭୬୭ |
| କୋଲକାତା | ୫ | ୪ | ୧ | ୮ | +୧.୬୮୮ |
| ଚେନ୍ନାଇ | ୬ | ୪ | ୨ | ୮ | +୦.୭୨୬ |
| ହାଇଦ୍ରାବାଦ | ୬ | ୪ | ୨ | ୮ | +୦.୫୦୨ |
| ଲକ୍ଷ୍ନୌ | ୬ | ୩ | ୩ | ୬ | +୦.୦୩୮ |
| ଗୁଜରାଟ | ୬ | ୩ | ୩ | ୬ | -୦.୬୩୭ |
| ପଞ୍ଜାବ | ୬ | ୨ | ୪ | ୪ | -୦.୨୧୮ |
| ମୁମ୍ବାଇ | ୬ | ୨ | ୪ | ୪ | -୦.୨୩୪ |
| ଦିଲ୍ଲୀ | ୬ | ୨ | ୪ | ୪ | -୦.୯୭୫ |
| ବେଙ୍ଗାଲୁରୁ | ୭ | ୧ | ୬ | ୨ | -୧.୧୮୫ |

## ଆଇପିଏଲ୍ ଲାଇଭ୍ ଭିଡିଓ ପୋଷ୍ଟ ଲାଗି ୯ ଲକ୍ଷ ଜରିମାନା

**ନୂଆଦିଲ୍ଲୀ, ୧୫।୪(ଏଜେନ୍ସି):** ମ୍ୟାଚ୍ ଚାଲିଥିବାବେଳେ ମ୍ୟାଚ୍‌ର ଏକ ଲାଇଭ୍ ଭିଡିଓ ପୋଷ୍ଟ କରି ଏକ ଫ୍ରାଞ୍ଚାଇଜ୍ ୯ ଲକ୍ଷ ଟଙ୍କା ଜରିମାନା ଗଣିଛି। ଏହି ଟିମ୍ ନା ଜଣାପଡ଼ି ନ ଥିଲେ ମଧ୍ୟ ବିସିସିଆଇ ଏ ସମ୍ପର୍କରେ କଡ଼ା ଆଭିମୁଖ୍ୟ ଆପଣାଇଛି। ସେହିପରି କିଛି ଦିନ ତଳେ ଜଣେ ଅଧିନାୟକ କମେଣ୍ଟ୍ରି କରୁଥିଲାବେଳେ ତାହାର ଲାଇଭ୍ ଭିଡିଓ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ଏହା ବିସିସିଆଇ କର୍ମକର୍ତ୍ତାଙ୍କ ନଜରରେ ଆସିଲା ପରେ ତାହାକୁ ହଟାଇବାକୁ ସମ୍ପୃକ୍ତ ଭାଷ୍ୟକାରଙ୍କୁ ଅନୁରୋଧ କରାଯାଇଥିଲା। ସାମାଜିକ ଗଣମାଧ୍ୟମରେ ତାଙ୍କର ଏକ ନିୟୁତ ଅନୁଗାମୀ ରହିଛନ୍ତି। ଏଥିଲାଗି ସମ୍ପୃକ୍ତ ଅଧିନାୟକ ଜଣଙ୍କ ଏହି ପୋଷ୍ଟକୁ ହଟାଇବାକୁ ରାଜି ହୋଇ ନଥିଲେ। ବିସିସିଆଇ ପକ୍ଷରୁ ବାରମ୍ବାର ଅନୁରୋଧ କରାଯିବା ପରେ ଏହି ପୋଷ୍ଟକୁ ସେ ହଟାଇଥିଲେ। ଏହା ପରେ ସମସ୍ତ ଫ୍ରାଞ୍ଚାଇଜ୍, ଭାଷ୍ୟକାର, ଗଣମାଧ୍ୟମ ପ୍ରତିନିଧିଙ୍କୁ କୌଣସି ଲାଇଭ ଭିଡିଓ ପୋଷ୍ଟ ନ କରିବାକୁ ବିସିସିଆଇ କଡ଼ା ନିର୍ଦ୍ଦେଶ ଦେଇଛି। ମ୍ୟାଚ୍‌ର ରେକର୍ଡିଂ କେହି କରିପାରିବେ ନାହିଁ ବୋଲି ବିସିସିଆଇ ସହ ପ୍ରସାରଣ ସଂସ୍ଥାର ରାଜିନାମା ହୋଇଛି। କିଛି ଖେଳାଳି ମ୍ୟାଚ୍‌ର ଫଟୋ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ସେମାନଙ୍କୁ ଏହାକୁ ସଙ୍ଗେ ସଙ୍ଗେ ହଟାଇନେବାକୁ କୁହାଯାଇଥିଲା। ଏହି ମ୍ୟାଚ୍ ଗୁଡିକ ଲାଗି ପ୍ରସାରଣକାରୀ ସଂସ୍ଥା ବିପୁଳ ପରିମାଣରେ ଅର୍ଥ ଦେଉଥିବାରୁ ଏପରି ରାଜିନାମା କରିଛି।

## ଆଶା, ସଜନା ନୂଆମୁହଁ

**ନୂଆଦିଲ୍ଲୀ, ୧୫।୪ (ଏଜେନ୍ସି):** ବାଂଲାଦେଶ ବିପକ୍ଷ ଆଗାମୀ ୫ ମ୍ୟାଚ୍‌ବିଶିଷ୍ଟ ଟି-୨୦ ସିରିଜ ଲାଗି ସୋମବାର ଭାରତୀୟ ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଘୋଷିତ ୧୬ ଜଣିଆ ଦଳରେ ନୂଆ ମୁହଁ ଭାବେ ଲେଗ୍-ସ୍ପିନ ଅଲ୍‌ରାଉଣ୍ଡର ଆଶା ସୋଭନା ଓ ଅଫ୍-ସ୍ପିନର ସଜନା ସଞ୍ଜୀବନଙ୍କୁ ସାମିଲ କରାଯାଇଛି। ନିକଟରେ ଶେଷ ହୋଇଥିବା ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ପ୍ରଭାବୀ ପ୍ରଦର୍ଶନ କରିଥିବାରୁ ଉଭୟଙ୍କୁ ଜାତୀୟ ଦଳରେ ସୁଯୋଗ ମିଳିଛି। ତେବେ ଡବ୍ଲ୍ୟୁପିଏଲ୍‌ରେ ୨୩୫ ରନ କରିଥିବା ଜେମିମା ରୋଡ୍ରିଗ୍ସେଜଙ୍କୁ ଦଳରୁ ବାଦ୍ ଦିଆଯାଇଛି। ହରମନପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ବାଂଲାଦେଶ ଗସ୍ତ କରି ସେଠାରେ ୫ ଟିକିଆ ଟି-୨୦ ସିରିଜ ଏପ୍ରିଲ ୨୮ ରୁ ଖେଳିବ।

**ଘୋଷିତ ଭାରତୀୟ ଦଳ:** ହର୍‌ମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଶେଫାଳି ବର୍ମା, ହେମଲତା ଦୟାଲନ, ସଜନା ସଞ୍ଜୀବନ, ରିଚା ଘୋଷ, ୟସ୍ତିକା ଭାଟିଆ (ଉଭୟ ୱିକେଟ୍‌ରକ୍ଷକ), ରାଧା ଯାଦବ, ଦୀପ୍ତି ଶର୍ମା, ପୂଜା ବସ୍ତ୍ରାକାର, ଅମନଜୋତ୍ କୌର, ଶ୍ରେୟଙ୍କା ପାଟିଲ, ସାଇକା ଇଶାକ୍, ଆଶା ସୋଭନା, ରେଣୁକା ସିଂ ଠାକୁର ଓ ତିତାସା ସାଧୁ।

## ସୁଦୀପ୍ତା, ଶିବ ଓ ସୁଜିତ ରେଫରୀ ପ୍ରଶିକ୍ଷକ

**କଟକ,୧୫।୪(ସମିସ):** ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ) ପକ୍ଷରୁ ଭୁବନେଶ୍ୱରରେ ରେଫରୀ ଇନଷ୍ଟ୍ରକ୍ଟର (ପ୍ରଶିକ୍ଷକ) କୋର୍ସ ଗତ ଫେବୃୟାରୀରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସମେତ ୭ଟି ରାଜ୍ୟର ରେଫରୀ ଭାଗ ନେଇଥିଲେ। ଏଥିରେ ଓଡ଼ିଶାର ୩ ଜଣ ରେଫରୀଙ୍କୁ ପଦୋନ୍ନତି ଦେଇଛି ଏଆଇଏଫଏଫ। ଏମାନେ ହେଲେ ସୁଦୀପ୍ତା ଦାସ, ଶିବ ଶଙ୍କର ପଣ୍ଡା ଏବଂ ସୁଜିତ ପାତ୍ର। ଉକ୍ତ ତିନି ଜଣ ରେଫରୀ ପ୍ରଶିକ୍ଷକ ଭାବେ ପଦୋନ୍ନତି ପାଇଛନ୍ତି। ଏଣିକି ଏମାନେ ଜାତୀୟସ୍ତରରେ ମ୍ୟାଚ ପରିଚାଳନା କରୁଥିବା ରେଫରୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିପାରିବେ। ରାଜ୍ୟର ଲେଭଲ-୫ରୁ ଲେଭଲ-୮ ପର୍ଯ୍ୟନ୍ତ ରେଫରୀ ଉକ୍ତ ତିନି ପ୍ରଶିକ୍ଷକଙ୍କ ନିକଟରେ ପ୍ରଶିକ୍ଷଣ ନେଇପାରିବେ ବୋଲି ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ପ୍ରେସବିବୃତ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଏହି ସଫଳତା ଲାଗି ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ସୁଦୀପ୍ତା, ଶିବ ଓ ସୁଜିତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**କ୍ୟାଣ୍ଡିଡେଟ୍ସ ଚେସ୍**

## ନାକାମୁରାଙ୍କୁ ହରାଇଲେ ଗୁଜରାଟୀ

**ଟରଣ୍ଟୋ, ୧୫।୪(ଏଜେନ୍ସି)**



ଏଠାରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ଣ୍ଣାମେଣ୍ଟର ୯ମ ରାଉଣ୍ଡରେ ଭାରତୀୟ ଗ୍ରାଣ୍ଡମାଷ୍ଟର ବିଦିଥ ସନ୍ତୋଷ ଗୁଜରାଟୀ ଅନ୍ୟତମ ପ୍ରତିଦ୍ୱନ୍ଦ୍ୱୀ ହିକାରୁ ନାକାମୁରାଙ୍କୁ ପରାସ୍ତ କରି ଏକ ଉଲ୍ଲେଖନୀୟ ବିଜୟ ହାସଲ କରିଛନ୍ତି। ଏଥିରେ ଭାଗ ନେଇଥିବା ଅନ୍ୟ ଦୁଇ ଖେଳାଳି ଡି ଗୁକେଶ ଓ ଆର ପ୍ରଜ୍ଞାନନ୍ଦା ୯ମ ରାଉଣ୍ଡ ଖେଳରେ ମ୍ୟାଚ୍ ଡ୍ର ରଖିବାରେ ସମର୍ଥ ହୋଇଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଆଉ ୫ ରାଉଣ୍ଡ ଖେଳ ବାକିଥିଲାବେଳେ ୧୭ ବର୍ଷୀୟ ଗୁକେଶ ଓ ଇଆନ ନେପୋମନିଆଚଚି ସମାନ ୫.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ବୁକୋଲଜ୍‌ରେ ଉଭୟ ଖେଳାଳି ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଏହି ଡ୍ର ଫଳରେ ପ୍ରଜ୍ଞାନନ୍ଦା ୫ ପଏଣ୍ଟ ପାଇ ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ନାକାମୁରା ଓ ଗୁଜରାଟୀ ସମାନ ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ ମଧ୍ୟ ଯଥାକ୍ରମେ ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛନ୍ତି। ଆଜି ରାତିରେ ଖେଳାଯିବାକୁ ଥିବା ୧୦ମ ରାଉଣ୍ଡରେ ପ୍ରଜ୍ଞାନନ୍ଦାଙ୍କ ସହ ଗୁଜରାଟୀ ଓ ଗୁକେଶଙ୍କ ସହ ନେପୋମନିଆଚଚିଙ୍କର ମୁକାବିଲା ହେବ। ୯ମ ରାଉଣ୍ଡରେ ଗୁଜରାଟୀ ସହଜରେ ନାକାମୁରାଙ୍କୁ ପରାସ୍ତ କରିଥିଲେ। ଏହା ଫଳରେ ଚଳିତ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟଥର ଲାଗି ନାକାମୁରାଙ୍କ ବିପକ୍ଷରେ ଗୁଜରାଟୀ ବିଜୟୀ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟର ଅନ୍ୟତମ ଫେଭରିଟ ଖେଳାଳି ଭାବେ ଖେଳୁଥିବା ନାକାମୁରା ଦ୍ୱିତୀୟ ରାଉଣ୍ଡରେ ପରାଜିତ ହୋଇଥିଲେ। ଦୁଇ ଭାରତୀୟ ଖେଳାଳି ପ୍ରଜ୍ଞାନନ୍ଦା ଓ ଗୁକେଶଙ୍କ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ଉଭୟ ଖେଳାଳି ସତର୍କ ହୋଇ ଖେଳିଥିବାରୁ ମ୍ୟାଚ୍‌କୁ ଡ୍ର ରଖିବାକୁ ରାଜି ହୋଇଯାଇଥିଲେ। ଏହି ଡ୍ର ଫଳରେ ପ୍ରଜ୍ଞାନନ୍ଦା ମଧ୍ୟ ଟାଇଟଲ ଦୌଡରେ ସାମିଲ ହୋଇଛନ୍ତି। ମହିଳା ବିଭାଗରେ ଶୀର୍ଷରେ ଥିବା ଜୋଙ୍ଗୟି ତାନ ଭାରତୀୟ ଖେଳାଳି ଆର୍ ବୈଶାଳୀଙ୍କୁ ପରାସ୍ତ କରିଛନ୍ତି। ଫଳରେ ତାନ୍ ୬ ପଏଣ୍ଟ ପାଇ ଏକାକୀ ପ୍ରଥମ ସ୍ଥାନରେ ରହିଛନ୍ତି। ଲେଇ ତିଙ୍ଗ୍‌ଜି ଓ ଆଲେକ୍‌ଜାଣ୍ଡ୍ରା ଗୋରିଆଚକିନା ୪.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ଏହାକୁ ବାଦ୍ ଦେଲେ ଅନ୍ୟ ୩ଟିଯାକ ମ୍ୟାଚ୍ ଡ୍ର ରହିଛି। ଅନ୍ୟତମ ଭାରତୀୟ ଖେଳାଳି କୋନେରୁ ହମ୍ପି ଓ କାଟେରିନା ଲାଗ୍ନୋଙ୍କ ମଧ୍ୟରେ ମ୍ୟାଚ୍ ଡ୍ର ରହିଛି। ୪ ପଏଣ୍ଟ ସହ ହମ୍ପି ଷଷ୍ଠ ଓ ୨.୫ ପଏଣ୍ଟ ସହ ବୈଶାଳୀ ୮ମ ତଥା ଶେଷ ସ୍ଥାନରେ ରହିଛନ୍ତି। ଏହି ପ୍ରତିଯୋଗିତାରେ ଚାମ୍ପିଅନ୍ ହେଲେ ଆସନ୍ତାବର୍ଷ ଖେଳାଯିବାକୁ ଥିବା ବିଶ୍ୱ ଚାମ୍ପିଅନସିପ୍‌ରେ ଓପନ ବିଭାଗ ବିଜେତା ଡିଙ୍ଗ ଲିରେନ୍‌ଙ୍କୁ ଓ ମହିଳା ବିଜେତା ଜୁ ୱେନ୍‌ଜୁନ୍‌ଙ୍କୁ ଭେଟିବେ।

## ଇଂଲଣ୍ଡ ପ୍ରାକ୍ତନ ସ୍ପିନର ଡେରେକଙ୍କ ବିୟୋଗ

**ଲଣ୍ଡନ, ୧୫।୪ (ଏଜେନ୍ସି):** ଇଂଲଣ୍ଡ ତଥା କାଉଣ୍ଟି କ୍ରିକେଟ୍ କ୍ଲବ କେଣ୍ଟ'ର ପ୍ରାକ୍ତନ ମହାନ ସ୍ପିନର ଡେରେକ ଅଣ୍ଡରଉଡ୍‌ଙ୍କ ସୋମବାର ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୭୮ ବର୍ଷ ବୟସ ହୋଇଥିଲା। ଏହି ବାମହାତୀ ସ୍ପିନର ୧୯୬୬ରୁ ୧୯୮୨ ମଧ୍ୟରେ ଇଂଲଣ୍ଡ ପାଇଁ ୮୬ ଟେଷ୍ଟ ମ୍ୟାଚ୍ ଖେଳି ୨୯୭ ୱିକେଟ୍ ଅକ୍ତିଆର କରିଥିଲେ। ଯେଉଁଥିରେ ସେ ପାଳିରେ ୧୭ଥର ୫ ୱିକେଟ୍ ଓ ମ୍ୟାଚରେ ୬ଥର ୧୦ ୱିକେଟ୍ ସଫଳତା ପାଇଥିଲେ। ସେହିଭଳି ସେ ୨୬ ଏକଦିବସୀୟ ମ୍ୟାଚ୍ ଖେଳି ୩୨ ୱିକେଟ୍ ନେଇଥିଲେ। ତାଙ୍କୁ ଇଂଲଣ୍ଡର ସର୍ବକାଳୀନ ଶ୍ରେଷ୍ଠ ସ୍ପିନର ଭାବେ ବିବେଚିତ କରାଯାଉଥିଲା। ଏହାବାଦ୍ ୬୭୬ ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳିଥିବା ଡେରେକ ୨୪୬୫ ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଥିଲେ।

### ୧୯ ବର୍ଷରୁ କମ୍ ଏକଦିବସୀୟ କ୍ରିକେଟ ଆରମ୍ଭ

## ଝାରସୁଗୁଡ଼ା,ସୋନପୁର ବିଜୟୀ



ବିଶାଲ ପ୍ରସାଦ



ରାଜେଶ ସିଂହ



ଶୁଭ୍ରକାନ୍ତ ପରିଡା

**କଟକ,୧୫।୪(ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ସୋମବାରଠାରୁ ୧୯ ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା ଏକଦିବସୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଗ୍ରୁପ-ଏ ଏବଂ ବି'ର ମ୍ୟାଚ୍ ଖେଳାଯାଉଛି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଭୁବନେଶ୍ୱର-ଏ ଏବଂ ଅନୁଗୋଳ ମଧ୍ୟରେ ମୁକାବିଲା ହୋଇଥିଲା। ଭୁବନେଶ୍ୱର-ଏ ୭ ୱିକେଟରେ ବିଜୟ ଲାଭ କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଅନୁଗୋଳ ୧୩୮ ରନରେ ଅଲଆଉଟ ହୋଇଥିଲା। ଶୁଭମ ଗଡନାୟକ ସର୍ବାଧିକ ୪୫ ରନ କରିଥିଲେ। ଭୁବନେଶ୍ୱର-ଏ ପକ୍ଷରୁ ଶୁଭ୍ରକାନ୍ତ ପରିଡା ୨୦ରନ ବିନିମୟରେ ୪ଟି ୱିକେଟ ଦଖଲ କରିଥିଲେ। ଜବାବରେ ଶୁଭାଶିଷ ମଲ୍ଲିକ ଅପରାଜିତ ୬୪ ରନର ଅର୍ଦ୍ଧଶତକୀୟ ପାଳି ଖେଳି ଭୁବନେଶ୍ୱର-ଏ'କୁ ଜିତାଇଥିଲେ। ଅଡ଼ଶପୁର ଗ୍ରାଉଣ୍ଡରେ ଝାରସୁଗୁଡା ୧୬୩ ରନରେ କୋରାପୁଟକୁ ହରାଇଛି। ନିରବ ଅଗ୍ରୱାଲଙ୍କ ୯୧ ରନ ବଳରେ ଝାରସୁଗୁଡ଼ା ୮ ୱିକେଟ ହରାଇ ୨୬୭ ରନ କରିଥିଲା। ଜବାବରେ କୋରାପୁଟ ୧୦୪ ରନରେ ଅଲଆଉଟ ହୋଇଥିଲା। ଝାରସୁଗୁଡାର ବିଶାଲ ପ୍ରସାଦ ୩୭ ରନ ବ୍ୟୟରେ ୫ଟି ୱିକେଟ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ସନସାଇନ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ସୋନପୁର ୭୦ ରନରେ ଜଗତସିଂହପୁରକୁ ପରାସ୍ତ କରିଥିଲା। ସୋନପୁରର ରାଜେଶ ସିଂ ୪ଟି ୱିକେଟ୍ ନେଇଥିଲେ।

**କଳାହାଣ୍ଡି କପ୍**

## ପ୍ରବୀଣ, ଭେଙ୍କଟେଶଙ୍କ ଶତକ

**କଟକ,୧୫।୪(ସମିସ)**

ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଅନୁଷ୍ଠିତ ବରିଷ୍ଠ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ କଳାହାଣ୍ଡି କପ୍‌ର ୪ର୍ଥ ପର୍ଯ୍ୟାୟରେ ଗୋଲ୍ଡ-ଏ ଗ୍ରୁପର ମ୍ୟାଚ୍ ଖେଳାଯାଉଛି। ସୋମବାର କଟକର ୩ଟି ଭେନ୍ୟୁରେ ମ୍ୟାଚ୍ ଖେଳାଯାଇଥିଲା। ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚ୍‌ରେ ବରଗଡ ୧୨୬ ରନରେ ଅନୁଗୋଳକୁ ପରାସ୍ତ କରିଥିଲା। ଅନୁଗୋଳ ଟସ୍ ଜିତି ବରଗଡକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୫୦ ଓଭରରେ ବରଗଡ଼ ୫ ୱିକେଟ ବିନିମୟରେ ୩୦୪ ରନ ସଂଗ୍ରହ କରିଥିଲା। ୱିକେଟକିପର ବ୍ୟାଟର ପ୍ରବୀଣ ଲୁହା ୧୧୫ ରନର ଅପରାଜିତ ଶତକୀୟ ପାଳି ଖେଳିଥିଲେ। ସେହିଭଳି ରାକେଶ କିଶାନ ୫୫ ବଲରୁ ଦ୍ରୁତ ୭୩ ରନ କରିଥିଲେ। ଅନୁଗୋଳ ପକ୍ଷରୁ ଆଶୁତୋଷ ପ୍ରଧାନଙ୍କୁ ୩ଟି ଏବଂ ମିଲନ ସାମଲଙ୍କୁ ଗୋଟିଏ ୱିକେଟ ମିଳିଥିଲା। ତେବେ ୩୦୫ ରନର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଅନୁଗୋଳ ୧୭୮ ରନରେ ଅଲଆଉଟ ହୋଇଥିଲା। ରାକେଶ ଗୋଚ୍ଛାୟତ ସର୍ବାଧିକ ୬୧ ରନ କରିଥିଲେ। ବରଗଡର ହିମାଂଶୁ ବିଷ୍ଟ ଏବଂ ରାହୁଲ ଚୌଧୁରୀ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

ସେହିଭଳି ଡ୍ରିମସ ଗ୍ରାଉଣ୍ଡରେ କିଟ୍ ୬ ୱିକେଟରେ ବୌଦ୍ଧକୁ ହରାଇଥିଲା। ଭେଙ୍କଟେଶ ଭାଣ୍ଡେଙ୍କ ୧୧୫ ରନ ସହାୟତାରେ ବୌଦ୍ଧ ୭ ୱିକେଟ ହରାଇ ୨୧୦ ରନ କରିଥିଲା। କିଟ୍‌ର ପାର୍ଥ ସାରଥୀ ନାୟକ ଏବଂ ନୀତିଶ ସାମନ୍ତରାୟ ୨ଟି ଲେଖାଏ ୱିକେଟ ଦଖଲ କରିଥିଲେ। ୩୩ତମ ଓଭରରେ ୪ ୱିକେଟ ହରାଇ କିଟ୍ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ସୁଦର୍ଶନ ସ୍ୱାଇଁ ଅପରାଜିତ ୯୯ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିବା ସହ ଦୁର୍ଭାଗ୍ୟବଶତଃ ଶତକରୁ ବଞ୍ଚିତ ହୋଇଥିଲେ।

ହର୍ଷିତ ରାଥୋଡଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ରେଭେନ୍ସା ଗ୍ରାଉଣ୍ଡ-୧ରେ ଭଦ୍ରକ ୪୫ ରନରେ ପାରାଦୀପକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭଦ୍ରକ ୧୭୪ ରନରେ ଅଲଆଉଟ ହୋଇଥିଲା। ହର୍ଷିତ ସର୍ବାଧିକ ୭୩ ରନ ସଂଗ୍ରହ କରିଥିଲେ। ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରିଥିବା ପାରାଦୀପ ମାତ୍ର ୧୨୯ ରନରେ ଅଲଆଉଟ ହେବା ସହ ପରାଜୟ ବରଣ କରିଥିଲା। କେଶବ ନେଗୀ ୪୨ ରନ କରିଥିଲେ। ଭଦ୍ରକର କିଶନ ମନୋହର ମହାନ୍ତି ୪ଟି ୱିକେଟ ଅକ୍ତିଆର କରିଥିବା ବେଳେ ବାମହାତୀ ସ୍ପିନର ହର୍ଷିତଙ୍କୁ ୨ଟି ୱିକେଟ ମିଳିଥିଲା।



ପ୍ରବୀଣ ଲୁହା



ଭେଙ୍କଟେଶ ଭାଣ୍ଡେ



ହର୍ଷିତ ରାଥୋଡ

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA